# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୧୭/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 17/2024 | Page 16 | ₹ 7.00

୫୦ଶ ଭାଗ ୩୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 352 | ମୂଲ୍ୟ ₹୭/-




## ଏସ୍ଏଡି ଅଧ୍ୟକ୍ଷ ପଦରୁ ସୁଖବୀରଙ୍କ ଇସ୍ତଫା

ସୁଖବୀର ସିଂ ବାଦଲ ଶନିବାର ଶିରୋମଣି ଅକାଳୀ ଦଳ (ଏସ୍ଏଡି) ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି।

୧୦

୧୪

## ଟାଇସନଙ୍କୁ ହରାଇଲେ ଜେକ୍ ପଲ୍

ପୂର୍ବତନ ହେଭିୱେଟ ଚାମ୍ପିୟନ ମାଇକ୍ ଟାଇସନଙ୍କୁ ହରାଇ ଦେଇଛନ୍ତି ଆମେରିକୀୟ ପ୍ରଫେସନାଲ ବକ୍ସର ଜେକ୍ ପଲ୍।



# ମଣିପୁରରେ ୬ ଅପହୃତଙ୍କୁ ହତ୍ୟା

## ମୁଖ୍ୟମନ୍ତ୍ରୀଙ୍କ ଘରକୁ ପ୍ରବେଶ ଉଦ୍ୟମ, ୫ ଜିଲାରେ କର୍ଫ୍ୟୁ

ଇମ୍ଫାଲ,୧୬।୧୧

ମଣିପୁରର ଜିରିବାମ୍ ଜିଲାରୁ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀ ୬ ଜଣଙ୍କୁ ଅପହରଣ କରିନେଇ ବନ୍ଧକ ରଖିଥିବାବେଳେ ୫ ଦିନ ପରେ ସେମାନଙ୍କ ମୃତଦେହ ମିଳିଛି। ସେମାନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକମାନେ ମେଇତି ସମ୍ପ୍ରଦାୟର। ସେମାନଙ୍କ ମଧ୍ୟରେ ଜଣେ ୮ ମାସର ଶିଶୁ ସମେତ ୩ ପିଲା ଓ ୩ ଜଣ ମହିଳା ଅଛନ୍ତି। ହତ୍ୟାକାଣ୍ଡ ପ୍ରତିବାଦରେ ବିକ୍ଷୋଭକାରୀମାନେ ଶନିବାର ବ୍ୟାପକ ପୋଡ଼ାଜଳା କରିବା ସହ ଇମ୍ଫାଲରେ ଥିବା ୩ ମନ୍ତ୍ରୀ ଏବଂ ୬ ଜଣ ବିଧାୟକଙ୍କ ଘରେ ଆକ୍ରମଣ କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ☞ପୃଷ୍ଠା-୨




ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ସିନିୟର ହକି ଚାମ୍ପିୟନଶିପ୍‌ର ବିଜୟୀ ଟ୍ରଫି ସହ ଓଡ଼ିଶା ଦଳର ଖେଳାଳି ।

# ଓଡ଼ିଶା ପ୍ରଥମ ଥର ଚାମ୍ପିୟନ

ଭୁବନେଶ୍ୱର,୧୬।୧୧ (ସରୋଜ ଜେନା)

ଚେନ୍ନାଇରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିୟର ହକି ଚାମ୍ପିୟନଶିପ୍‌ରେ ଶନିବାର ହରିୟାଣାକୁ ୫-୧ରେ ହରାଇ ଓଡ଼ିଶା ପ୍ରଥମ ଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହାସହିତ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ପ୍ରଥମ ଥର ଟ୍ରଫି ହାସଲ କରିବାରେ ସମର୍ଥ ହୋଇଛି। ପୂର୍ବରୁ ଦଳ ୨୦୦୬ରେ ତୃତୀୟ ସ୍ଥାନ ହାସଲ କରିଥିଲା। ୨୦୧୧ ପରଠାରୁ ହକି ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରୁଥିବା ବେଳେ ପଞ୍ଜାବ ଓ ରେଲୱେଜ୍ ସଫଳ ଦଳ ଭାବରେ

### ଜାତୀୟ ସିନିୟର ହକି

### ଶୀଲାନନ୍ଦ ଲାକ୍ରାଙ୍କ ହ୍ୟାଟ୍ରିକ୍

୪ ଥର ଲେଖାଏ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ପକ୍ଷରୁ ଶୀଲାନନ୍ଦ ଲାକ୍ରା(୪୮,୫୭,୬୦) ମିନିଟ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜତ ଆକାଶ ଟାର୍କି(୧୧) ଓ ପ୍ରତାପ ଲାକ୍ରା(୩୯) ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହରିୟାଣା ପକ୍ଷରୁ ଯୋଗୀନ୍ଦର ସିଂ(୫୫) ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ: କେବଳ ଛଳନା

# ଭାରତୀୟ ବିଶ୍ୱବିଦ୍ୟାଳୟରେ ୭୧% ନାମଲେଖାରୁ ବଞ୍ଚିତ

ବିଶ୍ୱର ପ୍ରତିଯୋଗିତାମୂଳକ ପରିବେଶ ସହ ତାଳଦେବା ଭଳି କ୍ୟାରିୟର ଗଢ଼ିବା ପାଇଁ ଉଚ୍ଚଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଦିଗରେ ପ୍ରସ୍ତୁତ ହେଉଥିବା ଅନେକ ଭାରତୀୟ ଛାତ୍ରୀଛାତ୍ର ପାଠପଢ଼ା ପାଇଁ ବିଦେଶକୁ ଯାଉଥିବାବେଳେ ସଂଖ୍ୟାଧିକ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଛନ୍ତି। ଭାରତରେ ବର୍ତ୍ତମାନ ପ୍ରାୟ ୧,୨୦୦ ବିଶ୍ୱବିଦ୍ୟାଳୟ ରହିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ୪ କୋଟି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୨୯% ନାମ ଲେଖାଉଛନ୍ତି। ଆବଶ୍ୟକତାକୁ ଦେଖିଲେ ବିଶ୍ୱବିଦ୍ୟାଳୟ ସଂଖ୍ୟା ପର୍ଯ୍ୟାପ୍ତ ହୋଇ ନ ଥିବାରୁ ୫୦% ଛାତ୍ରୀଛାତ୍ରଙ୍କ ପାଇଁ ଏହାକୁ ଦୁଇଗୁଣରୁ ଅଧିକ ଅର୍ଥାତ୍ ୨,୫୦୦କୁ ବୃଦ୍ଧି କରିବାକୁ ପଡ଼ିବ ବୋଲି ଭାରତ ସରକାରଙ୍କ ସର୍ବୋଚ୍ଚ ପବ୍ଲିକ୍ ପଲିସି ଥିଙ୍କଟ୍ୟାଙ୍କ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍ ମତ ଦେଇଛନ୍ତି। କେବଳ ବିଶ୍ୱବିଦ୍ୟାଳୟ ସଂଖ୍ୟା ବଢ଼ାଇଦେଲେ ହେବନାହିଁ, ବରଂ ଗ୍ଲୋବାଲ ର୍ୟାଙ୍କିଙ୍ଗ୍‌ରେ ପଛରେ ପଡ଼ୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ବୃଦ୍ଧି କରିବାକୁ ପଡ଼ିବ ବୋଲି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି।

## କେବଳ ସଂଖ୍ୟା ନୁହେଁ, ଶିକ୍ଷାର ମାନ ବୃଦ୍ଧି ଜରୁରୀ: ବିଶେଷଜ୍ଞ

ହାଇଦ୍ରାବାଦ/ଭୁବନେଶ୍ୱର (ବନ୍ଦନା ସେଠୀ),୧୬।୧୧

ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ମାତ୍ର ୨୯% ଛାତ୍ରୀଛାତ୍ର ନାମ ଲେଖାଇପାରୁଛନ୍ତି। ଅବଶିଷ୍ଟ ୭୧% ଛାତ୍ରୀଛାତ୍ର ଭାରତୀୟ ୟୁନିଭର୍ସିଟିରେ ପାଠପଢ଼ାର ସୁଯୋଗ ପାଉନାହାନ୍ତି ବୋଲି ନୀତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍ ସୂଚନା ଦେଇଛନ୍ତି। ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ (ଆଇବିଏସ୍)ରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସୁବ୍ରମଣ୍ୟମ୍ କହିଛନ୍ତି, ଗତ ଦଶନ୍ଧିରେ ଦେଶରେ ସପ୍ତାହକୁ ଗୋଟିଏ ବିଶ୍ୱବିଦ୍ୟାଳୟ ଓ ୨ଟି ଲେଖାଏ କଲେଜ ପ୍ରତିଷ୍ଠା କରାଯାଇଛି। ଏହାସତ୍ତ୍ୱେ ପିଲାଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରାଯାଇପାରୁ ନାହିଁ। ଆଜି ଭାରତରେ ଥିବା ୧,୨୦୦ ବିଶ୍ୱବିଦ୍ୟାଳୟରେ ମାତ୍ର ୨୯% ଛାତ୍ରୀଛାତ୍ର ନାମ ଲେଖାଇପାରୁଛନ୍ତି। ଅନ୍ୟୂନ ୫୦% ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେବାକୁ ହେଲେ ଭାରତରେ ୨,୫୦୦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଆବଶ୍ୟକ। ଏହି ଅବସରରେ ସେ ଦେଶର ଡିଜିଟାଲ ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ଡିଜିଟାଲ ୱାର୍ଲ୍ଡରେ ଭାରତ ସବୁଠୁ ବଡ଼ ଲାବରେଟୋରି। ବର୍ତ୍ତମାନ ପ୍ରାୟ ୫୦% ବୈଶ୍ୱିକ ଆର୍ଥିକ କାରବାରର ପ୍ରକ୍ରିୟାକରଣ ଭାରତ କରୁଥିବା ସେ କହିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ହେଲେ ଦେଶର ଭିତ୍ତିଭୂମିକୁ ସଜାଡ଼ି ବୈଷୟିକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସୁବ୍ରମଣ୍ୟମ୍ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷେ ଭାରତୀୟ ୟୁନିଭର୍ସିଟିଗୁଡ଼ିକ ବିଶ୍ୱର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମକକ୍ଷ ହୋଇପାରୁ ନ ଥିବାରୁ କେବଳ ସଂଖ୍ୟାବୃଦ୍ଧି କରିଦେଲେ ହେବ ନାହିଁ, ବରଂ ଭିତ୍ତିଭୂମି ସାଙ୍ଗକୁ ଗୁଣାତ୍ମକ ଶିକ୍ଷାଦାନ କରିବାକୁ ପଡ଼ିବ ବୋଲି ମତ ପ୍ରକାଶ ପାଇଛି।

ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି ନେଇ ନୀତି ଆୟୋଗ ସିଇଓ ଦେଇଥିବା ମନ୍ତବ୍ୟ ଉପରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି, ଯେଉଁ ଦେଶଗୁଡ଼ିକରେ ଶିକ୍ଷାର ମାନ ବଢ଼ିଛି, ସେଠାରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ସାଙ୍ଗକୁ ଶିକ୍ଷକ ଏବଂ ଗବେଷଣା ବୃଦ୍ଧି ପାଇଛି। ଶିକ୍ଷାର ମାନ ବୃଦ୍ଧି ପାଇଁ ଯେଉଁସବୁ ସହାୟତା ଦରକାର ତାହା ମଧ୍ୟ ବୃଦ୍ଧି ପାଇଛି। ବହୁ ସମୟରେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଆମ ଶିକ୍ଷା ବ୍ୟବସ୍ଥାର ତୁଳନା କରାଯାଉଛି। ସେଠାରେ ଅଧିକାଂଶ ବିଶ୍ୱବିଦ୍ୟାଳୟ ଘରୋଇ ହୋଇଥିଲେ ହେଁ, ତାହା ବ୍ୟବସାୟଭିତ୍ତିକ ବା ଲାଭ ପାଇଁ ହୋଇ ନ ଥାଏ। ପିଲାମାନେ କିପରି ଗୁଣାତ୍ମକ ଶିକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଏଥିସହ ଶିକ୍ଷକମାନଙ୍କର ଗୁଣାତ୍ମକ ଅଭିବୃଦ୍ଧିକୁ ମଧ୍ୟ ଦୃଷ୍ଟି ☞ପୃଷ୍ଠା-୨

# ଗୁଳି ବିନିମୟ: ୫ ମାଓବାଦୀ ମୃତ

ମାଲକାନଗିରି,୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ କାଙ୍କେର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୫ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ୨ ଜଣ ଯବାନ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ସକାଳେ ଛତିଶଗଡ଼ କାଙ୍କେର ଜିଲା ସୀମାନ୍ତ ନାରାୟଣପୁର ନିକଟ ଅଭୁଜମାଡ ଜଙ୍ଗଲରେ ସିଆର୍‌ପିଏଫ୍, ଡିଆର୍‌ଜି ଓ ନାରାୟଣପୁର ପୋଲିସ କୋମ୍ବିଂ ସମୟରେ ମାଓବାଦୀମାନେ ପୋଲିସ ଆସୁଥିବା ☞ପୃଷ୍ଠା-୨









# ପ୍ରଥମ ଶିକାର କଲା 'ଜିନତ୍'

ବାରିପଦା, ୧୬।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଷ୍ଟ୍ରରୁ ମୟୂରଭଞ୍ଜ ଜିଲାକୁ ଅଣାଯାଇଥିବା ମହାବଳ ବାଘୁଣୀ 'ଜିନତ୍' ଏବେ ସୁସ୍ଥ ରହିଛି। ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ବୁଲୁଥିବା ବେଳେ ଶିକାର କରିବା ଆରମ୍ଭ କରିଛି। ଏକ ବାର୍‌ହାକୁ ଶିକାର କରି ଖାଇବା ଓ ପାଣି ପିଇବା ଦେଖି ବନ ବିଭାଗର କର୍ମଚାରୀମାନେ ଖୁସି ପ୍ରକଟ କରିଛନ୍ତି। ଜିନତ୍ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଓ ଚଳଚଞ୍ଚଳ ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରକାଶ କରିଛନ୍ତି। ତା'ର ଗତିବିଧି ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଟିମ୍ ନଜର ରଖିଛନ୍ତି। କିଛି ଦିନ ବାଘୁଣୀକୁ ନିରୀକ୍ଷଣ କରିବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଛଡାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ବୃଦ୍ଧି, ଅନୁବଂଶୀୟ ବିବିଧତା ଏବଂ ଗୁଣବତ୍ତାରେ ଉନ୍ନତି ଆଣିବାକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ରାଜ୍ୟ ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଦୁଇଟି ମହାବଳ ବାଘୁଣୀକୁ ଅଣାଯାଇଛି। ପ୍ରଥମ ବାଘୁଣୀ 'ଯମୁନା'କୁ ଅକ୍ଟୋବର ୨୭ ଓ ଦ୍ୱିତୀୟ ବାଘୁଣୀ 'ଜିନତ୍'କୁ ୨୦୨୪ ନଭେମ୍ବର ୧୪ରେ ଅଣାଯାଇଥିଲା। ଯମୁନାର ବୟସ ୨ବର୍ଷ ୭ମାସ ହୋଇଥିବା ବେଳେ ଜିନତ୍‌ର ବୟସ ୩ବର୍ଷ ହୋଇଛି। ବନ ବିଭାଗର ତାଲିମପ୍ରାପ୍ତ ଏକ ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଗସ୍ତକରି ଦୁଇ ବାଘୁଣୀକୁ ଏକ ସ୍ୱତନ୍ତ୍ର ଗାଡି ☞ପୃଷ୍ଠା-୨

## ସଂକ୍ଷେପରେ

### ଟେମ୍ପୋକୁ ପିଟିଲା କାର୍: ୭ ମୃତ

ବିଜ୍‌ନୌର, ୧୬।୧୧

ଉତ୍ତରପ୍ରଦେଶର ବିଜ୍‌ନୌର ଜିଲା ଧାମପୁର ଫାୟାର ଷ୍ଟେଶନ ନିକଟବର୍ତ୍ତୀ ଡେରାଡୁନ-ନୈନିତାଲ ହାଇୱେରେ ଶନିବାର ଏକ ଟେମ୍ପୋକୁ ପଛପଟୁ ଗୋଟିଏ କାର୍ ଧକ୍କାଦେବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏକ ନବ ବିବାହିତ ଦମ୍ପତି ରହିଥିବା ନେଇ ବିଜନୌର ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଷେକ ସୂଚନା ଦେଇଛନ୍ତି। ସେମାନେ ଝାଡ଼ଖଣ୍ଡରେ ବିବାହ ସାରି ଉତ୍ତରାଖଣ୍ଡକୁ ଫେରୁଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ୨ ଜଣ ବ୍ୟକ୍ତିଙ୍କୁ ବିଜ୍‌ନୌର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ସ୍କୁଲ୍‌ରେ ୮ ଜଣଙ୍କୁ ଛୁରିଭୁସି ହତ୍ୟା, ୧୭ ଆହତ

ବେଜିଂ, ୧୬।୧୧

ଚାଇନାର ଜିଆଙ୍ଗସୁ ପ୍ରଦେଶ ଅନ୍ତର୍ଗତ ୱିକ୍ସିଙ୍ଗ୍ ସହରରେ ଥିବା ଏକ ଭୋକେଶନାଲ ସ୍କୁଲ୍‌ରେ ଜଣେ ୨୧ ବର୍ଷୀୟ ଯୁବକ ଛୁରିଭୁସି ୮ ଜଣଙ୍କୁ ହତ୍ୟା କରିଛନ୍ତି। ଏହି ଆକ୍ରମଣରେ ଅନ୍ୟ ୧୭ ଜଣ ଆହତ ହୋଇଛନ୍ତି। ଆକ୍ରମଣକାରୀ ଉକ୍ତ ସ୍କୁଲର ପୂର୍ବତନ ଛାତ୍ର। ସେ ଚଳିତ ବର୍ଷ ସ୍ନାତକ ପରୀକ୍ଷାରେ ଫେଲ୍ ହୋଇଥିଲେ। ନିଜର କ୍ରୋଧ ଜଣାଇବା ପାଇଁ ସେ ସ୍କୁଲରେ ପହଞ୍ଚି ଆଖିବୁଜା ଛୁରାମାଡ଼ କରିଥିବା ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରିଛି। ୱୁକ୍ସି ଭୋକେଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍ଟ ଆଣ୍ଡ ଟେକ୍ନୋଲୋଜିରେ ଶନିବାର ସନ୍ଧ୍ୟାରେ ଏହି ଆକ୍ରମଣ ଘଟିଛି।

### ଆମେରିକାରେ ବହୁ ସରକାରୀ କର୍ମଚାରୀ ଛଟେଇ ହେବେ

ୱାଶିଂଟନ, ୧୬।୧୧(ପି.ଟି.)

ଆମେରିକାର ସଂଘୀୟ ସରକାରୀ ପଦବୀରୁ ଅନେକଙ୍କୁ ଛଟେଇ କରାଯିବ ବୋଲି ଭାରତୀୟ ବଂଶୋଦ୍ଭବ ରାଜନେତା ବିବେକ ରାମସ୍ୱାମୀ ସୂଚନା ଦେଇଛନ୍ତି। ଉଦ୍ୟୋଗୀରୁ ରାଜନେତା ହୋଇଥିବା ରାମସ୍ୱାମୀ ଏବଂ ଟେସ୍‌ଲା ମାଲିକ ଏଲନ୍ ମସ୍କଙ୍କୁ ସରକାରୀ ଦକ୍ଷତା ବିଭାଗର ପ୍ରଭାରୀ ମନୋନୀତ କରାଯାଇଛି। ଦେଶକୁ ରକ୍ଷା କରିବା ପାଇଁ ସଂଘୀୟ ପ୍ରଶାସନରୁ ଅନେକ ଲକ୍ଷ କର୍ମଚାରୀଙ୍କୁ ବିଦା କରାଯିବ ବୋଲି ରାମସ୍ୱାମୀ କହିଛନ୍ତି।

### ଜି୨୦ ସମ୍ମିଳନୀରେ ଜଳବାୟୁ ସଙ୍କଟକୁ ପ୍ରାଧାନ୍ୟ ମିଳୁ

**ଅନୁରୋଧ କଲେ ଜାତିସଂଘ ଜଳବାୟୁ ମୁଖ୍ୟ**

ବାକୁ, ୧୬।୧୧

ଆସନ୍ତା ୧୮ ଏବଂ ୧୯ ତାରିଖରେ ବ୍ରାଜିଲର ରିଓ ଡି ଜେନିରୋରେ ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ଦେଶଗୁଡ଼ିକ ମଧ୍ୟରେ ଜି୨୦ ବୈଠକ ଅନୁଷ୍ଠିତ ହେବ। ଏହି ଶିଖର ସମ୍ମିଳନୀରେ ବିଶ୍ୱର ପ୍ରମୁଖ ନେତାମାନେ ଜଳବାୟୁ ସଙ୍କଟକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନର ଅଧ୍ୟକ୍ଷ ସିମନ ଷ୍ଟିଲ୍ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନ 'ଜି୨୦'ର ପ୍ରତ୍ୟେକ ଅର୍ଥନୀତିକୁ ପ୍ରଭାବିତ କରିଛି। ଏହାଯୋଗୁ ଅନେକ ପ୍ରାଣହାନି ହେବା ସହ ଖାଦ୍ୟ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ତେଣୁ ନିଜ ନିଜର ଆତ୍ମସଂରକ୍ଷଣ ପାଇଁ ପ୍ରତ୍ୟେକ ଜି୨୦ ଅର୍ଥ ବ୍ୟବସ୍ଥାକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସାହସିକ ପଦକ୍ଷେପ ନେବାକୁ ପଡିବ। ତେଣୁ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମାଇବା ଦିଗରେ ପ୍ରତ୍ୟେକ ଜି୨୦ ଅର୍ଥନୀତିକୁ ସାହସିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସିମନ କହିଛନ୍ତି। ସେହିପରି ଜଳବାୟ ସଙ୍କଟକୁ ରୋକିବା ଦିଗରେ ବୈଶ୍ୱିକ ସ୍ତରରେ ଜାତିସଂଘ ପକ୍ଷରୁ କରାଯାଉଥିବା ଆର୍ଥିକ ପ୍ରୟାସଗୁଡ଼ିକୁ ଜି୨୦ ସମ୍ମିଳନୀରେ ସମର୍ଥନ କରିବା ପାଇଁ ସେ ଜି୨୦ ନେତାମାନଙ୍କୁ ପତ୍ର ଲେଖିଛନ୍ତି।

# ଜୀବନ ପାଇଁ ସଂଘର୍ଷ କରୁଛନ୍ତି ୧୬ ଶିଶୁ


ନିଆଁ ଲାଗି ହସ୍ପିଟାଲରେ ଉପରକଣଗୁଡିକ ପୋଡ଼ିଯାଇଛି।


ଉଦ୍ଧାର ଶିଶୁଙ୍କ ଚିକିତ୍ସା କରାଯାଉଛି।

ଲକ୍ଷ୍ନୌ/ଝାନ୍ସୀ, ୧୬।୧୧

- ଝାନ୍ସୀ ମେଡିକାଲ କଲେଜ ଅଗ୍ନିକାଣ୍ଡ
- ତଦନ୍ତ ପାଇଁ ୪ ଜଣିଆ କମିଟି ଗଠନ
- ୟୁପି ସରକାରଙ୍କୁ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ଉତ୍ତରପ୍ରଦେଶ ଝାନ୍ସୀସ୍ଥିତ ରାଣୀ ଲକ୍ଷ୍ମୀବାଇ ମେଡିକାଲ କଲେଜର ଶିଶୁ ୱାର୍ଡରେ ଶୁକ୍ରବାର ରାତିରେ ନିଆଁଲାଗି ୧୦ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବା ସହ ୧୬ ଜଣ ଗୁରୁତର ହୋଇଥିଲେ। ଏବେ ମଧ୍ୟ ଉକ୍ତ ନବଜାତକମାନେ ଜୀବନ ପାଇଁ ସଂଘର୍ଷ କରୁଛନ୍ତି। ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ୪ ଜଣିଆ କମିଟି ଗଠନ କରିଛନ୍ତି। ନବଜାତ ଶିଶୁମାନଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ୟୁପି ସରକାର ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରି ସପ୍ତାହେ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶୁକ୍ରବାର ରାତି ୧୦ଟା ୩୦ ସମୟରେ ହସ୍ପିଟାଲରେ ନିଆଁ ଲାଗିଥିବାବେଳେ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଉତ୍ତରପ୍ରଦେଶ ସରକାର ଘଟଣାର ତ୍ରିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ହସ୍ପିଟାଲର ଅଗ୍ନି ନିର୍ବାପନ ବ୍ୟବସ୍ଥାର ସମୟସୀମା ପୂରିଯାଇଥିବା ରିପୋର୍ଟକୁ ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ନିଆଁ ଲାଗିବା ବେଳେ ଶିଶୁ ୱାର୍ଡରେ ମୋଟ ୫୪ ଶିଶୁ ଥିଲେ। ସେମାନଙ୍କ ମଧ୍ୟରୁ ୪୪ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତ ୧୦ ଶିଶୁଙ୍କ ମଧ୍ୟରୁ ୭ ଜଣଙ୍କ ପରିଚୟ ମିଳିଛି। ଅନ୍ୟ ୩ ଶିଶୁଙ୍କ ପରିଚୟ ଜାଣିବା ପାଇଁ ଆବଶ୍ୟକ ପଡ଼ିଲେ ଡିଏନ୍‌ଏ ପରୀକ୍ଷା କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିବାବେଳେ ଆହତଙ୍କ ପରିବାରକୁ ୫୦,୦୦୦ ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୃତ ଶିଶୁଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଗ୍ନିକାଣ୍ଡ ଘଟଣାର ଅଲଗା ଅଲଗା ତଦନ୍ତ ପାଇଁ ଝାନ୍ସୀର ଡିଭିଜନାଲ କମିଶନର, ଡିଆଇଜି ଏବଂ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ପାଇଁ କିଏ ଦାୟୀ ତାହା ନିଶ୍ଚିତ କରିବା ନିମନ୍ତେ ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଡିଭିଜନାଲ କମିଶନର ଏବଂ ଡିଆଇଜିଙ୍କୁ ସବିଶେଷ ତଦନ୍ତ ପାଇଁ କୁହାଯାଇଥିବାବେଳେ ଅଗ୍ନିଶମ ବିଭାଗ ସୁରକ୍ଷା ପ୍ରୋଟୋକଲ୍‌ରେ ହୋଇଥିବା ତ୍ରୁଟିକୁ ଚିହ୍ନଟ କରିବ।

ସମ୍ଭବତଃ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ଜିଲାପାଳ ଅବିନାଶ କୁମାର ଗଣମାଧ୍ୟମକୁ କହିଛନ୍ତି। ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ଭିତରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥାଇପାରେ ବୋଲି ୟୁପି ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି। ଅଗ୍ନିକାଣ୍ଡ ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଠକ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଶନିବାର ସକାଳେ ଆହତ ଶିଶୁମାନଙ୍କ ପାଖକୁ ସେମାନଙ୍କ ମାଆବାପାଙ୍କୁ ଯିବା ପାଇଁ ଅନୁମତି ନ ମିଳିବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପିଲାମାନଙ୍କ ଅଭିଭାବକ ଏବଂ ସମ୍ପର୍କୀୟମାନେ ଏହାର ପ୍ରତିବାଦରେ ହସ୍ପିଟାଲ ପରିସରରେ ବସିରହିଛନ୍ତି। ହସ୍ପିଟାଲ ନିଆଁରେ ଏତେ ସଂଖ୍ୟାରେ ନବଜାତ ଶିଶୁ ମୃତାହତ ହେବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଆସନ୍ତା ୨୦ରେ ୟୁପିର ୯ ବିଧାନସଭା ଆସନ ଲାଗି ଉପନିର୍ବାଚନ ହେଉଥିବାବେଳେ ଅଗ୍ନିକାଣ୍ଡ ପାଇଁ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଦୋଷାରୋପ କରିଛନ୍ତି। ପ୍ରଶାସନିକ ଅବହେଳାକୁ ନେଇ ସେମାନେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି।

### ହସ୍ପିଟାଲରେ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ: ନିନ୍ଦାକଲେ ବିରୋଧୀ

ଝାନ୍ସୀ ମେଡିକାଲ କଲେଜ ଅଗ୍ନିକାଣ୍ଡ ଘଟଣା ପରେ ସେଠାକୁ ଯାଇଥିବା ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାକୁ ନେଇ ବିବାଦ ସୃଷ୍ଟି ହୋଇଛି। ନିଆଁରେ ପୋଡିହୋଇ ଏତେ ସଂଖ୍ୟାରେ ନବଜାତ ଶିଶୁ ମୃତାହତ ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ଘଟଣାକୁ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ପାଠକ ମେଡିକାଲ କଲେଜରେ ପହଞ୍ଚିବା ପୂର୍ବରୁ ତାଙ୍କୁ ସ୍ୱାଗତ ପାଇଁ ସମ୍ପୂର୍ଣ୍ଣ ପରିସର ଏବଂ ପାଖ ରାସ୍ତାକୁ ସଫା କରାଯାଇ ଚୂନ ସିଞ୍ଚନ କରାଯାଇଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସରକାରଙ୍କ ଅସମ୍ବେଦନଶୀଳତା ଶୀର୍ଷରେ ପହଞ୍ଚିଥିବା କଂଗ୍ରେସ ଅଭିଯୋଗ କରିଛି। ନିଆଁରେ ପିଲା ମରୁଥିବାବେଳେ ସରକାର ଭାବମୂର୍ତ୍ତି ସଫା କରିବାରେ ବ୍ୟସ୍ତ ବୋଲି ବିରୋଧୀ ଦଳ ଅଭିଯୋଗ କରିଛି। ରାଜ୍ୟର ସରକାରୀ ହସ୍ପିଟାଲଗୁଡ଼ିକ ଦୁଃଖ, ଦୁର୍ନୀତି ଏବଂ ଅବହେଳାର ଆଡ୍ଡାରେ ପରିଣତ ହୋଇଥିବା ସମାଜବାଦୀ ପାର୍ଟି କହିଛି। ଶିଶୁଙ୍କୁ ଉଦ୍ଧାର କରିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିଲା। ଭାଜପା ସମ୍ପୂର୍ଣ୍ଣ ସମ୍ବେଦନହୀନ ବୋଲି ଏସ୍‌ପି ମୁଖପାତ୍ର ଜୁହି ସିଂ କହିଛନ୍ତି।

### ମହାରାଷ୍ଟ୍ରରେ ରାହୁଲଙ୍କ ବ୍ୟାଗ୍ ଯାଞ୍ଚ



ନୂଆଦିଲ୍ଲୀ, ୧୬।୧୧

ଝାଡ଼ଖଣ୍ଡରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ହେଲିକପ୍ଟରକୁ ପାଖାପାଖି ୨ ଘଣ୍ଟା ଉଡ଼ାଣ ପାଇଁ ଅନୁମତି ଦିଆ ନ ଯିବା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାର ଦିନକ ପରେ ନିର୍ବାଚନ କମିଶନଙ୍କ ଅଧିକାରୀମାନେ ମହାରାଷ୍ଟ୍ରର ଅମରାବତୀ ଜିଲାରେ ଶନିବାର ରାହୁଲଙ୍କ ବ୍ୟାଗ୍ ଯାଞ୍ଚ କରିଛନ୍ତି। ୨୦ ତାରିଖରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ରାହୁଲ ପ୍ରଚାର ନିମନ୍ତେ ଧମାନଗାଁଓ ରେଲୱେଠାରେ ପହଞ୍ଚିଥିଲେ। ତାଙ୍କ ହେଲିକପ୍ଟର ଅବତରଣ କରିବା କ୍ଷଣି ନିର୍ବାଚନ ଅଧିକାରୀମାନେ ତାଙ୍କ ଲଗେଜ୍ ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ। ସେମାନେ ହେଲିକପ୍ଟର ଭିତରେ ପଶି ତଦାରଖ କରିବା ସହ ବ୍ୟାଗ୍ ଯାଞ୍ଚ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାରେ କଂଗ୍ରେସ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଯଶୋମତି ଠାକୁର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କିମ୍ବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ବ୍ୟାଗ୍‌କୁ ନିର୍ବାଚନ ଅଧିକାରୀମାନେ ଯାଞ୍ଚ କରିଥାନ୍ତେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

### ଦିଲ୍ଲୀ ପ୍ରଦୂଷଣ: ପ୍ରଥମ ଦିନରେ ୫.୮୫ କୋଟି ଜରିମାନା ଆଦାୟ

ନୂଆଦିଲ୍ଲୀ, ୧୬।୧୧(ପି.ଟି.)

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଶନିବାର ଅଧିକ ଖରାପ ହୋଇଥିବାବେଳେ 'ଗମ୍ଭୀର' ବର୍ଗରେ ଅଧିକ ଅଞ୍ଚଳ ସାମିଲ ହୋଇଛି। ପ୍ରଦୂଷଣ ରୋକିବାକୁ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ ଲାଗୁ ହୋଇଥିବାବେଳେ ପ୍ରଥମ ଦିନରେ ୫.୮୫ କୋଟି ଟଙ୍କା ଜରିମାନା ଆଦାୟ ହୋଇଛି।

ଶନିବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୧୭ରେ ପହଞ୍ଚିଛି। ଶୁକ୍ରବାର ଏକ୍ୟୁଆଇ ୩୯୬ ରହିଥିଲା। ଗମ୍ଭୀର ବର୍ଗର ବାୟୁ ମାନବ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବାବେଳେ ଅସୁସ୍ଥ ଲୋକଙ୍କ ଉପରେ ଏହା ଗୁରୁତର ପ୍ରଭାବ ପକାଇଥାଏ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ କୁହାଯାଇଛି। ଶ୍ରୀ ଅରବିନ୍ଦ ମାର୍ଗକୁ ବାଦ୍ ଦେଲେ ଦିଲ୍ଲୀର ଅନ୍ୟ ୩୮ଟି ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ଏକ୍ୟୁଆଇ ସ୍ତର ୪୦୦ ଉପରେ ରହିଛି।

### ଭାରତ-ପାକ୍ ସୀମାରୁ ୧୬ ଡ୍ରୋନ୍ ଜବତ

ଚଣ୍ଡିଗଡ଼, ୧୬।୧୧

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଗୋଟିଏ ସପ୍ତାହରେ ଭାରତ-ପାକ୍ ସୀମା ପଞ୍ଜାବ ସେକ୍ଟରରୁ ସର୍ବାଧିକ ୧୬ଟି ଡ୍ରୋନ୍ ଜବତ କରିଛି। ଗତ ୯ରୁ ୧୫ ତାରିଖ ବିଏସ୍‌ଏଫ୍‌ର ଅଭିଯାନ ବେଳେ ଉକ୍ତ ଡ୍ରୋନ୍‌ଗୁଡ଼ିକୁ ଖସାଯାଇଛି କିମ୍ବା ଜବତ ହୋଇଛି। ସୀମାରୁ ୨ ଚୋରାଚାଲାଣକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୧୬ କେ.ଜି. ଡ୍ରଗ୍ସ ଜବତ ହୋଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଏସ୍‌ଏଫ୍ ୨୧୬ଟି ଡ୍ରୋନ୍ ଜବତ କରିଛି।

### ତେଲୁଗୁ ବିରୋଧୀ ମନ୍ତବ୍ୟ: ଅଭିନେତ୍ରୀ କସ୍ତୁରୀ ଗିରଫ

ହାଇଦ୍ରାବାଦ, ୧୬।୧୧


କସ୍ତୁରୀ ଶଙ୍କର

ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ କସ୍ତୁରୀ ଶଙ୍କରଙ୍କୁ ଗିରଫ କରାଯାଇଛି। କିଛି ଦିନ ପୂର୍ବରୁ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ସେ ତେଲୁଗୁ ଭାଷାର ଲୋକମାନଙ୍କୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ, ଯାହାପରେ ତାଙ୍କୁ ଚାରିଆଡୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଘଟଣାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇବାବେଳେ ସେ କିଛି ଦିନ ପାଇଁ ନିଖୋଜ ହୋଇଯାଇଥିଲେ ଏବଂ ପୋଲିସ ତାଙ୍କୁ ଖୋଜିବାରେ ଲାଗିଥିଲା। ଗତ ୧୪ ତାରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ତାଙ୍କୁ ଏହି ମାମଲାରେ ଆଗୁଆ ଜାମିନ ପ୍ରଦାନ କରିବାକୁ ମନା କରି ଦେଇଥିଲେ। ତେଲୁଗୁ ଭାଷାଭାଷୀ ଲୋକମାନଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ କରିଥିବାରୁ ଶନିବାର ତାମିଲନାଡୁ ପୋଲିସ କସ୍ତୁରୀଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି। ପ୍ରକାଶ ଯେ, ୧୯୯୧ରେ ତାମିଲ ଫିଲ୍ମ 'ଆଥି ଭଗବାନ'ରୁ ଡେବ୍ୟୁ କରିଥିବା କସ୍ତୁରୀ ବହୁ ତାମିଲ, ମାଲୟାଲମ, ତେଲୁଗୁ ଏବଂ କନ୍ନଡ଼ ଫିଲ୍ମରେ ଅଭିନୟ କରିଛନ୍ତି।

### ମଣିପୁରରେ ଶାନ୍ତି ପାଇଁ ପଦକ୍ଷେପ ନିଅ

**ସୁରକ୍ଷା ବଳକୁ କେନ୍ଦ୍ରର ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୧୬।୧୧

ହିଂସାପ୍ରବଣ ମଣିପୁରରେ ଆଇନ ଶୃଙ୍ଖଳା ଓ ଶାନ୍ତି ଫେରାଇ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଶନିବାର ସୁରକ୍ଷା ବଳକୁ ନିର୍ଦ୍ଦେଶ ଦେଇଛି। ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଉଭୟ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟର ସଶସ୍ତ୍ର ଉଗ୍ରପନ୍ଥୀମାନେ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହିଥିବାରୁ ସୁରକ୍ଷା ସ୍ଥିତ ଦୁର୍ବଳ ହୋଇଛି। ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଅନେକଙ୍କ ଜୀବନ ଯିବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ହିଂସା କିମ୍ବା ଅନ୍ୟାନ୍ୟ ଶୃଙ୍ଖଳାହାନି କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତକୁ ପ୍ରଭାବଶାଳୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ଜନସାଧାରଣ ଶାନ୍ତି ବଜାୟ ରଖିବା ସହ ଗୁଜବରେ ବିଶ୍ୱାସ ନ କରିବା ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷାରେ ସୁରକ୍ଷା ବଳକୁ ସହଯୋଗ କରିବାକୁ ନିବେଦନ କରାଯାଇଛି।

### ଭାରତକୁ ୧୪୦୦ ପ୍ରାଚୀନ କଳାକୃତି ଫେରାଇଲା ଆମେରିକା

ନ୍ୟୁୟର୍କ, ୧୬।୧୧ (ପି.ଟି.)



ଆମେରିକା ପକ୍ଷରୁ ୧୦୦ ଲକ୍ଷ ଡଲାର ମୂଲ୍ୟର ୧୪୦୦ରୁ ଅଧିକ ପ୍ରାଚୀନ କଳାକୃତିଗୁଡ଼ିକୁ ଭାରତକୁ ହସ୍ତାନ୍ତର କରାଯାଇଛି। ନ୍ୟୁୟର୍କରେ ଆୟୋଜିତ ଏକ ସମାରୋହରେ ଏହି ପ୍ରାଚୀନ କଳାକୃତିଗୁଡ଼ିକର ହସ୍ତାନ୍ତର କାର୍ଯ୍ୟକ୍ରମ ହୋଇଥିବା ନେଇ ସ୍ଥାନୀୟ ମ୍ୟାନ୍‌ହଟନ ଡିଷ୍ଟ୍ରିକ୍ଟ ଆର୍ଟର୍ନିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇ ସୂଚନା ଦିଆଯାଇଛି। ନ୍ୟୁୟର୍କରେ ଅବସ୍ଥାପିତ ଭାରତୀୟ କନସୁଲେଟ ଜେନେରାଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ଆଗାମୀ ମାସଗୁଡ଼ିକରେ ମଧ୍ୟ ଭାରତରୁ ଚୋରାଚାଲାଣ ହୋଇଥିବା ୬୦୦ରୁ ଅଧିକ ପ୍ରାଚୀନ କଳାକୃତିଗୁଡ଼ିକୁ ପ୍ରତ୍ୟାବର୍ତ୍ତନ କରାଯିବ ବୋଲି ଏହି ବିବୃତିରେ କୁହାଯାଇଛି। ନିକଟରେ ନ୍ୟୁୟର୍କ ମେଟ୍ରୋ ପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ପ୍ରଦର୍ଶିତ ହୋଇଥିବା କିଛି କଳାକୃତି ମଧ୍ୟ ଏହି ୧୪୦୦ ପ୍ରାଚୀନ କଳାକୃତି ମଧ୍ୟରେ ସ୍ଥାନ ପାଇଛି। ଫେରାଯାଇଥିବା ଏହି ବସ୍ତୁଗୁଡ଼ିକ ମଧ୍ୟରେ ବାଲୁକା ପଥରରେ ନିର୍ମିତ ଏକ ଦିବ୍ୟ ନୃତ୍ୟଶିଳ୍ପୀଙ୍କ ମୂର୍ତ୍ତି ରହିଛି। ଉକ୍ତ ମୂର୍ତ୍ତିକୁ ମଧ୍ୟପ୍ରଦେଶରୁ ଚୋରାଚାଲାଣ କରାଯାଇ ଲଣ୍ଡନକୁ ଅଣାଯାଇଥିଲା। ପରେ ଏହାକୁ ବିକ୍ରି କରିଦିଆଯାଇଥିଲା। ନ୍ୟୁୟର୍କରେ ଚୋରାଚାଲାଣ ବେପାରକୁ ନେଇ ଚାଲିଥିବା ତଦନ୍ତର ଏକ ଅଂଶ ଭାବରେ ଏହି କଳାକୃତିଗୁଡ଼ିକୁ ଉଦ୍ଧାର କରାଯାଇଥିଲା ବୋଲି ମ୍ୟାନ୍‌ହଟନ ଡିଷ୍ଟ୍ରିକ୍ଟ ଆର୍ଟର୍ନିଙ୍କ କାର୍ଯ୍ୟାଳୟ କହିଛି। ପ୍ରକାଶ ଯେ, ପ୍ରାଚୀନ କଳାକୃତିଗୁଡ଼ିକର ବେଆଇନ କାରବାରକୁ ନିୟନ୍ତ୍ରଣ କରିବା ଦିଗରେ ଗତ ଜୁଲାଇ ମାସରେ ଭାରତ ଏବଂ ଆମେରିକା 'ସାଂସ୍କୃତିକ ସମ୍ପତ୍ତି ଚୁକ୍ତି'ରେ ସ୍ୱାକ୍ଷର କରିଥିଲେ।

## ଫୁରସତ୍

### ହିମାଳୟ ଶିଖରରେ ରହସ୍ୟମୟ ମନ୍ଦିର

ମଣ୍ଡି



ହିମାଚଳ ପ୍ରଦେଶର ମଣ୍ଡି ଜିଲା ଅନ୍ତର୍ଗତ ହିମାଳୟର ଶିଖରରେ ରହିଛି ଶିକାରୀ ମାତାଙ୍କ ମନ୍ଦିର। ଶୀତ ଋତୁ ଆରମ୍ଭ ହେବା ପରେ ଏହି ଅଞ୍ଚଳରେ ଥଣ୍ଡା ଯଥେଷ୍ଟ ବୃଦ୍ଧି ପାଇଥାଏ ଏବଂ ଯେକୌଣସି ସମୟରେ ଏଠାରେ ତୁଷାରପାତ ହୋଇଥାଏ। ତେଣୁ ଶୀତଦିନେ କୌଣସି ମଧ୍ୟ ଶ୍ରଦ୍ଧାଳୁ କିମ୍ବା ଭକ୍ତଙ୍କୁ ଏହି ମନ୍ଦିରକୁ ଯିବାକୁ ବାରଣ କରାଯାଇଥାଏ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ନିଷେଧାଦେଶ ଲାଗୁ କରାଯାଇଥାଏ। ପ୍ରତିକୂଳ ପରିସ୍ଥିତି ହେତୁ ମନ୍ଦିର ପୁରୋହିତମାନେ ମଧ୍ୟ ଶୀତ ସମୟରେ ଏଠାରେ ରୁହନ୍ତି ନାହିଁ। ସେମାନେ ମନ୍ଦିର ଛାଡ଼ିବା ପୂର୍ବରୁ ଏହାର ଦ୍ୱାରରେ ତାଲା ପକାଇ ଦେଇଥାନ୍ତି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ଶୀତଋତୁରେ ଏହି ନିଷ୍ପତ୍ତି ନିଆଯାଇଥାଏ ବୋଲି ମଣ୍ଡି ଜିଲାପାଳ କହିଛନ୍ତି।

କେତେଜଣ ସ୍ଥାନୀୟ ଲୋକ କହିଛନ୍ତି, ପୂର୍ବରୁ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଅନେକ ଲୋକ ଶୀତ ସମୟରେ ଏହି ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ନିଖୋଜ ହୋଇଯାଇଥିବାବେଳେ ଆଉ କେତେ ଜଣ ପ୍ରାଣ ହରାଇଥିଲେ। ଯେଉଁମାନେ ନିଖୋଜ ହୋଇଯାଇଛନ୍ତି ବର୍ତ୍ତମାନ ସୁଦ୍ଧା ମଧ୍ୟ ସେମାନଙ୍କ ସମ୍ପର୍କରେ ସୂଚନା ମିଳିପାରିନାହିଁ। ଶୀତଦିନେ ଏହି ମନ୍ଦିରକୁ ଦର୍ଶନ ପାଇଁ ଯିବା ଅର୍ଥ ମୃତ୍ୟୁକୁ ନିମନ୍ତ୍ରଣ କରିବା ହେବ ବୋଲି ସେମାନେ କହିଛନ୍ତି। ତେବେ ପ୍ରତି ବର୍ଷ ଏପ୍ରିଲରେ ଗ୍ରୀଷ୍ମଋତୁ ଆରମ୍ଭ ହେବା ପରେ ଯାଇ ପୁରୋହିତମାନେ ପୁନର୍ବାର ଶିକାରୀ ମାତାଙ୍କ ମନ୍ଦିରରେ ପହଞ୍ଚି ଏହାର ଦ୍ୱାରକୁ ଖୋଲିଥାନ୍ତି। ଏହାପରେ ମନ୍ଦିରରେ ପୁଣି ପୂଜାପାଠ ହେବା ସହ ସାଧାରଣ ଦର୍ଶନ ଆରମ୍ଭ ହୋଇଥାଏ।

### ଧନୁଷ୍‌ଙ୍କୁ ସମାଲୋଚନା କଲେ ନୟନତାରା

ଚେନ୍ନାଇ

ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲେଡି ସୁପରଷ୍ଟାରର ଆଖ୍ୟା ପାଇଥିବା ଅଭିନେତ୍ରୀ ନୟନତାରା ନିକଟରେ ତାଙ୍କ ଡକ୍ୟୁମେଣ୍ଟାରୀ ଫିଲ୍ମ 'ନୟନତାରା ବିୟଣ୍ଡ ଦି ଫାଇରି ଟେଲ୍'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନଭେମ୍ବର ୧୮ରେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଏହି ଡକ୍ୟୁମେଣ୍ଟାରୀ ଫିଲ୍ମ ରିଲିଜ୍ ହେବ। ନୟନତାରାଙ୍କ ସଂଘର୍ଷମୟ ଜୀବନର ଅନେକ କାହାଣୀକୁ ନେଇ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ପାଇଁ ଏବେ ସମସ୍ୟା ଉପୁଜିଛି। ଏହି ଫିଲ୍ମକୁ ଅଭିନେତା ଧନୁଷ୍ ଆଇନଗତ ନୋଟିସ ପଠାଇଛନ୍ତି। ୨୦୧୫ରେ ତାଙ୍କ ଦ୍ୱାରା ନିର୍ମିତ 'ନାନୁମ୍ ରାଉଡି ଧାନ୍'ର କିଛି ଦୃଶ୍ୟ 'ନୟନତାରା ବିୟଣ୍ଡ ଦି ଫାଇରି ଟେଲ୍'ରେ ବ୍ୟବହାର ହୋଇଥିବା ଦର୍ଶାଇ ଧନୁଷ ଏହାର ନିର୍ମାତାଙ୍କୁ ୧୦ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି। ଧନୁଷଙ୍କ ଏହି ଆଚରଣକୁ ନୟନତାରା ନାପସନ୍ଦ କରିବା ସହ ଏହା ତାଙ୍କୁ ଦୁଃଖ ଦେଇଛି ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି, 'ନାନୁମ୍ ରାଉଡି ଧାନ୍' ତାଙ୍କ ଦ୍ୱାରା ଅଭିନୀତ ଅନ୍ୟତମ ଶ୍ରେଷ୍ଠ ଚଳଚ୍ଚିତ୍ର। ତେଣୁ ଏହି ଚଳଚ୍ଚିତ୍ରର କିଛି ଦୃଶ୍ୟକୁ ସେ ନିଜ ଡକ୍ୟୁମେଣ୍ଟାରୀ ଫିଲ୍ମରେ ବ୍ୟବହାର କରିବା ପାଇଁ ଚାହୁଁଥିଲେ। ଏଥିପାଇଁ ସେ ଧନୁଷଙ୍କଠାରୁ ବହୁବାର ଅନୁମତି ମଧ୍ୟ ମାଗିଥିଲେ। ତେବେ ଦୀର୍ଘ ୨ ବର୍ଷ ଧରି ଅପେକ୍ଷା କରି ରହିଥିଲେ ମଧ୍ୟ ଧନୁଷ ଏହି ଅନୁମତି ଦେଇ ନ ଥିଲେ। ଫଳରେ ସେ ତାଙ୍କର ସବୁଠୁ ଶ୍ରେଷ୍ଠ ଚଳଚ୍ଚିତ୍ର 'ନାନୁମ୍ ରାଉଡି ଧାନ୍'କୁ ନିଜ ଡକ୍ୟୁମେଣ୍ଟାରୀ ଫିଲ୍ମରେ ସାମିଲ କରିପାରିଲେ ନାହିଁ ବୋଲି ନୟନତାରା କ୍ଷୋଭର ସହ କହିଛନ୍ତି।



ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୭/୨୦୨୪ | Bhubaneswar, Sunday, November 17/2024 | ପୃଷ୍ଠା-୧


# ମହାପ୍ରଭୁଙ୍କ ଜମି ଜାଲିଆତି

## ଥାନାରେ ଅଭିଯୋଗକଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀରେ ମହାପ୍ରଭୁଙ୍କ ଜମି ନେଇ ଏକ ବଡ଼ କେଳେକାରୀ ସାମ୍ନାକୁ ଆସିଛି। କେତେଜଣ ଜମି ଦଲାଲ୍ ମହାପ୍ରଭୁଙ୍କ ୧୦୯ଟି ପ୍ଲଟକୁ ବେଆଇନ ଭାବେ ଜବରଦଖଲ କରି ଅନ୍ୟମାନଙ୍କୁ ହସ୍ତାନ୍ତର କରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଳୀ ସାହି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି କେଳେଙ୍କାରୀରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ସେବାୟତଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।**

**ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)**

ପୁରୀ ମାଟିତୋଟା ମୌଜାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ କେତେଜଣ ଦୁର୍ବୃତ୍ତ ବେଆଇନ ଭାବରେ ଜବରଦଖଲ କରି ହସ୍ତାନ୍ତର ଉଦ୍ୟମ କରିଥିବା ଜଣାପଡ଼ିଛି। ନୋଟାରି ମାଧ୍ୟମରେ ଜମିଗୁଡ଼ିକୁ ରେଜିଷ୍ଟ୍ରେଶନ କରାଯାଇ ବିକାଯାଉଥିବା ଅଭିଯୋଗ ହୋଇଛି। ମୌଜା-ମାଟିତୋଟା ୟୁନିଟ୍ ନଂ-୧, ଖାତା ନମ୍ବର-୩୮ର ସମୁଦାୟ ୧୦୯ଟି ପ୍ଲଟକୁ ବେଆଇନ୍ ଭାବେ ହାତେଇବାକୁ ଚେଷ୍ଟା କରାଯାଇଛି। ତେବେ ଏପରି ଉଦ୍ୟମକୁ କେବେବି ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ଜମି ଦଲାଲମାନେ ଏପରି କାର୍ଯ୍ୟ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ଏଭଳି ବେଆଇନ ହସ୍ତାନ୍ତର ସମ୍ପୂର୍ଣ୍ଣ ଭାବେ ଅବୈଧ। ଏଭଳି କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ ରହିଛନ୍ତି ସେମାନେ ଠକେଇର ଶିକାର ହେବା ସହ ଆଇନ ଅନୁଯାୟୀ ଦଣ୍ଡିତ ମଧ୍ୟ ହେବେ। ତେଣୁ ବେଆଇନ ହସ୍ତାନ୍ତରରୁ ପ୍ରତ୍ୟେକ ବ୍ୟକ୍ତି କିମ୍ବା ଅନୁଷ୍ଠାନ କ୍ଷାନ୍ତ ରହିବାକୁ ଜନସାଧାରଣଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଅପରପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ସୂଚନା ଦେଇ କହିଛନ୍ତି କି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ପାଇଁ ଆମେ ବଦ୍ଧପରିକର।



ପୃଷ୍ଠା-୨

# ପୁଞ୍ଜିନିବେଶକାରୀଙ୍କ ପ୍ରଥମ ପସନ୍ଦ ହେବ ଓଡ଼ିଶା: ମୋହନ



ସିଙ୍ଗାପୁରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୧୬।୧୧ (ଅନିଲ ଦାସ)**

ବିଦେଶରୁ ଓଡ଼ିଶାକୁ ଆସିବ ନିବେଶ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁରରେ ଶିଳ୍ପ ଜଗତର ଶୀର୍ଷ ନେତୃତ୍ୱଙ୍କୁ ଭେଟି ଓଡ଼ିଶାକୁ ନିମନ୍ତ୍ରଣ ଦେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରତିନିଧିମଣ୍ଡଳୀ ୪ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି। ସିଙ୍ଗାପୁର ଯିବା ପୂର୍ବରୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଏକ ବରିଷ୍ଠ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇ ସିଙ୍ଗାପୁର ଅଭିମୁଖେ ବାହାରିଛି। ଏ ଯାତ୍ରା ନିଶ୍ଚୟ ସଫଳ ହେବ।

## ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ

ଯେତେବେଳେ ସାରା ବିଶ୍ୱରୁ ଇନ୍‌ଭେଷ୍ଟର୍ସମାନେ ଭାରତରେ ପୁଞ୍ଜିବିନିଯୋଗ କରିବାକୁ ଚାହିଁବେ, ସେତେବେଳେ ଓଡ଼ିଶା ସେମାନଙ୍କର ପ୍ରଥମ ପସନ୍ଦର କ୍ଷେତ୍ର ହେବ। ଶିଳ୍ପାୟନ ପାଇଁ ସିଙ୍ଗାପୁର ପ୍ରସିଦ୍ଧ। ସେଠାରେ ରସାୟନ, ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି, ଲଜିଷ୍ଟିକ୍ସ, ଜାହାଜ ନିର୍ମାଣ, ଆର୍ଥିକ ସେବା, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ ଓ ବସ୍ତ୍ର ତିଆରି ଆଦି କ୍ଷେତ୍ରରେ ବିଶ୍ୱର ବଡ଼ ବଡ଼ କମ୍ପାନୀମାନେ କାମ କରୁଛନ୍ତି। ସେହି କମ୍ପାନୀର ଶୀର୍ଷ ନେତୃତ୍ୱଙ୍କ ସହ ଓଡ଼ିଶା ଆଲୋଚନା କରିବ।

ପୃଷ୍ଠା-୨

# ଖତଗଦାରୁ ବାହାରିଲା ବିଡ଼ାବିଡ଼ା ଟଙ୍କା

**ଭୋଗରାଇ, ୧୬।୧୧ (ପ୍ରଦୀପ ଦାସ)**

ଖତଗଦାରୁ ବାହାରିଲା ବିଡ଼ା ବିଡ଼ା ଟଙ୍କା। ହାଇଦ୍ରାବାଦରୁ ଚୋରି କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ବଡ଼ମନ୍ଦାରୁଣୀ ଗ୍ରାମରେ ଲୁଚାଇ ରଖିଥିଲେ ଅଭିଯୁକ୍ତ। ତାଙ୍କ ଘରେ ଓ ଖତଗଦାରେ ଲୁଚାଇ ରଖିଥିବା ମୋଟ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୋଲିସ ଜବତ କରିଛି। ଅଭିଯୁକ୍ତ ରବୀନ୍ଦ୍ର ବେହେରାଙ୍କୁ ପୋଲିସ ଗିରଫ କରି ଅଧିକ ପଚରାଉଚୁରା କରୁଛି।



ଖତ ଗଦାରୁ ମିଳିଥିବା ଟଙ୍କା।

### ମୁଖ୍ୟ ଅଭିଯୁକ୍ତ ଭିଣୋଇ ଫେରାର, ଶାଳକ ଗିରଫ

ବଡ଼ମନ୍ଦାରୁଣୀ ଗ୍ରାମର ଉମାକାନ୍ତ ବେହେରାଙ୍କ ଜ୍ୱାଇଁ ସୋହରିଆ ଗ୍ରାମର ଗୋପାଳ ବେହେରା ହାଇଦ୍ରାବାଦଠାରେ ଆଗ୍ରୋ କମ୍ପାନୀରେ ୧୦ବର୍ଷ ଧରି ମ୍ୟାନେଜର ଭାବେ କାମ କରୁଥିଲେ। ଗତ ୮, ୯, ୧୦ ତାରିଖରେ ବ୍ୟାଙ୍କ ଛୁଟି ଥିବାରୁ ମାଲିକ କମ୍ପାନୀ ଲକରରେ ୨୦ଲକ୍ଷ ୮୦ ହଜାର ୬୭୦ ଟଙ୍କା ରଖିଥିଲେ। ଗୋପାଳ କମ୍ପାନୀ ଲକରର ସିକ୍ରେଟ କୋଡ୍ ଜାଣିଯାଇଥିଲେ। ଏହାର ସୁଯୋଗ ନେଇ ଗୋପାଳ ୧୦ତାରିଖରେ ଟଙ୍କା ଚୋରି କରି ହାଇଦ୍ରାବାଦରେ ରହୁଥିବା

ପୃଷ୍ଠା-୨




**ଆଜିର ମନ୍ତବ୍ୟ** “ ପୂର୍ବ ସରକାର ଅମଳରେ ଆତଙ୍କବାଦ ଯୋଗୁ ଲୋକେ ଅସୁରକ୍ଷିତ ଅନୁଭବ କରୁଥିଲେ। ଏବେ ଆତଙ୍କବାଦୀମାନେ ସେମାନଙ୍କ ଘରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଦ୍ୱିତୀୟ ଫୁଡ୍ କାର୍ନିଭାଲ, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖୋର୍ଦ୍ଧା ଜିଲା ଟ୍ରକ୍ ମାଲିକ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍‌ସ ହସ୍ପିଟାଲ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ଛାଡ଼ଖାଇ ପାଳନ ଏବଂ ରାଜ୍ୟସ୍ତରୀୟ ମହତାବ ଜୟନ୍ତୀ ସଂକ୍ରାନ୍ତୀୟ ଖବରଦାତା ସମ୍ମିଳନୀ, ସ୍ଥାନ: କେଦାରଗୌରୀ ମନ୍ଦିର ନିକଟ ଗୁଆଝର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ମେ ଫେୟାର କନ୍‌ଭେନଶନ, ସମୟ: ଅପରାହ୍ନ ୩ଟା।
- ସତ୍ୟଚେତନାର ପ୍ରଥମ ଅଧିବେଶନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ୨୨ତମ ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ହରିଶ୍ଚନ୍ଦ୍ର ବଢ଼ିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ପ୍ରତାପରୁଦ୍ରପୁରସ୍ଥିତ ପାଲା ମଣ୍ଡପ, ବାଲିଅନ୍ତା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ୟଙ୍ଗ ଇଣ୍ଡିଆ ନାଇଟ୍ ମାରାଥନ୍, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ସଭା ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଅକ୍ଷୟ ମହାନ୍ତି ପାର୍କ, କନିକା ଛକ, ସମୟ: ସକାଳ ୮ଟା ୩୦।
- ଉତ୍କଳ ପୋଷ୍ଟାଲ ଏବଂ ଆର୍‌ଏମ୍‌ଏସ୍ କୋଅପରେଟିଭ ସୋସାଇଟିର ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ: କଟକ ସାରଳା ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସମବାୟ ସୁରକ୍ଷା ସଂଘ ପକ୍ଷରୁ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାର ସାମୂହିକ ଭସାଣି, ସ୍ଥାନ: ବିନ୍ଧାଣିମା, ତିଗିରିଆ,ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଐତିହାସିକ କଟକ ବାଲିଯାତ୍ରାର ୩ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୈଷ୍ଣବ ପାଣି ମଞ୍ଚ, ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୫ଟା ୩୦।
- ଜମାତ୍ ଅହମ୍ମଦିୟା ପକ୍ଷରୁ ତବଲିଗ ଜଲ୍‌ସା, ସ୍ଥାନ: ଜାମା ମସ୍‌ଜିଦ, ଜମାତ୍ ଅହମ୍ମଦିୟା ପଙ୍କାଳ, ତିଗିରିଆ,ସମୟ: ସନ୍ଧ୍ୟା ୬ଟା୩୦।

## ପୁରୀ

- ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ହୋଟେଲ ବେନସନ, ଭିଆଇପି ରୋଡ, ପୁରୀ, ସମୟ: ସକାଳ ୯ଟା।
- ନିର୍ବାଣ ମହୋତ୍ସବ, ସ୍ଥାନ: ସଦାଶିବ ପରିସର, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖୁଣ୍ଟିଆ ଜାଗା, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ସମର୍ପଣ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମେଗା ହେଲ୍‌ଥ କ୍ୟାମ୍ପ, ସ୍ଥାନ: ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ଦେଉଳି, ବୋଲଗଡ଼, ସମୟ: ସକାଳ ୯ଟା।
- ହେମନ୍ତ ସ୍ୱର ସମ୍ଭାର ଓ କବିତା ପାଠୋତ୍ସବ, ସ୍ଥାନ: କଣ୍ଟାବାଡ଼(ବେଗୁନିଆ), ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଅଙ୍କୁରାରୋପଣ, ସ୍ଥାନ: ଜଟଣୀ ବାଇପାସ୍ ସ୍ପିନିଙ୍ଗ ମିଲ୍ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଶିଶୁ ଉତ୍ସବ ‘ମହକ-୨୦୨୪’, ସ୍ଥାନ: ଉତ୍କଳ ବାଳାଶ୍ରମ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସାହିତ୍ୟ ଆସର, ସ୍ଥାନ: ରୁଢୁଙ୍ଗା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓୟୁଜେ ବାଲେଶ୍ୱର ଶାଖାର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଆରୁହାବୃତ୍ତି ନୋଡ଼ାଲ ଉପ୍ରା ବିଦ୍ୟାଳୟ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ଲିଗ୍ ସିଜନ୍-୧ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାଲେଶ୍ୱର, ସମୟ: ରାତି ୮ଟା।

## ଭଦ୍ରକ

- କବି ନୀଳମଣି ପ୍ରଧାନଙ୍କ ଶ୍ରାଦ୍ଧ ଉତ୍ସବ ଓ ସ୍ମରଣିକା ଉନ୍ମୋଚନ, ସ୍ଥାନ: କାଳିମେଘା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣାବଜାର ନାରାୟଣ ଚନ୍ଦ୍ର ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ଯାଦବ ମହାସଭା ବୈଠକ, ସ୍ଥାନ: କମାରିଆ, ତିହିଡ଼ି, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୪୦ତମ ବାର୍ଷିକ କ୍ରୀଡ଼ା ପ୍ରତଯୋଗିତା, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ପୂର୍ବାହ୍ନ ୯ ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ ପଡିଆ ବାରିପଦା, ସମୟ: ସକାଳ ୭ଟାରୁ ୮ଟା।
- ମା’ ଜଗଦ୍ଧାତ୍ରୀଙ୍କ ମେଳା, ସ୍ଥାନ: ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତ୍ର ୧୧ଟା।
- ସଦଗୋପ ସମାଜ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞର ଦଧି ଭଞ୍ଜନ ଆସର, ସ୍ଥାନ: ଜୁବୁଲୀ ଲାଇବ୍ରେରୀ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ରାଧାକୃଷ୍ଣ ପୂଜା ଓ ଷୋହଳ ପ୍ରହର ନାମଯଜ୍ଞର ଦଧି ଭଞ୍ଜନ ଓ ନଗର କୀର୍ତ୍ତନ, ସ୍ଥାନ: ହାତୀମଡା ବଡ଼ସାହି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଭିଜନ ଇଣ୍ଡିଆ ୨୦୪୭ରେ ବିକଶିତ ଭାରତର ସ୍ୱପ୍ନ ଆଲୋଚନାଚକ୍ର, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- ଆଧ୍ୟାତ୍ମିକ ସମ୍ମିଳନୀ ଓ ସାଧନା ଶିବିର, ସ୍ଥାନ: ବୁଗୁଡା,ଗୋଲିଆ ଦିବ୍ୟ ଜୀବନ ସଂଘ ଶାଖା, ସମୟ: ପୂର୍ବାହ୍ନ ୧୧ଟା ୩୦ ମି.।

## ଢେଙ୍କାନାଳ

- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଉତ୍ସବ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କପିଳାସ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପିପିଏଲ୍ କମ୍ପାନୀ ପକ୍ଷରୁ ବିଶ୍ୱ ଗୁଣବତ୍ତା ଦିବସ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଡିଏଭି ସ୍କୁଲ, ପିପିଏଲ୍, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମ୍ୟୁଜିକାଲ ନାଇଟ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- କାର୍ତ୍ତିକ ଯାତ୍ରା ମହୋତ୍ସବର ତୃତୀୟ ଦିବସ, ସ୍ଥାନ:ଭାପୁର ବ୍ଲକ୍ ବୋରଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ ସପ୍ତାହ ଜିଲାସ୍ତରୀୟ ବୈଠକ, ସ୍ଥାନ:ଜିଲା ପରିଷଦର ସୃଜନ ହଲ, ସମୟ:ପୂର୍ବାହ୍ନ ୧୧ଟା।
- ମାଗଣା ପ୍ରସାଦ ବଣ୍ଟନର ଉଦଯାପନ ଦିବସ, ସ୍ଥାନ: ନୟାଗଡ଼ ସହର ୧୬ ନଂ .ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର , ସମୟ:ଅପରାହ୍ନ ୧ଟା।
- ବଣବାଣପୁର ଯାତ୍ରା ମହୋତ୍ସବର ୩ୟ ଦିବସରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଗୁଣପୁର ପ୍ରୀମିୟର ଲିଗ୍ ସିଜନ- ୩ ଫାଇନାଲ , ସ୍ଥାନ: ଗୁଣପୁର ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ସର୍ଗିଫୁଲ, ବିଜ୍ଞାନ ମେଳା ଓ ଭଲିବଲ ପ୍ରତିଯୋଗିତା, ସ୍ଥାନ: ପାପଡ଼ାହାଣ୍ଡି ଦଳେଇଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉମରକୋଟ ପ୍ରୀମିୟର ଲିଗ୍ ସପ୍ତମ ସଂସ୍କରଣ ଫାଇନାଲ ମ୍ୟାଚ୍, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨.୩୦।

## ସମ୍ବଲପୁର

- ପୁରୀ ଶ୍ରୀଜଗନ୍ନାଥଙ୍କ ଘଣ୍ଟୁଆ ସେବାୟତଙ୍କ ଘଣ୍ଟ ସେବା କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ପ୍ରାତଃ ୫ଟାରୁ ସକାଳ ୬ଟା।
- ସମ୍ବଲପୁର କଳା ଏକାଡେମୀ ଆୟୋଜିତ ଜିଲାସ୍ତରୀୟ ଚିତ୍ରାଙ୍କନ, ସ୍ଥାନ : ଶ୍ରୀଅରବିନ୍ଦ ସ୍କୁଲ ସଭାକକ୍ଷ, ସମୟ : ସକାଳ ୯ ଟା ୩୦।
- ରଙ୍ଗୋଲି ଅନୁଷ୍ଠାନ ଆୟୋଜିତ ଭଏସ୍ ଅଫ ୱେର୍ଣ୍ଣନ ଓଡ଼ିଶା, ସ୍ଥାନ : ଓଡ଼ଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା ୩୦।
- ପିନାକେଲ ସମୂହ ଶିକ୍ଷାନୁଷ୍ଠାନ ବାର୍ଷିକ ଉତ୍ସବ ଓ ଆଲୁମିନି ମିଟ-୨୦୨୪, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜ ପକ୍ଷରୁ ବିଶ୍ୱଭାରତୀ ସମାବେଶ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ : ପୂର୍ବାହ୍ନ ୧୦ଟା।
- ରାତ୍ରକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ୭୧ତମ ସମବାୟ ସପ୍ତାହ ପାଳନ, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।

## ସୁବର୍ଣ୍ଣପୁର

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ଅଖଣ୍ଡ ନାମଯଜ୍ଞ , ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଠୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଚକ୍ଷୁ ଚିକିତ୍ସା, ରକ୍ତବର୍ଗ ଚିହ୍ନଟ ଶିବିର, ସ୍ଥାନ: ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ, କଦଲିପାଲି, ବରପାଲି, ସମୟ: ସକାଳ ୯ଟା।
- ରାସପୂର୍ଣ୍ଣିମା ଯାତ୍ରା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବରମକେଲା, ବରଗଡ଼, ସମୟ: ରାତି ୯ଟା।

## ରାଉରକେଲା

- ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ, ସ୍ଥାନ: ଗୋପବନ୍ଧୁପାଲୀ, ସମୟ: ସକାଳ ସାଢେ ୧୦ଟା।
- ସାଂସ୍କୃତିକ ପରିଷଦରେ ସାହିତ୍ୟ ସମାବେଶ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ଦିବସ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା’କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ପଞ୍ଚାୟତ ସାଲେପଡ଼ା ଗାଁ, ସମୟ: ରାତ୍ର ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ଜାମବାହାଲି ଗାଁ, ସମୟ: ରାତ୍ର ୧୦ଟା ୩୦।
- ରାଧାକୃଷ୍ଣ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବକ୍ରୀ ବୃହସ୍ପତିଙ୍କ ସହିତ ଚନ୍ଦ୍ର ରହିଥିବା ହେତୁ ଅର୍ଥ, ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ପ୍ରାପ୍ତ ହେବ। ଅଶ୍ୱିନୀ ନକ୍ଷତ୍ରର ଅଭ୍ୟନ୍ତରରେ କୁହୁଳୁଥିବା ଅଶାନ୍ତିର ଜ୍ୱାଳା ଅତିଷ୍ଠ କରାଇପାରେ। କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜରେ ପାଇଯିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମରେ ସୁଫଳ ପାଇବେ।

**ବୃଷ** କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ଘରୋଇ ଝାମେଲା କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନ ନକଲେ ମନସ୍ତାପ ବଢ଼ିଯିବ। ପାରିବାରିକ ଓ ସାମାଜିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ମିଥୁନ** ମଙ୍ଗଳ ଧନ ସ୍ଥାନରେ ଥିବାରୁ ଋଣ ପରିଶୋଧ, ଶତ୍ରୁତାର ସମାଧାନ, ଦୂରଯାତ୍ରା, ନୂତନ ନିଯୁକ୍ତିର ସୂଚନା ପାଇବେ। ଦୈହିକ ଦୁର୍ବଳତା ଦୂରେଇଯିବ। ସଭାସମିତିରେ କିଛି କରିବା ସକାଶେ ମନ ବଳାଇ ପାରନ୍ତି। ଗତକାଲିର ଅଟକି ରହିଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟ ଆଜି ସାହାଯ୍ୟ ଲାଭ କରି କିଛି ଅଂଶରେ ବଢ଼ିଚାଲିବ।

**କର୍କଟ** ଶୁକ୍ରଗ୍ରହ ଷଷ୍ଠ ଭାବରେ ଅବସ୍ଥାନ କରୁଥିବାରୁ ପାରିବାରିକ ଜୀବନ ନିର୍ବାହ କଷ୍ଟକର ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବାର ଆଶଙ୍କା ରହିଛି।

**ସିଂହ** ବଳହୀନ ରବି କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟର କ୍ରମାବନତି ସାଙ୍ଗକୁ ପାରିବାରିକ ଜୀବନରେ ଅଶାନ୍ତି ଦେଖିପାରନ୍ତି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ରାଶିରେ କେତୁଙ୍କ ସ୍ଥିତିବଶତଃ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପ୍ରଭାବିତ ହେବ। କାର୍ଯ୍ୟହାନି ସାଙ୍ଗକୁ ମନସ୍ତାପ ମଧ୍ୟରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ମନ ବଳାଇପାରନ୍ତି। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଦୈହିକ ଅସୁସ୍ଥତା ଓ ପାରିବାରିକ ସମସ୍ୟା ନିୟନ୍ତ୍ରିତ ରହିବ। ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳିବ ନାହିଁ।

**ବିଛା** ରାଶିରେ ବୁଧାଦିତ୍ୟ ରହି ବିଭିନ୍ନ କାମରେ ଆପଣଙ୍କୁ ନିଯୁକ୍ତ କରାଇପାରନ୍ତି। ଅନୁରାଧା ନକ୍ଷତ୍ରର ମନ ଉଦାସ ରହିପାରେ। ଅଫିସ୍‌ରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ରାଶିରେ ବିଳାସକାରକ ଶୁକ୍ର ଆପଣଙ୍କୁ ହସ, ଖୁସିର ଖୋରାକ ଯୋଗାଇପାରେ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀମାନେ କିମ୍ବା ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଅପପ୍ରଚାର ଚଳାଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ମକର** କର୍ମାଧିପତି ରାଶିକୁ ଅବଲୋକନ କରୁଥିବାରୁ ଶାରୀରିକ ଓ ମାନସିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିବ। ଦ୍ୱାଦଶସ୍ଥ ଶୁକ୍ର ଆପଣଙ୍କୁ କଳ୍ପନା ଓ ଭାବପ୍ରବଣତାରେ ଆପଣଙ୍କୁ ନିମଜ୍ଜିତ କରି ରଖିପାରେ। ଲେଖାପଢ଼ା, କଳା, ସାହିତ୍ୟ, ବ୍ୟବସାୟ ଓ ଏଜେନ୍ସି ତଥା ସାମ୍ବାଦିକତାରେ ପ୍ରଶଂସିତ ହେବେ। ପାରିବାରିକ ସୁଖ, ଶାନ୍ତି ସହ ସାମାଜିକ ସ୍ଥିତି ଭଲରହିବ।

**କୁମ୍ଭ** ସ୍ୱଗୃହୀ ଶନିଙ୍କ ପ୍ରଭାବରୁ ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ ସହାୟତାରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ପୂର୍ବାବସ୍ଥା ଦୂରୀଭୂତ ହୋଇଯିବାରୁ ମାନସିକ ସ୍ତରରେ ପ୍ରଫୁଲ୍ଲତା ଅନୁଭବ କରିବେ। କିନ୍ତୁ ରେବତୀ ନକ୍ଷତ୍ରର ଅଟକିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି।

ଆଜି ନଭେମ୍ବର ୧୭ ତାରିଖ, ମାର୍ଗଶିର କୃଷ୍ଣ ଦ୍ୱିତୀୟା ରବିବାର, ରାଶିନକ୍ଷତ୍ର –ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪୪ ଗତେ ଘ.୦୮।୫୬ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ବିଶ୍ୱବିଦ୍ୟାଳୟରେ ...

ଦିଆଯାଉଛି। ମାତ୍ର ଆମ ଶିକ୍ଷା ବ୍ୟବସ୍ଥା ଏକ ସାଧାରଣ ଶିକ୍ଷା ବ୍ୟବସ୍ଥା ହୋଇଯାଇଛି। ଏଠାରେ ଯେଉଁ କେତେକ ଘରୋଇ ବିଶ୍ୱବିଦ୍ୟାଳୟ ଖୋଲିଛି ସେମାନେ କେବଳ ଲାଭ ପାଇଁ ବ୍ୟସ୍ତ ରହୁଛନ୍ତି। ତେଣୁ କେବଳ ସଂଖ୍ୟା ବଢିଲେ ହେବନାହିଁ, ବିଶ୍ୱବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ବଢ଼ାଇବା ଦରକାର। ନଚେତ୍ ପିଲାମାନଙ୍କୁ ଦିଆଯାଉଥିବା ଶିକ୍ଷା କେତେଦୂର କାମରେ ଲାଗିଲା ତାହା ପ୍ରଶ୍ନବାଚୀ ହୋଇ ରହିଯିବ। ସେହିପରି ଶିକ୍ଷାବିତ୍ ପ୍ରଫେସର ରଘୁନାଥ ପଣ୍ଡା କୁହନ୍ତି, ଆମର ଯେତିକି ବିଶ୍ୱବିଦ୍ୟାଳୟ ଅଛି, ତା’ଠାରୁ ପିଲାସଂଖ୍ୟା ଅଧିକ ରହୁଛି। ଶିକ୍ଷା ପ୍ରତ୍ୟେକ ପିଲାଙ୍କ ଅଧିକାର। ତେଣୁ ଆମକୁ ସେହି ଅନୁପାତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିବାକୁ ପଡ଼ିବ। ବିଶ୍ୱବିଦ୍ୟାଳୟରେ କ୍ୱାଲିଫାଏଡ୍ ଟିଚର୍ ରହିବା ଦରକାର। ଏଠାରେ ପାଠପଢ଼ା ସହିତ ରିସର୍ଚ୍ଚ ହେଉଛି। ଏହାର ଲାଇବ୍ରେରି ଉପରେ ବାହାର ରାଜ୍ୟ ତଥା ଦେଶର ଲୋକ ନିର୍ଭର କରୁଛନ୍ତି। ତେଣୁ କେବଳ ସଂଖ୍ୟା ବଢ଼ାଇଲେ ହେବନାହିଁ, ପ୍ରଥମେ ତାହାର ଭିତ୍ତିଭୂମିର ବିକାଶ କରିବା ଦରକାର। ଅପରପକ୍ଷେ ଏବେ ବହୁ ଲୋକ ବିଶ୍ୱବିଦ୍ୟାଳୟକୁ ବ୍ୟବସାୟଭିତ୍ତିକ ଭାବେ ବ୍ୟବହାର କରୁଛନ୍ତି। ଫଳରେ କ୍ୱାଲିଟି ଏଜୁକେଶନ୍ ମିଳିପାରୁନାହିଁ। ୟୁଜିସି ଗାଇଡ୍‌ଲାଇନ୍‌କୁ ଅନେକେ ପାଳନ କରୁନାହାନ୍ତି। ତେଣୁ ଏ ସବୁ ଦିଗକୁ ଧ୍ୟାନ ନ ହେଲେ, ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରିବ ନାହିଁ। ଯୁକ୍ତ୩ ଛାତ୍ର ବିଶାଳ ବେହେରା କହିଛନ୍ତି, ପ୍ରତିବର୍ଷ ଲକ୍ଷଲକ୍ଷ ପିଲା ପାସ୍ କରି ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ରେସ୍‌ରେ ଦୌଡୁଛନ୍ତି। କିଛି ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରୀମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ଆଡ୍‌ମିଶନ ମିଳୁଛି, ମାତ୍ର ଅନେକ ସ୍ଥାନରେ ଧରାଧରି କିମ୍ବା ଡୋନେସନ୍‌ରେ କାମ ହେଉଛି। ଫଳରେ ଯୋଗ୍ୟ ପିଲା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆମ ଦେଶରେ ପିଲାଙ୍କ ଅନୁପାତରେ ବିଶ୍ୱବିଦ୍ୟାଳୟ ନିର୍ମାଣ ହେବା ସହ ସେଠାରେ କିପରି ସ୍ୱଚ୍ଛତା ରହିବ ସେ ନେଇ ଧ୍ୟାନ ଦେବା ଆବଶ୍ୟକ। ଏଥିସହ ଯେଉଁ ବିଶ୍ୱବିଦ୍ୟାଳୟରେ ପଡ଼ିଥିବା ଖାଲି ସିଟ୍‌କୁ ତୁରନ୍ତ ପୂରଣ କରିବା ଆବଶ୍ୟକ। ସେହିପରି ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ସରିତା ମହାନ୍ତି କହିଛନ୍ତି, ହାତଗଣତି ସରକାରୀ ବିଶ୍ୱବିଦ୍ୟାଳୟକୁ ଛାଡିଦେଲେ ବାକି ଘରୋଇ ବିଶ୍ୱବିଦ୍ୟାଳୟରେ ବିନା ଡୋନେଶନ୍‌ରେ ସିଟ୍ ପାଇବା ସମ୍ଭବ ହେଉନାହିଁ। ତେଣୁ ଅଧିକ ସରକାରୀ ବିଶ୍ୱବିଦ୍ୟାଳୟ ଖୋଲିବା ଦରକାର। ତେବେ ଏହା ପୂର୍ବରୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ଆବଶ୍ୟକ। ନଚେତ୍ ପିଲାମାନଙ୍କୁ କଲେଜରେ ଗୁଣାତ୍ମକ ଶିକ୍ଷା ମିଳିବ ନାହିଁ ଏବଂ ବିଶ୍ୱବିଦ୍ୟାଳୟରେ ସେମାନଙ୍କୁ ସିଟ୍ ପାଇବା କଷ୍ଟକର ହୋଇପଡ଼ିବ।

### ଓଡ଼ିଶା ପ୍ରଥମ ଥର ...

ଶନିବାର ପ୍ରଥମାର୍ଦ୍ଧରୁ ହିଁ ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ରଜତ ଆକାଶ ତିର୍କି ପ୍ରଥମ କ୍ୱାର୍ଟରର ୧୧ତମ ମିନିଟରେ ସ୍କୋର କରି ଓଡ଼ିଶାକୁ ୧-୦ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ପ୍ରତାପ ଲାକ୍ରା ଆଉ ଏକ ଗୋଲ ଦେଇ ଓଡ଼ିଶାକୁ ୨-୦ରେ ଆଗୁଆ କରିଥିଲେ। ଅନ୍ତିମ କ୍ୱାର୍ଟରରେ ଶିଳାନନ୍ଦ ଏକାକୀ ୩ ଗୋଲ ଦେବା ସହ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ମ୍ୟାଚ୍‌ର ୫୫ତମ ମିନିଟ୍‌ରେ ଯୋଗୀନ୍ଦର ସିଂ ହରିୟାଣା ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ହକି ଦଳର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ପୋଷ୍ଟ କରି ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ହକି ଦଳର ଏହି ବିଜୟ ଏକ ମାଇଲଖୁଣ୍ଟ ଭାବରେ ଆଗାମୀ ପିଢିକୁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି।

### ମଣିପୁରରେ ୬ ଅପହୃତଙ୍କୁ ...

ବ୍ୟକ୍ତିଗତ ବାସଭବନରେ ପ୍ରବେଶ ଉଦ୍ୟମ କରିଥିଲେ। ଫଳରେ ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା। ବିକ୍ଷୋଭକାରୀ ମୃତକଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ୫ ଜିଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି ହୋଇଛି। ଏଥିସହିତ ଇମ୍ଫାଲ ୱେଷ୍ଟ, ଇଷ୍ଟ, ବିଷ୍ଣୁପୁର, ଥୌବାଲ, କାକ୍‌ଚିଙ୍ଗ, କାଙ୍ଗପୋକ୍‌ପି ଏବଂ ଚୁରାଚାନ୍ଦପୁରରେ ପାଇଁ ଇଣ୍ଟରନେଟ୍ ଏବଂ ମୋବାଇଲ ଡେଟା ସର୍ଭିସ୍‌କୁ ବନ୍ଦ କରିଦିଆଯାଇଛି। ଉତ୍ୟକ୍ତ ଲୋକେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ସପାମ ରଞ୍ଜନଙ୍କ ଲାମ୍ଫେଲ ସାନକେଇଥେଲସ୍ଥିତ ବାସଭବନରେ ଧସେଇ ପଶିଥିଲେ। ମନ୍ତ୍ରୀ କ୍ୟାବିନେଟ ବୈଠକରେ ଏହି ପ୍ରସଙ୍ଗ ଉଠାଇବେ ଏବଂ ଲୋକଙ୍କ ଭାବାବେଗକୁ ସମ୍ମାନ ନ ମିଳିଲେ ଇସ୍ତଫା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ବ୍ୟତୀତ ବିକ୍ଷୋଭକାରୀ ଖାଉଟି ବ୍ୟାପାର ମନ୍ତ୍ରୀ ଏଲ୍ ସୁସିନ୍ଦ୍ରୋ ସିଂଙ୍କ ଘରେ ପଶିଥିଲେ। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଜ୍ୱାଇଁ ତଥା ଭାଜପା ବିଧାୟକ ଆର୍.କେ. ଇମୋଙ୍କ ବାସଭବନ ବାହାରେ ବିକ୍ଷୋଭକାରୀ ରୁଣ୍ଡହୋଇ ପଣବନ୍ଦୀ ହତ୍ୟା ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଲୋଗାନ ଦେଇଥିଲେ। ଅପରାଧୀମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯିବାକୁ ସେମାନେ ପ୍ରଶାସନକୁ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ ବିକ୍ଷୋଭକାରୀ କେଇଶାମଥୋଙ୍ଗର ସ୍ୱାଧୀନ ବିଧାୟକ ନିଶିକାନ୍ତ ସିଂଙ୍କ ବାସଭବନରେ ପ୍ରବେଶ କରିବା ସହ ତାଙ୍କ ମାଲିକାନାରେ ଥିବା ଏକ ଖବରକାଗଜ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଛନ୍ତି। ଆସାମ ସୀମାବର୍ତ୍ତୀ ଜିରିବାମ୍ ଜିଲାରୁ କୁକି ଉଗ୍ରପନ୍ଥୀମାନେ ୩ ମହିଳା ଓ ୩ ପିଲାଙ୍କୁ ଅପହରଣ କରିନେବାର ୫ ଦିନ ପରେ ଶୁକ୍ରବାର ରାତିରେ ପୋଲିସ ସେମାନଙ୍କ ମୃତଦେହ ଠାବ କରିଥିଲା। ସୂଚନାଯୋଗ୍ୟ, ଗତବର୍ଷ ମେ’ରୁ ମଣିପୁରରେ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି। ବହୁ ଲୋକ ଘରଦ୍ୱାର ହରାଇ ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି।

### ପ୍ରଥମ ଶିକାର କଲା ...

ଯୋଗେ ଦୀର୍ଘ ୯ଶହ କି.ମି. ଅତିକ୍ରମ କରି ଆଣିଥିଲେ। ପରେ ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର କବାଟଘାଇ ରେଞ୍ଜ ଅଞ୍ଚଳର ଏକ ଅସ୍ଥାୟୀ ଏନକ୍ଲୋଜରରେ ରଖାଯାଇ ନିରୀକ୍ଷଣ କରାଯାଉଛି। ବାଘୁଣୀ ଦେହରେ ରେଡିଓ କଲର ଲଗାଯାଇ ତାର ଗତିବିଧି ଉପରେ ନଜର ରଖାଯାଇଛି। ଯମୁନାକୁ ୯ ତାରିଖରେ ଏନକ୍ଲୋଜରରୁ ମୁକୁଳାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର ଅଞ୍ଚଳରେ ଛଡ଼ାଯାଇଥିଲା। ଏହାପୂର୍ବରୁ ୭ତାରିଖ ଏସିଏଫ୍ ପ୍ରଦୀପ ଦେଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ଅନ୍ୟ ଏକ ବାଘୁଣୀକୁ ଆଣିବା ପାଇଁ ମହାରାଷ୍ଟ୍ର ରାଜ୍ୟ ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ପୂର୍ବରୁ ଚିହ୍ନଟ କରାଯାଇଥିବା ବାଘୁଣୀ ଟି-୧୬୩ ଏସ୍ ୧ଏଫ୍ ଜିନତ୍‌କୁ ଟ୍ରାଙ୍କୁଲାଇଜ କରି ୧୩ତାରିଖ ସ୍ୱତନ୍ତ୍ର ଗାଡି ଯୋଗେ ସ୍ଥାନାନ୍ତର କରିଥିଲେ। ୧୪ତାରିଖ ସନ୍ଧ୍ୟାରେ ଶିମିଳିପାଳ ଅଭୟାରଣ୍ୟରେ ପହଞ୍ଚି ୧୫ ତାରିଖ ସକାଳେ ଏନକ୍ଲୋଜରରେ ଜିନତ୍‌କୁ ଛଡାଯାଇଥିଲା।

### ଗୁଳି ବିନିମୟ: ୫ ମାଓବାଦୀ ...

ଜାଣି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ଯବାନ ଓ ପୋଲିସ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ଚାଳନା ପରେ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନ ଓ ପୋଲିସ ତଲାସି ସମୟରେ ଘଟଣାସ୍ଥଳରୁ ୫ ମାଓବାଦୀଙ୍କ ମୃତଦେହ ସହ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଥିବା ଜଣାପଡ଼ିଛି। ଏଥିସହ ୨ ଯବାନ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କୁ ରାୟପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଛି। ଯବାନମାନେ ଫେରିବା ପରେ ମୃତ ମାଓବାଦୀଙ୍କ ପରିଚୟ ଦିଆଯିବ ବୋଲି ଛତିଶଗଡ଼ ବସ୍ତର ଆଇଜି ପି. ସୁନ୍ଦରାଜ ସୂଚନା ଦେଇଛନ୍ତି।

### ମହାପ୍ରଭୁଙ୍କ ଜମି ...

କୌଣସି ଜାଲିଆତି କିମ୍ବା ବେଆଇନ ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପୁରୀ ମାର୍ଫତ ପରିଚାଳନା କମିଟିଙ୍କ ସମସ୍ତ ଜମି ପଟ୍ଟାଗୁଡ଼ିକର ଏବେ କମ୍ପ୍ୟୁଟରୀକରଣ ପ୍ରକ୍ରିୟା ଚାଲୁ ରହିଛି। ବିକ୍ରିବଟା କିମ୍ବା ଲିଜ୍ ଇତ୍ୟାଦିକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ କରିବା ଆମର ଲକ୍ଷ୍ୟ ବୋଲି ପାଢ଼ୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏପରି ଘଟଣାକୁ ଅନେକ ସେବାୟତ ନିନ୍ଦା କରିଛନ୍ତି। ପ୍ରଶାସନ ତୁରନ୍ତ ଜମି ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି କହିଛନ୍ତି। ଏନେଇ ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ଏପରି ଘଟଣା ନିନ୍ଦନୀୟ ଅଟେ। ମହାପ୍ରଭୁଙ୍କ ଜମିକୁ ସୁରକ୍ଷିତ ରଖିବା ପ୍ରଶାସନର ଦାୟିତ୍ୱ। କେଉଁଠି ନା କେଉଁଠି ତ୍ରୁଟି ରହୁଛି। ନୂତନ ସରକାରରେ ମହାପ୍ରଭୁଙ୍କ ଜମି ଏବଂ ଖଣି କିପରି ସୁରକ୍ଷିତ ରହିପାରିବ ସେନେଇ ସ୍ୱତନ୍ତ୍ର ଭାବରେ ପଦକ୍ଷେପ ଗ୍ରହଣ ସହ ବ୍ୟବସ୍ଥା କରିବା ଉଚିତ୍। ଅନେକ ଦିନ ହେବ ଜମି ସମସ୍ୟା ଲାଗି ରହିଛି। ମାତ୍ର ତାହାର ସମାଧାନ କରାଯାଉନାହିଁ। ଫଳରେ ଏହାର ଫାଇଦା ନେଇ କେତେକ ଜମି ଦଲାଲ ଏପରି ବେଆଇନ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପ୍ରଧାନ କହିଛନ୍ତି।

### ଖତଗଦାରୁ ବାହାରିଲା ...

ତାଙ୍କ ଶାଳକ ରବୀନ୍ଦ୍ରଙ୍କୁ ଦେଇଥିଲେ। ଉକ୍ତ ରାତିରେ ରବୀନ୍ଦ୍ର ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ଟ୍ରେନ ଯୋଗେ ଆସି ୧୧ତାରିଖରେ ଜଳେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ସେଠାକୁ ସେ ନିଜ ମା’ ଓ ବାପାଙ୍କୁ ଡାକି ଟଙ୍କା ଭର୍ତ୍ତି ବ୍ୟାଗ ଦେଇ ଫେରିଯାଇଥିଲେ। ଆଗ୍ରୋ କମ୍ପାନୀ ମାଲିକ ହାଇଦ୍ରାବାଦ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସେଠାରେ ଏକ ମାମଲା(ନଂ.୩୬୩/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ତଲାସୀ ଜାରି ରଖିଥିଲା। ସିସିଟିଭି ଫୁଟେଜ ଓ କଲ୍ ଡିଟେଲ୍ସକୁ ଆଧାର କରି ପୋଲିସ ଗୋପାଳଙ୍କ ଶାଳକ ରବୀନ୍ଦ୍ରଙ୍କ ପାଖରେ ପହଞ୍ଚିଥିଲା। ଶନିବାର ବଡ଼ମନ୍ଦାରୁଣୀ ଗ୍ରାମରେ ହାଇଦ୍ରାବାଦ ପୋଲିସ ଓ କମର୍ଦ୍ଦା ପୋଲିସ ମିଳିତ ଭାବେ ଫୋନ ଟ୍ରାକିଂ କରି ଅଭିଯୁକ୍ତଙ୍କ ଘରେ ଚଢାଉ କରିଥିଲେ। ରବୀନ୍ଦ୍ରଙ୍କ ପରିବାର ସବୁ ସତ ମାନିବା ପରେ ଟଙ୍କା ଖତଗଦାରେ ଲୁଚାଇ ରଖିଥିବା କହିଥିଲେ। ପୋଲିସ ଖତଗଦା ଓ ଘରେ ଖୋଜାଖୋଜି କରି ସମୁଦାୟ ୧୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ଅଭିଯୁକ୍ତ ଗୋପାଳ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ପୁଞ୍ଜିନିବେଶକାରୀଙ୍କ ପ୍ରଥମ ...

ପୁଞ୍ଜିପତିଙ୍କୁ ଆମ ରାଜ୍ୟର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ବଳ ଓ ଉନ୍ନତ ଶିଳ୍ପ ନୀତି ସମ୍ପର୍କରେ ଅବଗତ କରାଯିବ। ନିବେଶ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଓଡ଼ିଶାରେ ନିବେଶକରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ନିବେଶକଙ୍କୁ ନିମନ୍ତ୍ରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ୟବସାୟ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଭାରତ ବିକାଶର କାହାଣୀରେ ଓଡ଼ିଶା ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇ ଉଭା ହେବା ଲାଗି ପ୍ରସ୍ତୁତ ଅଛି। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ପକ୍ଷରୁ ଆମର ଟିମ୍ ବିଦେଶ ଯାତ୍ରା କରୁଛି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ସିଙ୍ଗାପୁରରେ ଟୁଆସ୍ ପୋର୍ଟ, ଜୁରାଙ୍ଗ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ଏବଂ ଆଇଟିଇଏସ୍ ସିଙ୍ଗାପୁର ଭଳି କେତେକ ବିଶ୍ୱ ସ୍ତରୀୟ କମ୍ପାନୀ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କର ଉନ୍ନତ ବ୍ୟବସ୍ଥାକୁ ବୁଝିବା ସହିତ ଓଡ଼ିଶାରେ ସେହିଭଳି କିମ୍ବା ତା’ ଠାରୁ ଅଧିକ ଉନ୍ନତ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପ୍ରୟାସ କରାଯିବ। ସିଙ୍ଗାପୁର ଏବଂ ପଡ଼ୋଶୀ ଏସିଆନ ଦେଶଗୁଡ଼ିକରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ସାକ୍ଷାତ ଆଲୋଚନା କରାଯିବ। ସେମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡର ହୋଇ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ଓ ସିଙ୍ଗାପୁରର ସମ୍ପର୍କକୁ ମଜଭୁତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେମାନଙ୍କ ସହିତ ଆଲୋଚନା କରି ଏ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ସେମାନଙ୍କ ମତାମତ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯାତ୍ରା ଯୋଗୁ ଓଡ଼ିଶାରେ ଟେକ୍ସଟାଇଲ୍ସ, କେମିକାଲ୍ସ, ଗ୍ରୀନ ଏନର୍ଜି, ଲଜିଷ୍ଟିକ୍ସ, ସିପ୍ ବିଲ୍ଡିଂ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ରାଜ୍ୟରେ ଯୁବତୀଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓଡ଼ିଶାର ସବୁଜ ସ୍ୱର



ଅନୀଷ ଅଗ୍ରୱାଲ, ବ୍ୟବସାୟୀ



ଅଙ୍କିତ କୁମାର, ଅଭିନେତା



ରାଜୁ ଦାଶ, ହାସ୍ୟାଭିନେତା



ପଦ୍ମିନୀ ପାଣିଗ୍ରାହୀ, ଯୁଥ୍ ମୋଟିଭେଟର

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



କେନ୍ଦୁଝର ଡିଗ୍ରୀ କଲେଜ, କେନ୍ଦୁଝର



ବେତନଟୀ କଲେଜ, ବେତନଟୀ



ବ୍ରହ୍ମପୁର ଆଇଟିଆଇ, ବ୍ରହ୍ମପୁର



ହାପିନେସ୍ ଫାଉଣ୍ଡେଶନ, ପୁରୀ

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...


DSPL-203


ଶ୍ରୀ ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା



୩୨, ୩୩ ଏବଂ ୩୪ତମ

ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ଉତ୍ସବ

ଶୁଭ ଉଦ୍‌ଘାଟନ

ମାନ୍ୟବର ରାଜ୍ୟପାଳ
ଶ୍ରୀ ରଘୁବର ଦାସଙ୍କ ଦ୍ୱାରା

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ସୂର୍ଯ୍ୟବଂଶୀ ସୁରଜ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ, ଓଡ଼ିଶା

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର

୧୭ ନଭେମ୍ବର ୨୦୨୪, ଅପରାହ୍ନ ୩ ଘଟିକା
ମେ ଫେୟାର କନଭେନସନ୍, ଭୁବନେଶ୍ୱର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

OIPR-14110/13/0001/2425

ଯନ୍ତ୍ରଣା ହେଉଛି ଜଗନ୍ନାଥଙ୍କର ଶର୍। ଏହି ଶର୍ ଆମକୁ ଶିକ୍ଷାଦିଏ –କିପରି ଆମେ ଅନ୍ତର୍ଲୀନ ଭିତରେ ବଢ଼ିପାରିବା ଓ ତାକୁ ସହ୍ୟ କରି ପାରିବା। ସେ ଆମକୁ ତିନୋଟି ସ୍ତରରେ ଶିକ୍ଷା ଦିଅନ୍ତି– ପ୍ରଥମଟି ତିତିକ୍ଷା ବା ସହିଷ୍ଣୁତା –ଦ୍ୱିତୀୟଟି ସାମ୍ୟଭାବ ଓ ଶେଷଟି ହେଲା– ଦିବ୍ୟ ଉଲ୍ଲାସ ବା ଉଲ୍ଲାଦ। –ଶ୍ରୀଅରବିନ୍ଦ



# କେବଳ ଛଳନା



**ଆକାର ପଟେଲ**

ଯଦି ତୁମ ସହିତ ମୋର କିଛି ବିବାଦ ଅଛି, ତେବେ ମୁଁ ଏହାକୁ ତିନୋଟି ଉପାୟ ମଧ୍ୟରୁ ଯେକୌଣସି ଗୋଟିଏରେ ସମାଧାନ କରିପାରିବି। ପ୍ରଥମଟି ହେଉଛି ଆଲୋଚନା(ବୁଝାମଣା) ଦ୍ୱାରା। ଯଦି ଉଭୟ ପକ୍ଷର ବିଚାର ସ୍ପଷ୍ଟ ଏବଂ ଉଭୟେ ସେମାନଙ୍କ ସ୍ୱାର୍ଥ ଉପରେ ସଚେତନ, ତେବେ ଏକ ଆପୋସ ବୁଝାମଣା ସମ୍ଭବ ହୋଇପାରିବ। ଦ୍ୱିତୀୟ ଉପାୟ ହେଉଛି ଆମ ମଧ୍ୟରେ ଜଣେ ତୃତୀୟ ପକ୍ଷ ମଧ୍ୟସ୍ଥଙ୍କୁ ଯଦି ଉଭୟେ ବିଶ୍ୱାସ କରନ୍ତି ତେବେ ସମାଧାନ ହୋଇଯିବ। ତୃତୀୟ ଉପାୟଟି ହେଉଛି ବଳ(ଯୁଦ୍ଧ), ଯେଉଁଥିରେ ଆମ ମଧ୍ୟରୁ ଜଣେ ଅନ୍ୟକୁ ଜୋର୍‌ଜବରଦସ୍ତ ସମାଧାନ ଗ୍ରହଣ କରିବାକୁ ବାଧ୍ୟକରେ। ଏହି ତିନୋଟିକୁ ଛାଡ଼ିଦେଲେ ଚତୁର୍ଥ ଉପାୟ ନାହିଁ।

ଆସନ୍ତା ବର୍ଷ ହେବାକୁଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟରେ ଖେଳିବା ପାଇଁ ପାକିସ୍ତାନ ଗସ୍ତରେ ଭାରତ ଯିବାକୁ ଚାହୁଁନାହିଁ। ଏକ ରିପୋର୍ଟରେ ପ୍ରକାଶ ପାଇଛି, ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସିରୁ ଏକ ଇ–ମେଲ୍ ପାଇଛି, ଯେଉଁଥିରେ ବିସିସିଆଇ ଦର୍ଶାଇଛି ଯେ ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳ ପାକିସ୍ତାନ ଯିବନାହିଁ। ଅନେକ ବର୍ଷ ଧରି ଆମର ଏଭଳି ମନୋଭାବ ରହିଆସିଛି। ସବୁବେଳେ ନ ହେଲେ ବି ବେଳେବେଳେ ଏହାର କାରଣ ଭାବେ ଦର୍ଶାଯାଉଛି, ସୀମାପାର ଆତଙ୍କ ବନ୍ଦ ନ ହେବା ପର୍ଯ୍ୟନ୍ତ ଆମେ କୂଟନୈତିକ ଦୃଷ୍ଟିରୁ ପାକିସ୍ତାନ ସହ 'କଥାବାର୍ତ୍ତା' କରିବୁ ନାହିଁ କି ସାଂସ୍କୃତିକ ଭାବରେ ଜଡ଼ିତ ହେବୁନାହିଁ।

ପ୍ରକୃତରେ କ୍ରିକେଟ୍ ପ୍ରତି ମୋର ଆଗ୍ରହ ନାହିଁ। ମୁଁ ଜାଣିନି ଆମ ଅଧିନାୟକ କିଏ ଏବଂ ଦଳର ଅଧା ଖେଳାଳିଙ୍କୁ ବି ଚିହ୍ନିପାରିବି ନାହିଁ। ଆମ ଦଳର ଖେଳ ବିଷୟରେ ମୁଁ ବିଶେଷ ଧ୍ୟାନ ଦିଏନାହିଁ। ତେବେ ଆମେ ଶତ୍ରୁ ସହିତ ଆଲୋଚନା କରିବୁନାହିଁ ବୋଲି ସରକାର ଯାହା କହୁଛନ୍ତି, ତାହା ଉପରେ ଯୁକ୍ତିଯୁକ୍ତ ଅନୁଧ୍ୟାନ କରିବାକୁ ମୁଁ ଏହା ଲେଖୁଛି। ଯେହେତୁ ମୋର ଜଣେ ଟୁଇଟର ବନ୍ଧୁ ଡ. ଅଜୟ କାମାଥ ସୂଚିତ କରିଛନ୍ତି ଯେ, ଚଳିତବର୍ଷ ଆରମ୍ଭରେ ଡେଭିସ୍ କପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳିବା ପାଇଁ ଇସ୍‌ଲାମାବାଦ ଯାଇଥିବା ଭାରତର ଟେନିସ୍ ଖେଳାଳିଙ୍କ ପାଇଁ ଏହି ସ୍ଥିତି ପ୍ରଯୁଜ୍ୟ ନ ଥିଲା। ଗତମାସରେ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ)ରେ ଭାଗନେବାକୁ ଇସ୍‌ଲାମାବାଦ ଯାଇଥିବା ଆମ ବୈଦେଶିକ ମନ୍ତ୍ରୀଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ନ ଥିଲା। ଆମ ବହିର୍ବ୍ୟାପାର ମନ୍ତ୍ରଣାଳୟର ୱେବ୍‌ସାଇଟ ଅନୁଯାୟୀ, ଜୟଶଙ୍କର ଉଦ୍‌ଘାଟନୀ ଅଭିଭାଷଣରେ ଏସ୍‌ସିଓ କାଉନ୍‌ସିଲ ଅଫ୍ ହେଡ୍‌ସ ଅଫ୍ ଗଭର୍ନମେଣ୍ଟର ଅଧ୍ୟକ୍ଷତା ପାଇଁ ପାକିସ୍ତାନକୁ ଅଭିନନ୍ଦନ ଜଣାଇବା ସହ ଏହାର ସଫଳତା ଲାଗି ଭାରତର ସହଯୋଗ ରହିଛି ବୋଲି କହିଥିଲେ। ଡେଭିସ୍ କପ୍ ଏବଂ ଏସ୍‌ସିଓ କାର୍ଯ୍ୟକ୍ରମରେ ଦୁଇରୁ ଅଧିକ ଦେଶ ଜଡ଼ିତ। ଆଇସିସି ଚାମ୍ପିୟନ୍ସ ଟ୍ରଫି ଠିକ୍ ସେହିଭଳି। ଯେତେବେଳେ ଆମେ ଟେନିସ୍ ଖେଳିବାକୁ ଇଚ୍ଛୁକ, ସେତେବେଳେ କାହିଁକି କ୍ରିକେଟ୍ ଖେଳିବାକୁ ଯିବୁନାହିଁ ? ଯଦି ଆମେ ଏସ୍‌ସିଓ କ୍ଷେତ୍ରରେ ପାକିସ୍ତାନକୁ ସମର୍ଥନ ଦେଉଛୁ ଓ ଗମ୍ଭୀରତା ପ୍ରକାଶ କରୁଛୁ, ତେବେ କାହିଁକି ଅନ୍ୟକ୍ଷେତ୍ରରେ ଏପରି କରୁନାହୁଁ? ଏହାର ଉତ୍ତର ମିଳିବ ନାହିଁ। ପ୍ରକୃତ କଥା ହେଉଛି, ଭାରତ ସରକାର କ୍ରିକେଟ୍‌କୁ ଅଧିକ ଆଗକୁ ନେଇଛନ୍ତି, ଗୁରୁତ୍ୱ ମଧ୍ୟ ଦେଉଛନ୍ତି। କିନ୍ତୁ କ୍ରିକେଟ୍ ଜାତୀୟ ସମ୍ମାନର ସ୍ପନ୍ଦନ ନୁହେଁ। ତୁମେ ଖେଳ କିମ୍ବା ନ ଖେଳ, ଜିତ କିମ୍ବା ହାର ; ଏହା ବାହ୍ୟଜଗତକୁ ପ୍ରଭାବିତ କରେନାହିଁ। ଶତ୍ରୁ ସହ କ୍ରିକେଟ୍ ନ ଖେଳିଲେ ଆମ ସମସ୍ୟାର ସମାଧାନ ହେବନାହିଁ, ଏହା ନିଶ୍ଚିତ। ଯଦି ହେବ, କେବଳ ଉପରବର୍ଣ୍ଣିତ ତିନୋଟି ଉପାୟ ମଧ୍ୟରୁ ଗୋଟିଏ ଦ୍ୱାରା ସମସ୍ୟା ସମାଧାନ ହୋଇପାରିବ। ଏହା ପାଇଁ ଆଉ କୌଣସି ଚତୁର୍ଥ ଉପାୟ ନାହିଁ। ସ୍କୁଲରେ ପିଲାମାନେ ସେମାନଙ୍କ ସହିତ ଭଲ ପଡୁ ନ ଥିବା ପିଲାଙ୍କ ସହ ଯେଭଳି 'କଟି' କରୁଛନ୍ତି ସେଭଳି ଶତ୍ରୁ ସହ କରିବା ଏକ ପ୍ରଭାବଶାଳୀ ପ୍ରତିକ୍ରିୟା କିମ୍ବା ପରିପକ୍ୱ ନିଷ୍ପତ୍ତି ନୁହେଁ। ଚାମ୍ପିୟନ୍ସ ଟ୍ରଫିରେ ଭାଗ ନ ନେଲେ ପାକିସ୍ତାନ ସହିତ ଥିବା ସମସ୍ୟାର ସମାଧାନ ହୋଇଯିବ ନାହିଁ। ପାକିସ୍ତାନ ସହ ଭାରତର ସମ୍ପର୍କ ଏମିତି ଏକ ଅଡୁଆ ସ୍ଥିତିରେ ପହଞ୍ଚିଛି, ଯେଉଁଠାରେ ଆମେ ପ୍ରଥମ ଦୁଇଟି ବିକଳ୍ପ ଯଥା ଆଲୋଚନା ଏବଂ ମଧ୍ୟସ୍ଥତାକୁ ଚାହୁଁନାହୁଁ। ଉଭୟ ଦେଶ ପରମାଣୁ ଅସ୍ତ୍ରର ଅଧିକାରୀ ହୋଇସାରିଥିବାରୁ ତୃତୀୟ ବିକଳ୍ପ ବ୍ୟବହାର କରିପାରିବୁନାହିଁ। ତେବେ ଇତିମଧ୍ୟରେ ସମସ୍ୟାର ସ୍ୱରୂପ କିଭଳି ବଦଳିଛି ତାହା ତଥ୍ୟରୁ ଜାଣିପାରିବା। କଶ୍ମୀର ଇତିହାସର ସବୁଠାରୁ ହିଂସାତ୍ମକ ବର୍ଷ ୨୦୦୧ରେ ୬୦୦ରୁ ଅଧିକ ଯବାନ ଏବଂ ୨୦୦୦ରୁ ଊର୍ଦ୍ଧ୍ୱ ସନ୍ତ୍ରାସବାଦୀଙ୍କ ସମେତ ୪୦୦୦ରୁ ଅଧିକଙ୍କ ମୃତ୍ୟୁ ଘଟିଥିଲା। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକରେ ହିଂସା ହ୍ରାସପାଇ ୨୦୦୨ରେ ୩୦୦୦, ୨୦୦୩ରେ ୨୦୦୦, ୨୦୦୭ରେ ୧୦୦୦ରୁ କମ୍ ରହିଥିଲା। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବାର ପୂର୍ବ ଚାରିବର୍ଷ ମଧ୍ୟରେ ପ୍ରତ୍ୟେକ ବର୍ଷ ମୃତ୍ୟୁସଂଖ୍ୟା ୨୦୦ରୁ କମ୍ ଥିଲା। ୨୦୧୯ର ବିଭିନ୍ନ ଘଟଣା ଏବଂ ଅନୁଚ୍ଛେଦ ୩୭୦ ହଟାଇ ଦିଆଯିବା ପରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଦୁଇ ଦଶନ୍ଧି ପୂର୍ବର ସ୍ତରକୁ ଆସିନାହିଁ। ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି)ରେ ତାରବାଡ଼ ଦିଆଯାଇଛି ଏବଂ ସୁରକ୍ଷା ଅଧିକାରୀଙ୍କ କହିବାନୁସାରେ ସ୍ଥାନୀୟ ଲୋକେ ପାକିସ୍ତାନ ଯାଇ ପ୍ରଶିକ୍ଷଣ ନେବା କଷ୍ଟକର। ଦେଖିବାକୁ ଗଲେ ଯେଉଁମାନେ ଲଢୁଛନ୍ତି ଏବଂ ମରୁଛନ୍ତି ସେମାନେ ସ୍ଥାନୀୟ ଲୋକ।

କଶ୍ମୀରକୁ ବାଦ୍ ଦେଲେ ଏହା ବାହାରେ ପାକିସ୍ତାନ ପ୍ରୋତ୍ସାହିତ ହିଂସା ନାହିଁ। ସମ୍ଭବତଃ ସେଠାରେ କିଛି ସମସ୍ୟା ଅଛି। ଆମ ସରକାର ମଧ୍ୟ କହୁଛନ୍ତି, ନିଶ୍ଚିତ ଭାବେ ସମସ୍ୟା ଅଛି। ଯଦି ଅଛି, ତେବେ ଏହାର ସମାଧାନ ପାଇଁ ଆମ ନିକଟରେ ଉପଲବ୍ଧ ତିନୋଟି ଉପାୟ ମଧ୍ୟରୁ ଗୋଟିଏ ପ୍ରୟୋଗ କରାଯିବା ଆବଶ୍ୟକ। ସମସ୍ୟା ଯଦି ଗମ୍ଭୀର ବୋଲି ସରକାର ସଙ୍କେତ ଦେଉଛନ୍ତି, ତେବେ ଏହା କରିବା ଜରୁରୀ। କିନ୍ତୁ ଚାମ୍ପିୟନ୍ସ ଟ୍ରଫି ଘଟଣାରୁ ଜଣାପଡୁଛି ଯେ, ସରକାର କେବଳ ଛଳନା କରୁଛନ୍ତି, ସମାଧାନ ପ୍ରତି ଗମ୍ଭୀରତା ପ୍ରକାଶ କରୁନାହାନ୍ତି।

Email:aakar.patel@gmail.com

# ମୋର ଭୁଲ୍ କେଉଁଠି



**ଅକ୍ଷୟ କୁମାର ମିଶ୍ର**

ମୁଁ ଅଚିହ୍ନା ଥିବା ଯାଏ ମୋ ମାଆଙ୍କୁ ସଭିଏଁ ଭଲ ପାଉଥିଲେ, ଆଦର ଯତ୍ନ କରୁଥିଲେ। ସୁନ୍ଦର ସୁନ୍ଦର ପରାମର୍ଶ ଦେଉଥିଲେ ଯଥା– ଠିକ୍ ସମୟରେ ଖାଅ, ସୁଷମ ଖାଦ୍ୟ ଖାଅ, ବିଶ୍ରାମ ନିଅ, ଭାରି କାମ କରନାହିଁ, ସର୍ବଦା ହସଖୁସିରେ ରୁହ, ଡାକ୍ତରଙ୍କ କଥା ମାନ ଇତ୍ୟାଦି। ତା'ର ପ୍ରଭାବ ମୋ ଉପରେ ପଡୁଥିଲା। ମୁଁ ମଧ୍ୟ ବେଶ୍ ଖୁସିରେ ରହୁଥିଲି। ଦିନେ ଗୋପନରେ ଏବଂ ଅତି ସନ୍ତର୍ପଣରେ ମୋର ପରିଚୟ ଖୋଜିବା କାମ ଆରମ୍ଭ ହୋଇଗଲା। ଆଇନକାନୁନ ନ ମାନି ଜଣେ ଅସାଧୁ ବ୍ୟକ୍ତି ଏଥିରେ ସହାୟତା ପ୍ରଦାନକଲେ। ମୋ ପରିଚୟ ପାଇଗଲା ପରେ ଯେଉଁମାନେ ମୋ ମାଆକୁ ଆଦର ଯତ୍ନ କରୁଥିଲେ ସେମାନେ ହତାଦର କରିବା ଆରମ୍ଭ କରିଦେଲେ। ସୁଷମ ଖାଦ୍ୟ ଦୂରେ ଥାଉ ଠିକ୍ ସମୟରେ ମଧ୍ୟ ଖାଇବାକୁ ଦେଲେ ନାହିଁ। ଦିନ ତମାମ ମାଆ ଟିକିଏ ବିଶ୍ରାମ ପାଇଲା ନାହିଁ। ତା'ର ପ୍ରଭାବ ମୋ ଉପରେ ପଡ଼ିଲା। ମୋର ପରିଚୟକୁ ଚିରଦିନ ପାଇଁ ନଷ୍ଟ କରିଦେବାକୁ ଷଡ଼ଯନ୍ତ୍ର ଚାଲିଲା। ହେଲେ ମୁଁ ବୁଝିପାରୁ ନ ଥିଲି ମୋର ଭୁଲ୍ ରହିଲା କେଉଁଠି ? ମୋର ସୃଷ୍ଟି ପାଇଁ କ'ଣ ମୁଁ ଦାୟୀ ?

ଏକ କଠିନ ଲଢ଼େଇ ଲଢ଼ି ମୋ ମାଆ ମୋତେ ଧରାପୃଷ୍ଠକୁ ଆଣିଲେ। କିନ୍ତୁ ମାଆ ବ୍ୟତୀତ କାହାରି ମୁହଁରେ ସେଦିନ ହସ ନ ଥିଲା। ମୁଁ ଅନୁଭବ କରୁଥିଲି ସତେ ଯେମିତି ମାଆ ମୋ କାନରେ କହୁଥିଲେ ନୂତନ ଅତିଥି ଭାବରେ କେହି ସ୍ୱାଗତକଲେ ନାହିଁ ବୋଲି ମନ ଊଣା କରନାହିଁ। ଖାଲି ଏତିକି ନୁହେଁ, ଆହୁରି ଅନେକ ପ୍ରତିବନ୍ଧକ, ଅନେକ ଅଣଦେଖା ଓ ଅବହେଳା ତୁମକୁ କରାଯିବ। ଏଥିରେ ଭାଙ୍ଗିପଡ଼ିଲେ ହାରିଯିବ। ସବୁକୁ ସହି ନିଜକୁ ସାମର୍ଥ୍ୟ କରି ଗଢ଼ିବାକୁ ହେବ। ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ହେବ।

ସତକୁ ସତ ଅଯତ୍ନ, ଅଣଦେଖା ଓ ଅବହେଳା ମୋର ଚିର ସାଥୀ ପାଲଟି ଗଲା। ଅଜସ୍ର ଅନ୍ୟାୟକୁ ଅତିକ୍ରମକରି ମୁଁ ସମୟର ପାବଚ୍ଛ ଆରୋହଣ କରିବାକୁ ଲାଗିଲି। ଛଅଟି ପାହାଚ ଚଢ଼ି ସାରିବା ପରେ ଅନିଚ୍ଛା ସତ୍ତ୍ୱେ ବାଧ୍ୟବାଧକତାରେ ହେଉ ଅଥବା ଲୋକଲଜ୍ଜାକୁ ଭୟକରି ହେଉ ମୋତେ ଗାଆଁ ବିଦ୍ୟାଳୟରେ ଭର୍ତ୍ତି କରାଗଲା। ଅଧିକାଂଶ ଦିନ ମୁଁ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲି। ମୋ ସାନଭାଇ ଆଉ ଏକ ବିଦ୍ୟାଳୟରେ ପଢୁଥିବା ଯୋଗୁ ଅନେକ ସମୟରେ ତାକୁ ଛାଡ଼ି ଆସିବାକୁ ମୋତେ କୁହାଯାଉଥିଲା। ଅମଙ୍ଗ ହେଲେ କୁହାଯାଉଥିଲା, "ତୋ ଭାଇ ଭଲ ପଢୁ ତୁ କ'ଣ ଚାହୁଁନା ?" କେହି ଭାବୁ ନ ଥିଲେ ବିଦ୍ୟାଳୟରେ ଅନୁପସ୍ଥିତ ରହିଲେ ମୋର ବି ପଢ଼ାରେ କ୍ଷତି ହେବ ବୋଲି। ପାଠପଢ଼ା କ୍ଷେତ୍ରରେ ମୋ ସାନଭାଇର ଯେତିକି ଯତ୍ନ ନିଆଯାଉଥିଲା ସେତିକି ଗୁରୁତ୍ୱ ମୋତେ ଦିଆଯାଉ ନ ଥିଲା। ମାଆ ପାଖରେ ନାଲିସ୍ କରିବା ବ୍ୟତୀତ ଆଉ କାହା ନିକଟରେ ଅଭିଯୋଗ କରିବାର ସାହସ ମୋ ପାଖରେ ନ ଥିଲା। କିନ୍ତୁ ମାଆ କହୁଥିଲେ, "ଏକା ସାଥିରେ ଦୁଇଟି ପିଲାର ପଢ଼ା ଖର୍ଚ୍ଚ ଯୋଗାଇବା ପାଇଁ ତୋ ବାପାଙ୍କୁ ଭାରି କଷ୍ଟ ହେଉଛି। ତୁ ତ ଆମ ସୁନା ଝିଅ। ପ୍ରଥମରୁ ବେଶ୍ କଷ୍ଟ ସହିଷ୍ଣୁ। ସମସ୍ତ ଅଭାବ ଅସୁବିଧାକୁ ଅତିକ୍ରମକରି ତୁ ନିଶ୍ଚୟ ବଡ଼ ହେବୁ ଏବଂ ସମସ୍ତଙ୍କର ପ୍ରିୟଭାଜନ ହେବୁ।" ମୁଁ ଜାଣୁଥିଲି ମାଆ ମୋତେ ଖୁସି କରିବା ପାଇଁ ଏସବୁ କଥା କହୁଥିଲେ। ଅସଲ କଥାଟି ହେଲା ମୁଁ ଝିଅ। ସେଇଥିପାଇଁ ଏତେ ପାତରଅନ୍ତର।



ମାଆ ଠିକ୍ କହୁଥିଲେ। ଘର ଲୋକଙ୍କର ମୋ ପ୍ରତି ଥିବା ମନୋଭାବ ବଦଳି ଗଲା ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ। ପଞ୍ଚାନବେ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଏ–୧ ଗ୍ରେଡ୍‌ରେ ଯେତେବେଳେ ମୁଁ ଉତ୍ତୀର୍ଣ୍ଣ ହେଲି ବାପା ଖୁସିରେ ମିଠାଇ ବାଣ୍ଟିଲେ। ହେଲେ କିଛି ସାହି ପଡ଼ିଶା ଲୋକ କହିଲେ, "ଯାହା ହେଲେ ବି ଝିଅ ପିଲାଟା। ପରଘରକୁ ଚାଲିଯିବ। ପୁଅଟା ହୋଇଥିଲେ ବାପା ମାଆଙ୍କ ଦୁଃଖ ନିଅନ୍ତା।" ବାପା ଶୁଣି ନିରୁତ୍ତର ରହିଥିଲେ। ମୋ ପାଇଁ ସବୁଠାରୁ ଖୁସିର କଥା ଥିଲା ଘରର ସବୁ ଲୋକ ମୋତେ ଭଲପାଇବାକୁ ଆରମ୍ଭ କରିଦେଇଥିଲେ। ଆଦର ଯତ୍ନ କରୁଥିଲେ। ଧରି ନେଇଥିଲି ମୋ ଜୀବନରେ ଦୁଃଖ ଅପସରି ଗଲା। ମାଆ ମୋର ସାହସ ଥିଲେ, ଏଣିକି ବାପା ମୋର ସାହା ପାଲଟିଗଲେ। ଆଉ ଭୟ କାହାକୁ? କିନ୍ତୁ ସମାଜର ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ। ମୋର ସଫଳତା ଅନେକଙ୍କୁ ଈର୍ଷାନ୍ୱିତ କରୁଥିଲା। ଅନେକେ ତାଚ୍ଛଲ୍ୟକରି କହୁଥିଲେ, "ଯେତେ ଭଲ ପଢ଼ିଲେ କ'ଣ ହେବ, ଅନ୍ୟର ସାହାଯ୍ୟ ବିନା ଏମାନେ କ'ଣ ଆଗକୁ ବଢ଼ି ପାରିବେ? ଏମାନେ ଚିରଦିନ ଦୁର୍ବଳ।" ତଥାପି ସବୁକିଛି ସହିଯାଉଥିଲି, କାରଣ ନିଜକୁ ସ୍ୱୟଂ ସମ୍ପୂର୍ଣ୍ଣ କରି ଗଢ଼ିବାକୁ ହେବ, ଏହାହିଁ ଥିଲା ଏକମାତ୍ର ଲକ୍ଷ୍ୟ। ତାହା ହିଁ କରି ଦେଖାଇଲି। ଜାତୀୟ ଚୟନ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟତା ହାସଲ କଲି।

ସମସ୍ତଙ୍କ ଧାରଣା ଥିଲା ଅନ୍ୟ ଝିଅମାନଙ୍କ ପରି ଶାଶୁଘରେ ମୋତେ ମାନସିକ ଯନ୍ତ୍ରଣା ଭୋଗିବାକୁ ପଡ଼ିବ ନାହିଁ। ମୁଁ ମଧ୍ୟ ନିଶ୍ଚିତ ଥିଲି ଲିଙ୍ଗଜନିତ ବୈଷମ୍ୟର ଶିକାର ହେବାକୁ ପଡ଼ିବ ନାହିଁ। କିନ୍ତୁ ଶାଶୁଘରର ଲୋକେ ମୋ ଉପରେ ମାନସିକ ଚାପ ପକାଉଥିଲେ। ଚାକିରି ଛାଡ଼ିଦିଅ ବୋଲି କହିବାକୁ କୁଣ୍ଠାବୋଧ କରୁ ନ ଥିଲେ।

ଜଣେ ନାରୀ ପ୍ରତି ସମାଜର ହୀନମନ୍ୟତାର ସମସ୍ତ ସୀମା ସରହଦ ଅତିକ୍ରମ କରିଗଲା ଯେଉଁଦିନ ମୋର ମାଆ ଚିରଦିନ ପାଇଁ ଆମକୁ ଛାଡ଼ି ହଠାତ୍ ଚାଲିଗଲେ। ହୃଦୟ ବିଦାରକ ଖବରଟି ପାଇବା ମାତ୍ରେ ସବୁ କାମକୁ ପଛକୁ ଠେଲିଦେଇ ମୁଁ ଛୁଟିଯାଇଥିଲି ମାଆର ସେହି ଶାନ୍ତ ସରଳ ମୁହଁଟିକୁ ଶେଷ ଦର୍ଶନ କରିବା ପାଇଁ। କିନ୍ତୁ ଯିଏ ସାରା ଜୀବନ ମୋ ଭାରକୁ ବହନକରି କେବେ ଥକି ପଡ଼ି ନ ଥିଲା, ଶେଷ ସମୟରେ ଥରେ ମାତ୍ର ତାକୁ କାନ୍ଧରେ ନେବାର ଅଧିକାର ମୋର ନ ଥିଲା। ବିଜ୍ଞାନକୁ ପଛକୁ ରଖି ବିଶ୍ୱାସକୁ ଆଧାରକରି ତା'ର ଅନ୍ତିମ ଯାତ୍ରା ପଥରେ ମୁଁ ଯେତେବେଳେ ଖଇକଉଡ଼ି ବିଞ୍ଚିବାକୁ ଚାହିଁଲି ସମସ୍ତେ ଅତ୍ୟନ୍ତ ନିର୍ଦ୍ଦୟ ହୋଇ କହିଲେ, "ନା, ଏହା ପରମ୍ପରା ବିରୋଧୀ। ଅନ୍ତିମ ସଂସ୍କାରରେ ଝିଅ କୌଣସି କର୍ମକାଣ୍ଡରେ ଅଂଶଗ୍ରହଣ କରିପାରିବ ନାହିଁ।" ଏହା ଶୁଣି ମୋର ସମସ୍ତ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା। ମୁଁ ଭୋ ଭୋ କରି କାନ୍ଦି ଉଠି କହିଲି, "ଏଥିରେ ମୋର ଦୋଷ କ'ଣ ?" ହେଲେ ମୋ ଅନ୍ତରର ବେଦନାକୁ ବୁଝିବା ପାଇଁ କେହି ନ ଥିଲେ।

ନାରୀ ସୁରକ୍ଷା, ମହିଳା ସଶକ୍ତୀକରଣ, ବେଟି ବଞ୍ଚାଅ ନାମରେ ଅସଂଖ୍ୟ କାର୍ଯ୍ୟକ୍ରମ, ଯୋଜନା ହାତକୁ ନିଆଯାଉଛି। କିନ୍ତୁ ଅଧିକାଂଶ ଝିଅ ପାତରଅନ୍ତରର ଶିକାର ହେଉଛନ୍ତି। ଘରେ, ଶାଶୁଘରେ, ଅଫିସ୍‌ରେ, କର୍ମକ୍ଷେତ୍ରରେ ସବୁଠି ଅକଥନୀୟ ଅତ୍ୟାଚାର ସାଙ୍ଗକୁ ଯୌନ ନିର୍ଯ୍ୟାତନାର ସମ୍ମୁଖୀନ ହେଉଛନ୍ତି। ଧର୍ମ, ପରମ୍ପରା, ସଂସ୍କାରର ଦ୍ୱାହିଦେଇ ସେମାନଙ୍କୁ ଅବହେଳିତ କରି ରଖିବା ସହ ସେମାନଙ୍କ ଯୋଗ୍ୟତାକୁ ନ୍ୟୂନ କରିବାର ସଂକୀର୍ଣ୍ଣତା ଆଜି ବି ସମାଜରେ ବଳବତ୍ତର ଅଛି।

ସଭାପତି, ଓସ୍ଟା
ମୋ: ୯୯୩୮୭୬୩୨୩୭

# ତାରାର ମୃତ୍ୟୁରେ ଆମର ଜୀବନ



**ସତ୍ୟବ୍ରତ ପାଣିଗ୍ରାହୀ**

ପ୍ରଖ୍ୟାତ କବି ୱାଲ୍ଟ ୱିଟ୍‌ମ୍ୟାନ ତାଙ୍କ କବିତା 'ଲିଭ୍ସ ଅଫ୍ ଗ୍ରାସ'ରେ କହିଥିଲେ, "ମୁଁ ବିଶ୍ୱାସକରେ ଯେ ଗୋଟିଏ ଘାସପତ୍ରରେ ମଧ୍ୟ ତାରାମାନଙ୍କର ଜୀବନଚକ୍ରର ପ୍ରଭାବ ରହିଛି।" ଏହା କହିବାର ତାତ୍ପର୍ଯ୍ୟ ହେଉଛି, ଆମ ସମସ୍ତଙ୍କ ଉତ୍ପତ୍ତି ତାରାମାନଙ୍କଠାରୁ। ପୃଥିବୀ ପୃଷ୍ଠରେ ଜୀବନର ଉତ୍ପତ୍ତି ଓ ବିବର୍ତ୍ତନ ପ୍ରକ୍ରିୟାରେ ରାତ୍ରିଆକାଶରେ ଦିକ୍ ଦିକ୍ ଜଳୁଥିବା ଏହି ନକ୍ଷତ୍ରଗୁଡ଼ିକର ବଡ଼ ଅବଦାନକୁ ଅଣଦେଖା କରିହେବ ନାହିଁ। ଏହି ପରିପ୍ରେକ୍ଷୀରେ ପ୍ରସିଦ୍ଧ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ କାର୍ଲ ସାଗନ ଏକଦା ବହୁଚର୍ଚ୍ଚିତ ଟେଲିଭିଜନ ସିରିଜ 'କସ୍‌ମସ୍'ରେ ଉଲ୍ଲେଖ କରିଥିଲେ, ଆମ ଭିତରେ ହିଁ ସାରା ବ୍ରହ୍ମାଣ୍ଡ ରହିଛି। ଆମେ ସବୁ ତାରାଙ୍କଠାରୁ ସୃଷ୍ଟି। ତେଣୁ ବ୍ରହ୍ମାଣ୍ଡକୁ ଜାଣିବା ପାଇଁ ହେଲେ ଆମେ ନିଜକୁ ଜାଣିବାକୁ ପଡ଼ିବ।

ପଦାର୍ଥ ବିଜ୍ଞାନ ଅନୁଯାୟୀ ଅନେକ ବିଲିଅନ ବର୍ଷ ପୂର୍ବେ ନକ୍ଷତ୍ର ଭିତରୁ ସୃଷ୍ଟି ହୋଇଥିବା ବିଭିନ୍ନ ମୌଳିକ ପଦାର୍ଥର ପରମାଣୁରୁ ହିଁ ପ୍ରତ୍ୟେକ ମଣିଷ ଶରୀରର ରକ୍ତ, ହାଡ଼, ମାଂସ ତିଆରି ହୋଇଛି। ଆମ ସୌରଜଗତରେ ପୃଥିବୀ ହେଉଛି ଏକମାତ୍ର ଗ୍ରହ, ଯେଉଁଠି ଜୀବନର ଉତ୍ପତ୍ତି ହୋଇପାରିଛି। ମଣିଷ ଓ ଅନ୍ୟାନ୍ୟ ଇତର ଜୀବମାନଙ୍କ ପାଇଁ ପୃଥିବୀ ହିଁ ଉପଯୁକ୍ତ ବାସସ୍ଥାନ। ମଣିଷ ଶରୀର ନାନା ପ୍ରକାର ଜୈବ ଏବଂ ଅଜୈବ ଉପାଦାନରେ ତିଆରି। ଆମ ଶରୀର ଯେଉଁସବୁ ମୌଳିକ ପଦାର୍ଥରେ ଗଢ଼ା, ସେସବୁ ଉପାଦାନ ଆସିଲା କେଉଁଠୁ ? ବର୍ତ୍ତମାନର ବିଜ୍ଞାନ କହେ, ଏଇ ବିଶାଳ ଜଗତରେ ଆମ ଚତୁଃପାର୍ଶ୍ୱରେ ଯାହା କିଛି ଦେଖୁ, ସେସବୁ ବିଗ୍ ବ୍ୟାଙ୍ଗ୍‌ରୁ ସୃଷ୍ଟି ହୋଇଛନ୍ତି। କିନ୍ତୁ ବିଗ୍ ବ୍ୟାଙ୍ଗ୍‌ରେ କେବଳ ହିଲିୟମ ଓ ହାଇଡ୍ରୋଜେନ ଭଳି ହାଲୁକା ମୌଳିକ ସୃଷ୍ଟି ହୋଇଥିଲା। ଏଥିରେ ଅନ୍ୟ କୌଣସି ମୌଳିକ ପଦାର୍ଥ ସୃଷ୍ଟି ହୋଇ ନ ଥିଲା। ବରଂ ପର୍ଯ୍ୟାୟ ସାରଣୀର ବାକି ସବୁ ମୌଳିକ ପଦାର୍ଥ ସୁପର ନୋଭା ବିସ୍ଫୋରଣରେ ସୃଷ୍ଟି ହୋଇଛନ୍ତି। ଏଠାରେ କହିରଖେ, ତାରାମାନଙ୍କର ମଧ୍ୟ ଜୀବନ–ମୃତ୍ୟୁ ଅଛି। ଯେତେବେଳେ ସୂର୍ଯ୍ୟଠାରୁ ଆକାରରେ ବହୁତ ବଡ଼ ହୋଇଥିବା ଗୋଟିଏ ତାରାର ମୃତ୍ୟୁ ହୁଏ, ସେତେବେଳେ ତାରାରେ ବିସ୍ଫୋରଣ ଘଟେ ଏବଂ ସେଥିରୁ ନିର୍ଗତ ହୁଏ ପ୍ରଚୁର ପରିମାଣର ଶକ୍ତି। ଏହାକୁ ସୁପରନୋଭା ବିସ୍ଫୋରଣ କୁହାଯାଏ। ବ୍ରହ୍ମାଣ୍ଡରେ ଘଟୁଥିବା ସବୁଠୁ ଶକ୍ତିଶାଳୀ ଘଟଣା ଭିତରୁ ସୁପର ନୋଭା ଅନ୍ୟତମ। ସୁପର ନୋଭା ବିସ୍ଫୋରଣରେ ନାନା ପ୍ରକାର ମୌଳିକ ପଦାର୍ଥ ଉତ୍ପତ୍ତି ହୁଏ ଏବଂ ମହାକାଶରେ ଚାରିଆଡ଼େ ବ୍ୟାପିଯାଏ।

ନକ୍ଷତ୍ରର ମୃତ୍ୟୁ ବେଳେ ଯେଉଁ ବିପୁଳ ଶକ୍ତି ଉତ୍ପନ୍ନ ହୁଏ, ସେଥିରୁ ନିର୍ଗତ ହୁଏ ଭାରି ମୌଳିକ ପଦାର୍ଥ ଏବଂ ଏହି ପ୍ରକ୍ରିୟାକୁ କୁହାଯାଏ ଷ୍ଟେଲାର



ନ୍ୟୁକ୍ଲିୟସିନ୍ଥେସିସ୍। ୪.୬ ବିଲିଅନ ବର୍ଷ ପୂର୍ବରୁ ଏକ ନକ୍ଷତ୍ରର ମୃତ୍ୟୁ ଯୋଗୁ ଘଟିଥିବା ସୁପର ନୋଭା ବିସ୍ଫୋରଣରେ ବିଭିନ୍ନ ପ୍ରକାର ମୌଳିକ ପଦାର୍ଥ ସୃଷ୍ଟି ହୋଇଥିଲା, ଯେଉଁଥିରୁ ଆମର ସୌରଜଗତ ଗଠନ ହୋଇଛି। ସୌରଜଗତର ମୋଟ ବସ୍ତୁତ୍ୱର ପ୍ରାୟ ୯୯ ଭାଗ କେବଳ ସୂର୍ଯ୍ୟଙ୍କର। ବଳକା ମୌଳିକ ପଦାର୍ଥ କ୍ରମଶଃ ଏକାଠି ହୋଇ ପୃଥିବୀ ଭଳି ଗ୍ରହଗୁଡ଼ିକର ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ପୃଥିବୀରେ ଜୀବନର ଉତ୍ପତ୍ତି ହେଲା। ଆମ ଶରୀରର ୮୪ ପ୍ରତିଶତ ଅଂଶରେ ଭରି ରହିଥିବା ଅଙ୍ଗାରକ ଓ ଅମ୍ଳଜାନ ଭଳି ମୌଳିକ ପଦାର୍ଥ ସୁପର ନୋଭା ବିସ୍ଫୋରଣରେ ତିଆରି ହୋଇଛନ୍ତି। କିନ୍ତୁ, ପ୍ରତ୍ୟେକ ଜିନିଷର କିଛି ମୂଲ୍ୟ ଥାଏ। ଏସବୁ ମୌଳିକ ପଦାର୍ଥ ସୃଷ୍ଟିକରିବା ପାଇଁ କିଛି ତ୍ୟାଗ ଜରୁରୀ। ଏ କ୍ଷେତ୍ରରେ ମୂଲ୍ୟ ହେଉଛି ତାରାର ମୃତ୍ୟୁ। ବିଗ୍ ବ୍ୟାଙ୍ଗ୍‌ରେ ଯେଉଁସବୁ ନକ୍ଷତ୍ର ପ୍ରଥମେ ସୃଷ୍ଟି ହୋଇଥିଲେ, ସେମାନଙ୍କର ମୃତ୍ୟୁ ଯୋଗୁ ହିଁ ଆମ ସୌର ଜଗତ ତିଆରି ହୋଇଛି। ଯଦି ନକ୍ଷତ୍ରର ମୃତ୍ୟୁ ହୋଇ ନ ଥାନ୍ତା, ତେବେ ଏସବୁ ମୌଳିକ ପଦାର୍ଥର ଉତ୍ପତ୍ତି ହୋଇ ନ ଥାନ୍ତା କିମ୍ବା ଆମର ଏଇ ପୃଥିବୀ ଗଠନ ହୋଇପାରି ନ ଥାନ୍ତା। ତାରାର ମୃତ୍ୟୁରେ ହିଁ ଆମ ଜୀବନର ଆରମ୍ଭ ହୋଇଛି।

ବୋଧହୁଏ, ଆମର ପୂର୍ବଜ ଏ କଥାକୁ ଉପଲବ୍ଧି କରିପାରିଥିଲେ ଏବଂ ସେମାନଙ୍କ ଜୀବନରେ ନକ୍ଷତ୍ରର ମହତ୍ତ୍ୱକୁ ବୁଝିପାରିଥିଲେ। ସେଥିପାଇଁ ତାରା ଓ ମଣିଷକୁ ନେଇ ଅନେକ କଥା, କିମ୍ବଦନ୍ତୀ ଲେଖା ହୋଇଛି। ଅନେକ ମିଥ୍ ଓ ମେଟାଫର୍ ତିଆରି ହୋଇଛି। ଭାରତରେ ଏହାକୁ ନେଇ ସୁନ୍ଦର କିମ୍ବଦନ୍ତୀ ରହିଛି। ଭାରତୀୟ ପୁରାଣ ସାହିତ୍ୟ କହେ, ମଣିଷର ଦୁଇଟି ବଂଶ ଅଛି – ସୂର୍ଯ୍ୟ ବଂଶ ଓ ଚନ୍ଦ୍ର ବଂଶ। ସୂର୍ଯ୍ୟ ଦେବତାଙ୍କ ନାତି ରାଜା ଇକ୍ଷ୍ୱାକୁ ହେଉଛନ୍ତି ସୂର୍ଯ୍ୟବଂଶର ପ୍ରତିଷ୍ଠାତା। ଭାରତରେ ପ୍ରଚଳିତ କିଛି ଗୋତ୍ର ବା ଆନୁବଂଶିକ କୁଳ ସପ୍ତର୍ଷି ମଣ୍ଡଳ ବା ବିଗ୍ ଡିପର ତାରା ମଣ୍ଡଳରେ ଦେଖାଯାଉଥିବା ନକ୍ଷତ୍ରମାନଙ୍କ ନାମରେ ନାମିତ ହୋଇଛି। ଯେମିତିକି ବଶିଷ୍ଠ, ମରିଚି, ଅତ୍ରି, ଅଙ୍ଗିରା, ପୁଲହ, ପୁଲସ୍ତ୍ୟ, କତ୍ରୁ ନକ୍ଷତ୍ର ନାମରେ ଗୋତ୍ର ପରିଲକ୍ଷିତ ହୁଏ। ତାରା ଓ ମଣିଷମାନଙ୍କୁ ନେଇ ଗଢ଼ାଯାଇଥିବା ଏସବୁ ମିଥ୍ ଓ ମେଟାଫର୍ ପଛରେ ଆମର ଉତ୍ପତ୍ତି ରହସ୍ୟ ରହିଛି। ପଦାର୍ଥ ବିଜ୍ଞାନୀ ତଥା ବିଜ୍ଞାନ ଲେଖକ ପ୍ରଫେସର ବ୍ରାଏନ ଏଡ୍‌ୱାର୍ଡ କୋକ୍ସଙ୍କ ଉକ୍ତି ଏଠାରେ ଉଲ୍ଲେଖଯୋଗ୍ୟ। ତାଙ୍କ ମତରେ, ଯେତେବେଳେ ଆମେ ମହାକାଶକୁ ଦେଖୁ, ସେହି ସମୟରେ ଆମେ ଆମର ଉତ୍ପତ୍ତିସ୍ଥଳକୁ ହିଁ ଦେଖୁଛୁ। କାରଣ ଆମେ ସମସ୍ତେ ନକ୍ଷତ୍ର ବା ତାରାମାନଙ୍କଠାରୁ ସୃଷ୍ଟି।

ଗୁଣପୁର, ରାୟଗଡ଼ା
ମୋ– ୬୩୭୧୬୮୪୬୯୯

## ଏଇ ଭାରତରେ

ଯୌତୁକ ପାଇଁ ଅନେକ ସମୟରେ ବେଦିରୁ ବର ଉଠି ପଳାଉଥିବା ଘଟଣା ପ୍ରାୟ ଅନେକ ଥର ଶୁଣିବାକୁ ମିଳେ। ହେଲେ ଏବେ ସମୟ ବଦଳିବାରେ ଲାଗିଛି। କନ୍ୟାଟିଏ ବି ବରକୁ ପ୍ରତ୍ୟାଖ୍ୟାନ କରି ବେଦିରୁ ଉଠି ପଳାଇବା ଘଟଣା ଦେଖିବାକୁ ମିଳିଲାଣି। ଏମିତି ଏକ ଭିନ୍ନ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଆଗ୍ରାରେ। ଏଠାରେ ବିବାହ ସମୟରେ ବରପକ୍ଷ ୩୦ ଲକ୍ଷ ଟଙ୍କାର ଯୌତୁକ ଦାବି କରିବାରୁ ବିବାହକୁ ପ୍ରତ୍ୟାଖ୍ୟାନ କରି କନ୍ୟା ବେଦିରୁ ଉଠି ଚାଲିଯାଇଛନ୍ତି। ସୂଚନା ଅନୁସାରେ ଜଣାପଡ଼ିଛି କି ବିବାହ କରିବାକୁ ଆସିଥିବା ରବି କୁମାର ବୃତ୍ତିରେ ଜଣେ ପୋଲିସ କନଷ୍ଟେବଲ୍। ବାହାଘର ଚାଲିଥିବା ସମୟରେ ରବିଙ୍କ ଘର ଲୋକେ କନ୍ୟାପକ୍ଷଙ୍କୁ ୩୦ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏମିତି କି ଏହି ଟଙ୍କା ବିବାହ ବେଦି ଉପରେ ତୁରନ୍ତ ଦେବା ପାଇଁ ଅଡ଼ିବସିଥିଲେ। କିନ୍ତୁ କନ୍ୟାପକ୍ଷର ଲୋକେ ଏତେଗୁଡ଼ିଏ ଟଙ୍କା ହଠାତ୍ ଦେବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ଏହି କଥାକୁ ନେଇ ପାଟିତୁଣ୍ଡ ଆରମ୍ଭ ହେବାମାତ୍ରେ କନ୍ୟା ଜଣକ ବେଦିରୁ ଉଠି ଚାଲିଯାଇଥିଲେ। ବାହାଘର ସେଇଠି ରହିଗଲା। ଏଭଳି ଜଣେ ଲୋଭୀ ଲୋକକୁ ଜୀବନ ସାଥୀ କରିବେ ନାହିଁ ବୋଲି ସମସ୍ତଙ୍କ ଆଗରେ ଦୃଢ଼ଭାବରେ କହିଥିଲେ କନ୍ୟା। ଏହାପରେ କନ୍ୟା ପକ୍ଷର ଏତଲାକ୍ରମେ ରବିଙ୍କୁ ଗିରଫ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ନଭେମ୍ବର ୧୯୭୫**

- ପ୍ରଧାନମନ୍ତ୍ରୀଙ୍କ ୨୦ ଦଫା ସମ୍ବଳିତ ଅର୍ଥନୈତିକ କାର୍ଯ୍ୟକ୍ରମରେ ଦେଶର ଗାଁ ଗହଳିର ୫୦ ଲକ୍ଷ ଗରିବ ଲୋକଙ୍କୁ ବିଶେଷକରି ଭୂମିହୀନଙ୍କୁ ଘରଡିହ ଯୋଗାଇ ଦିଆଯାଇଛି।
- ରପ୍ତାନୀ ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୪ଟି ଶିଳ୍ପ ସଂସ୍ଥାକୁ ଜାତୀୟ ପୁରସ୍କାର ପ୍ରଦାନ।

## ସୁଡୋକୁ

su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | | | 6 | | 5 | | |
| | | 5 | | | | | 9 | |
| | 2 | | 3 | | | 6 | | |
| | | 2 | | | 6 | | | |
| 6 | | | | 1 | 5 | | 8 | 4 |
| | 3 | | | | | | | |
| 4 | | 1 | | 8 | | | | |
| | | | | | | | 7 | 1 |
| | | | | | 7 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 3 | 6 | 7 | 2 | 1 | 4 | 5 |
| 2 | 6 | 1 | 5 | 4 | 9 | 7 | 3 | 8 |
| 4 | 5 | 7 | 3 | 1 | 8 | 9 | 2 | 6 |
| 8 | 7 | 5 | 4 | 6 | 1 | 3 | 9 | 2 |
| 6 | 3 | 4 | 2 | 9 | 7 | 5 | 8 | 1 |
| 1 | 9 | 2 | 8 | 5 | 3 | 4 | 6 | 7 |
| 7 | 4 | 9 | 1 | 8 | 6 | 2 | 5 | 3 |
| 5 | 2 | 6 | 7 | 3 | 4 | 8 | 1 | 9 |
| 3 | 1 | 8 | 9 | 2 | 5 | 6 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନୀତି ନୈତିକତା ବିହୀନ ରାଜନୀତି

ମହାଶୟ,

ଓଡ଼ିଶାରେ ଶାସନ ପରିବର୍ତ୍ତନ ହେଲା। ଆଶା ଥିଲା ଦୀର୍ଘ ୨୪ ବର୍ଷ ହେବ ଲୁଣ୍ଠିତ ହଜାର ହଜାର କୋଟି ଟଙ୍କାର କଳାଧନ ଉଦ୍ଧୃତ ହେବ ଓ ଲୋକଙ୍କର ଆର୍ଥିକ ବିକାଶ ହେବ । କିନ୍ତୁ ସେସବୁ ଥିଲା କ୍ଷମତା ପାଗଳଙ୍କର କେବଳ ମିଥ୍ୟା ପ୍ରଚାର। ଆମେ ଭାବିଥିଲୁ ଯେ, ପୂର୍ବ ସରକାର ସମୟରେ ହୋଇଥିବା ଲକ୍ଷ ଲକ୍ଷ କୋଟି ଟଙ୍କାର ଦୁର୍ନୀତି, ବାଟମାରଣା ଓ ଅର୍ଥ ଅପବ୍ୟୟର ତଦନ୍ତ ହେବ ଓ ଚୋରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ କିନ୍ତୁ ତାହା ଆରମ୍ଭ ହେଲାନାହିଁ। ଏମାନେ କେବଳ କ୍ଷମତା ପାଇଁ ପ୍ରକାଶ୍ୟରେ ପରସ୍ପରର ଗୋହି ଖୋଳାଖୋଳି ହୁଅନ୍ତି ଓ ସରଳ–ନିରୀହ ନିରକ୍ଷର ରାଜ୍ୟବାସୀଙ୍କଠାରୁ ଭୋଟ ନେଇଯିବା ପରେ ସାଙ୍ଗ ହୋଇ ଠୁଳେଇବାରେ ବ୍ୟସ୍ତ ରୁହନ୍ତି। ଏମାନଙ୍କ ଗାଡ଼ି, କୋଠାଘର, ଏକାଧିକ ମୂଲ୍ୟବାନ ଜମି, ପ୍ଲଟ ଓ ବ୍ୟାଙ୍କ ବାଲାନ୍ସ, ଯେକେହି ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବ। କ୍ଷମତାସର୍ବସ୍ୱ ରାଜନୀତି ବର୍ତ୍ତମାନ ନୀତି ଓ ନୈତିକତାବିହୀନ ହୋଇପଡ଼ିଛି। ଶାସକ ଦଳର ବହିଷ୍କୃତ କଳଙ୍କିତ ନେତାଟି ବିରୋଧୀ ଦଳରେ ମିଶିଗଲା ପରେ ଫୁଲହାର ପିନ୍ଧୁଛନ୍ତି। ଏମାନଙ୍କ ପାଇଁ ରାଜ୍ୟର ସର୍ବନାଶ ହୋଇଚାଲିଛି।

**– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅସମୟେ ବନକୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ମୁହୁ ମୁହୁ।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭଦ୍ରକ ପୁସ୍ତକ ମେଳାରେ ଶନିବାର ଧରିତ୍ରୀ ଷ୍ଟଲ୍‌କୁ ଉଦ୍‌ଘାଟନ କରିବା ପରେ ଜିଲାପାଳ ଦିଲୀପ ରାଉତରାୟଙ୍କ ସହ ଅନ୍ୟ ଅତିଥି, ପୁସ୍ତକମେଳା କମିଟି ଓ ଧରିତ୍ରୀ ପରିବାର ସଦସ୍ୟ ଉପସ୍ଥିତ।

# କମିଶନଙ୍କ କାର୍ଯ୍ୟକାଳ ବଢ଼ିଲା

**ଭରତପୁର ଥାନାରେ ନିର୍ଯାତନା ମାମଲା**

ଭୁବନେଶ୍ୱର,୧୬।୧୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନଙ୍କ ପକ୍ଷରୁ ବିଚାର ବିଭାଗୀୟ ଯାଞ୍ଚ ଜାରି ରହିଛି। ତେବେ ଏହି ତଦନ୍ତ ଏକ ଲମ୍ବା ପ୍ରକ୍ରିୟା ହୋଇଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମିଶନଙ୍କ କାର୍ଯ୍ୟକାଳ ୨୦୨୫ ଜାନୁଆରୀ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବା ଉଲ୍ଲେଖ ରହିଛି। ତେବେ ଗତ ସେପ୍ଟେମ୍ବର ୨୨ରେ ୬୦ଦିନ ପାଇଁ ସରକାର କମିଶନଙ୍କୁ ନିଯୁକ୍ତି ଦେଇଥିଲେ। କମିଶନଙ୍କ କାର୍ଯ୍ୟକାଳ ଆସନ୍ତା ୨୨ତାରିଖରେ ଶେଷ ହେଉଥିବାରୁ ଓଡ଼ିଶା କମିଶନ ଅଫ୍ ଇନ୍‌କ୍ୱାରି ରୁଲ୍-୧୯୭୯ ଏବଂ କମିଶନ୍ସ ଅଫ୍ ଇନ୍‌କ୍ୱାରୀ ଆକ୍ଟ-୧୯୫୨ ଅନୁଯାୟୀ ସରକାର ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୯ରେ ତଦନ୍ତ କମିଶନ ଉଭୟ ଘଟଣାସ୍ଥଳ ଭରତପୁର ଥାନା ଏବଂ ଛାତ୍ରମାନଙ୍କ ସହିତ ହୋଇଥିବା ଗଣ୍ଡଗୋଳ ସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଗତ ଗୁରୁବାର କମିଶନଙ୍କ ପକ୍ଷରୁ ପ୍ରଥମ ଶୁଣାଣି ହୋଇଥିବାବେଳେ ଏହି ଘଟଣାରେ ଅଭିଯୋଗ ଓ ପ୍ରତିଅଭିଯୋଗ ଉପରେ ନିଜ ମତ ରଖିବା ପାଇଁ କମିଶନ ଆସନ୍ତା ନଭେମ୍ବର ୩୦କୁ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ତାରିଖ ରାତିରେ ଭରତପୁର ଥାନାରେ ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ରାସ୍ତାରେ କେତେଜଣ ଛାତ୍ର ଦୁର୍ବ୍ୟବହାର କରିଥିଲେ। ଏନେଇ ଅଭିଯୋଗ କରିବାକୁ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଆସିଥିଲେ। ହେଲେ ସେଠାରେ ପୋଲିସର ନିର୍ଯାତନାର ଶିକାର ହୋଇଥିଲେ। ଆକ୍ରମଣର ଶିକାର ହେବା ସହ ଥାନା ଆଇଆଇସିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଘଟଣାରେ ତତ୍କାଳୀନ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

# ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକର ବିକଳ୍ପ ନାହିଁ: ଜିଲାପାଳ

**ଭଦ୍ରକ ପୁସ୍ତକ ମେଳାରେ ଧରିତ୍ରୀ ଷ୍ଟଲ୍ ଉଦ୍‌ଘାଟିତ**

ଭଦ୍ରକ,୧୬।୧୧(ସନାତନ ରାଉତ)

ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକର ବିକଳ୍ପ କିଛି ନାହିଁ ବୋଲି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ଭଦ୍ରକ ସହର ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ୨୪ତମ ପୁସ୍ତକ ମେଳାରେ ଶନିବାର ଧରିତ୍ରୀ ଷ୍ଟଲ୍‌କୁ ଉଦ୍‌ଘାଟନ କରିବା ଅବସରରେ ଜିଲାପାଳ କହିଛନ୍ତି, ପୁସ୍ତକ ପଢ଼ିଲେ ଜ୍ଞାନର ପରିସୀମା ବଢ଼ିବା ସହ ବିଭିନ୍ନ ବିଷୟବସ୍ତୁ ଉପରେ ପିଲାମାନଙ୍କର ରୁଚି ବଢ଼ିବ। ବହି ପଢ଼ି ଅନେକ ଲୋକ ଜ୍ଞାନ ଆହରଣ କରି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଧରିତ୍ରୀର ଏଭଳି ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।

ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ଧରିତ୍ରୀ ପ୍ରକାଶିତ ବିଭିନ୍ନ ପତ୍ରିକାକୁ ଷ୍ଟଲ୍‌ରେ ସ୍ଥାନିତ କରାଯାଇଛି। ପରିବେଶ ପ୍ରଦୂଷଣ ରୋକିବା ନେଇ ଧରିତ୍ରୀ ପକ୍ଷରୁ ଦିଆଯାଇଥିବା ସଚେତନତା ବାର୍ତ୍ତା ସ୍ୱାଗତଯୋଗ୍ୟ। ଅନ୍ୟତମ ଅତିଥି ଭାବେ ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ରୂପକ ବିହାରୀ ରାୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା ଓ ସାହିତ୍ୟିକା ରାଧାରାଣୀ ମହାପାତ୍ର ଯୋଗଦେଇଥିଲେ। ଷ୍ଟଲ୍‌ରେ ଧରିତ୍ରୀ ପକ୍ଷରୁ ବିଭିନ୍ନ ବର୍ଷରେ ପ୍ରକାଶିତ ବିଶେଷାଙ୍କ ସ୍ଥାନିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧରିତ୍ରୀର ଫିଚର୍ ସମ୍ପାଦକ ବୀରଭଦ୍ର ବିଶ୍ୱାଳ, ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ପ୍ରସାରଣ ବିଭାଗର ଆଲୋକ ପ୍ରସାଦ କାନୁନ୍‌ଗୋ, ଜିଲା ପ୍ରତିନିଧି ସନାତନ ରାଉତ, ବାସୁଦେବପୁର ପ୍ରତିନିଧି ନାରାୟଣ ପ୍ରସାଦ ବାରିକ୍, ଧାମନଗର ପ୍ରତିନିଧି ସନ୍ତୋଷ କୁମାର ମହାପାତ୍ର, ନଳାଙ୍ଗ ପ୍ରତିନିଧି ସାଇଶଙ୍କର ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨.୫ ଡିଗ୍ରୀରେ ଦାରିଙ୍ଗବାଡ଼ି

ଭୁବନେଶ୍ୱର,୧୬।୧୧ (ଅନୁରାଧା ମହାରଣା)

ଗତ ୨ଦିନ ହେବ ପାରଦ ତଳମୁହାଁ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇଛି। ଶନିବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୧.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରାଜ୍ୟର ପ୍ରାୟ ୩୦ ସ୍ଥାନରେ ପାରଦ ୨୦ ଡିଗ୍ରୀ ସେଲସିୟସ୍‌ରୁ କମ୍ ରେକର୍ଡ କରାଯାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ଏହା ତଳକୁ ରାଉରକେଲାରେ ୧୨.୭ ଡିଗ୍ରୀ, ଝାରସୁଗୁଡ଼ାରେ ୧୩.୦ ଡିଗ୍ରୀ ଓ କେନ୍ଦୁଝରଗଡ଼ରେ ୧୪.୫ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ କମିପାରେ ଓ ୨୩ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

# ୧୦୦ ଜନସଂଖ୍ୟା ଗ୍ରାମକୁ ହେବ ସବୁଦିନିଆ ରାସ୍ତା

**ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା**

ଭୁବନେଶ୍ୱର,୧୬।୧୧(ଅନିଲ ଦାସ)

ରାଜ୍ୟ ସରକାର ପୁରୁଣା ରାସ୍ତାଗୁଡ଼ିକର ମରାମତି ପାଇଁ କର୍ପସ ପାଣ୍ଠି ଗଠନ କରିବେ। ଗମନାଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଶନିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାତୀୟ ରାଜପଥ, ରାଜ୍ୟ ରାଜପଥକୁ ମିଶାଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ବିଭିନ୍ନ ମହାନଗର ନିଗମ ଅଧୀନରେ ଅନେକଗୁଡ଼ିଏ ରାସ୍ତା ରହିଛି। ଅନେକ ସମୟରେ ସମନ୍ୱୟ ଅଭାବ ଯୋଗୁ ରାସ୍ତା ନିର୍ମାଣ ଓ ମରାମତି ନେଇ ସମସ୍ୟା ସୃଷ୍ଟି ହେଉଛି। ଏହାର ନିରାକରଣ ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ୨୦୨୯ ସୁଦ୍ଧା ୧୦୦ ଜନସଂଖ୍ୟାବିଶିଷ୍ଟ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଟ୍ରାଫିକ୍ ସମସ୍ୟାର ସମାଧାନ ନେଇ ରୋଡ୍‌ମ୍ୟାପ୍, ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ମରାମତି, ସେତୁ ନିର୍ମାଣ, ଘରୋଇ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ଦୃଷ୍ଟିଦେଇ ନୀତି ପ୍ରଣୟନ କରିବାକୁ ମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗ ଇଆଇସି ଇନ୍ ଚିଫ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
କଚେରୀ ରୋଡ, ପୁରୀ-୭୫୨୦୦୧, ଓଡ଼ିଶା
Regd.No.-32 Pu Dt.28.11.1956,
RBI License No-RPCD/Bhubaneswar 10/11 Dt.21.03.2012
Kacheri Road, Puri-752001, Ph:224553, Odisha, email:ho@upnccb.com

ନୋଟିସ ସଂଖ୍ୟା ୧୧୦୧, ତା.୧୪.୧୧.୨୦୨୪ ରିଖ

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୯ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୬.୧୨.୨୦୨୪ ରିଖ ଶୁକ୍ରବାର ଦିନ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ପୁରୀ ପୌରସଦନ, ପୁରୀଠାରେ ଅନୁଷ୍ଠିତ ହେବ । ଉକ୍ତ ସାଧାରଣ ସଭାରେ ସମିତିର ସଭାପତି/କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ ।

**ବିଶେଷ ଦ୍ରଷ୍ଟବ୍ୟ :** ସାଧାରଣ ସଭାରେ ଯୋଗଦାନ ନିମନ୍ତେ ସମିତିର ସଭାପତି କିମ୍ବା ପ୍ରଶାସକଙ୍କ ଦ୍ୱାରା ଅନୁମୋଦିତ ନିର୍ଦ୍ଧାରଣର ଅବିକଳ ନକଲ ନିଜ ସାଙ୍ଗରେ ଆଣିବାକୁ ଅନୁରୋଧ ଏବଂ ଦିନ ସକାଳ ୦୯.୩୦ ଘଟିକାଠାରୁ ପୌରସଦନଠାରେ ପଞ୍ଜିକରଣ କରାଯିବ ।

**କାର୍ଯ୍ୟସୂଚୀ**
୧.ତା.୧୯.୦୧.୨୦୨୪ ରିଖରେ ଅନୁଷ୍ଠିତ ୫୮ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ ।
୨. ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଦୃଢୀକରଣ
୩. ୨୦୨୩-୨୪ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ପଠନ ଓ ଗ୍ରହଣ
୪. ଆଗାମୀ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଆୟ ବ୍ୟୟ ଅଟକଳ (ବଜେଟ) ଅନୁମୋଦନ ।
୫. ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବ୍ୟବସାୟିକ ଉନ୍ନୟନ ଯୋଜନା ଅନୁମୋଦନ ।
୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
ସ୍ୱା./- (ଶ୍ରୀମତୀ ବନଶ୍ରୀ ମଲ୍ଲିକ)
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**Office of the United Puri Nimapara Central Coop Bank Ltd.**
Kacheri Road, Puri-752001, Odisha
**TENDER CALL NOTICE**
Email:- ho@upnccb.com, Ph-7978170836

Sealed tenders are invited separately from the distributors/dealers/ registered firms having valid PAN, GST, with IT clearance for Printing & supply of Calendar, Diaries and Conference Bags for the year 2025. The United Puri-Nimapara Central at Coop Bank desires to print 7000 Nos. of Calendar, 1150 Nos. of Diary & 600 Nos. of Conference Bag invites Estimates from Eligible Service provider.
The detail of Specification & bidding Time Table are given below:
Date of Announcement : 17.11.2024
Last date & time for receipt of proposal: 25.11.2024
Shortlisted Service Provider: 26.11.2024
Issue of Work Order : 26.11.2024
Last date of delivery/ dispatch : 04.12.2024
**Specification:-**
**Calendar**
30GSM glossy art paper crown size.
6 Pages back to back printing with tin mounting.
Half Page Photograph & half page two months date with Odia tithi & Parba Parbani.
**Diaries-**
1/8 demisize- 1150 pieces- 75 gsm map litho paper (22cmx14cm) single pages. Leather/Foam binding.
10 Pages (Both Side) of material regarding the information of Bank to be printed and posted in the Diaries.
**Conference Bag**
Supply of 600 Nos. of Conference Bag within the range of @Rs.500.
Sd./- Smt. Banashree Mallick
Chief Executive Officer



**ଜିଲ୍ଲା କାର୍ଯ୍ୟାଳୟ, କଳାହାଣ୍ଡି ଜିଲ୍ଲା**
(ତୌଜି ବିଭାଗ)
**ସର୍ବସାଧାରଣ ନୋଟିସ୍**

ପତ୍ର ସଂଖ୍ୟା: ୨୨୬/ତୌଜି ତା: ୦୮।୧୧।୨୦୨୪ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ଓ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ତହସିଲ ଅଧୀନରେ ଥିବା ଲଘୁ ଖଣିଜ ଉତ୍ସ (ବାଲି, ପଥର, ମୋରମ ଓ ମାଟି) ଓ ନିର୍ଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସ ସ୍ଫଟିକ୍ ପଥର (Quartz & Quatizite) ଡେକୋରେଟିଭ୍ ପଥର (Decorative Stone) ଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଚଳିତ ନିୟମ ଅନୁଯାୟୀ ତଥା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA)ଙ୍କ ନିର୍ଦ୍ଦେଶ କ୍ରମେ ଖଣିଜ ଉତ୍ସଗୁଡ଼ିକୁ ସର୍ବେକ୍ଷଣ କରାଯାଇ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନିତ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଅଛି। ତା'ର ସାରଣୀ ଏଥି ସହିତ ସଂଲଗ୍ନ କରାଗଲା। ଏଥିନିମନ୍ତେ ସରକାରଙ୍କ ନିୟମ ଅନୁଯାୟୀ ଖଣିଜ ଉତ୍ସଗୁଡ଼ିକ ଚୂଡ଼ାନ୍ତ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନିତ ହେବା ପୂର୍ବରୁ ଜନସାଧାରଣଙ୍କ ଅବଗତି ଓ ଆପତ୍ତି ଅଭିଯୋଗ ବା ପ୍ରସ୍ତାବ/ସୁପାରିସ ଆହ୍ୱାନ କରାଯାଇ ସର୍ବସାଧାରଣ ନୋଟିସ ତା୩୦।୧୦।୨୪ରିଖଠାରୁ ଜିଲ୍ଲା ୱେବ୍ ପୋର୍ଟାଲ (www.kalahandi.nic.in)ରେ ଉପଲବ୍ଧ କରାଯାଇଅଛି। ପ୍ରକାଶଥାଉ କି ନିର୍ଦ୍ଧାରିତ ସମୟ ସୀମା ତଥା ନୋଟିସ ପ୍ରକାଶନର ୩୦ ଦିନ ପରେ କୌଣସି ଆପତ୍ତି ଅଭିଯୋଗ ବା ପ୍ରସ୍ତାବ/ସୁପାରିସ ଗ୍ରହଣ କରାଯିବ ନାହିଁ। ଉକ୍ତ ଲଘୁ ଖଣିଜ ଦ୍ରବ୍ୟର ସବିଶେଷ ବିବରଣୀ ଜିଲ୍ଲା ୱେବ ପୋର୍ଟାଲ (www.kalahandi.nic.in) ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତୌଜି ବିଭାଗରେ ଉପଲବ୍ଧ।

ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି



FORM No. 13
**BEFORE THE DEBTS RECOVERY TRIBUNAL, CUTTACK,ORISSA**
C-71, SECTOR-7, CDA, CUTTACK, ODISHA
O.A NO. 349 OF 2024

Branch Manager, Central Bank of India, Cuttack Puri Road Branch ....Applicant
Versus
M/s Puja Panda Traders & another ...Defendant[s]
To
1) **M/s Puja Panda Traders, Prop.: Sibananda Puja Panda,** AT: Plot No.: 1642, Sundara Sahi, P.O.: Sisupalgarh, Bhubaneswar-751002, Dist.: Khordha.
2) **Mr. Sibananda Puja Panda,** S/o: Sri Lingaraj Puja Panda, AT: Plot No.: 1642, Sundara Sahi, P.O.: Sisupalgarh, Bhubaneswar-751002, Dist.: Khordha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.349 of 2024** in the court of the Debts of Recovery Tribunal, Cuttack for recovery of **Rs.30,78,471/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27/12/2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **28th day of October 2024.**

Sd/- (NIKHILA RANJAN PATI)
REGISTRAR


# ଫରେଷ୍ଟରଙ୍କୁ ଗଛରେ ବାନ୍ଧିଲେ ଚାଷୀ

**ହାତୀ ଉପଦ୍ରବ ଯୋଗୁ ଫସଲ ନଷ୍ଟ ନେଇ ଉତ୍ତେଜନା**

ଦେବଗଡ଼,୧୬।୧୧ (ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଭେଜିକୁଦର ଗାଁରେ ହାତୀ ଉପଦ୍ରବ ଯୋଗୁ ଫସଲ ନଷ୍ଟକୁ ନେଇ ଶୁକ୍ରବାର ରାତିରେ ଉତ୍ତେଜନା ଦେଖାଦେଇଥିଲା। ହାତୀ ଘଉଡ଼ାଇବାକୁ ଆସିଥିବା ନୂଆଡିହି ଫରେଷ୍ଟର ଛବିଳ ବେହେରାଙ୍କୁ ଲୋକେ ଏକ ଗାମୁଛା ସାହାଯ୍ୟରେ ଗଛରେ ବାନ୍ଧି ଦେଇଥିଲେ। ସୂଚନା ପାଇ ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ ଏବଂ ଏସିଏଫ୍ (ଅତିରିକ୍ତ ବନ ସଂରକ୍ଷକ) ଅରୁଣ କୁମାର ବେହେରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଫରେଷ୍ଟରଙ୍କୁ ସେମାନେ ଛାଡ଼ି ଦେଇଥିଲେ। ଏନେଇ ବନ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନାହିଁ।

ଗତ କିଛି ମାସ ହେଲା ସମ୍ପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଫଳରେ ଏକର ଏକର ଧାନ ଓ ଅନ୍ୟ ଚାଷ ନଷ୍ଟ ହେଉଛି। ଚାଷୀମାନେ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ରାତିରେ ୧୦ ଟିକିଆ ହାତୀପଲ ଅଞ୍ଚଳରେ ରହି ଚାଷଜମିରେ ପଶି ଦଳି ନଷ୍ଟ କରୁଥିଲେ। ବନ ବିଭାଗ କର୍ମଚାରୀ ହାତୀ ଘଉଡ଼ାଇବାରେ ବିଫଳ ହେବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳକୁ ଆସିଥିବା ଫରେଷ୍ଟର ବେହେରାଙ୍କୁ ଗଛରେ ବାନ୍ଧି ଲୋକ ପ୍ରତିବାଦ କରିଥିଲେ।



ଚାଷୀମାନେ ଫରେଷ୍ଟରଙ୍କୁ ଗଛରେ ବାନ୍ଧି ଦେଇଛନ୍ତି।


**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ:
ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର,
ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଫୁଲବାଣୀ ଶାଖା /** ଋଣଗ୍ରହୀତା: **ଶ୍ରୀ ପ୍ରତାପ କୁମାର ପଣ୍ଡା,** ପିତା: ପ୍ରାଣକୃଷ୍ଣ ପଣ୍ଡା / **ସହ-ଋଣଗ୍ରହୀତା: ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପଣ୍ଡା,** ସ୍ୱାମୀ: ଵ ପ୍ରାଣକୃଷ୍ଣ ପଣ୍ଡା, ଉଭୟଙ୍କ ଠିକଣା- ସା: ପିଅନପଡା, ପିଅନପଡା ସ୍କୁଲ ନିକଟ, ଫୁଲବାଣୀ, ପୋ: ଫୁଲବାଣୀ, କନ୍ଧମାଳ, ପିନ୍-୭୬୨୦୦୧ | ୦୩.୦୮.୨୦୨୪ ସୁଦ୍ଧା ଟ.୪,୭୦,୨୬୧.୫୪ + ୦୧.୦୫.୨୦୨୪ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୫.୦୮.୨୦୨୪ / ୧୨.୧୧.୨୦୨୪ | **ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପଣ୍ଡା,** ସ୍ୱାମୀ: ଵ ପ୍ରାଣକୃଷ୍ଣ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜିରିଙ୍ଗିପଡା, ତହସିଲ: କନ୍ଧମାଳ, ଥାନା: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ସାବିକ ଖାତା ନଂ.: ୨୧୮/୮୨୪, ହାଲ ଖାତା ନଂ.: ୫୩୨, ସାବିକ ପ୍ଲଟ୍ ନଂ.: ୧୦୬୬/୨୦୦୬ (ଘରବାରି), ହାଲ ପ୍ଲଟ୍ ନଂ.: ୩୫୩୩, ସମୁଦାୟ କ୍ଷେତ୍ର: ୦.୦୦୭ହେକ୍ଟର, ଏହାର ଚଉହଦି: ଉତ୍ତର: ପଙ୍କଜ କୁମାରୀ ମିଶ୍ର, ଦକ୍ଷିଣ: ପୁରୁଷୋତ୍ତମ କହଁର, ପୂର୍ବ: ସରକାରୀ ଜମି, ପଶ୍ଚିମ: ସର୍ବସାଧାରଣ ରାସ୍ତା |
| **ସହୀଦ ନଗର ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ବସନ୍ତ କୁମାର ବେଦମାତା,** ପିତା: ଦିନବନ୍ଧୁ ବେଦମାତା ଏବଂ **୨) ଶ୍ରୀମତୀ ପ୍ରତିଭା ବେଦମାତା,** ସ୍ୱାମୀ: ବସନ୍ତ କୁମାର ବେଦମାତା, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୪୦୨, ଅଶୋକ ଭାଟିକା, ମଙ୍ଗଳା ମନ୍ଦିର ନିକଟ, ଚକେଇସିଆଣି, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୦ | ୨୯.୦୭.୨୦୨୪ ସୁଦ୍ଧା ଟ.୧୪,୯୩,୮୦୧.୦୧ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୮.୦୮.୨୦୨୪ / ୧୩.୧୧.୨୦୨୪ | **ଶ୍ରୀମତୀ ପ୍ରତିଭା ବେଦମାତା,** ସ୍ୱାମୀ: ବସନ୍ତ କୁମାର ବେଦମାତା ଏବଂ **ଶ୍ରୀ ବସନ୍ତ କୁମାର ବେଦମାତା,** ପିତା: ଦିନବନ୍ଧୁ ବେଦମାତାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୨, ୪ର୍ଥ ମହଲା, ଅଶୋକ ଭାଟିକା, ମଙ୍ଗଳା ମନ୍ଦିର ନିକଟ, ଚକେଇସିଆଣି, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୦, ପରିମିତ କ୍ଷେତ୍ର: ୧୦୧୧ ବର୍ଗଫୁଟ (ସପୁର ବିଲ୍ଟ ଅପ୍ ଏରିଆ), ଫ୍ଲାଟ୍‌ର ଚଉହଦି- ଉତ୍ତର: ଫ୍ଲାଟ୍ ନଂ. ୪୦୩, ଦକ୍ଷିଣ: ଫ୍ଲାଟ୍ ନଂ. ୪୦୧, ପୂର୍ବ: ରାସ୍ତା ଏବଂ ବିଲ୍ଡିଂ, ପଶ୍ଚିମ: ବିଲ୍ଡିଂ |
| **ସହୀଦ ନଗର ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଜ୍ଞାନ ରଞ୍ଜନ ପଣ୍ଡା,** ପିତା: ଶ୍ରୀ ଶ୍ରୀଧର ପଣ୍ଡା ଏବଂ **୨) ଶ୍ରୀମତୀ ସୋନାଲି ପଣ୍ଡା,** ସ୍ୱାମୀ: ଶ୍ରୀ ଜ୍ଞାନ ରଞ୍ଜନ ପଣ୍ଡା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୧୧୦୭/୧୯୫୮/୨୨୫୮, ଜୟ ଦୁର୍ଗା ନଗର, ଭୁବନେଶ୍ୱର, ଓଡ଼ିଶା | ୨୦.୦୭.୨୦୨୪ ସୁଦ୍ଧା ଟ.୬,୮୬,୭୩୨.୮୪ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୮.୦୮.୨୦୨୪ / ୧୩.୧୧.୨୦୨୪ | **ଶ୍ରୀ ଜ୍ଞାନ ରଞ୍ଜନ ପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୋବିନ୍ଦପ୍ରସାଦ, ଭୁବନେଶ୍ୱର, ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୦୫୭/୫୫, ସ୍ଥିତିବାନ, ପ୍ଲଟ୍ ନଂ.: ୧୧୦୭/୧୯୫୮/୨୨୫୮, ମ୍ୟୁଟେସନ୍ ପଟ୍ଟା ନଂ.: ୧୦୫୭/୫୫, ପ୍ଲଟ୍ ନଂ.: ୧୧୦୭/୧୯୫୮/୨୨୫୮, ପରିମିତ କ୍ଷେତ୍ର: ଏକର୦.୦୫୫ଡିସିମିଲି, ଏହାର ଚଉହଦି- ଉତ୍ତର: ପ୍ଲଟ୍ ନଂ. ୧୧୦୩ ଏବଂ ୧୯୧୧, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୧୯୫୮, ପଶ୍ଚିମ: ପ୍ଲଟ୍ ନଂ. ୧୯୫୯ |

ତାରିଖ: ୧୬.୧୧.୨୦୨୪, ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



**OFFICE OF THE DISTRICT EDUCATION OFFICER-CUM-DISTRICT PROJECT COORDINATOR**
**SAMAGRA SHIKSHA, NUAPADA**
At/P.O./Dist.: Nuapada (Behind Mini Stadium), Odisha,
PIN - 766105, e-Mail: dpcnuapadassa.opepa@nic.in
No. 2979/GE/2024 Date: 16.11.24

**NOTICE**

**REGARDING ENGAGEMENT OF PART TIME TEACHER IN DIFFERENT KGBVS OF NUAPADA DISTRICT**

Pursuant to the Recruitment Notice No. 476 Dated 01.03.2024 of this office for appointment of contractual posts, i.e. Part Time Teachers under different Kasturaba Gandhi Balika Vidyalaya (KGBV) of Nuapada district, the Provisional Eligible and Reject list of applicants is hereby published in the Notice Board of District Project Office, Samagra Shiksha, Nuapada and in Nuapada district official website **www.nuapada.odisha.gov.in** & in OSEPA website **www.osepa.odisha.gov.in** for information of Applicants.
Also, objections are hereby invited from applicants against the published provisional eligible and reject list. Concerned applicants may submit their objection (if any) only through the prescribed format enclosed with this notice through any mode (Postal/By Hand etc.) addressing to the DEO-cum-DPC, Samagra Shiksha, Nuapada during office hours only along with self attested document proofs on or before 25.11.2024. Objections received after due date will not be entertained.
Further, concerned eligible applicants are directed to submit the documents required as mentioned in this remark columns of the provisional list against them on or before 25.11.2024. Non submission of required documents within due time may liable to rejection of the candidature of concerned eligible applicant(s).

By order of Collector-cum-Chairman,
Samagra Shiksha, Nuapada
**Sd./- District Education Officer-cum-DPC, Samagra Shiksha, Nuapada**


See Career Appointment on every Wednesday & Saturday





ଶନିବାର ସନ୍ଧ୍ୟାରେ ବାଲିଯାତ୍ରା ପଡ଼ିଆ ଲୋକାରଣ୍ୟ ।



# ବଢୁଛି ଭିଡ଼, ଜମୁଛି ବେପାର

## ବାଲିଯାତ୍ରାର ଦ୍ୱିତୀୟ ଦିନ

କଟକ, ୧୬।୧୧(ଶିଳ୍ପା ପ୍ରିୟଦର୍ଶିନୀ)– ଐତିହାସିକ କଟକ ବାଲିଯାତ୍ରାର ଶନିବାର ଥିଲା ଦ୍ୱିତୀୟ ଦିନ। ସକାଳେ ପଡିଆରେ ଲୋକଙ୍କ ଭିଡ଼ ଜମିଥିଲେ ମଧ ସନ୍ଧ୍ୟାରେ ଅଧିକ ଗହଳି ଦେଖିବାକୁ ମିଳିଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଦୋଳିରେ ବସି ମଜା ଉଠାଇଥିଲେ। ଏପରି କି ଘରକରଣା ସାମଗ୍ରୀ କିଣିବାକୁ ଭୁଲି ନ ଥିଲେ। ବାଲିଯାତ୍ରାର କଟକ ଇନ୍ କଟକ ପରିସର ଲୋକଙ୍କୁ ଅଧିକ ଆକର୍ଷିତ କରିଥିଲା। ଏଠାରେ ହୋଇଥିବା ଚଳଚ୍ଚିତ୍ର ପାଭିଲିଅନ୍‌ରେ ଲୋକମାନେ ମୋବାଇଲ୍‌ରେ ସେଲ୍ଫି ଉଠାଇଥିଲେ। ସେହିପରି ବାଲିଯାତ୍ରା ପଡିଆରେ ଲୋକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଲୋକଙ୍କ ଭିଡ଼କୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଯୁବତୀଙ୍କ ବ୍ୟାଗ୍‌ରୁ ମୋବାଇଲ ନେଇଗଲେ

ଶନିବାର ବାଲିଯାତ୍ରାରେ ଜଣେ ଯୁବତୀଙ୍କ ବ୍ୟାଗ୍‌ରୁ ମୋବାଇଲ ଫୋନ୍ ଚୋରି ହୋଇଛି। ବାଲିଯାତ୍ରା ବୁଲିବାକୁ ଆସିଥିବା ଜଣେ ଯୁବତୀ କାନ୍ଧରେ ବ୍ୟାଗ୍ ପକାଇଥିଲେ। ଭିଡ଼ର ସୁଯୋଗ ନେଇ ଜଣେ ଲୁଟେରା ବ୍ଲେଡ୍‌ରେ ଯୁବତୀଙ୍କ ବ୍ୟାଗ୍ କାଟି ସେଥିରୁ ମୋବାଇଲ ଫୋନ୍ ଚୋରି କରି ନେଇଥିଲେ। ଏ ସମ୍ପର୍କରେ ଯୁବତୀ ଜଣଙ୍କ ମୋବାଇଲ ପୋଲିସ ସହାୟତା କେନ୍ଦ୍ରରେ ଅଭିଯୋଗ କରିଥିଲେ। ଅଭିଯୋଗ ପଞ୍ଜୀକରଣ କରାଯିବା ସହ ବ୍ୟାଗ ନ ଆଣିବା ପାଇଁ ସହାୟତା କେନ୍ଦ୍ର ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା।



## ସୋୟା ୱାକ୍ସରେ ମହମବତି

ରଙ୍ଗବେରଙ୍ଗ ମହମବତି ନେଇ କଣ୍ଟାପଡା ଅଞ୍ଚଳର ଶକ୍ତିରୂପା ମିଶନ ଶକ୍ତି ଗ୍ରୁପ୍‌ର ସଦସ୍ୟ ବାଲିଯାତ୍ରାର ଓର୍‌ମାସ୍‌କୁ ଆସିଛନ୍ତି। ସୋୟା ୱାକ୍ସରେ ତିଆରି ଏହି ମହମବତିର ନାମ ସୁଇଟ୍ କ୍ୟାଣ୍ଡେଲ ରହିଛି। ଲଡୁ, ଗୋଲାପ ଫୁଲ ସମେତ ବିଭିନ୍ନ ଆକୃତିର ମହମବତି ପ୍ରସ୍ତୁତ କରାଯାଇଛି। ଏହାର ଦର ୧୫ରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି।



## ଲେଜର ଶୋ’ରେ କଟକର ଐତିହ୍ୟ

ବାଲିଯାତ୍ରା ପଡିଆ ମହାନଦୀ ଜଳରାଶିରେ ଶନିବାର ଲେଜର ଶୋ’ ଦେଖିବାକୁ ମିଳିଥିଲା। ରଙ୍ଗବେରଙ୍ଗର ଆଲୋକରେ ଝଲସି ଉଠିଥିଲା ମହାନଦୀ କୂଳ। କଟକର ଐତିହ୍ୟ ଯଥା–ନୌବାଣିଜ୍ୟ ସଂଗ୍ରହାଳୟ, ନେତାଜୀ ସଂଗ୍ରହାଳୟ, ବାରବାଟୀ ଦୁର୍ଗ, ବାରବାଟୀ ଷ୍ଟାଡିୟମ ଭଳି ଅନେକ ସ୍ଥାନ ଏହି ଶୋ’ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ସେହିପରି ବାଲିଯାତ୍ରା ସମ୍ପର୍କିତ ଏକ ଭିଡିଓ ଏହି ଶୋ’ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହାସହ ବନ୍ଦେ ମାତରମ, ଜୟ ହୋ ଭଳି ଅନେକ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରାୟ ଅଧଘଣ୍ଟା ଧରି ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଶୋ’ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।



ବାଲିଯାତ୍ରା ପଡ଼ିଆ ଅକ୍ଷୟ ମହାନ୍ତି ମଞ୍ଚରେ ଅନୁଷ୍ଠିତ ପଥୋତ୍ସବରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# ଅସୀମାଙ୍କ ଗୀତ ନ ଶୁଣି ନିରାଶ ହେଲେ ଦର୍ଶକ

- ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କଲା ପୋଲିସ
- ଜିଲା ପ୍ରଶାସନର ପରିଚାଳନାରେ ବିଭ୍ରାଟ

କଟକ,୧୬।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରା ପଡିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସଙ୍ଗୀତ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ହେଲେ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିବା ଓଲିଉଡ୍ କଣ୍ଠଶିଳ୍ପୀ ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରିବାବେଳକୁ ପୋଲିସ ପ୍ରଶାସନ କାର୍ଯ୍ୟକ୍ରମ ବନ୍ଦ କରିଦେଇଥିଲା। ଅସୀମା ଗୀତ ଗାଇବା ଆରମ୍ଭ କରିବାବେଳେ ସେଠାରେ ଉପସ୍ଥିତ ଥିବା ଅତିରିକ୍ତ ଜିଲାପାଳ ଶିବ ଟୋପୋଙ୍କୁ ପୋଲିସ ଅଧିକାରୀ କାର୍ଯ୍ୟକ୍ରମ ବନ୍ଦ କରିବାକୁ କହିଥିଲେ। ଏହାର ପ୍ରାୟ ୧୦ ମିନିଟ୍ ମଧରେ ପୋଲିସ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ରମକୁ ବନ୍ଦ କରିଥିଲା। ଏହାପରେ ଅସୀମା ମଞ୍ଚରୁ ପଳାଇ ଯାଇଥିଲେ। ତାଙ୍କ ଗୀତ ଶୁଣିବାକୁ ଅପେକ୍ଷା କରିଥିବା ଦର୍ଶକ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଥମ ସନ୍ଧ୍ୟାରେ ବଲିଉଡ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଅନୁପ ଜଲୋଟା ବିଳମ୍ବରେ ପହଞ୍ଚି ୫ଟି ଗୀତ ଗାଇଥିଲେ। ଏହାପରେ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା। ମୋଟାମୋଟି ଭାବେ କହିବାକୁ ଗଲେ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଜିଲା ପ୍ରଶାସନ ଠିକ୍ ଭାବେ ସମୟ ନିର୍ଦ୍ଧାରଣ ନ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଅତିରିକ୍ତ ଜିଲାପାଳ ଶିବ କହିଛନ୍ତି, ଜିଲାପାଳଙ୍କ ସହ ଏହି ବିଷୟରେ ଆଲୋଚନା କରିବାରୁ ସେ ପୋଲିସ ପ୍ରଶାସନକୁ ଅଧିକ ୧୫ ମିନିଟ୍ ସମୟ ମାଗିଥିଲେ। ସମୟ ବିଳମ୍ବ ହେବାରୁ କାର୍ଯ୍ୟକ୍ରମକୁ ପୋଲିସ ବନ୍ଦ କରିଥିବା ଶିବ କହିଛନ୍ତି। ଏହା ପୂର୍ବରୁ ଉକ୍ତ ମଞ୍ଚରେ ଥାଇଲାଣ୍ଡ



ବାଲିଯାତ୍ରା ପଡ଼ିଆ ଅକ୍ଷୟ ମହାନ୍ତି ମଞ୍ଚରେ ପରିବେଷିତ ଓଡ଼ିଶୀ ନୃତ୍ୟ।

ସାଂସ୍କୃତିକ ଗ୍ରୁପ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କଟକର ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ପାରମ୍ପରିକ ନୃତ୍ୟ, କଟକେଶ୍ୱର ସଙ୍ଗୀତ ମୋର୍ଚ୍ଛନା ପକ୍ଷରୁ ଭଜନ, କଟକ ସଂସ୍କୃତି ବିହାର ପକ୍ଷରୁ ଗୀତିନାଟ୍ୟ, କଟକର ଡାଏନା ଡ୍ୟାନ୍ସ ସ୍କୁଲ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ନୃତ୍ୟାଙ୍ଗନା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଆସାମର କଳାକାରଙ୍କ ପକ୍ଷରୁ ବିହୁ ନୃତ୍ୟ ପରିବେଷଣ କରାଯାଇଥିଲା।

ଅପରପକ୍ଷରେ ବାଲିଯାତ୍ରା ପଡିଆ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଓଲିଉଡ୍ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂ, ମାନସ ପ୍ରୀତମ ଓ ଭାଗ୍ୟଶ୍ରୀ ଯାଜ୍ଞସେନୀ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କ ମନକୁ ଛୁଇଁଥିଲା। ସେହିପରି କଟକର ନବକଳିକା ପକ୍ଷରୁ ସଙ୍ଗୀତ ପରିବେଷଣ, କଟକର ମହିଳା ପତଞ୍ଜଳି ଯୋଗ ଶିବିର ପକ୍ଷରୁ ଯୋଗନୃତ୍ୟ, ନଟରାଜ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବାରମାସୀ ନେପାଳୀ ନୃତ୍ୟ, କୋଲକାତା ଧ୍ରୁପଦୀ କଳାକେନ୍ଦ୍ର ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ଭୁବନେଶ୍ୱରର ଆନନ୍ଦିତା ଦାସ ଆଣ୍ଡ୍ ଗ୍ରୁପ୍ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ, କଟକର ନାଟ୍ୟ ମନ୍ଦିର ଓ ତ୍ରିଶକ୍ତି ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ, ଛତିଶଗଡ଼ର ଲୋକ ଶ୍ରୀନଗର ଭାରତୀ ପକ୍ଷରୁ ଗେଡ଼ି ଲୋକନୃତ୍ୟ ପରିବେଷଣ କରାଯାଇଥିଲା।



ବାଲିଯାତ୍ରା ତଳ ପଡ଼ିଆରେ ଭୋଟର ସହାୟତା କେନ୍ଦ୍ର ଷ୍ଟଲ୍‌କୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଉଦ୍‌ଘାଟନ କରୁଛନ୍ତି।




ବାଲିଯାତ୍ରା ତଳ ପଡ଼ିଆରେ ଓଡ଼ିଶା ହାଇକୋର୍ଟ ପାଭିଲିୟନକୁ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଉଦ୍‌ଘାଟନ କରିବା ପରେ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଭଗବତ ଲାଭ ପାଇଁ ସାଧନା ଆବଶ୍ୟକ

**ବୋଲଗଡ଼, ୧୬।୧୧ (ଦେବବ୍ରତ ହୋତା)**

ବୋଲଗଡ ବ୍ଲକ ପିଟୁକୁଳି ପଞ୍ଚାୟତ ଟିକାତାଲସ୍ଥ ଶ୍ରୀରାମକୃଷ୍ଣ ସେବାଶ୍ରମର ୪୬ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଧର୍ମସଭାରେ ଆଶ୍ରମ ସଂସ୍ଥାପକ ସ୍ୱାମୀ ଭାଗବତା ନନ୍ଦ ପୁରୀ ମହାରାଜ ମୁଖ୍ୟ ଆସନ ଅଳଙ୍କୃତ କରି ରାମକୃଷ୍ଣ ପରମହଂସଙ୍କ ଦେବ ମାନବତ୍ୱ ବିଷୟର ଅବତାରଣା କରିଥିଲେ। ଭଗବାନ ମଣିଷ ମଧ୍ୟରେ ଅବତାର ଗ୍ରହଣ କରି, ମନୁଷ୍ୟଙ୍କୁ ଭଗବତ ଅଭିମୁଖୀ କରି ଭଗବାନରେ ରୂପାନ୍ତରିତ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଡା.ନବକିଶୋର ମହାପାତ୍ର ଯୋଗଦେଇ ସୁସ୍ଥ ନିରୋଗ ଶରୀର ଗଠନ ସହ ଭଗବତ ଲାଭ ନିମନ୍ତେ ସାଧନା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁଶ୍ରୀ ବ୍ରଜଶ୍ରୀ ସାହୁ ଯୋଗଦେଇଥିଲେ। ସଭାରମ୍ଭରେ ଭକ୍ତବଲ୍ଲଭ ପଟ୍ଟନାୟକ ବେଦଧ୍ୱନି ସହିତ ଶାନ୍ତିପାଠ କରିଥିଲେ। ମନୋଜ କୁମାର ଗୁମାନସିଂହ ରାମକୃଷ୍ଣ କଥାମୃତ ପାଠ କରିଥିଲେ। ବାଙ୍କୀ ଢଂସର ରାମକୃଷ୍ଣ ଆଶ୍ରମର ଭକ୍ତ ମଣ୍ଡଳୀ ଓ ଭୁବନେଶ୍ୱର ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ଗ୍ରୁପ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କେନ୍ଦୁପଲ୍ଲୀ ସାରଦା ଆଶ୍ରମର ବିଦ୍ୟାର୍ଥୀମାନେ ''ମା'ସାରଦାଙ୍କ ଦକ୍ଷିଣେଶ୍ୱର ଯାତ୍ରା'' ଶୀର୍ଷକ ନାଟିକା ପରିବେଷଣ କରିଥିଲେ। ଉପସଭାପତି ରାଜକିଶୋର ଛୁଆଳସିଂ ଅନୁଷ୍ଠାନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମାଜସେବୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ ୪ଜଣ ବିଦ୍ୟାର୍ଥୀଙ୍କୁ ପୁସ୍ତକ ସହିତ ୧ହାଜର ଟଙ୍କା ଲେଖାଏ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ଆଶ୍ରମ ସହସମ୍ପାଦକ ଅଧ୍ୟାପକ ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

### ପକ୍ଷୀ ସୁରକ୍ଷା ପାଇଁ ବନ ବିଭାଗର ପଇଁତରା



**କୃଷ୍ଣପ୍ରସାଦ, ୧୬।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଚିଲିକାର ପରିବେଶ ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠିଛି। ସେମାନଙ୍କ ସୁରକ୍ଷା ଦିଗରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାଲୁଗାଁ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ନିର୍ଦ୍ଦେଶକ୍ରମେ ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା, ବନରକ୍ଷୀ ତ୍ରିଲୋଚନ ମହାରଣା ସମେତ ପଞ୍ଚକୁଦି, ପାଣ୍ଡା, ଚିଂଖିଲି, ଚିତ୍ରକୁଟ, ବନମାଳ, ସୋଲାକୁଦି, ଡିଛିଣି ଆଦି ଚିଲିକା କୂଳ ଏବଂ ଚାଷଜମିରେ ପଇଁତରା ମାରିଥିଲେ। ସେହିଭଳି ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ବନପାଳ ବିଶ୍ୱନାଥ ଗୁଡ୍ଡୁ, ବନପାଳ ରଶ୍ମୀ ରଞ୍ଜନ ନାୟକ, ବନପାଳ ଅର୍ଜ୍ଜୁନ ପ୍ରଧାନ ସଦଳବଳେ ସିପିଆ, ନୂଆପଡ଼ା, ଅଁଳାକୁଦା ଆଦି ଅଞ୍ଚଳରେ ମଧ୍ୟ ବିଦେଶାଗତ ପକ୍ଷୀମାନଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

### ମଦମୁକ୍ତ ଓଡ଼ିଶା ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନ

**କଳାପଥର, ୧୬।୧୧ (ଗଙ୍ଗାଧର ସାହୁ)**

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ କଳାପଥରଠାରେ ପ୍ରଦୀପ ପଟ୍ଟନାୟକଙ୍କ ଆବାହକତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଜ୍ଜୁନ ଚରଣ ସାମନ୍ତରାୟ, ଗଣେଶ୍ୱର ବଳ, ମଳୟ ତ୍ରିପାଠୀ, ବସନ୍ତ ଦାସ, ସୁରେନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇ ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଚୋରାରେ ବ୍ରାଉନ୍‌ସୁଗାର ଓ ମଦ ବିକ୍ରି ବଢ଼ିଚାଲିଛି। ଏହି କାରବାର ବନ୍ଦ କରିବା ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବରିଷ୍ଠ ନାଗରିକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଆଦିବାସୀ ମହିଳା ବଢ଼ଧରଣର ରାଲି କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ନଗରିକ ସଂଘର ସଭାପତି ବସନ୍ତ ନାୟକ, ଭାବଗ୍ରାହୀ ମହାପାତ୍ର, କାହ୍ନୁ ଚରଣ ସ୍ୱାଇଁ, ଜୟଦେବ ବିଶ୍ୱାଳ, ମଞ୍ଜୁଲତା ଖୁଣ୍ଟିଆ, ଶଶୀ ଦେଇ, ତୁଳସୀ ବାରିକ, ମଙ୍ଗୁଳି ଦେଉରି, ସୁକାନ୍ତି ଦେଉରି, କୃଷ୍ଣ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମରେ ଥିଲା ଗଣମାଧ୍ୟମର ପ୍ରମୁଖ ଭୂମିକା

**ଖୋର୍ଦ୍ଧା, ୧୬।୧୧ (ପ୍ରଭାତ ପାଣିଗ୍ରାହୀ)**

ଗଣତାନ୍ତ୍ରିକ ରାଷ୍ଟ୍ରରେ ଜାଗ୍ରତ ପ୍ରହରୀ ହେଉଛି ଗଣମାଧ୍ୟମ। ଜନମତକୁ ପ୍ରଭାବିତ କରିବାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଗଣମାଧ୍ୟମ ଜନମାନସକୁ ଏକାଠି କରି ବ୍ରିଟିଶ୍ ବିରୋଧରେ ଏକ ଜନତାଙ୍କ ସ୍ୱର ଭାବେ ଠିଆହୋଇଥିଲା। ମହାତ୍ମା ଗାନ୍ଧୀ, ବାଲ୍ ଗଙ୍ଗାଧର ତିଲକ, ଗୋପାଳକୃଷ୍ଣ ଗୋଖଲ, ଦାଦାଭାଇ ନାରୋଜୀ ପ୍ରମୁଖ ସାମ୍ବାଦିକତା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଇଂରେଜ ଶାସନକାଳରେ ଇଷ୍ଟ ଇଣ୍ଡିଆ କମ୍ପାନୀର କର୍ମଚାରୀ ଜେମ୍‌ସ ଅଗଷ୍ଟ ହିକେ ୧୭୮୦ ମସିହାରେ କୋଲ୍‌କାତାରୁ ପ୍ରଥମେ ବେଙ୍ଗଲ ଗେଜେଟ ପ୍ରକାଶ କରିଥିଲେ। ଏହା ଥିଲା ଭାରତର ପ୍ରଥମ ମୁଦ୍ରିତ ଖବରକାଗଜ ବୋଲି ଜାତୀୟ ପ୍ରେସ୍ ଦିବସ ଅବସରରେ ସାମ୍ବାଦିକ ଭବନରେ ଜିଲା ପ୍ରେସ୍ କ୍ଲବ ଆନୁକୂଲ୍ୟରେ ୟୁଜେଏ, ଓୟୁଜେ ଏବଂ



ଅତିଥିମାନେ ବାର୍ଷିକ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଓୟୁଡବ୍ଲୁଜେ ସହାଯୋଗରେ ଆୟୋଜିତ ପରିବେଶ ସୁରକ୍ଷା ଦିଗରେ ସାମ୍ବାଦିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଅତିରିକ୍ତ ଜିଲାପାଳ (ଏଡିଏମ୍) ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି।

ପ୍ରେସ୍ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଏଡିଏମ୍ ବେଉରା କହିଥିଲେ, ଲୋକଙ୍କ ସମସ୍ୟାକୁ ବୁଝି ପ୍ରକାଶ କରିବା, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଜନଚେତନା, ଆଦର୍ଶମୁଖୀ ସମାଜ ଗଠନରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଖବର ପରିବେଷଣ ବେଳେ ସ୍ୱଚ୍ଛତା, ନିରପେକ୍ଷତା ରହିଲେ ସମାଜରେ ଆଦରଲାଭ ସହ ପ୍ରତିଷ୍ଠା ଅର୍ଜନ କରିପାରିବେ। ସମ୍ମାନିତ ଅତିଥିଭାବେ ସିଡିଏମ୍‌ଓ(ଭାରପ୍ରାପ୍ତ) ଡା. ଜୀବନ୍ତ ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, କର୍ଣ୍ଣେଲ ଅରୁଣ ରାଉତରାୟ, ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଭାବେ ଯୋଗଦେଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଓୟୁଡବ୍ଲୁଜେ ସଭାପତି ପ୍ରକାଶ ହାତୀ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ପ୍ରେସ୍ କ୍ଲବ ଉପଦେଷ୍ଟା ତପନ ନାୟକ ସ୍ୱାଗତ ଭାଷଣରେ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଖବରଦାତାମାନେ ସର୍ବଦା ନିରପେକ୍ଷ, ସତ୍ୟନିଷ୍ଠ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବର ବିଭିନ୍ନ ସାମାଜିକ କାର୍ଯ୍ୟ ଉପରେ ପର୍ଯ୍ୟବସିତ ବାର୍ଷିକ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହିତ କ୍ଲବ ସହ ଜଡ଼ିତ ସମସ୍ତ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପ୍ରେସ୍ କ୍ଲବ ସମ୍ପାଦକ ଦିଲୀପ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଏବଂ ନିକଟ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। ପ୍ରେସ୍ କ୍ଲବ ସମେତ ୟୁଜେଏ, ଓୟୁଜେ ଏବଂ ଓୟୁଡବ୍ଲୁଜେ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା ପେନ୍‌ସନ ଲାଗୁ ପାଇଁ ଦାବି



**ଜଟଣୀ, ୧୬।୧୧ (ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ବିଜେବି ଇନଷ୍ଟିଚ୍ୟୁଟଠାରେ ଭାରତୀୟ ପୁରୁଣା ପେନସନ ଯୋଜନା ଜାଗରଣ କମିଟି (ଆଇଆରଏମ୍ଏଫ୍‌ଓପିଏସ୍) ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କମିଟିର ରାଷ୍ଟ୍ରୀୟ ସଭାପତି ସୁଶାନ୍ତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଆଇଏନ୍‌ଟିୟୁସିର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ପୂର୍ବତଟ ରେଳପଥ ଜେନେରାଲ ସେକ୍ରେଟାରି ରମେଶ ଚନ୍ଦ୍ର ସାହୁ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର, କମିଟି ସମ୍ପାଦକ ଦେବଜିତ ପୃଷ୍ଟି, ବାଲକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ପେନସନ ଲାଗୁ କରିବା ଦାବି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଂଯୋଜଳ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ଅରବିନ୍ଦ କୁମାର, ରାମନନ୍ଦନ ପଣ୍ଡିତ, ଚନ୍ଦ୍ରଶେଖର ଷଡ଼ଙ୍ଗୀ, ବିଏନ ଭୋଇ, ପ୍ରବୀର ପଣ୍ଡା, ସଞ୍ଜୟ ମହାରଣା, କେନ୍ଦ୍ରୀୟ ପଦାଧିକାରୀ ଏମ୍.ଜି କେ ରାଓ, ଶରତ ପଣ୍ଡା, ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ଶାଖା ସମ୍ପାଦକ ଏଲ୍. ଡି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





ଶନିବାର ଅନୁଷ୍ଠିତ ଖରିଫ ଋତୁ ଧାନ କ୍ରୟ କମିଟି ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

# ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ

**ବାଲୁଗାଁ, ୧୬।୧୧ (ସଂଗ୍ରାମ ପାଇକରାୟ)**

ଚିଲିକା ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କହିଥିଲେ, କାର୍ଯ୍ୟରତ ସାମ୍ବାଦିକମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ। ବିଭିନ୍ନ ଦୁର୍ନୀତିକୁ ନିରପେକ୍ଷଭାବେ ଲୋକଲୋଚନକୁ ଆଣିବା ସହିତ ସମସ୍ୟା ଦୂରୀକରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଧାନ କର୍ତ୍ତବ୍ୟ। ଏଥିପାଇଁ ଅନେକ କ୍ଷେତ୍ରରେ ଆକ୍ରୋଶର ଶିକାର ହେବାକୁ ପଡୁଛି । ତେଣୁ ଖବରଦାତାଙ୍କ ସୁରକ୍ଷା ପାଇଁ ସରକାରୀସ୍ତରରେ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେବା ସହ ପେନ୍‌ସନ ଏବଂ ବସ୍ କିମ୍ବା ଟ୍ରେନ୍ ଯାତ୍ରା ପାଇଁ ସ୍ୱତନ୍ତ୍ର ରିହାତି ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ବାଲୁଗାଁ ବଜାରରେ ଅବସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ବାଲୁଗାଁ ଡାକ୍ତରଖାନାରେ ରୋଗୀ ଏବଂ ଚିଲିକାକୂଳସ୍ଥିତ ଜରାନିବାସ ଅନ୍ତେବାସୀଙ୍କୁ କ୍ଲବ ପକ୍ଷରୁ ଫଳ, ବିସ୍କୁଟ ଓ ପାଉରୁଟି ବଣ୍ଟନ କରାଯାଇଥିଲା। ଏହାପରେ ବାଣପୁରସ୍ଥିତ ଶହୀଦ କୃତ୍ତିବାସ ପାଟଶାଣୀ ଏବଂ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜରାନିବାସୀଙ୍କୁ ଫଳ, ପାଉରୁଟି ବଣ୍ଟନ କରାଯାଇଥିଲା। କ୍ଲବର ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। **ଟାଙ୍ଗୀ, (ରଘୁନାଥ ସାହୁ):** ଟାଙ୍ଗୀରେ





ଥିବା ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଟାଙ୍ଗୀ ମିଡିଆ ସେବା ସଂଘ ଆନୁକୂଲ୍ୟରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସଭାପତି ରବୀନ୍ଦ୍ର କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା, ଉପଦେଷ୍ଟା ଭାଗୀରଥି ଛୋଟରାୟ ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ବଳିଷ୍ଠ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପୁରାତନ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ କନ୍ଦନୟାଗଡ଼ସ୍ଥିତ କଲ୍ୟାଣ ମଣ୍ଡପଠାରେ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଖୋର୍ଦ୍ଧା ଜିଲା ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିମ୍ପା ମାନ୍ଧାତା, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ନୟାଗଡ଼ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି, କନ୍ଦନୟାଗଡ଼ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ ପୃଷ୍ଟି, ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟରତ ସାମ୍ବାଦିକ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାଶ, ଡା. ପ୍ରତାପ ଚନ୍ଦ୍ର ଚିନାରା, କୁନ୍ତଳା କୁମାରୀ ମଙ୍ଗରାଜ, ସେବିକା ସୁଶ୍ରୀ ସଙ୍ଗୀତା ଦେବ, ରାଜେନ୍ଦ୍ର କହଁରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ମା'ରତ୍ନମାଳି ମନ୍ଦିରଠାରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାମଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘ ସମ୍ପାଦକ ସରୋଜ କୁମାର ପାଇକରାୟ, ପ୍ରବକ୍ତା ମଦନ ସୁନ୍ଦର ସାହୁ, ଉପସଭାପତି ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ, ସୁସ୍ଥ ସମାଜ ଗଠନ ପାଇଁ ନିର୍ଭୀକଭାବେ ନିରପେକ୍ଷ ଖବର ସଂଗ୍ରହ କରି ପ୍ରକାଶ କରିବାକୁ ମନ୍ତବ୍ୟ ରଖିଥିଲେ। **ବୋଲଗଡ, (ଦେବବ୍ରତ ହୋତା):** ବୋଲଗଡ଼ ଭଏସ୍ ଅଫ୍ ମିଡିଆ ସଂଘ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ତହସିଲଦାର ନିବେଦିତା ପରିଡ଼ା ଯୋଗଦେଇ ଜନସାଧାରଣ ଓ ସରକାର ମଧ୍ୟରେ ଯୋଗସୂତ୍ର ରକ୍ଷା ସହ ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିଥାଏ ଗଣମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଶରତ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ରବୀନ୍ଦ୍ର କୁମାର ପରିଡ଼ା, ହରିବନ୍ଧୁ ସାହୁ, ଗୋପୀନାଥ ଖାଡ଼ଙ୍ଗା, ଦିବାକର ପରମଗୁରୁ, ରଘୁନାଥ ଦଳ ବେହେରା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସଂଘ ସଭାପତି ନିରଞ୍ଜନ ନାୟକ ସ୍ୱାଗତ ଭାଷଣ ସହ ଜାତୀୟ ପ୍ରେସ୍ ଦିବସର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଂଘର ଉପଦେଷ୍ଟା ପାଣ୍ଡବ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ସତ୍ୟନାରାୟଣ ବାରିକ ଧନ୍ୟବାଦ ଦେଇଥିଲେ। **ବାଣପୁର, (ଦିଲୀପ କୁମାର ସ୍ୱାଇଁ):** ବାଣପୁର-ଚିଲିକା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ବାଣପୁରଠାରେ ଥିବା ଗୋଦାବରୀଶ ମିଶ୍ର, ବିଜୁ ପଟ୍ଟନାୟକ ଏବଂ କୃତ୍ତିବାସ ପାଟଶାଣୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜରାନିବାସରେ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘ ସଭାପତି ସୁନୀଲ କୁମାର ସୁବୁଦ୍ଧି, ସମ୍ପାଦକ ଅମିତାଭ ପାଟଯୋଶୀ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ନୃସିଂହ ମିଶ୍ର, ପୁରୁଷୋତ୍ତମ ମହାପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସେକ୍ ମୋହିବୁଲ ହକ, ସଞ୍ଜୟ ପ୍ରଧାନ, ସେକ୍ ରଉସନ, ଜିତୁ ଭୋଳ, କମଳ ଜାଲି ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରାଣନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଜଟଣୀ, ୧୬।୧୧ (ରବୀନ୍ଦ୍ରନାଥ ମହାକୁଡ଼)**

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୯ତମ ଜୟନ୍ତୀ ସ୍ଥାନୀୟ ପ୍ରାଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଣନାଥଙ୍କ ଭଳି ନିର୍ଭିକ ଏବଂ ସ୍ୱାଭିମାନର ସହ ସମାଜର ଗରିବ, ଅବହେଳିତ, ନିଷ୍ପେସିତ, ଅସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେସନର ଚେୟାରମ୍ୟାନ ଅବନୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝରଣା ସ୍ୱାଇଁ, ଶ୍ରମିକ ନେତା ବିଜୟରାମ ମହାନ୍ତି, ସାହିତ୍ୟିକ ସୁରେଶ ଚନ୍ଦ୍ର ରଥ, ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ଶ୍ରମିକ ନେତା ସାରଙ୍ଗଧର ବେହେରା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଭକ୍ତବନ୍ଧୁ ଚୌଧୁରୀ, ରବୀନ୍ଦ୍ର ପ୍ରସାଦ ମିଶ୍ର, ଯୁବ ସଙ୍ଗଠକ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଶୁଶାନ୍ତ କୁମାର ରାଉତ, ବୈଷ୍ଣବ ଚରଣ ବରାଳ, ନିଳାସର ମିଶ୍ର, ଧୂରେନ ପ୍ରତିହାରୀ, ସଞ୍ଜୀବ କୁମାର, ସୁବ୍ରତ ନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ସ୍ନେହଲତା ଲେଙ୍କା, ରୋଜିସ୍ମିତା ଦାସ, ମରିୟମ ସିଦ୍ଧିକା, ମଧୁଛନ୍ଦା ଭଗତ, ଲକ୍ଷ୍ମୀପ୍ରିୟା ଛୋଟରାୟ, ସଞ୍ଜୟ ପ୍ରଧାନ, ହରିଶ୍ଚନ୍ଦ୍ର ସାହୁ, ନୂତନ ନାୟକ, ସୁଜାତା ସାହୁ, ଗୀତାଞ୍ଜଳି ସାହୁ, ଲକ୍ଷ୍ମୀ ମହାରଣା, କମଳା ଦାସ ପ୍ରମୁଖ ଯୋଗଦେଇ ପ୍ରାଣନାଥଙ୍କ ବିପ୍ଳବୀ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶେଷରେ ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।





ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ସନ୍ତୁଳିତ ଆହାର ସୁସ୍ଥ ଜୀବନଶୈଳୀର ମୂଳମନ୍ତ୍ର

**ଖୋର୍ଦ୍ଧା, ୧୬।୧୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓପିଏଚଓ)ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମଧୁମେୟ ଦିବସ ଗୁରୁବାର ସିଡିଓପିଏଚଓ ଡା.ଜୀବନ୍ତ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡା.ବିଶ୍ୱନାଥ ପାଢୀ, ଡା.ନନ୍ଦିତା ଗୁପ୍ତା ଏବଂ ଡା. ଇନ୍ଦିରା କୁମାରୀ ରଥ ପ୍ରମୁଖ ଯୋଗଦେଇ ମଧୁମେହ ଦିବସର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ। ସୁସ୍ଥ ଜୀବନଶୈଳୀ, ସନ୍ତୁଳିତ ଆହାର, ବ୍ୟାୟାମ, ଯୋଗ ପ୍ରାଣାୟମ ଦ୍ୱାରା ମଧୁମେୟ ରୋଗକୁ ପ୍ରତିହତ କରିହେବ। ଧୂମ୍ରପାନ ଏବଂ ମାଦକଦ୍ରବ୍ୟ ସେବନ ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ବସନ୍ତ କୁମାର ଦାଶ, ଭୀମସେନ ପ୍ରଧାନ, ବୈକୁଣ୍ଠ ନାଥ ମହାପାତ୍ର, ସତ୍ୟବାଦୀ ବଳିୟାରସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସୌଦାମିନୀ ପଟ୍ଟନାୟକ, ନାରାୟଣ ଦାସ, ରତ୍ନାକର ରଣସିଂହ, ପ୍ରଫୁଲ୍ଲ ସାମନ୍ତରାୟ, ମୃତ୍ୟୁଞ୍ଜୟ ଛୋଟରାୟ, ବଂଶୀଧର ଦାସ, ନୃସିଂହ ମହାପାତ୍ର, ବାଇଧର ମିଶ୍ର, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରବୀନ୍ଦ୍ର ପରମାଣିକ ଓ ପ୍ରସନ୍ନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରାଜୁଆ ନଦୀରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

**ଜଟଣୀ, ୧୬।୧୧ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ଏବଂ ଟିଗିରିଆ ପଞ୍ଚାୟତ ସୀମାକୁ ସଂଯୋଗ କରୁଥିବା ପାଣ୍ଡିଆବିଲିସ୍ଥିତ ରାଜୁଆ ନଦୀରେ ସେତୁ ନିର୍ମାଣ ପାଇଁ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଟିଗିରିଆ ସରପଞ୍ଚ ପ୍ରସନ୍ନ ଛୋଟରାୟ, ବେଣାପଞ୍ଜରୀ ସରପଞ୍ଚ ଆରତୁ ପରବିନ, ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ସତ୍ୟବ୍ରତ ବେହେରା, ମୁଖ୍ୟଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ନିର୍ମାଣ ବିଭାଜନ ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ସେତୁବନ୍ଧ ଯୋଜନାରେ ୧୨୫୫.୭୦ଲକ୍ଷ



ଟଙ୍କା ବ୍ୟୟ ଅଟକଳରେ ୧୦୧.୨୮ମିଟର ଦର୍ଘ୍ୟ ୩୦.୬୪ ମିଟର ଦର୍ଘ୍ୟ ୪ଟି ସ୍ପାନ ଏବଂ ୨୦ମିଟର ଦୁଇଟି ସ୍ପାନ ବିଶିଷ୍ଟ ପାଇଲ ଫାଉଣ୍ଡେଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ୧୪ ସେପ୍ଟେମ୍ବର ୨୦୨୫ରେ ସମ୍ପୂର୍ଣ୍ଣ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି। ଏହି ବ୍ରିଜ ନିର୍ମାଣ ହେଲେ ଜଟଣୀ ଏବଂ ଡେଲାଙ୍ଗ ବ୍ଲକର ବେଣାପଞ୍ଜରୀ, ଟିଗିରିଆ, ହରିପୁର, ତରାବୋଇ, ବଡ଼ସାନପୁଟ, ସାନସାନପୁଟ, ସାଉରିଆ ଏବଂ ଘନିପୁଟ ମୋଟ୍ ୮ଟି ପଞ୍ଚାୟତର ପାଣ୍ଡିଆବିଲି, ବୁଡାଙ୍ଗରା, ପୁରୁଷୋତ୍ତମପୁର, ଦିତିପୁର, ବରଦା, ବାଦଲପୁର, ରାଇପୁର, ରାଣୀପୁର, ମାଣ୍ଡିତ୍ରି, ବେଗୁନିଆପଡା, ଆମ୍ବଟା, ବିଶିଆପଡା, ବେଣାପାଞ୍ଜରୀ, ଟିଗିରିଆ, ହରିପୁର, ତରବୋଇ, ବଡ଼ସାନପୁଟ, ସାନସାନପୁଟ, ସାଉରିଆ, ଘନିପୁଟ, ପଶ୍ଚିମଦ୍ୱାରପାଟଣା, ବିଜିପୁର ଏବଂ ଅଁଳାଯୋଡ଼ି ଭଳି ୨୩ ଗ୍ରାମର ୩୨୫୦୦ ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘ ବର୍ଷର ଦାବି ପୂରଣ ହେଉଥିବାରୁ ଏହି ପ୍ରକଳ୍ପକୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ବିଭାଗୀୟ ଜେଇ ରଶ୍ମିତା ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ, ଭାଜପା ନେତା ବିଶରଞ୍ଜନ ବଡ଼ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗତ ମାର୍ଚ୍ଚ ୧୬ତାରିଖରେ ମଧ୍ୟ ଏଠାରେ ସେତୁ ନିର୍ମାଣ ପାଇଁ ଦୁଇଥର ଶୁଭ ଦିଆଯାଇଥିଲା।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୬।୧୧।୨୦୨୪

| ୭,୯୦,୫୨୭ ଟଙ୍କା | |
|---|---|
| ସୁନା | ୭.୭୯୦ ଗ୍ରାମ୍ |
| ରୁପା | ୧୧୯.୫୦୦ ଗ୍ରାମ୍ |

# ୪ ଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନକଲେ ଭକ୍ତ

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୧ ମାସ ପରେ ଶ୍ରୀମନ୍ଦିର ୪ଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। କାର୍ତ୍ତିକ ମାସରେ ହବିଷିଆଳି ଓ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୪ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଲାଗୁ କରାଯାଇଥିଲା। ତେବେ କାର୍ତ୍ତିକ ମାସ ପରେ ପୁନର୍ବାର ଭକ୍ତଙ୍କ ନିମନ୍ତେ ୪ଦ୍ୱାର ଖୋଲାଯାଇଛି।

ସୂଚନାଯୋଗ୍ୟ, କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ଭିଡ଼ ଲାଗି ରହୁଥିଲା। ତେବେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଆଖିଆଗରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ତ୍ତିକ ମାସରେ ଶ୍ରୀମନ୍ଦିର ୪ଦ୍ୱାର ମଧ୍ୟରୁ ୨ ଦ୍ୱାର ଯଥା ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ପଟେ ପ୍ରବେଶର ଅନୁମତି ରହିଥିବା ବେଳେ ଓ ଅନ୍ୟ ୨ ଦ୍ୱାର ଯଥା ଦକ୍ଷିଣ ଓ ଉତ୍ତର ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଶନିବାରଠାରୁ ଭକ୍ତଙ୍କ ନିମନ୍ତେ ୪ ଦ୍ୱାର ଦେଇ ଦର୍ଶନ ବ୍ୟବସ୍ଥା ଲାଗୁ କରାଯାଇଛି। ଭକ୍ତମାନେ ଶ୍ରୀମନ୍ଦିର ୪ ଦ୍ୱାର ପଟେ ହୋଇଥିବା ବ୍ୟାରିକେଡ୍ ଦେଇ ପ୍ରବେଶ କରିବା ସହ ଶ୍ରୀବିଗ୍ରହଙ୍କ ଦର୍ଶନ କରିଥିଲେ।



ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯାଉଛନ୍ତି ।




ପୁରୀ ପୌର ସଦନ ପରିସରରେ ଅନୁଷ୍ଠିତ ଓଡ଼ିଶା ଧ୍ୟାନ ମହାଯଜ୍ଞ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

# ଭାବବିହ୍ୱଳ ହୋଇ ଘରକୁ ବାହୁଡ଼ିଲେ ହବିଷିଆଳି

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ହବିଷିଆଳିମାନେ ୧ମାସ ଧରି ପୁରୀରେ ରହି କାର୍ତ୍ତିକ ବ୍ରତ କରୁଥିଲେ। ବ୍ରତ ଶେଷ ହେବା ପରେ ଶନିବାର ଭାବବିହ୍ୱଳ ହୋଇ ଘରକୁ ବାହୁଡ଼ିଛନ୍ତି। କାର୍ତ୍ତିକ ମାସରେ ପୁରୀରେ ରହି ମହାପ୍ରଭୁଙ୍କ ଦର୍ଶନକରି କାର୍ତ୍ତିକ ବ୍ରତ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ହବିଷିଆଳି ପୁରୀ ଆସି ବ୍ରତ ପାଳନ କରିଥାନ୍ତି। ତେଣୁ ହବିଷିଆଳିଙ୍କ ରହିବାଠାରୁ ଆରମ୍ଭକରି ଦର୍ଶନକରିବା ପର୍ଯ୍ୟନ୍ତ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଶେଷ ଦିନରେ ହବିଷିଆଳି ଶିବିରଗୁଡ଼ିକରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

ମାସେ ଧରି ଏକାଠି ରହୁଥିବା ହବିଷିଆଳିଙ୍କ ମଧ୍ୟରେ ଏକ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ପରସ୍ପରଠାରୁ ବିଦାୟନେବା ସମୟରେ ସମସ୍ତଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ବଞ୍ଚିଥିଲେ ପୁଣି ଆରବର୍ଷକୁ ଦେଖାହେବାର ଆଶା ନେଇ ହବିଷିଆଳିମାନେ ବିଦାୟ ନେଇଥିଲେ।

ଏନେଇ ଜଣେ ହବିଷିଆଳି କହିଛନ୍ତି, ୧ ମାସ ଧରି ଏକାଠି ହୋଇ ରହିଥିଲୁ। ସକାଳୁ ଉଠି ନରେନ୍ଦ୍ରରେ ଗାଧୋଇ ଚଉରା ପୂଜା କରୁଥିଲୁ। ପ୍ରଶାସନ ପକ୍ଷରୁ କରାଯାଇଥିବା ଗାଡ଼ିରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନକରି ମହାପ୍ରସାଦ ସେବନ କରୁ। କାର୍ତ୍ତିକ ସରିଗଲା ସମସ୍ତେ ନିଜ ନିଜ ଘରକୁ ବାହୁଡୁଛନ୍ତି। ତେବେ ଏଠାରେ କାଟିଥିବା ସମୟ ସବୁ ମନେରହିବ। ଦୁଃଖ ଲାଗୁଛି କାଲିଠାରୁ ଆଉ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିପାରିବୁନାହିଁ। ଘରକୁ ଫେରୁଥିବା ହବିଷିଆଳିମାନେ କେବଳ ଭାବବିହ୍ୱଳ ହୋଇଥିଲେ ତା' ନୁହେଁ, ମାସେ ଧରି ମା'ମାନଙ୍କ ସେବାରେ ଥିବା ସ୍ୱେଚ୍ଛାସେବୀ, ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀ ମଧ୍ୟ ବିଦାୟଦେବା ସମୟରେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ।

# ସ୍ୱର୍ଗଦ୍ୱାରରେ ବ୍ୟବହୃତ ଘିଅ ଯାଞ୍ଚ କରାଯାଉ

ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାରଠାରେ ବ୍ୟବହୃତ ଘିଅର ଦୁର୍ନୀତି ନେଇ ଏଏପି ପୁରୀ ଶାଖା ପକ୍ଷରୁ ଶନିବାର ଭକ୍ତ ସାଲବେଗ ପୀଠରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏହି ସମ୍ମିଳନୀରେ ସୂଚନା ଦିଆଯାଇଛି, ଶ୍ରୀମନ୍ଦିର ପରି ସ୍ୱର୍ଗଦ୍ୱାରକୁ ମଧ୍ୟ ହିନ୍ଦୁ ମାନ୍ୟତା ଅନୁସାରେ ପବିତ୍ର ବୋଲି ସାଧାରଣ ଜନତା ମାନନ୍ତି। ଏହି ସ୍ୱର୍ଗଦ୍ୱାରରେ ପ୍ରତିଦିନ ୬୦ରୁ ୭୦ ଶବ ସତ୍କାର କରାଯାଏ। ଶବ ସତ୍କାରରେ ସର୍ବନିମ୍ନ ୧ କି.ଗ୍ରା. ଘିଅର ଆବଶ୍ୟକତା ରହିଛି। ତେଣୁ ସେ ଘିଅ ଶୁଦ୍ଧ ବି ହେବା ଦରକାର। କିନ୍ତୁ ଦେଖିବାକୁ ମିଳୁଛି, ଯେଉଁ ଘିଅ ଦିଆଯାଉଛି ସେ ଘିଅକୁ ମିଶନ ଶକ୍ତି ପକ୍ଷରୁ ଦିଆଯାଉଛି। ସେଥିରେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ)ର ଷ୍ଟିକର ରହିଛି। ହେଲେ ନିର୍ମାଣ ଓ ଏକ୍ସପାଏରି ତାରିଖ ନାହିଁ ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ମାନ୍ୟତାପ୍ରାପ୍ତ ସ୍ୱର୍ଗଦ୍ୱାର କମିଟିର ମୁଖ୍ୟ ଜିଲାପାଳ ରହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଏଏପି ପକ୍ଷରୁ ଦାବି କରାଯାଇଛି। ସବୁଠୁ ବଡ଼କଥା ହେଲା ଯେଉଁ ସଂସ୍ଥା ଏହାର ଟେଣ୍ଡର ନେଇଛି, ପୂର୍ବରୁ ଉକ୍ତ ସଂସ୍ଥା ଉପରେ ଛତୁଆ ଦୁର୍ନୀତିର ଆରୋପ ଲାଗିଛି। ତେବେ ଘିଅର ମାନ ଠିକ୍ ଅଛି କି ନାହିଁ ତା'ର ଶୁଦ୍ଧତା ନିରପେକ୍ଷ ଭାବେ ଯାଞ୍ଚ କରାଯାଉ। ଯଦି ସରକାର ଆଗାମୀ ୭ ଦିନ ଭିତରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ପୁରୀ ଏଏପି ପକ୍ଷରୁ ଉପଜିଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଏଏପିର ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ନଗର ସମ୍ପାଦକ ଜନ୍ମେଜୟ ଜେନା ଓ ନଗର ଉପସଭାପତି ଦେବ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ପିପିଲି,୧୬।୧୧(ଦୁର୍ଗାମାଧବ ମିଶ୍ର)

ପିପିଲି ଥାନା ଅଧୀନ ସାତଶଙ୍ଖ ଫାଣ୍ଡି ନିକଟ ପୋଟଳ ଗ୍ରାମ ପାଟଣାସାହିର ହୁଲାସ ମହାପାତ୍ର (୬୩)ଙ୍କ ବେକରୁ ଶନିବାର ସକାଳେ ଦୁର୍ବୃତ୍ତମାନେ ସୁନାଚେନ୍ ଝାମ୍ପି ନେଇଥିବା ପିପିଲି ଥାନାରେ ତାଙ୍କ ପୁଅ ଖବରଦାତା ବିଜୟ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ଘର ସମ୍ମୁଖରେ ମହିଳା ଜଣକ ବୃନ୍ଦାବତୀଙ୍କ ପୂଜା କରୁଥିଲେ। ୨ ଜଣ ଦୁର୍ବୃତ୍ତ ଆସି ତାଙ୍କ ଘର ସମ୍ମୁଖରେ ବାଇକ୍ ରଖିଥିଲେ। ଜଣେ ଗାଡ଼ିରୁ ଓହ୍ଲାଇ ଭାଇନା ଘରେ ଅଛନ୍ତି କି ନାହିଁ ପଚାରି ହଠାତ୍ ହୁଲାସଙ୍କ ବେକରୁ ୨ ଭରି ଓଜନର ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ ପୁଅ ବିଜୟ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି।

### ୧୬ କ୍ରିକେଟ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

ସାକ୍ଷୀଗୋପାଳ,୧୬।୧୧(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡ଼ିଆରେ ଶନିବାର ମଣ୍ଡଳସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବ୍ଲକର ୨୫ ହାଇସ୍କୁଲର ୭୦ ପ୍ରତିଯୋଗୀ ଭିନ୍ନ ଭିନ୍ନ ଟିମ୍ ମାଧ୍ୟମରେ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ାକୁ କ୍ରୀଡ଼ା ସମ୍ପାଦକ ତଥା ଶାରୀରିକ ଶିକ୍ଷକ ସୁଚିତ୍ର ଖଟେଇ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୧୬ ଜଣ ଶ୍ରେଷ୍ଠ ପ୍ରତିଯୋଗୀ ଜିଲାସ୍ତରରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶାରୀରିକ ଶିକ୍ଷକ ଲିଙ୍ଗରାଜ ସାହୁ, ସଂଗ୍ରାମ କେଶରୀ ମହାନ୍ତି, ବିଜ୍ଞାନ ପ୍ରଧାନ, ଅର୍ଜିତ ଗିରି, ପୁଷ୍ପାଞ୍ଜଳି ଜେନା, ମୌସମୀ ଜେନା, ଚିନ୍ମୟୀ ମହାନ୍ତି ପ୍ରମୁଖ କ୍ରୀଡ଼ାର ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଥିଲେ।

# ସାଧବ ପୁଅମାନେ ଉତ୍କଳୀୟ କଳା, ସଂସ୍କୃତିର ପ୍ରଚାରକ ଥିଲେ

**ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ**

ବଳଙ୍ଗା,୧୬।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ନାହାମଙ୍ଗ ପାଟଣା ଗ୍ରାମରେ ଭାର୍ଗବୀ ୟୁଥ କ୍ଲବ ପକ୍ଷରୁ ୨ ଦିନିଆ ୧୦ମ ବୋଇତ ବନ୍ଦାଣ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପିପିଲି ପୂର୍ବତନ ବିଧାୟକ ବୋଇତ ବନ୍ଦାଣ ଉତ୍ସବ ପରିଚାଳନା କମିଟି ଅଧ୍ୟକ୍ଷ ରୁଦ୍ର ପ୍ରତାପ ମହାରଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ଉତ୍ସବର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ରୂପେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ସୁନୀଲ ମହାନ୍ତି, ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ନିମାପଡ଼ା ବିଧାୟକ ପାର୍ଥ ଦିଲୀପ ନାୟକ, ସାମାଜିକ କର୍ମୀ ସୁବ୍ରତ ଛାଟୋଇ, ସରପଞ୍ଚ ରିନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବକୁ ଆକର୍ଷଣ କରିବାକୁ ପାଇଁ ଓଲିଉଡ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ପ୍ରଦୀପ ପଲେଇଙ୍କ ସମେତ ପାଇକ ଆଖଡ଼ା, ସମ୍ବଲପୁରୀ, ଓଡ଼ିଶୀ, ଛଉ, ସୁର ତରଙ୍ଗ କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥିମାନେ ସାଧବ ପୁଅମାନେ ଉତ୍କଳୀୟ କଳା, ସଂସ୍କୃତିର ପ୍ରଚାରକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ହଜି ଯାଉଥିବା ଲୋକକଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପୁନରୁଦ୍ଧାର ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରମୁଖ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଷ୍ଟଲ ପକାଇଥିଲେ। ୟୁଥ୍ କ୍ଲବ ସଭାପତି ଧନେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୪ଟି ସଂସ୍କୃତି ଦଳ ଯୋଗାଇ ଦେଇଥିଲା। ଏହି ଅବସରରେ ଓଡ଼ିଶୀ, ସାନ୍ତାଳୀ, ପାଇକ ଆଖଡ଼ା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଉଦ୍‌ଯାପନୀ ସମାରୋହରେ ସମ୍ମାନିତ କରାଯାଉଛି ।

# ଭାଷା ବଞ୍ଚିଲେ ସାହିତ୍ୟ ସମୃଦ୍ଧ ହେବ

ଅସ୍ତରଙ୍ଗ,୧୬।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଭାଷା ବଞ୍ଚିଲେ ଜାତି ବଞ୍ଚିବ ଓ ସାହିତ୍ୟ ଚିରକାଳ ସମୃଦ୍ଧ ହେବ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ବେଳାଭୂମିଠାରେ ବେଳାଭୂମି ସାହିତ୍ୟ ସଂସଦର ସାହିତ୍ୟ ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମିୟ କୁମାର ପଟ୍ଟନାୟକ ଯୋଗଦେଇ ଏହା କହିଥିଲେ। ବେଳାଭୂମି ସାହିତ୍ୟ ସଂସଦ ସଭାପତି ଚିତ୍ତରଞ୍ଜନ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। କଂଗ୍ରେସ ନେତା ଅମିୟ ପଟ୍ଟନାୟକ ସାହିତ୍ୟ ଆସରକୁ ଉଦ୍‌ଘାଟନ କରିଥିଲେ। ସଂସଦ ସମ୍ପାଦକ ଦୁଃଶାସନ ନାୟକ ବିବରଣୀ ପାଠ କରି ସାହିତ୍ୟ ସଂସଦର ସମସ୍ୟା ଓ ତାହାର ନିରାକରଣ ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ୩୦ ଜଣଙ୍କୁ ସୁରେନ୍ଦ୍ରନାଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତିସଭ୍ୟ ବିଦ୍ୟାଧର ବିଶ୍ୱାଳ, ବ୍ୟଙ୍ଗକବି ସମ୍ପଦ ରଥ ଯୋଗଦେଇଥିଲେ। ସାହିତ୍ୟ ସଂସଦର ସଂଯୋଜକ ଶୋଭାକର ବେହେରାଙ୍କ ସହ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ

ଯୋଗେଶ୍ୱରପୁର,୧୬।୧୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଯୋଗେଶ୍ୱରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭୀମସେନ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ଦିବସ ଓ ପୁରସ୍କାର ବିତରଣ ଦିବସ ପାଳିତ ହୋଇଯାଇଛି। ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ପ୍ରସନ୍ନ କୁମାର ସ୍ୱାଇଁ ଉପସଭାପତି କୃଷ୍ଣଚନ୍ଦ୍ର ବାରିକ୍ ଓ ସମ୍ପାଦକ ମାନସ କୁମାର ସାହୁ, ସହ ସମ୍ପାଦିକା ବିଷ୍ଣୁପ୍ରିୟା ନାୟକ, କୋଷାଧ୍ୟକ୍ଷ ବିମଳକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଦିବସର ମହତ୍ତ୍ୱ ଏବଂ ସମାଜରେ ଶିଶୁଙ୍କ କର୍ତ୍ତବ୍ୟ ବିଷୟରେ ମଞ୍ଚାସୀନ ଅତିଥି ମାନେ ବୁଝାଇଥିଲେ।

# ସୂର୍ଯ୍ୟମନ୍ଦିର ପରିଦର୍ଶନକଲେ ୨୪ ରାଷ୍ଟ୍ରଦୂତ



କୋଣାର୍କ,୧୬।୧୧(ଜ୍ୟୋତିରାଜ ମହାନ୍ତି)

୧୪ ଦେଶର ୨୪ ଜଣ ରାଷ୍ଟ୍ରଦୂତ ଶନିବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ୱତନ୍ତ୍ର ବସ୍‌ରେ କୋଣାର୍କରେ ପହଞ୍ଚିବା ପରେ ପ୍ରଥମେ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନେ ପରେ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ପର୍ଯ୍ୟଟନ ବିଭାଗର ସ୍ୱୀକୃତିପ୍ରାପ୍ତ ଗାଇଡ୍ ସୂର୍ଯ୍ୟ ମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟରେ ବିସ୍ମୟ ଚକିତ ହୋଇ ମୋବାଇଲରେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଶିଶୁଙ୍କ ପାଇଁ ଉତ୍ସବ କୋଟିଏ ହସ, ପୋଷଣ ଅଭିଯାନ

ସାକ୍ଷୀଗୋପାଳ,୧୬।୧୧(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ଅବସରରେ ଗୁରୁବାର ସତ୍ୟବାଦୀର ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ୧୬୫ ଅଙ୍ଗନୱାଡ଼ି କେନ୍ଦ୍ର ଓ ୧୮ ଜ୍ଞାନକେନ୍ଦ୍ରରେ ଶିଶୁଙ୍କ ଯତ୍ନ ଏବଂ ଶିକ୍ଷା ପାଇଁ ଉତ୍ସବ 'କୋଟିଏ ହସ' ଓ ପୋଷଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିଶୁ ଓ ତାଙ୍କ ମାତାପିତା ସାମିଲ ହୋଇଥିଲେ। ପୋଷଣ ପ୍ରକାର ଅନୁସାରେ ସାଧାରଣ ବର୍ଗରେ ଥିବା ଶିଶୁଙ୍କୁ ୨ଟି ବର୍ଗ ଯଥା- ୬ ମାସରୁ ୩ ବର୍ଷ ଏବଂ ୩ରୁ ୬ ବର୍ଷରେ ଚିହ୍ନଟ କରାଯାଇଥିଲା। ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରସ୍ତରରେ ସ୍ୱତନ୍ତ୍ର କମିଟି ଦ୍ୱାରା ଉଭୟ ବର୍ଗର ଶ୍ରେଷ୍ଠ ୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାରରେ ଆକର୍ଷଣୀୟ ଉପହାର ଏବଂ ପୁଷ୍ଟିକର ଟୋକେଇ (ନ୍ୟୁଟ୍ରିଶନ ବାସ୍କେଟ୍) ଦିଆଯାଇଥିଲା। କୁପୋଷଣ ମୁକ୍ତ ଲାଗି ଉଭୟ ଶିଶୁ ଓ ମାତାପିତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିବାକୁ ଏଭଳି ନିଆରା ପଦକ୍ଷେପ ନିଆଯାଇଥିବା ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ କହିଥିଲେ। ସମାନ ଖାଦ୍ୟ ଅଭ୍ୟାସ ସହ ଯେକୌଣସି ପରିବେଶରେ ଶିଶୁଙ୍କ ଉତ୍ତମ ଯତ୍ନ କିପରି ନିଆଯାଇପାରିବ, ସେ ସମ୍ପର୍କରେ ଆଲୋଚନା ଦ୍ୱାରା ସାମୂହିକ ସଚେତନ ସୃଷ୍ଟି କରାଯାଇଥିଲା। ଦୁର୍ବଳ ରହୁଥିବା ଶିଶୁଙ୍କ କିପରି ଯତ୍ନ ନେଇପାରିବେ, ସେନେଇ ଜାଗୃତ କରାଯାଇଥିଲା। ଶିଶୁଙ୍କ ମୁହଁରେ ଯେଭଳି ହସ ଫୁଟିବ, ସେଥିପାଇଁ ପ୍ରତ୍ୟେକ କେନ୍ଦ୍ରରେ ବିଭିନ୍ନ ଖେଳକୁଦ, ନାଚ, ଗୀତ ସହ ଚିତ୍ର ମାଧ୍ୟମରେ ଏକ ସୁନ୍ଦର ପରିବେଶ ସୃଷ୍ଟି କରାଯିବା ସହ ଶିଶୁଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ପରିବେଷଣ କରାଯାଇଥିଲା। ସମସ୍ତ ପିଆର୍‌ଆଇ ମେମ୍ବର, ଏଏନ୍‌ଏମ୍, ଆଶା, ଅଙ୍ଗନୱାଡ଼ି, ଏସ୍‌ଏଚ୍‌ଜି ଗୋଷ୍ଠୀ, ପ୍ରସୂତି ମହିଳା, କିଶୋରୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ସମସ୍ତ ସେକ୍ଟରର ଅଙ୍ଗନୱାଡ଼ି ସୁପରଭାଇଜର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କୋଟିଏ ହସ ଓ ପୋଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିଙ୍କ ସହ ଶିଶୁ ଓ ମା'ମାନେ।

# ଗଣମାଧ୍ୟମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହେଁ

**ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ**

ପିପିଲି,୧୬।୧୧(ଦୁର୍ଗାମାଧବ ମିଶ୍ର)

କାର୍ଯ୍ୟପାଳିକା, ନ୍ୟାୟପାଳିକା, ଆଇନ ପ୍ରଣୟନକାରୀ ସଂସ୍ଥା ଯେତିକି ଗୁରୁତ୍ୱପୂର୍ଣ୍ଣ, ଗଣମାଧ୍ୟମ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହେଁ ବୋଲି ପିପିଲି ବ୍ଲକ୍ ଅନ୍ତର୍ଗତ ଗୁଡ଼ିଆପୋଖରୀସ୍ଥିତ ରୁକ୍ମିଣୀ ପ୍ୟାଲେସ୍‌ଠାରେ ପିପିଲି ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାବେଶରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ପିପିଲି ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ 'ପରିବର୍ତ୍ତିତ ପରିସ୍ଥିତିରେ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ମୁଖ୍ୟବକ୍ତା ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସିନେ ଅଭିନେତା ବବି ମିଶ୍ର, ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର, ହେଡ୍‌ଲାଇନ୍ସ ଓଡ଼ିଶାର ମୁଖ୍ୟ ଜ୍ୟୋତିରଞ୍ଜନ ବେହେରା, ମାନବାଧିକାର କର୍ମୀ ଶ୍ରୀଅଖଣ୍ଡ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚରଣ ନାୟକ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅଂଶିକା ମହାପାତ୍ର ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ଯେତେ ସ୍ୱାଧୀନ ହେବ ଗଣତନ୍ତ୍ର ସେତେ ସୁଦୃଢ଼ ହେବ ବୋଲି ମତବ୍ୟକ୍ତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଦୀନବନ୍ଧୁ ବେହୁରା ବିବରଣୀ ପାଠ କରିଥିବା ବେଳେ ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ଓ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଜ୍ୟର ୩୨ ଜଣ ବରିଷ୍ଠ ଡାକ୍ତର, ଖବରଦାତା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବୀ, ସାହିତ୍ୟିକ, କବି, ଲେଖକ, କଳାକାର, ସାମାଜିକ କର୍ମୀ, କ୍ରୀଡ଼ାବିତ୍, ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ମୁଖ୍ୟ ସଂଯୋଜକ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକୁ ବରିଷ୍ଠ ଖବରଦାତା ସୁବାସ ପ୍ରଧାନ, ହେମନ୍ତ କୁମାର ସେଠୀ, ରଶ୍ମିରଞ୍ଜନ ପ୍ରଧାନ, ଦୁର୍ଗାମାଧବ ମିଶ୍ର, ନୃସିଂହ ଚରଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଗୋକୁଳ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥିବୃନ୍ଦ ।

# ଦୀର୍ଘବର୍ଷର ଜବରଦଖଲ ଉଚ୍ଛେଦ କଲା ବିଏମ୍‌ସି

ଭୁବନେଶ୍ୱର,୧୬।୧୧ (ବନ୍ଦନା ସେଠୀ)

ବିଏମ୍‌ସି ୱାର୍ଡ ନଂ. ୨୫ ଅନ୍ତର୍ଗତ ଦକ୍ଷିଣ-ପଶ୍ଚିମ ମଣ୍ଡଳର ମହର୍ଷି ପଡିଆଠାରେ ଦୀର୍ଘବର୍ଷ ଧରି ଜବରଦଖଲରେ ଥିବା ସରକାରୀ ଜମିରୁ ଏକ ପରିବାରକୁ ଶନିବାର ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ପରିବାରକୁ ରାଜୀବ ଆବାସ ଯୋଜନାରେ ଘର ମିଳିଛି। ମାତ୍ର ସେ ପ୍ରାପ୍ୟ ଦେଇ ଘର ନେଉନାହାନ୍ତି। ଏପରିକି ଉଚ୍ଛେଦ ପୂର୍ବରୁ ତାଙ୍କ ପାଇଁ ଟ୍ରାଞ୍ଜିଟ୍ ହାଉସ୍ ଆଲଟ୍‌ମେଣ୍ଟ ହୋଇଥିଲେ ମଧ୍ୟ ସେଠାକୁ ନ ଯାଇ ଜୋର୍ ଜବରଦସ୍ତ ଜବରଦଖଲ କରି ରହୁଥିଲେ। ଉଚ୍ଛେଦ କରିବାକୁ ଯାଇଥିବା ଟିମ୍‌କୁ ସମ୍ପୃକ୍ତ ପରିବାର ପକ୍ଷରୁ ଧମକ ଓ ଖରାପ ବ୍ୟବହାର କରାଯାଇଥିଲେ ହେଁ ନୟାପଲ୍ଲୀ ପୋଲିସ ଏବଂ ଏନ୍‌ଫୋର୍ସମେଣ୍ଟ ଟିମ୍ ସହାୟତାରେ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ଜବରଦଖଲ ଉଚ୍ଛେଦ ପରେ ଲୋକେ ବିଏମ୍‌ସିକୁ ଧନ୍ୟବାଦ ଜଣାଇଛନ୍ତି।

# ମିଥ୍ୟା ଖବର ଭୂତାଣୁଠାରୁ ଦ୍ରୁତ ଗତିରେ ବ୍ୟାପୁଛି

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

## ପିସିଆଇ ପକ୍ଷରୁ ଦିଲ୍ଲୀରେ ଜାତୀୟ ପ୍ରେସ୍ ଦିବସ

ପ୍ରେସ୍‌କାଉନ୍‌ସିଲ ଅଫ୍‌ଇଣ୍ଡିଆ (ପିସିଆଇ) ପକ୍ଷରୁ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ମିଡିଆ ସେଣ୍ଟରରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚୁଆଲରେ ଯୋଗଦେଇ କହିଲେ, ଦେଶରେ ୩୫ହଜାର ପଞ୍ଜୀକୃତ ଖବରକାଗଜ, ଅନେକ ନ୍ୟୁଜ ଚ୍ୟାନେଲ ଏବଂ ସୁଦୃଢ଼ ଡିଜିଟାଲ ମିଡିଆ ରହିଛି। ୪ଜି ଏବଂ ୫ଜି ନେଟ୍‌ୱର୍କରେ ପୁଞ୍ଜିନିବେଶ ଭାରତକୁ ବିଶ୍ୱସ୍ତରରେ ସର୍ବନିମ୍ନ ଡାଟା ମୂଲ୍ୟ ସହିତ ଡିଜିଟାଲ ସଂଯୋଗ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ପହଞ୍ଚାଇଛି। ତେବେ ଗଣମାଧ୍ୟମ ଓ ପ୍ରେସ୍‌ର ପରିବର୍ତ୍ତିତ ଦୃଶ୍ୟପଟ୍ଟ ଯୋଗୁ ଆମ ସମାଜ ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ସେ କହିଲେ, ମିଥ୍ୟା ଖବର ପ୍ରସାର ଗଣମାଧ୍ୟମ ଉପରେ ବିଶ୍ୱାସକୁ କ୍ଷୁଣ୍ଣ କରିବା ସହ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରୁଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉନ୍ନତି ଯୋଗୁ ସୃଜନଶୀଳ ଦୁନିଆ ପରିବ୍ୟାପ୍ତ ହେଉଥିବା ମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଭୂତାଣୁ ଅପେକ୍ଷା ଫେକ୍ ନ୍ୟୁଜ୍ ଦ୍ରୁତ ଗତିରେ ବ୍ୟାପୁଛି। ଏହା ଜାତୀୟ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛି। ସେନାକୁ ଦୁର୍ବଳ କରିବା ସହ ଭାରତୀୟ ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରୁଛି ବୋଲି ସେ ସତର୍କ କରାଇଦେଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ଭାରତୀୟ ଗଣଯୋଗାଯୋଗ ପ୍ରତିଷ୍ଠାନ (ଆଇଆଇଏମ୍‌ସି) ଭଳି ଅନୁଷ୍ଠାନ ମାଧ୍ୟମରେ ସ୍ୱାସ୍ଥ୍ୟ, କଲ୍ୟାଣକାରୀ ଯୋଜନା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମେତ ସାମ୍ବାଦିକଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ କହିଥିଲେ। ପ୍ରେସ କାଉନ୍‌ସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇ ଓ ବରିଷ୍ଠ ସାମ୍ବାଦିକ ଶ୍ରୀ କୁନ୍ଦନ ରମଣଲାଲ ବ୍ୟାସ ଯୋଗଦେଇ ପିସିଆଇ ଦ୍ୱାରା ପରିଚାଳିତ ପୁରସ୍କାର ଓ ଇଣ୍ଟର୍ନଶିପ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଚଳିତ ବର୍ଷ ୧୫ ଜଣ ସାମ୍ବାଦିକଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ।


ଭର୍ଚୁଆଲରେ ଯୋଗଦେଇଥିବା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଡ. ଏଲ୍. ମୁରୁଗନ।

# ଛପା ଗଣମାଧ୍ୟମର ଚାହିଦା ରହିଛି, ରହିବ



ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୧୬।୧୧ (ସୁଚିସ୍ମିତା ସାହୁ)

ଓଡ଼ିଶା ପତ୍ରକାର ସଂଘ (ଓପିଏସ୍) ପକ୍ଷରୁ ଶନିବାର ଲୋହିଆ ଏକାଡେମୀଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ଯୋଗଦେଇ କହିଲେ, ଛପା ଗଣମାଧ୍ୟମର ଚାହିଦା ରହିଛି, ଆଗକୁ ମଧ୍ୟ ରହିବ। ସାମ୍ବାଦିକଙ୍କ ସମସ୍ୟା ରାଜ୍ୟ ସରକାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ। ଭାଜପା ମୁଖପାତ୍ର ସଜ୍ଜନ ଶର୍ମା କହିଲେ, ସାମ୍ବାଦିକତା ଓ ସାମ୍ବାଦିକଙ୍କ ବୃତ୍ତି ବଦଳି ଯାଇଛି। ଏବେ ଖବରକାଗଜ ମାଲିକମାନେ ବେପାରୀ ହୋଇଯାଇଛନ୍ତି। ସମ୍ବାଦର ମାନ କମିଯାଉଛି ବୋଲି ସେ ମତ ଦେଇଥିଲେ। କଂଗ୍ରେସ ନେତା ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦେଇ ଖବର ସଂଗ୍ରହର ପ୍ରମୁଖ ସ୍ଥାନ ସଚିବାଳୟ ହୋଇଥିବାବେଳେ ପୂର୍ବ ସରକାର ସାମ୍ବାଦିକଙ୍କ ପାଇଁ ବାଡ଼ ପକାଇ ରଖିଥିଲେ, ଯାହା ଏବେ ଖୋଲିଯାଇଛି। ସରକାର ସାମ୍ବାଦିକଙ୍କ ଉନ୍ନତି ପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ ସୂଚନା କମିଶନର ଦିଲୀପ ବିଶୋଇ ଯୋଗଦେଇ ସାମ୍ବାଦିକ ଓ ସମ୍ବାଦପତ୍ର କେତେ ସ୍ୱାଧୀନ ବୋଲି ମତ ଦେଇଥିଲେ। ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ରବି ରାୟ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ରାମଦାସ ଲିମା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ରାଜ୍ୟ ସଭାପତି ଅବିନାଶ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାରେ ହେବ ରୋବୋଟିକ୍ ସର୍ଜରି: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୧(ବନ୍ଦନା ସେଠୀ)

## ଏଏସ୍‌ଆଇ ଓଡ଼ିଶା ଅଧ୍ୟାୟର ୩୯ତମ ବାର୍ଷିକ ସମ୍ମିଳନୀ

ଏଏସ୍‌ଆଇ ଓଡ଼ିଶା ଅଧ୍ୟାୟର ୩୯ତମ ବାର୍ଷିକ ସମ୍ମିଳନୀ 'ଓସାସିକନ୍-୨୦୨୪' ଶନିବାର ଏମ୍ସ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କହିଲେ, ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷରେ ରୋବୋଟିକ ସର୍ଜରି ଆରମ୍ଭ କରିବା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗକୁ ବ୍ୟାପକ କରିବାକୁ ଯୋଜନା କରୁଛନ୍ତି। ଏଥିସହ ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା, ଚିକିତ୍ସା ଶିକ୍ଷାକୁ କ୍ରିୟାଶୀଳ ଓ ମଜବୁତ କରିବା ପାଇଁ ଆସନ୍ତା ୫ବର୍ଷ ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଜିଲାରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତିବଦ୍ଧ। ଫଳରେ ରୋଗୀମାନେ ଠିକ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଆସିଥିବା ଚିକିତ୍ସକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅଧିକାରୀମାନେ ଉପସ୍ଥିତ ଥିଲେ।



ଓୟୁଡବ୍ଲ୍ୟୁଜେ ପକ୍ଷରୁ ହୋଟେଲ କେଶରୀଠାରେ ଶନିବାର ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟ ଅତିଥିମାନେ।

# ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ୨୪ ରାଷ୍ଟ୍ରଦୂତ

କୋଣାର୍କ,୧୬।୧୧(ଜ୍ୟୋତିରାଜ ମହାନ୍ତି)

୧୪ ଦେଶର ୨୪ ଜଣ ରାଷ୍ଟ୍ରଦୂତ ଶନିବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ୱତନ୍ତ୍ର ବସ୍‌ରେ କୋଣାର୍କରେ ପହଞ୍ଚିବା ପରେ ପ୍ରଥମେ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନେ ପରେ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ପର୍ଯ୍ୟଟନ ବିଭାଗର ସ୍ୱୀକୃତିପ୍ରାପ୍ତ ଗାଇଡ୍ ସୂର୍ଯ୍ୟ ମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟରେ ବିସ୍ମୟ ଚକିତ ହୋଇ ମୋବାଇଲରେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ନିଯୁକ୍ତି ସର୍ତ୍ତାବଳୀ ଲାଗୁ କରିବାକୁ ଶିକ୍ଷକଙ୍କ ଦାବି


ସଂଘ କର୍ମକର୍ତ୍ତା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

ରାଜ୍ୟ ପ୍ରବରଣ ମଣ୍ଡଳୀ ସ୍ନାତକୋତ୍ତର ଶିକ୍ଷକ ସଂଘ (ଓଏପିଏ)ର ଶିକ୍ଷକମାନେ ବିଭିନ୍ନ ଦାବି ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆୟରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ୨୯ ତାରିଖ ୨୦୨୩ରେ ରାଜ୍ୟରେ ପ୍ରଥମଥର ପାଇଁ ସ୍ନାତକୋତ୍ତର ଶିକ୍ଷକମାନଙ୍କର ନିଯୁକ୍ତି ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହୋଇଥିଲା। ତେଣୁ ଯଥାଶୀଘ୍ର ଚାକିରି ସର୍ତ୍ତାବଳୀ ଲାଗୁ କରିବାପାଇଁ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ। ଏକ ବର୍ଷିକିଆ ଆବଣ୍ଟନ ବଜେଟ ପ୍ରସ୍ତୁତ କରି ମାସିକ ପରିଶ୍ରମିକରେ ବିଳମ୍ବ ନକରିବା ପାଇଁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ବରଦା ପ୍ରସନ୍ନ ଦଳାଇ, ଉପସଭାପତି ନିତ୍ୟାନନ୍ଦ ସ୍ୱାଇଁ, ସାଧାରଣ ସମ୍ପାଦକ ସୁଶାନ୍ତ ସେଠୀ, ସହ ସମ୍ପାଦକ ସୂର୍ଯ୍ୟ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ସରୋଜ କୁମାର ଜେନା ତଥା କାର୍ଯ୍ୟ ନିର୍ବାହକ ସଦସ୍ୟଗଣ ରାଜେଶ ବେଜ, ଅଜୟ କୁମାର ଜେନା, ଅଶୋକ କୁମାର ସ୍ୱାଇଁ, ପ୍ରଦ୍ୟୁମ୍ନ କୁମାର ସାହୁ, କିରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପର୍ଯ୍ୟଟନ ବିକାଶ ତ୍ୱରାନ୍ୱିତ ପାଇଁ ହାରୋର ୨୨ ପ୍ରସ୍ତାବ

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଓ ସମ୍ଭାବନାର ଅଭାବ ନାହିଁ। ଏସବୁ ସ୍ଥାନକୁ ବିଦେଶରେ ପ୍ରଚାର ପ୍ରସାର କରିବାର ସମୟ ଆସିଛି। ଅଧିକରୁ ଅଧିକ ପର୍ଯ୍ୟଟକ ରାଜ୍ୟକୁ ଆସିବା ପାଇଁ ଓଡ଼ିଶା ସରକାର ଗୁରୁତ୍ୱ ଦେବା ଦରକାର। ବିଶେଷକରି ଅଧିକ ବିଦେଶୀ ପର୍ଯ୍ୟଟକ ଆସିଲେ ହିଁ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ଆହୁରି ଆଗକୁ ଯାଇପାରିବ। ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ହୋଟେଲ ଆଣ୍ଡ୍ ରେଷ୍ଟରାଣ୍ଟ ଆସୋସିଏଶନ (ଏଚ୍‌ଆର୍‌ଏଓ) ସଭାପତି ଜିତେନ୍ଦ୍ର କୁମାର ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଗୋଆ, କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ସହ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ପର୍ଯ୍ୟଟନ ବିକାଶ ପାଇଁ ଉଦ୍ୟମ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ ଆଗାମୀ ଦିନରେ ପର୍ଯ୍ୟଟନ କ୍ଷେତ୍ରର କେଉଁ ଭଳି ଭାବେ ବିକାଶ ହେବା ଦରକାର ସେନେଇ ୨୨ଟି ଦିଗ ଉପରେ ଦୃଷ୍ଟି ଦେବା ପାଇଁ ଏଚ୍‌ଆରଏଓ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କମିଟି ଗଠନ, ପାନ୍ଥ ନିବାସଗୁଡ଼ିକର ଘରୋଇକରଣ, ଭିତ୍ତିଭୂମିର ବିକାଶ ଓ ପର୍ଯ୍ୟଟନ ସ୍ଥଳୀର ବ୍ୟାପକ ପ୍ରଚାର କରିବା, ପର୍ଯ୍ୟଟନ କ୍ଷେତ୍ରରେ ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା, ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ଦେବାସହ ପୁଞ୍ଜି ନିବେଶ ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ଏଚ୍‌ଆରଏଓ ସରକାରଙ୍କୁ ପ୍ରସ୍ତାବ ଦେଇଛି। ସେହିଭଳି ଇକୋ-ଟୁରିଜମର ବିକାଶ, ଅଧିକରୁ ଅଧିକ ନୂତନ ପର୍ଯ୍ୟଟନ ସ୍ଥଳର ବିକାଶ, ଅଧାପନ୍ତରିଆ ପର୍ଯ୍ୟଟନ ଯୋଜନାକୁ ଶୀଘ୍ର ସାରିବା, ଧାର୍ମିକ ପୀଠର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୨ରେ ପରିବର୍ତ୍ତନ କରିବାର ଆବଶ୍ୟକତା ଥିବା ହାରୋ ପକ୍ଷରୁ କୁହାଯାଇଛି। ଦେଓମାଳି, କୋଣାର୍କ, ଭିତରକନିକା, ସାତକୋଶିଆ ସହ ୭୦ରୁ ଅଧିକ ୱାଟରଫଲ୍ ଆଦି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀକୁ ପ୍ରାଥମିକତା ଭିତ୍ତିରେ ବିକଶିତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳରେ ହୋଟେଲ, ରେଷ୍ଟୁରାଣ୍ଟ, ପିକନିକ ସ୍ପଟ୍ ଏବଂ ଗେମ୍ ଜୋନ୍ ଆଦି କରିବାକୁ ପରାମର୍ଶ ଦିଆଯାଇଛି। ବୌଦ୍ଧ, ଗୟା, ପୁଣେ, ଉଦୟପୁର, ଆଲ୍ଲାବାଦକୁ ସିଧାସଳଖ ବିମାନ ଚଳାଚଳ ବ୍ୟବସ୍ଥା କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି।

# ବାଲିଯାତ୍ରାରେ ପିଏନ୍‌ବିର ଆକର୍ଷଣୀୟ ଷ୍ଟଲ୍



ଭୁବନେଶ୍ୱର,୧୬।୧୧

କଟକ ବାଲିଯାତ୍ରାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ମଣ୍ଡଳ ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲର ଶୁଭାରମ୍ଭ କରାଯାଇଛି। ଏପରିକି ପିଏନ୍‌ବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପିଏନ୍‌ବିର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର, ଉପ ଆଞ୍ଚଳିକ ପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, କଟକ ମଣ୍ଡଳ ମୁଖ୍ୟ ଜଗବନ୍ଧୁ ପାଢ଼ୀ ଏବଂ ଉପ ମଣ୍ଡଳ ମୁଖ୍ୟ ସୂର୍ଯ୍ୟମଣି ସାହୁଙ୍କ ସମେତ ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀ ଏବଂ କଟକ ସିଟି ଶାଖାର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ ଗ୍ରାହକମାନଙ୍କ ସୁବିଧା ପାଇଁ ଅନେକ ପ୍ରକାର ବ୍ୟାଙ୍କିଙ୍ଗ୍ ସୁବିଧା ସହ ମୁଦ୍ରା ବିନିମୟ ସେବା ମଧ୍ୟ ଉପଲବ୍ଧ କରାଯାଇଛି। ପିଏନ୍‌ବି ସଦାସର୍ବଦା ଗ୍ରାହକମାନଙ୍କୁ ଉଚ୍ଚକୋଟିର ସେବା ପ୍ରଦାନ କରିଆସୁଛି।

# ଅଟୋ ଡିକି ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୧୧(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ହସ୍ପିଟାଲ ପଛ ପାଖ ପାର୍କିଂସ୍ଥଳରେ ଥିବା ଏକ ଅଟୋର ଡିକି ଭାଙ୍ଗି ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ୟୁନିଟ-୬ ରେ ରହୁଥିବା ସାଗର ନାୟକ। ତାଙ୍କଠାରୁ ଆଧାର କାର୍ଡ, ଏଟିଏମ୍ କାର୍ଡ, ଆର୍‌ସି କାର୍ଡ, ହେଲଥ କାର୍ଡ, ଇ-ଶ୍ରମିକ କାର୍ଡ ଏବଂ ଟଙ୍କା ଆଦି ଜବତ ହୋଇଛି। ଅଭିଯୁକ୍ତ ଜଣଙ୍କ ପେସାଦାର ଅପରାଧୀ ଓ ତାଙ୍କ ନାମରେ ପୂର୍ବରୁ ଭୁବନେଶ୍ୱର ସହରାଞ୍ଚଳର ବିଭିନ୍ନ ଥାନାରେ ୧୨ଟି ଆପରାଧିକ ମାମଲା ରହିଛି। ଚୋରିର ଶିକାର ହୋଇଥିବା ଅଟୋଚାଳକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶନିବାର ସୂଚନାଭବନଠାରେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଆୟୋଜିତ ଖବରକାଗଜ ଏବଂ ପତ୍ରିକା ପ୍ରଦର୍ଶନୀକୁ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ସିଂଙ୍କ ସହ ଅନ୍ୟ ଅତିଥିମାନେ ବୁଲି ଦେଖୁଛନ୍ତି।

# ଗଣମାଧ୍ୟମର ସ୍ୱାଧୀନତା ଲୋକଙ୍କ କଲ୍ୟାଣରେ ବିନିଯୋଗ ହୁଏ

ଭୁବନେଶ୍ୱର,୧୬।୧୧(ବନ୍ଦନା ସେଠୀ)



କୃତୀ ପ୍ରତିଯୋଗିଙ୍କ ସହ ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଓ ଅନ୍ୟ ଅତିଥିମାନେ।

## ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ

ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଶନିବାର ସୂଚନା ଭବନ ଏବଂ ଲୋକସମ୍ପର୍କ ଭବନ ଉଭୟ ସ୍ଥାନରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସୂଚନା ଭବନ ପ୍ରଦର୍ଶନୀ କକ୍ଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପେପରମ୍ୟାନ୍ ଇଣ୍ଡିଆ ଶଶାଙ୍କ ଶେଖର ଦାଶଙ୍କ ସହଯୋଗରେ ସର୍ବ ପୁରାତନ, ପୁରାତନ ଓ ନୂତନ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ଓଡ଼ିଆ, ଇଂଲିଶ, ହିନ୍ଦୀ, ବିଦେଶୀ ଖବରକାଗଜ, ମାଗାଜିନ ପ୍ରଦର୍ଶନୀ ହୋଇଥିଲା। ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପରେ ସୂଚନା ଓ ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମାଲଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ, ଗଣମାଧ୍ୟମର ସ୍ୱାଧୀନତା ଜନସାଧାରଣଙ୍କ କଲ୍ୟାଣରେ ବିନିଯୋଗ ହୁଏ। ଗଣମାଧ୍ୟମର ସ୍ୱାଧୀନତା ଜନସାଧାରଣଙ୍କ ଚେତନାକୁ ଜାଗ୍ରତ କରାଇ କର୍ତ୍ତବ୍ୟ ଓ ଦାୟିତ୍ୱ ମୂଲ୍ୟବୋଧତା ବଜାୟ ରଖିବା ଦିଗରେ ପ୍ରେରଣା ଦିଏ। ମୁଖ୍ୟବକ୍ତା ଭାବେ ଏସିଆନ ଏଜ୍ ଓ ଇନ୍ଦୁସ ଭାଲି ଟାଇମ୍ସ ବରିଷ୍ଠର ସାମ୍ବାଦିକ ଅକ୍ଷୟ କୁମାର ସାହୁ କହିଲେ, ଗଣମାଧ୍ୟମ ଖବର ପରିବେଷଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ସତ୍ୟତା, ଅନୁସନ୍ଧାନ ଆଦି ଦିଗକୁ ଦେଖି ଖବର ପରିବେଷଣ କରିବାକୁ ସେ କହିଥିଲେ। ସରୋଜ କୁମାର ସାମଲ ସଭାପତିତ୍ୱ କରି ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଶାସନ ବ୍ୟବସ୍ଥାକୁ ବୁଝାଏ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଆ ଓ ଇଂଲିଶ ବକ୍ତୃତା ପ୍ରତିଯୋଗିତାର ୬ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଅତିଥି ପରିଚୟ, ଓ ସଭାକାର୍ଯ୍ୟ ସଂଯୋଜନା କରିଥିବାବେଳେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ୫ଜି/୬ଜି ଓ୍ୱାରଲେସ୍ କମ୍ୟୁନିକେଶନରେ ଏଆଇକୁ ଗୁରୁତ୍ୱ


‘ଇମର୍ଜିଙ୍ଗ ଟେକ୍ନୋଲୋଜିସ୍ ଫର୍ ୫ଜି/୬ଜି ଓ୍ୱାରଲେସ୍ କମ୍ୟୁନିକେଶନ ୟୁଜିଙ୍ଗ ଏଆଇ/ଏମ୍ଏଲ୍’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ।

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

ଇନ୍ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସଠାରେ ‘ଇମର୍ଜିଙ୍ଗ ଟେକ୍ନୋଲୋଜିସ୍ ଫର୍ ୫ଜି/୬ଜି ଓ୍ୱାରଲେସ୍ କମ୍ୟୁନିକେଶନ ୟୁଜିଙ୍ଗ ଏଆଇ/ଏମ୍ଏଲ୍’ ଉପରେ ୨ ଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଅଧୀନରେ ଥିବା ପରମାଣୁ ଶକ୍ତି ବିଭାଗର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ପ୍ରଫେସର କରୁଣା କର ନନ୍ଦ, ସମ୍ମାନିତ ଅତିଥି ଭାବେ ବିଏସ୍ଏନ୍ଏଲ୍ ଓଡିଶାର ମୁଖ୍ୟ ମହାପ୍ରବନ୍ଧକ ଇଂ. ରୁଦ୍ର ନାରାୟଣ ପଲାଇ, ମୁଖ୍ୟବକ୍ତା ଭାବେ ଭାରତୀୟ ଟେଲିକମ୍ ବିଭାଗ ଓଡ଼ିଶାର ଉପ ମହାପ୍ରବନ୍ଧକ ସୁବ୍ରତ କୁମାର ପୃଷ୍ଟି ଯୋଗଦେଇଥିଲେ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବା ମେଶିନ୍ ଲର୍ଣ୍ଣିଂ(ଏମ୍ଏଲ୍) ବ୍ୟବହାର କରି ୫ଜି/୬ଜି ଓ୍ୱାରଲେସ୍ କମ୍ୟୁନିକେଶନ ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା, ଉପାଦେୟତା ଓ ଭବିଷ୍ୟତ କାର୍ଯ୍ୟକାରିତା ବିଷୟରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଇନ୍ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ ଓଡିଶା ଶାଖାର ଅଧ୍ୟକ୍ଷ ପ୍ରଫେସର ଡ. ସୁଧାଂଶୁ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଇଂ. ସଂଗ୍ରାମ କେଶରୀ ପଟ୍ଟନାୟକ ଏବଂ ଆବାହକ ଇଂ. ଅସିତ୍ କୁମାର ଶତପଥୀ ଓ ଇଂ. ତପସ୍ୱିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର, ଶିକ୍ଷାବିତ୍, ଗବେଷକ, ଶିଳ୍ପୋଦ୍ୟୋଗୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଭାଗନେଇ ବୈଷୟିକ ଅଧିବେଶନରେ ନିଜ ଗବେଷଣାମୂଳକ ନିବନ୍ଧ ଉପସ୍ଥାପନ କରିଥିଲେ। ବୈଷୟିକ ଅଧିବେଶନକୁ ପ୍ରଫେସର ଗୋପୀନାଥ ପଲାଇ, ଡ. ସ୍ମିତାରାଣୀ ପରିଜା, ଡ. ସୁଜାତା ଦାଶ ଏବଂ ଡ. ସଂଗ୍ରାମ ମହାନ୍ତି ପରିଚାଳନା କରିଥିବାବେଳେ ଇଂ. ଶୁଭାଙ୍ଗି କଳିଙ୍ଗନୀ ମଞ୍ଚ ପରିଚାଳନା କରିଥିଲେ।

## ନବୋଦୟ ବିଦ୍ୟାଳୟରେ ଆଞ୍ଚଳିକସ୍ତରୀୟ ବିଜ୍ଞାନ ଉତ୍ସବ

ତ୍ରିଶୂଳିଆ,୧୬।୧୧(ତୁଷାରକାନ୍ତ ବେହେରା)

ମୁଣ୍ଡଳୀସ୍ଥିତ କଟକ ଜିଲାର ଜବାହର ନବୋଦୟ ବିଦ୍ୟାଳୟରେ ୫ ଦିନ ଧରି ଆୟୋଜିତ ସମ୍ଭାଗସ୍ତରୀୟ ଆଞ୍ଚଳିକ ବିଜ୍ଞାନ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଭାରତୀ ବେହେରା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଜ୍ଞାନ ପ୍ରଚାର ସମିତି ସମ୍ପାଦକ କବିତା ପାଟ୍ଟଶାଣୀ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ତଥା ଆୟୋଜକ ରାମରାଜ ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ନିଷତ ଅନୱର୍ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଭାଗୀ ଜାତୀୟ ଓ ଅନ୍ତର୍ଜାତୀୟ ବୈଜ୍ଞାନିକଙ୍କ ସହ ମିଶିବାର ସୁଯୋଗ ପାଇଥିଲେ। ପ୍ରତିଭାଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ରାଜଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ବାଲିଯାତ୍ରା ଯିବାକୁ ଅସ୍ଥାୟୀ କାଠପୋଲ ନିର୍ମାଣକଲେ ସ୍ଥାନୀୟ ଯୁବକ



ବାଲିଅନ୍ତା, ୧୬।୧୧(ନୀଳମାଧବ ସାହୁ)

କାର୍ତ୍ତିକ ପୂର୍ଣ୍ଣିମାଠାରୁ ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଗ୍ରାମ ନିକଟ କୁଆଖାଇ ନଦୀ ବାଲିରେ ଭୁବନେଶ୍ୱର ବାଲିଯାତ୍ରା ଆରମ୍ଭ ହୋଇଯାଇଛି। ତେବେ ବାଲିଯାତ୍ରାର ନଦୀ ଆରପଟେ ଥିବା ୨୦ଟି ଗାଁର ଲୋକେ ପାଣି ସମସ୍ୟା ପାଇଁ ସପରିବାର ବାଲିଯାତ୍ରାକୁ ଯାଇପାରୁ ନ ଥିଲେ। ଏଥିପାଇଁ ସ୍ଥାନୀୟ ହରିଦାସପୁର ଅଞ୍ଚଳର ଯୁବକମାନେ ଅଣ୍ଟାଭିଡ଼ି ନିଜସ୍ୱ ଖର୍ଚ୍ଚରେ ନଦୀପାଣି ଉପରେ ପ୍ରାୟ ୪୦୦ ଫୁଟ ଲମ୍ବ ଓ ୪ ଫୁଟ ଚଉଡ଼ାର ଏକ ଅସ୍ଥାୟୀ କାଠପୋଲ ୧୨ ଦିନରେ ନିର୍ମାଣ କରିଛନ୍ତି। ଏଥିରେ ୪୦୦ ବାଉଁଶ ବ୍ୟବହୃତ ହୋଇଥିବାବେଳେ ଉପରେ ପ୍ଲାଏ ଓ ପଟା ଲାଗିଛି। ପୋଲକୁ ସଂଯୋଗ କରୁଥିବା କାଦୁଆ ରାସ୍ତାରେ ବାଲି ପକାଇ ଏହାକୁ ବ୍ୟବହାର ଉପଯୋଗୀ କରାଯାଇଛି। ପୋଲରେ ଲୋକଙ୍କ ସୁବିଧା ପାଇଁ ଆଲୋକର ବ୍ୟବସ୍ଥା ରହିଛି। ଫଳରେ ନଦୀ ଏପଟେ ଥିବା ୪ନଂ. ୱାର୍ଡର ୧୦ଟି ଗାଁ, ପାଖରେ ଥିବା ବାଲିଅନ୍ତା ଓ ନଖରା ଅଞ୍ଚଳର ଲୋକେ ବାଲିଯାତ୍ରା ଦେଖିବାକୁ ସୁବିଧାରେ ଯାଇପାରିବେ। ଜାତୀୟ ରାଜପଥ ହଂସପାଳ ଛକରୁ ମଞ୍ଚେଶ୍ୱର ଗ୍ରାମ ଦେଇ ଏହି ବାଲିଯାତ୍ରାକୁ ଯିବାକୁ ହେଲେ ଲୋକଙ୍କୁ ପ୍ରାୟ ୫ କି.ମି. ବୁଲିବାକୁ ପଡ଼ିଥାନ୍ତା। ଏଥିସହ ଟ୍ରାଫିକ୍ ସମସ୍ୟା ଉପୁଜିଥାନ୍ତା। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳର ଯୁବକମାନେ ଏହି ପୋଲ ନିର୍ମାଣ କରିଥିବା କହିଛନ୍ତି। ଏଥିପାଇଁ ପୋଲରେ ଯାତାୟାତ ନିମନ୍ତେ ଜଣ ପିଛା ୧୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି।

## ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ବୋଇତ ବନ୍ଦାଣ ଉତ୍ସବ



ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

ରସୁଲଗଡ଼ସ୍ଥିତ ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏଠାରେ ବୋଇତ ନିର୍ମାଣ କର୍ମଶାଳା ଆୟୋଜିତ ହୋଇଥିଲା। ମଲ୍ ପରିସରରେ ପ୍ରଦର୍ଶିତ ହୋଇଥିବା ବୋଇତ ଗ୍ରାହକଙ୍କୁ କାର୍ତ୍ତିକ ପୂର୍ଣ୍ଣିମା ତଥା ବାଲିଯାତ୍ରାର ଅନୁଭୂତି ପ୍ରଦାନ କରୁଛି। ଏହାସହ ସଂସ୍କୃତି ଓ ଐତିହ୍ୟକୁ ନେଇ କାଗଜ ଡଙ୍ଗା ପ୍ରସ୍ତୁତି ସହ ଏକ ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ସେହିପରି ମଲ୍ ପରିସରରେ ଥିବା ପରିବେଶ ଅନୁକୂଳ ଜଳାଶୟରେ ଗ୍ରାହକ ଓ କର୍ମଚାରୀମାନେ ଡଙ୍ଗା ଭସାଇ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ମନେପକାଇଥିଲେ।

# କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା,୧୬।୧୧(ନୀଳମାଧବ ସାହୁ)



ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ରୁଦ୍ରପୁର-ସୁନ୍ଦରାପାଟଣା ଗ୍ରାମରେ ୫ ଦିନ ଧରି ଚାଲିଥିବା ୪୩ତମ ବାର୍ଷିକ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପଞ୍ଚକର ପ୍ରଥମ ଦିନରେ କ୍ଲବ ପଡ଼ିଆରେ କାର୍ତ୍ତିକେୟଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ସ୍ଥାପନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ୨ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷ ୩ ଦିନ ପ୍ରତ୍ୟହ ରାତିରେ ଏକ ଯାତ୍ରାପାର୍ଟି ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ରୁଦ୍ରପୁର ଓ ସୁନ୍ଦରାପାଟଣା ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଶତାଧିକ ଲୋକଙ୍କୁ ୩ଟି ନାଟକ ମନୋରଞ୍ଜନ ଖୋରାକ ଯୋଗାଇଥିଲା। ଏହି ଅପେରା ପାର୍ଟିର ପ୍ରଥମ ଦିନରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, କମିଟି ସଭାପତି ଅଭିମନ୍ୟୁ ଜେନା, ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ବେହେରା, ପଞ୍ଚାନନ ସ୍ୱାଇଁ, ଦିଗମ୍ବର ବେହେରା, ଅଶୋକ ବେହେରା, ନିମେଇ ଚରଣ ବେହେରା, ପଦ୍ମଲୋଚନ ବେହେରା, ଶଙ୍କର୍ଷଣ ବେହେରା, ପ୍ରଦୀପ୍ତ ବେହେରା, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ଅନ୍ୟ ୨ ଦିନର ଅଲଗା ଅଲଗା ସମୟରେ ମେୟର ସୁଲୋଚନା ଦାସ, କ୍ୟାପ୍ଟେନ ମନ୍ମଥ ରାଉତରାୟ ଓ ଗୋଲକ ପ୍ରସାଦ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

## ୩୩ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ‘ଅଞ୍ଜଳି ମେଧାବୃତ୍ତି’ ପ୍ରଦାନ

ଭୁବନେଶ୍ୱର,୧୬।୧୧ (ସୁଚିସ୍ମିତା ସାହୁ)

ସ୍ୱାଭିମାନ ପକ୍ଷରୁ କଳାଭୂମିଠାରେ ୪ଦିନ ଧରି ଚାଲିଥିବା ଅଞ୍ଜଳି ଶିଶୁ ଓ ଯୁବ ମହୋତ୍ସବ ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରଜ୍ଞା ମିଶନର ପରମ ହଂସ ପ୍ରଜ୍ଞା ନନ୍ଦ ଗିରି, ବିପର୍ଯ୍ୟୟ ପ୍ରଶମନ ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାଭିମାନର ପ୍ରତିଷ୍ଠାତା ଡା. ଶ୍ରୁତି ମହାପାତ୍ର, ନାଗାଲାଣ୍ଡ ଭିନ୍ନକ୍ଷମ କମିଶନର ମିସ୍ ଡିଠୋନୋ ନଗ୍ରୋ, ଏପିଲେପ୍ସିର ପ୍ରତିଷ୍ଠାତା କୋମଲ କ୍ରାମ୍ରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ୩୩ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ‘ଅଞ୍ଜଳି ମେଧାବୃତ୍ତି’ ପ୍ରଦାନ କରାଯିବା ସହ ଓଡିଶା ଓ ରାଜ୍ୟ ବାହାରୁ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୁନି ପ୍ରତିଭାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିନ୍ଦୁସାଗର ସଫେଇ କଲେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା



ପୁରୁଣା ଭୁବନେଶ୍ୱର,୧୬।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ କାର୍ତ୍ତିକ ପୂର୍ଣ୍ଣମୀରେ ବିନ୍ଦୁସାଗରଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫଳରେ ବିନ୍ଦୁ ସାଗରରେ କଦଳୀ ପାଟୁଆ, କାଗଜ ଡଙ୍ଗା, ସୋଲ, ଫୁଲ ଆଦିରେ ପରିପୂର୍ଣ୍ଣ ହୋଇପଡ଼ିଥିଲା। ଶନିବାର ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କର୍ମକର୍ତ୍ତାମାନଙ୍କୁ ନେଇ ବିନ୍ଦୁ ସାଗରର ସମସ୍ତ ଘାଟ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦୀପକ ମହାପାତ୍ର, ଉପସଭାପତି ସମରେନ୍ଦ୍ର ସାହୁ, ମନୋଜ ବେହେରା, ସୁରେଶ ବାରିକ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ, ଦାଶରଥି ଗରାବଡ୍ଡୁ, ବୁବୁନା ପଟ୍ଟନାୟକ, ଜିତେନ୍ଦ୍ର ନନ୍ଦ, ଦିବ୍ୟ ରଞ୍ଜନ ବେହେରା, ଜିତେନ୍ଦ୍ର ମଲ୍ଲିଆ, ସଞ୍ଜୟ ସାହୁ, ବେଣୁଧର ସ୍ୱାଇଁ, ସୁଜିତ୍ ସ୍ୱାଇଁ, ହେମନ୍ତ ପ୍ରଧାନ, ରାଜେନ୍ଦ୍ର ସାହୁ, ଦିଲୀପ ଜେନା, ବର୍କତ ଡୁଲ୍ଲା, ସୁଜିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବଠାରେ ଓଡ଼ିଆ ଚଳଚ୍ଚିତ୍ର ‘ଆଞ୍ଜେଲ’ର ମୋଶନ ପୋଷ୍ଟର ଲୋକାର୍ପଣ କରାଯାଉଛି।

## ରୟାଲ ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ

ଭୁବନେଶ୍ୱର,୧୬।୧୧
(ଅନୁରାଧା ମହାରଣା)

ରୟାଲ ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ପିଲାମାନେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୀବନୀକୁ ନେଇ ମତ ବିନିମୟ କରିଥିଲେ। ମୁଖ୍ୟ ଅତିଥି ଭାବେ ସିବିଏସ୍‌ଇର ଆସିଷ୍ଟାଣ୍ଟ ସେକ୍ରେଟାରି ନବନିତା ଶର୍ମା ଯୋଗଦେଇ ପିଲାମାନଙ୍କୁ ନୂଆ ପାଠ୍ୟଖସଡ଼ା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାଇସ୍ ଚେୟାରମ୍ୟାନ ମିଳନ ମହାନ୍ତି, ଅଧ୍ୟକ୍ଷ ସର୍ବେଶ୍ୱର ସାମଲ, ମ୍ୟାନେଜର ଅଜୟ ମିଶ୍ର ଓ ଉପାଧ୍ୟକ୍ଷା ପ୍ରଜ୍ଞାପାରମିତା ମହାନ୍ତିଙ୍କ ଉପସ୍ଥିତିରେ ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ପ୍ରଯୋଜକ ଅଖିଳ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଭିନେତା ମିଟୁ ମିଥୁନ୍, ସଞ୍ଜୟ ମହାକୁଡ, ଅଭିଜିତ ପାତ୍ର ଏବଂ ଲୋପିତା ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ବିଷ୍ଣୁମୋହନ ମହାନ୍ତି ଅଭିଭାଷଣରେ ପିଲାଙ୍କୁ ନାନା ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକଙ୍କ ଦ୍ୱାରା ପ୍ରଦର୍ଶିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାଙ୍କ ମନକୁ ଛୁଇଁଥିଲା।

# ଜମୁଛି ଏକାମ୍ରକ୍ଷେତ୍ର ବାଲିଯାତ୍ରା ମହୋତ୍ସବ

ପୁରୁଣା ଭୁବନେଶ୍ୱର,୧୬।୧୧
(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଅନୁଷ୍ଠିତ ଏକାମ୍ରକ୍ଷେତ୍ର ବାଲିଯାତ୍ରା ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ପୂର୍ବତନ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ଆଶ୍ରିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବଡ଼ି ବିଲ୍ଡର ଜଗନ୍ନାଥ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ନିରୁପମା ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାପତି ସୁଭାଷିନୀ ପୃଷ୍ଟି, ଯୁବ ବ୍ୟବସାୟୀ ବିଜନ ବାରିକ, ଅବିନାଶ ଦେଓ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୋଳି ଏବଂ ବିଭିନ୍ନ ଖାଇବା ଷ୍ଟଲରେ ଲୋକଙ୍କ ଭିଡ଼ ଜମିଥିଲା। ଅଭିନେତ୍ରୀ ପ୍ରିୟା ଚୌଧୁରୀ ଯୋଗଦେଇଥିବା ବେଳେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ଶୀତୁଆ ସନ୍ଧ୍ୟାରେ ଲୋକଙ୍କୁ ବାନ୍ଧି ରଖିଥିଲା। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବୀ ଏବଂ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମଥର ଲାଗି ଏହି ବାଲିଯାତ୍ରା ମହୋତ୍ସବ ଆୟୋଜନ କରାଯାଇଛି।

## ବୋଇତ ବନ୍ଦାଣ ପରେ ଦୟାନଦୀ ସଫେଇ



ବାଲକାଟୀ,୧୬।୧୧(ମନୋଜ ମଣ୍ଡଳ)

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ କାପୋକ ଆନୁକୂଲ୍ୟରେ ଶନିବାର ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଓ ନାଥପୁର ଦୟାନଦୀ ଘାଟରେ ପଦ୍ମଶ୍ରୀ ସ୍ୱର୍ଗତ ଭବାନୀ ଶଙ୍କର ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ୱେଚ୍ଛାକୃତ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏଠାରେ କାପୋକ ପକ୍ଷରୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାଏଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଶ୍ରମଦାନ କାର୍ଯ୍ୟକ୍ରମରେ ଯୋଗଦେଇ ଦୟାନଦୀ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ବିକାଶ ପରିଷଦ ଓ ଲିଙ୍ଗିପୁର ରାଧାକାନ୍ତ ଦେବ ଗଣେଶ ପୂଜା କମିଟି, ନିସ୍ୱାର୍ଥ ସେବା ଓଡ଼ିଶାର ସଦସ୍ୟ ଓ କାପୋକର ସଦସ୍ୟମାନେ ସାମିଲ ଥିଲେ। ସମସ୍ତଙ୍କୁ କାପୋକର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଓ ଉପସଭାପତି ବାମଦେବ ଗଜେନ୍ଦ୍ର, ରବୀନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

**TENDER CALL NOTICE NO.21/2024-25**

No. CAD-1595 : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024
OIPR-04012/11/0018/2425 C&P Head

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

**PUBLIC NOTICE**
**CANCELLATION OF THE POST OF COUNSELOR**

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ-ତଥା-
ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

**Tender Call Notice Pest Control Measures at Different Govt. Health Institutions**

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website **www.kalahandi.odisha.gov.in**. The tender should reach the undersigned on or before 02.12.2024 by 4.00 P.M. through Speed Post/ Regd. Post only superscribing with **"TENDER FOR PEST CONTROL MEASURES"**. Tender will be opened at **05.00 P.M. on 02.12.2024**. The undersigned reserves the right to reject any or all the tenders without assigning any reasons thereof.

Sd./- Chief District Medical & PHO cum District Mission Director, Kalahandi
OIPR-10076/11/0009/2425

## ସଂକ୍ଷେପରେ

### ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର,୧୬।୧୧(ଆଶୁତୋଷ ଦାସ): ଜାତୀୟ ପ୍ରେସ୍ ଦିବସ ଅବସରରେ ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ସାମ୍ବାଦିକ ସଂଘ ଓ ଚୌଦ୍ୱାର ଫଟୋଗ୍ରାଫର ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାପି ୱାର୍ଲଡ ପରିସରରେ କେନ୍ଦ୍ରୀୟ ରକ୍ତଭଣ୍ଡାର ସହଯୋଗରେ ଅନୁଷ୍ଠିତ ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଭାପତି ସତ୍ୟବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା ଓ ସାମାଜିକ କର୍ମୀ ଦିଲୀପ ଛତାର ଉଦ୍‌ଘାଟନ କରିଥିଲେ। ଏଥିରେ ରେଡ୍‌କ୍ରସ ରକ୍ତଭଣ୍ଡାରର ନିର୍ଦ୍ଦେଶକ ଚନ୍ଦ୍ରିକା ପ୍ରସାଦ ଦାସ, ଉପନଗରପାଳ ଶୁଭେନ୍ଦୁ ସାମଲ, ଯୁବ ସଙ୍ଗଠକ ସୋଭେନ ମହାନ୍ତି, ବିଷ୍ଣୁଚରଣ ପରିଡା ଅତିଥି ଭାବେ ଯୋଗଦେଇଥିଲେ। ଚୌଦ୍ୱାର ରକ୍ତଦାତା ସଂଘ ସଭାପତି ରାଜକିଶୋର ସାମନ୍ତରାୟ, ନରେଶ ସାହୁ, ପରିକ୍ଷିତ ଲେଙ୍କା, ସଞ୍ଜିତ୍ ଜେନା, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ‘କଟକରେ ସାମ୍ବାଦିକତାର ନିଆରାପଣ ରହିଛି’

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

କଟକ,୧୬।୧୧ (କାର୍ତ୍ତିକ ସାହୁ):



ଜିଲାସ୍ତରୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜିଲା ପ୍ରଶାସନ ତରଫରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଜିଲାସ୍ତରୀୟ ପ୍ରେସ୍ ଦିବସ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶନିବାର ପାଳିତ ହୋଇଯାଇଛି। ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତବର୍ଷ ପ୍ରେସ୍ ଦିବସର ସ୍ଥିରୀକୃତ ଆଲୋଚ୍ୟ ବିଷୟବସ୍ତୁ ‘ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ’ ଉପରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଶିବ ଟୋପୋ କହିଥିଲେ, କଟକରେ ସାମ୍ବାଦିକତାର ନିଆରାପଣ ରହିଛି। ଏବେ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସାମାଜିକ ଗଣମାଧ୍ୟମର ମଧ୍ୟ ଗୁରୁତ୍ୱ ବଢ଼ିଛି। ଖବରକୁ ଓଜନ୍‌ଦାର ଓ ମହତ୍ତ୍ୱପୂର୍ଣ୍ଣ କରିବାର ଦାୟିତ୍ୱ ମଧ୍ୟ ଗଣମାଧ୍ୟମରେ ସମାନ ଭାବରେ ବୃଦ୍ଧି ପାଇଛି। ସୁସ୍ଥ ବାତାବରଣ ନିମନ୍ତେ ବିଭିନ୍ନ ବର୍ଗର ସାମ୍ବାଦିକ ନିଆରା ଢଙ୍ଗରେ ଖବର ପରିବେଷଣ କରିବାର ଆବଶ୍ୟକତା ରହିଛି। ଗଣମାଧ୍ୟମ କ୍ଷେତ୍ରରେ ପରିବର୍ତ୍ତନ ଯଦିଓ ସମ୍ଭବପର ତେବେ ଏହି ପରିବର୍ତ୍ତନ ସହ ତାଳ ଦେଇ ନିରପେକ୍ଷ, ନିଜସ୍ୱ ମତସମ୍ପନ୍ନ ଓ ମାନବିକତାପୂର୍ଣ୍ଣ ଖବର ପ୍ରସ୍ତୁତି ଉପରେ ଅତିରିକ୍ତ ଜିଲାପାଳ ଟୋପୋ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟବକ୍ତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରାଧ୍ୟାପକ ଡ. ଦେବୀଲାଲ ମିଶ୍ର କହିଥିଲେ, ସାମ୍ବାଦିକମାନଙ୍କର ଏକ ଭିନ୍ନ ଦୃଷ୍ଟିକୋଣ ରହିଥାଏ। ଖବର ପ୍ରସ୍ତୁତିଠାରୁ ଆରମ୍ଭ କରି ପରିବେଷଣ କରିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସାମ୍ବାଦିକମାନେ ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ଉପସ୍ଥାପନ କରିଥାନ୍ତି। ସମସ୍ତ ପ୍ରତିକୂଳ ପରିସ୍ଥିତିରେ ନିରପେକ୍ଷତା ଅବଲମ୍ବନ କରି ଖବର ପରିବେଷଣ କରିବା ଜଣେ ସାମ୍ବାଦିକ ପାଇଁ ବଡ଼ ଆହ୍ୱାନ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କହିଥିଲେ, ପରିବର୍ତ୍ତନ ସମାଜର ହିତ ପାଇଁ ଗଠନମୂଳକ ହେବା ଦିଗରେ ସାମ୍ବାଦିକ ଯତ୍ନବାନ ହେବା ଆବଶ୍ୟକ। କଟକ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଖବରଦାତା କୈଳାସ ଜେନା, ଜୟ ମହାନ୍ତି, ଇମ୍‌ରାନ୍ ଖାନ୍, ଦୀପେଶ ମହାପାତ୍ର, ଅଜୟ କୁମାର ଦାସ, ପ୍ରଭାତ କୁମାର ବିଶୋଇ ପ୍ରମୁଖ ଆଲୋଚନାରେ ନିଜର ମତ ଉପସ୍ଥାପନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଖବରଦାତାଙ୍କ ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମ ଜରୁରୀ


ସାଲେପୁରରେ ଆୟୋଜି ପ୍ରେସ୍ ଦିବସରେ ଯୋଗଦେଇଥିବା ଖବରଦାତାମାନେ।

ସାଲେପୁର,୧୬।୧୧(ଅରବିନ୍ଦ ଭୂୟାଁ): ଖବରଦାତାମାନଙ୍କ ସୁରକ୍ଷା ଓ ସେମାନଙ୍କ କର୍ତ୍ତବ୍ୟକୁ ସୁଗମ କରିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ। ସାଲେପୁର ଆଞ୍ଚଳିକ ଖବରଦାତା ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସରେ ଯୋଗଦେଇ ଖବରଦାତାମାନେ ଉପରୋକ୍ତ ମତ ଉପସ୍ଥାପନ କରିଛନ୍ତି। ଖବରଦାତା ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହୃଷୀକେଶ ମଲ୍ଲିକ, ବରିଷ୍ଠ ଖବରଦାତା ମନୋଜ ଆଚାର୍ଯ୍ୟ, ସୁଧୀର ଶତପଥୀ, ଅରବିନ୍ଦ ଭୂୟାଁ, ହେମନ୍ତ ଭୂୟାଁ, ଚିରଞ୍ଜନ ମୁଦୁଲି, ଶିଶିର କୁମାର ଦାଶ, ବିରଞ୍ଚିନାରାୟଣ କର, ଅଜୟ କୁମାର ସାହୁ, ବିଭୂତିଭୂଷଣ କର, ରଘୁନାଥ ପାତ୍ର ପ୍ରମୁଖ ଯୋଗଦେଇ ଗଣମାଧ୍ୟମର ଦାୟିତ୍ୱକୁ ସୁଚାରରୂପେ ସମ୍ପାଦନ କରିବାକୁ ଶପଥ ନେଇଥିଲେ।

ଚୌଦ୍ୱାର, (ଆଶୁତୋଷ ଦାସ): ଚୌଦ୍ୱାର ଯାତ୍ରା ପଡିଆସ୍ଥିତ ବିଦ୍ୟାର୍ଥୀ ଶିକ୍ଷା ନିକେତନ ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ସାମ୍ବାଦିକ ସଂଘ ଟାଙ୍ଗୀ-ଚୌଦ୍ୱାର ଶାଖା ପକ୍ଷରୁ ଆୟୋଜିତ ଶିବିରରେ ଶାଖା ସଭାପତି ବିମଳ କୁମାର ବେଉରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ଡ. ରମଣୀ ରଞ୍ଜନ ଦାସ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଖବରଦାତା ପ୍ରକାଶ କୁମାର ନାୟକ, ଅଜିତ୍ କୁମାର ସ୍ୱାଇଁ, ବବିତା ବେଉରା, ରଞ୍ଜନ କୁମାର ସ୍ୱାଇଁ, ମଳୟ କୁମାର ଷଡଙ୍ଗୀ, କାହ୍ନୁ ଚରଣ ବେହେରା, ପୀୟୂଷ ପ୍ରିୟଦର୍ଶିନୀ, ମନୋଜ କୁମାର ବାରିକ, ମୀନା ଚୌଧୁରୀ, ଭାସ୍କର ପ୍ରଧାନ, ମଧୁସ୍ମିତା ତ୍ରିପାଠୀ ଉପସ୍ଥିତ ଥିଲେ। ପବିତ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କୁ ସମ୍ବର୍ଦ୍ଧନା

କଟକ ସଦର,୧୬।୧୧(ସୁଶାନ୍ତ କୁମାର ଜେନା): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗାଠାରେ ଶୁକ୍ରବାର ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। କଟକ ସଦର ବିକାଶ ମଞ୍ଚ ପକ୍ଷରୁ ରାଜ୍ୟର ବୟୋଜ୍ୟେଷ୍ଠ ଭାଗବତ ତୀର୍ଥ ତଥା ସଂସ୍କୃତ ବିଦ୍ୱାନ ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଜୀବନବ୍ୟାପୀ ଭାଗବତ ଟୁଙ୍ଗିର ଉତ୍‌ଥାନ ପାଇଁ କାର୍ଯ୍ୟ କରିଛନ୍ତି। ଶିକ୍ଷାବିତ୍ ଚୈତନ୍ୟ ରାଉତ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ମଞ୍ଚର ସଭାପତି ସୁବୋଧ ବେହେରା, ଉପ ସଭାପତି ଚିତ୍ତରଞ୍ଜନ ମହାପାତ୍ର, ସମ୍ପାଦକ ଡ. ଦେବଦତ୍ତ ନନ୍ଦ, ଉପଦେଷ୍ଟା ବିଳାସ ମଲ୍ଲିକ, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ରାମଚନ୍ଦ୍ର ଗୋଚ୍ଛାୟତ, ଯୁଗଳ କିଶୋର ନାୟକ, ସମର ବେହେରା ଯୋଗଦେଇଥିଲେ।

# ଛାତ୍ରୀଛାତ୍ର ପାଠ ସହ କ୍ରୀଡ଼ା ପ୍ରତି ଆଗ୍ରହୀ ହୁଅନ୍ତୁ


କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ-

ମଙ୍ଗୁଳି-ଜଗତପୁର,୧୬।୧୧ (ମାନସ ସାମଲ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁର ପଞ୍ଚାୟତସ୍ଥିତ ଗୋଖେଲ୍ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୭୨ ପ୍ରତିଯୋଗୀଙ୍କ ମଧ୍ୟରୁ ୬୬ ଜଣ କୃତିତ୍ୱ ହାସଲ କରିଛନ୍ତି। ସ୍କୁଲ ଅଧ୍ୟକ୍ଷା ଗୀତାଞ୍ଜଳି ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ମୁଖ୍ୟବକ୍ତା ଡ. ସୁରେଶ ଚନ୍ଦ୍ର କର, ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇର ଚୌଦ୍ୱାର ଶାଖା ପରିଚାଳକ ଚନ୍ଦ୍ର ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ, ସମିତି ସଭ୍ୟ ସୁକାନ୍ତ ରାଉତ ଯୋଗଦେଇ ଛାତ୍ରୀଛାତ୍ର ପାଠ ସହ କ୍ରୀଡ଼ା ପ୍ରତି ଆଗ୍ରହୀ ହେବାକୁ କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୁନିଲ ରାଉତ ଓ ସୁନୀଲ ବରାଳ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଅନିଲ ମହାନ୍ତି, ମୁଖ୍ୟ କିରାଣି ରତ୍ନାକାନ୍ତ ରାଉତ, କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ ରାଉତ, ଅଶାନ୍ତ ଦଳେଇ, ଉତ୍ତମ ଦାସ, ଦୀପ୍ତି ଚାନ୍ଦ, ସରୋଜିନୀ ମିଶ୍ର ପ୍ରମୁଖ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଧ୍ୟାପକ ଉତ୍ତମ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ଶିବିରରେ ୩୫୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚୌଦ୍ୱାର,(ଆଶୁତୋଷ ଦାସ,/ମଙ୍ଗୁଳି-ଜଗତପୁର, ୧୬।୧୧(ମାନସ ସାମଲ)- ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ତରଫରୁ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଶାରଦା ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଇମ୍ଫାର ସାଧାରଣ ପ୍ରବନ୍ଧକ ସୁଜିତ୍ କୁମାର ମିଶ୍ର ଓ ପୂର୍ବତନ ଉପ ନଗରପାଳ ଅଜୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରିଷଦ ରଞ୍ଜୁଲତା ଦାସ, ଦିଲୀପ ଭୂୟାଁ, ସୁବ୍ରତ ସାମଲ, ଅଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଯୋଗଦେଇ ୩୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଇମ୍ଫାର ଉପ ପ୍ରବନ୍ଧକ ଧ୍ରୁବ ଚରଣ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମାନସ ରଞ୍ଜନ ପ୍ରଧାନ, ଲଲାଟ କିଶୋର ମହାପାତ୍ର, ନିରଞ୍ଜନ ସାହୁ, ସରୋଜ ସାହୁ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ ବାରିକ, ସୁଧାକର ମହାପାତ୍ର, ଦୀପକ ନାୟକ, ପ୍ରଦ୍ୟୁମ୍ନ ତ୍ରିପାଠୀ, ରବୀନ୍ଦ୍ର ବେହେରା, ଅଭିଷେକ ଘୋଷ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିର ଗୁରୁମା ବିଶାଖା ମହାରଣା, ସୁନିମା ରାଉତ, କରୁଣାମୟୀ ନାୟକ, ସେବକ ସେବିକା ଏଥିରେ ସହଯୋଗ କରିଥିଲେ।

### ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

କଟକ,୧୬।୧୧(ଶିଳ୍ପା ପ୍ରିୟଦର୍ଶନୀ): ବାଲିଯାତ୍ରା ପଡ଼ିଆରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଜିଲା ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, କଟକ ସଦର ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଅଧିକ ଅମଳ କରିବା ପାଇଁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ମେଳାରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସର୍ବାଧିକ ରିହାତିର ସୁଯୋଗ ନେବା ପାଇଁ ସେମାନେ କହିଛନ୍ତି। ଏହାସହ ବାଲିଯାତ୍ରା ପଡ଼ିଆରେ ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ, ଜଳ ଛାୟା ବିଭାଗର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଜିଲା ସହାୟକ କୃଷି ନିର୍ଦ୍ଦେଶିକା ଅସୀମା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ଚୌଦ୍ୱାର,୧୬।୧୧(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ କୋଚିଲା ନୂଆଗାଁରେ ବିର୍ସା ମୁଣ୍ଡାଙ୍କର ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗମନ କଳାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ରାଜନେତା ସେକ୍ ସାହାଜାନ୍, ସରପଞ୍ଚ ଜଗନ୍ନାଥ ଦାସ, ପୂର୍ବତନ ସରପଞ୍ଚ ରଣଜିତ୍ ରାଉତ, ଆଦିବାସୀ ନେତା ରାମସିଂ ହେସା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କଟକ ଦିଶୁମ୍ ହୋ ସମାଜ ଉପଦେଷ୍ଟା ମାଙ୍ଗିଲାଲ ବାନ୍ଦିଆ, ରୂପନାରାୟଣ ପୂର୍ତ୍ତି, ଶିବରାମ ହେମ୍ବ୍ରମ ପ୍ରମୁଖ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଡବର ଜଙ୍କ, ସନାତନ କଳାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ୪ ରୋଗୀଙ୍କ ସ୍କ୍ରିନିଂ

## ଏସ୍‌ସିବି ମେଡିକାଲ

କଟକ, ୧୬।୧୧(ଶିଳ୍ପା ପ୍ରିୟଦର୍ଶିନୀ): ଏସ୍‌ସିବି ମେଡିକାଲରେ ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ୪ ରୋଗୀଙ୍କ ସ୍କ୍ରିନିଂ କରାଯାଇଛି। ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲ୍‌ଥ କେୟାର ପ୍ରାଇଭେଟ ଲିମିଟେଡ୍‌ର ଡାକ୍ତର ଶନିବାର ହୃଦ୍‌ରୋଗ ବିଭାଗର ଆଉଟ୍‌ଡୋର୍‌ରେ ୪ ରୋଗୀଙ୍କ ସ୍କ୍ରିନିଂ କରିଛନ୍ତି। ପୂର୍ବରୁ ମେଡିକାଲ ପକ୍ଷରୁ ୨ ଜଣ ରୋଗୀଙ୍କୁ ଚୟନ କରାଯାଇଥିବାବେଳେ ଏବେ ଆଉ ୪ ଜଣଙ୍କ ସ୍କ୍ରିନିଂ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ମେଡିକାଲ ପକ୍ଷରୁ ଲକ୍ଷ୍ୟ ରହିଛି। ଏହି ସ୍କ୍ରିନିଂରେ ଏମ୍‌ଜିଏମ୍ ହେଲ୍‌ଥ କେୟାରର ସହକାରୀ ନିର୍ଦ୍ଦେଶକ ଡା. ସୁରେଶ ରାଓଙ୍କ ସମେତ ଏସ୍‌ସିବି ହୃଦ୍‌ରୋଗ ବିଭାଗର ଡାକ୍ତର ସାମିଲ ଥିଲେ। ଏନେଇ ଡା. ସୁରେଶ କହିଛନ୍ତି, ଏସ୍‌ସିବିରେ ପ୍ରଥମଥର ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ଡାକ୍ତରୀ ଟିମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଅପରପକ୍ଷରେ ଏସ୍‌ସିବିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ପ୍ରକ୍ରିୟା ରହିଛି। ସେହି ଅନୁଯାୟୀ ରୋଗୀଙ୍କୁ ଚୟନ କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯିବ ବୋଲି ଆଶା କରୁଛି। ସୂଚନାଯୋଗ୍ୟ, ଏସ୍‌ସିବିରେ ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ଗତ ଅକ୍ଟୋବର ୨୩ ତାରିଖରେ ରାଜ୍ୟ ସରକାର ଏମ୍‌ଜିଏମ୍ ହେଲଥ କେୟାର ପ୍ରାଇଭେଟ୍ ଲିମିଟେଡ୍ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାପରେ ଉକ୍ତ ଟିମ୍ ଏସ୍‌ସିବି ମେଡିକାଲରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲା।

### ବ୍ୟବସାୟୀଙ୍କ ପରଲୋକ

ବାଙ୍କୀ,୧୬।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମର ବ୍ୟବସାୟୀ ଭ୍ରମରବର ସାହୁ(୭୮)ଙ୍କ ପରଲୋକ ଘଟିଛି। ସେ ଜଣେ ସଫଳ ବ୍ୟବସାୟୀ ଭାବେ ବାଙ୍କୀ ସହରରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ତିଳତମା ସାହୁ, ପୁତ୍ର ଟଙ୍କନିଧି ସାହୁ ଓ ଈଶ୍ୱରଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଭ୍ରମରବରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ମୁରଲୀଧର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବାଙ୍କୀରେ ଶୋକର ଛାୟା ଖେଳିଯାଇଛି।

# ବାଲିଯାତ୍ରାରେ ପିଏନ୍‌ବିର ଆକର୍ଷଣୀୟ ଷ୍ଟଲ୍



ଭୁବନେଶ୍ୱର,(ଅଭୟ ଦାଶ)୧୬।୧୧: ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଟକ ବାଲିଯାତ୍ରାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ମଣ୍ଡଳ ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲର ଶୁଭାରମ୍ଭ କରାଯାଇଛି। ଏପରିକି ପିଏନ୍‌ବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପିଏନ୍‌ବିର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର, ଉପ ଆଞ୍ଚଳିକ ପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, କଟକ ମଣ୍ଡଳ ମୁଖ୍ୟ ଜଗବନ୍ଧୁ ପାଢ଼ୀ ଏବଂ ଉପ ମଣ୍ଡଳ ମୁଖ୍ୟ ସୂର୍ଯ୍ୟମଣି ସାହୁଙ୍କ ସମେତ ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀ ଏବଂ କଟକ ସିଟି ଶାଖାର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ ଗ୍ରାହକମାନଙ୍କ ସୁବିଧା ପାଇଁ ଅନେକ ପ୍ରକାର ବ୍ୟାଙ୍କିଙ୍ଗ୍ ସୁବିଧା ସହ ମୁଦ୍ରା ବିନିମୟ ସେବା ମଧ୍ୟ ଉପଲବ୍ଧ କରାଯାଇଛି। ପିଏନ୍‌ବି ସଦାସର୍ବଦା ଗ୍ରାହକମାନଙ୍କୁ ଉଚ୍ଚକୋଟିର ସେବା ପ୍ରଦାନ କରିଆସୁଛି।

# କାର୍ତ୍ତିକେଶ୍ୱର ଶୋଭାଯାତ୍ରାରେ ଗଣ୍ଡଗୋଳ

ସାଲେପୁର,୧୬।୧୧(ଅରବିନ୍ଦ ଭୂୟାଁ):


କାର୍ତ୍ତିକେଶ୍ୱରଙ୍କ ଭସାଣି ଓ ଠାକୁର ବିମାନ ଶୋଭାଯାତ୍ରା।

ସାଲେପୁର ବ୍ଲକର ତେନ୍ତୋଳ ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା କାର୍ତ୍ତିକେଶ୍ୱର ଭସାଣି ଓ ଠାକୁର ବିମାନ ଶୋଭାଯାତ୍ରାରେ ଶନିବାର ଗଣ୍ଡଗୋଳ ହୋଇଛି। ଏନେଇ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ସ୍ମୃତିରଞ୍ଜନ ଦାସ ଓ ଗୁଣ୍ଡିଚା ଭୋଇ ।

ମିଳିଥିବା ସୂଚନା ଅନୁଯାୟୀ, ଭସାଣି ଶୋଭାଯାତ୍ରାରେ ପାଟପୁର, ବିଶରପୁର, ତେନ୍ତୋଳ, ଜଳହରି ଗ୍ରାମର ପ୍ରାୟ ୧୦ରୁ ଅଧିକ କାର୍ତ୍ତିକେଶ୍ୱରଙ୍କ ମେଢ଼ ସାମିଲ ହୋଇଥିଲା। ବାଜା, ବାଣ ରୋଶଣି କରି ମେଢ଼ଗୁଡ଼ିକୁ ନିମଗାଦି ମୂଳକୁ ନିଆଯାଇଥିଲା। ଏହି ଶୋଭାଯାତ୍ରା ଗଲାବେଳେ ନିମଗାଦି ନିକଟରେ ଥିବା ଅକ୍ଷୟ କୁମାର ପୃଷ୍ଟିଙ୍କ ଘର ବାଡ଼ ଭାଙ୍ଗିଯାଇଥିଲା। ଏହାକୁ ସେ ବିରୋଧ କରିବାରୁ ଶୋଭାଯାତ୍ରାରେ ଆସିଥିବା କେତେଜଣ ଲୋକଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ସ୍ମୃତିରଞ୍ଜନ ଓ ଗୁଣ୍ଡିଚାଙ୍କ ସମେତ ୫ ଜଣ ଅକ୍ଷୟଙ୍କୁ ଆକ୍ରମଣ କରି ତାଙ୍କ ପାଖରେ ଥିବା ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ କିଛି ସମୟ ଧରି ଶୋଭାଯାତ୍ରାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ଏବଂ ଶୋଭାଯାତ୍ରାର କେତେଜଣ ମୁଖିଆ ପହଞ୍ଚି ଏହି ସମସ୍ୟାର ସମାଧାନ କରିଥିଲେ। ଏନେଇ ଅକ୍ଷୟ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୪୮୨/୨୪) ରୁଜୁ କରିଛି ବୋଲି ଆଇଆଇସି ମନୋଜ କୁମାର ସ୍ୱାଇଁ କହିଛନ୍ତି।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

**TENDER CALL NOTICE NO.21/2024-25**

No. CAD-1595 : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024
OIPR-04012/11/0018/2425 C&P Head

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

**PUBLIC NOTICE**

**CANCELLATION OF THE POST OF COUNSELOR**

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ-ତଥା-
ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

**Tender Call Notice Pest Control Measures at Different Govt. Health Institutions**

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website **www.kalahandi.odisha.gov.in**. The tender should reach the undersigned on or before 02.12.2024 by 4.00 P.M. through Speed Post/ Regd. Post only superscribing with **"TENDER FOR PEST CONTROL MEASURES"**. Tender will be opened at **05.00 P.M. on 02.12.2024**. The undersigned reserves the right to reject any or all the tenders without assigning any reasons thereof.

Sd./- Chief District Medical & PHO cum District Mission Director, Kalahandi
OIPR-10076/11/0009/2425

## ସଂସ୍କୃତି, ପରମ୍ପରା ଓଡ଼ିଆ ଜାତିକୁ ଆଗକୁ ନେଇଛି

ଗୋପ, ୧୬।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)

ଓଡ଼ିଆ ଜାତି ତା'ର ସଂସ୍କୃତି, ପରମ୍ପରା ବଞ୍ଚାଇବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସମସ୍ତ ଜାତିକୁ ସଚେତନ କରିପାରୁଛି। ଗୋପ ବ୍ଲକ ଅଧୀନ କୁଆଁପଡ଼ା ପଞ୍ଚାୟତର ମଦରଙ୍ଗ ନିକଟସ୍ଥ କୁଶଭଦ୍ରା ନଦୀ କୂଳରେ କୁମାରେଶ୍ୱର ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇ ଏଭଳି ବାର୍ତ୍ତା ଦେଇଛନ୍ତି। ବୋଇତ ବନ୍ଦାଣ କମିଟି ସଭାପତି ଲକ୍ଷ୍ମୀଧର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ସୁଧୀର ମହାନ୍ତି, ରଞ୍ଜିତ ସାହୁ, ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ନୂଆଖୋଲମରା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ , କୁଆଁପଡ଼ା ସରପଞ୍ଚ ବଳିମଣୀ ପ୍ରଧାନ, ସମିତି ସଭ୍ୟ ଦିବାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ଯୁବ ସାମାଜିକ କର୍ମୀ ବିଚିତ୍ରାନନ୍ଦ ପ୍ରଧାନ, ପ୍ରବୋଧ ସାହୁ, ପର୍ଶୁରାମ ମହାନ୍ତି, ସଂଗ୍ରାମ କେଶରୀ ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)

ସାଧାରଣ ଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ ବୋଲି ଶନିବାର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ମୁଖ୍ୟ ଅତିଥି ଭାବେ ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗଦେଇ କହିଛନ୍ତି। ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ ରହିଥିଲା 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ'। ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଗଣତନ୍ତ୍ରକୁ ମଜଭୁତ କରିଥାଏ ବୋଲି କହିବା ସହ ଅନୁସନ୍ଧାନଧର୍ମୀ ଓ ବାସ୍ତବ ଖବର ପରିବେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ସୂଚନା ଓ ଜନସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣତନ୍ତ୍ରକୁ ସୁଦୃଢ଼ ସହ ଶୃଙ୍ଖଳା ଓ ବିକାଶରେ ଗଣମାଧ୍ୟମର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଧ୍ୟକ୍ଷତା କରିବା ସହ ଗଣମାଧ୍ୟମ ସାଧାରଣ ଜନତାଙ୍କ ସ୍ୱର ହେବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହଯୋଗ ରଖିଥାଏ ବୋଲି କହିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର ପ୍ରଥମ ଶ୍ରାବଣୀ ସାହୁ, ଦ୍ୱିତୀୟ ଓମ୍ ଅଭିଶିଖା ଦାସ ଓ ତୃତୀୟ ଆର୍ଯ୍ୟମାନ କରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି, ଏଆଇଓ ରାଜେନ୍ଦ୍ର କୁମାର ପାତ୍ର, ପ୍ରୋଜେକ୍ଟନିଷ୍ଟ ପ୍ରସନ୍ନ କୁମାର ସାହୁ, ମିନତୀ ଦାସ, ରବୀନ୍ଦ୍ର କୁମାର ଦାସ, ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଜିଲାସ୍ତରୀୟ ପ୍ରେସ୍ ଦିବସରେ ସମ୍ବର୍ଦ୍ଧିତ କୃତୀ ପ୍ରତିଯୋଗୀ।

## ୨୫ତମ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ

ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)

ମୁକ୍ତାକାଶ ରଙ୍ଗମଞ୍ଚରେ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଭାପତି ଅନାମ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ସବାୟତ ଭଗବାନ ସୁଆର ଓ ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବ ସୁନ୍ଦର ମିଶ୍ର ଅତିଥି ପରିଚୟ, ସମିତି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଓ ବିଶ୍ୱମ୍ଭର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭଜନ ଓ ଜଣାଣ ପରିବେଷଣ ଦ୍ୱାରା ଶିଶୁ କିଶୋରଙ୍କଠାରେ ସମର୍ପଣ ଭାବ ସହିତ ନିଷ୍ଠା ଓ ମାନବିକ ମୂଲ୍ୟବୋଧ ଜାଗରଣ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ମୁଖପତ୍ର ଅମୃତ ସନ୍ତାନ (ଶିଶୁ କଳିକା)ର ୨୫ତମ ସଂସ୍କରଣ ଉନ୍ମୋଚନ ହୋଇଥିଲା। ଶିଶୁ କଣ୍ଠଶିଳ୍ପୀ ସ୍ନେହମୟୀ ମମତାମୟୀ ବିଶ୍ୱାଳ, କଲ୍ଲେଶ ନାରାୟଣ ବିଶ୍ୱାଳ, ଦେବାଂଶା ଦାଶ, ଦର୍ଶନା କର, ଜୟଦେବ ବେହେରା ଏବଂ କାରୁବାକୀ ପାଲଟାସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଶିବିସୁନ୍ଦର ମିଶ୍ର, ସଙ୍ଗୀତ ଗୁରୁ ସତ୍ୟପ୍ରିୟ ମହାପାତ୍ର, କଳିଙ୍ଗ କେଶରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଭଜନ ଓ ଜଣାଣ ପରିବେଷଣ କରିଥିଲେ। ନରେନ୍ଦ୍ର କୁମାର ଜେନା ଓ ବିଶ୍ୱମ୍ଭର ସାହୁ ଏହି ମଞ୍ଚ ସଂଯୋଜନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁଲକ କୁମାର ମିଶ୍ର, ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## 'ଶବରୀ ଅଇଁଠାକୋଳି ଲାଗିଲା ମିଠା' ପୁସ୍ତକ ଉନ୍ମୋଚିତ



ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)

ଇଂ. କେଶବ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଲିଖିତ 'ଶବରୀ ଅଇଁଠାକୋଳି ଲାଗିଲା ମିଠା' ଆଧ୍ୟାତ୍ମିକ ପୁସ୍ତକ ଶନିବାର ରାମାୟଣ ପ୍ରଚାର ସମିତି ପରିସରରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରଜେନ୍ଦ୍ର ନନ୍ଦନ ଦାସ, ଇଂ. ଆଶିଷ କୁମାର ସୁବୁଦ୍ଧି, ଇଂ. ବିନ୍ଧେଶ୍ୱର ପ୍ରସାଦ ପାତ୍ର, ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରିଷ୍ଠ ଖବରଦାତା ଅନିଲ କୁମାର ଦାସ, ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ, ଶ୍ରୀମନ୍ଦିର ପ୍ରଶାସକ ଶିବ ଶଙ୍କର ସାହୁ, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଇଂ. କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜଗତ୍ ଗୁରୁ ନିମ୍ବାର୍କଙ୍କର ଜୟନ୍ତୀ ପାଳିତ

ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)

ପବିତ୍ର ରାସପୂର୍ଣ୍ଣିମାରେ ସନାତନ ହିନ୍ଦୁଧର୍ମର ଅନ୍ୟତମ ଯୁଗ ପ୍ରବର୍ତ୍ତକ, ବୈଷ୍ଣବ ସମ୍ପ୍ରଦାୟର ସର୍ବ ପୁରାତନ ସମ୍ପ୍ରଦାୟ ନିମ୍ବାର୍କ ସମ୍ପ୍ରଦାୟର ସ୍ରଷ୍ଟା ଜଗତ୍ ଗୁରୁ ନିମ୍ବାର୍କଙ୍କର ଆବିର୍ଭାବ ଦିବସ ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ରାଧାବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଏକ ଧର୍ମସଭା ହୋଇଥିଲା। କାର୍ଯ୍ୟକ୍ରମରେ ନେବଳଦାସ ମଠ ମହନ୍ତ ଡ. ରାମଚରଣ ଦାସ, ଉତ୍ତରପାର୍ଶ୍ୱ ମଠ ମହନ୍ତ ଶ୍ରୀନାରାୟଣ ରାମାନୁଜ ଦାସ, ଭାଗବତ ଆଶ୍ରମ ଅଧ୍ୟକ୍ଷ ବାବା ବ୍ରଜବନ୍ଧୁ ଦାସ, ମହିପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ, ମଣିରାମ ଆଶ୍ରମର ମହନ୍ତ ଅଭିରାମ ଦାସ ମହାରାଜ, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ନିମ୍ବାର୍କଙ୍କର ଜୀବନୀ ଓ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସନାତନ ହିନ୍ଦୁଧର୍ମ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆଲୋଚନା କାର୍ଯ୍ୟକ୍ରମକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଅବସରରେ 'ଭାଗବତ' ପାଠ ସହ ବେଦପାଠ ଓ ନାମ ସଂକୀର୍ତ୍ତନ ଆଦି କରାଯାଇଥିଲା।

## ବାଲିଯାତ୍ରା ସଚେତନତା ରଥକୁ ସ୍ୱାଗତ

ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)

ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ କଟକ ବାଲିଯାତ୍ରା ସଚେତନତା ରଥକୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ୱାଗତ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ଭବ୍ୟ ରଥକୁ ସ୍ୱାଗତ କରିବା ସହ ବାଲିଯାତ୍ରା ଆମ ପରମ୍ପରା, ସଂସ୍କୃତି ଓ ଐତିହ୍ୟର ସ୍ୱର୍ଣ୍ଣିମ ପ୍ରତୀକ ବୋଲି କହିଥିଲେ। ଆମ ପ୍ରାଚୀନ ନୌବାଣିଜ୍ୟର ଅମର ଗାଥାକୁ ଏହି ରଥ ପ୍ରତିପାଦିତ କରୁଛି। ଆଗାମୀ ପିଢ଼ିକୁ ଆମ ଓଡ଼ିଶାର ମହାନ୍ ସଂସ୍କୃତି ସମ୍ପର୍କରେ ଏହି ରଥ ଅବଗତ କରାଇବାରେ ସହାୟକ ହେବ ବୋଲି ସେ କହିଥିଲେ। ନୌବାଣିଜ୍ୟର ପ୍ରତିରୂପରେ ଏହି ରଥକୁ ସଜ୍ଜିତ କରାଯାଇଛି। ପୁରୀ ଜିଲା ସହ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲା ପରିକ୍ରମାକରି ବାଲିଯାତ୍ରା ସମ୍ପର୍କରେ ଜନସଚେତନତା ସୃଷ୍ଟି ଏହାର ଲକ୍ଷ୍ୟ ବୋଲି ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ଶିଶୁ ହସିଲେ ଦୁନିଆ ହସିବ

ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)– ଶିଶୁ ହସିଲେ ଦୁନିଆ ହସିବ ବୋଲି ଚନ୍ଦ୍ରଶେଖର ଏକାଡେମୀରେ ଶିଶୁ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଜିଲା ଅଗ୍ନିଶମ ଅଧିକାରୀ ସନ୍ତୋଷ ପାଣଗ୍ରାହୀ, ଏକାଡେମୀ ଅଧ୍ୟକ୍ଷ ଶ୍ରୀମନ୍ତ କୁମାର ଦାଶ, ସମ୍ପାଦକ ସଞ୍ଜୀବ କୁମାର ନାୟକ ଓ ପ୍ରିନ୍ସିପାଲଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଭାତୀ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର, ପୁଷ୍ପଲତା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜବାହରଲାଲ ନେହେରୁଙ୍କ ଜୀବନୀ ସଂକ୍ରାନ୍ତ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଚାର୍ଯ୍ୟ ଝରଣାରାଣୀ ସାହୁ ଧନ୍ୟବାଦ ଦେଇଥିଲେ। କରତି ସାହିସ୍ଥିତ ନେବଳଦାସ ମଠସ୍ଥିତ ସାରସ୍ୱତ ବିଦ୍ୟାମନ୍ଦିରରେ ଶିଶୁଦିବସ ପାଳିତ ହୋଇଛି। ଶିଶୁଙ୍କ ମଧ୍ୟରେ କୌତୁକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷାକାରୀ




ପିପିଲି, ୧୬।୧୧ (ପ୍ରଭାତ କୁମାର ମହାପାତ୍ର)

ନିର୍ଭୀକ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷାକାରୀ। ଗଣମାଧ୍ୟମ ବିନା ସାଧାରଣ ଲୋକେ ସୁଶାସନ ଓ ନ୍ୟାୟ ପାଇବାରୁ ବଞ୍ଚିତ ହେବେ। ନିଜ ଲେଖନୀ ମୁନରେ ସମାଜକୁ ପରିବର୍ତ୍ତନ କରିବାର ଶକ୍ତି ଏକମାତ୍ର ସାମ୍ବାଦିକଙ୍କର ଅଛି ବୋଲି ଶନିବାର ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପାଳଜୀଉ କଲ୍ୟାଣମଣ୍ଡପଠାରେ ପିପିଲି ମିଡିଆ ୟୁନିୟନ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ୨୦୨୪ ଅବସରରେ ଅତିଥିମାନେ ମତପ୍ରକାଶ କରିଥିଲେ।

ଏହି ସମାବେଶରେ ମିଡିଆ ୟୁନିୟନର ସଭାପତି ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ମୁଖ୍ୟବକ୍ତା ଭାବେ ପିପିଲି ତହସିଲଦାର ଦିଲୀପ କୁମାର ମାଝି, ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ଜ୍ଞାନରଞ୍ଜନ ପଟ୍ଟନାୟକ, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ, ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା, ସମାଜସେବା, କୃଷି କ୍ଷେତ୍ରରେ ଓ ଜାତୀୟସ୍ତରୀୟ ଖେଳାଳିମାନଙ୍କ ଉଲ୍ଲେଖନୀୟ ଅବଦାନ ଓ ସଫଳତା ହାସଲ କରିଥିବା ପ୍ରତିଭା, ବ୍ୟକ୍ତି ବିଶେଷମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମିଡିଆ ୟୁନିୟନର ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ଉପସଭାପତି ବାଲୁଙ୍କେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଦେବାଶିଷ ସିଂରାୟନ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହ ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

**ଜାତୀୟ ପ୍ରେସ୍ ଦିବସ ପାଳିତ**

## ଗଣମାଧ୍ୟମ ସ୍ୱାଧୀନ ରହିବାର ଆବଶ୍ୟକତା ରହିଛି

ଚାରିଛକ, ୧୬।୧୧ (ଶିଶିର ସ୍ୱାଇଁ)

**ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ**

ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ମହାଆଡ଼ମ୍ବର ସହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରେସ୍‌ର ସ୍ୱାଧୀନତା, ସମାଜରେ ପ୍ରେସ୍‌ର ଭୂମିକା ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଦଳାଇ, ସମ୍ମାନିତ ଅତିଥି ତଥା ମୁଖ୍ୟବକ୍ତା ଭାବେ ସନାତନ ପାତ୍ର ଯୋଗଦେଇଥିଲେ। କ୍ଲବ ସମ୍ପାଦକ କେଦାରନାଥ ସାହୁ ମଞ୍ଚ ପରିଚାଳନା କରି ପ୍ରେସ୍ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ବିଷୟରେ ଜଣାଇଥିଲେ। ମୁଖ୍ୟ ଅତିଥି ଦଳାଇ କହିଥିଲେ, ଗଣତନ୍ତ୍ରର ମୂଳସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ସ୍ୱାଧୀନ ରହିବାର ଆବଶ୍ୟକତା ଆଜିର ଯୁଗରେ ଅତ୍ୟନ୍ତ ଜରୁରୀ। ମୁଖ୍ୟବକ୍ତା ପାତ୍ର କହିଥିଲେ, ପ୍ରେସ୍ ସମାଜର ଆକାର ଏବଂ ଆକାଂକ୍ଷାକୁ ପ୍ରକାଶ କରିବାର ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ। ଠିକ୍ ଓ ନିର୍ଭୀକ ଖବର ପରିବେଷଣ ଖବରଦାତାଙ୍କର ପ୍ରଥମ କର୍ତ୍ତବ୍ୟ। କ୍ଲବର ସମସ୍ତ ସଦସ୍ୟ ସମାଜରେ ନିର୍ଭୀକ ଓ ପ୍ରାମାଣିକ ଖବର ପରିବେଷଣ କରିବାର ଶପଥ ନେଇଥିଲେ। କ୍ଲବ ସଭାପତି ଶିଶିର କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇ କହିଥିଲେ, ପ୍ରେସ୍ ସମାଜର ଦର୍ପଣ ହୋଇଥିବାବେଳେ ଆମେ ଠିକ୍ ତଥ୍ୟକୁ ପ୍ରାଧାନ୍ୟ ଦେଇ ଖବର ପରିବେଷଣ କରି ସମାଜ ହିତରେ ଆଗେଇ ଆସିବାକୁ ପ୍ରତିଜ୍ଞା କରିବା ଆବଶ୍ୟକ। ପ୍ରେସ୍ କ୍ଲବ ସହ ସମ୍ପାଦକ ସନ୍ତୋଷ କୁମାର ଦାସ, ସକ୍ରିୟ ସଭ୍ୟ ରଶ୍ମିରଞ୍ଜନ ସାହୁ, ଶଶିକାନ୍ତ ତ୍ରିପାଠୀ, ପ୍ରତାପ ମଲ୍ଲିକ, ଉମାକାନ୍ତ ଭୋଇ, ରଞ୍ଜିତ କାଣ୍ଡି, ମୃତ୍ୟୁଞ୍ଜୟ ମହାପାତ୍ର, ବିନୋଦ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଚାରିଛକ ପ୍ରେସ୍ କ୍ଲବର ସଦସ୍ୟମାନେ ।

## ଚନ୍ଦ୍ରଭାଗାରେ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ

କୋଣାର୍କ, ୧୬।୧୧ (ଜ୍ୟୋତିରାଜ ମହାନ୍ତି)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚନ୍ଦ୍ରଭାଗା ତୀର୍ଥରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ରାତି ୪ଟାରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ବୁଡ଼ ପକାଇବା ସହ ଡଙ୍ଗା ଭସାଇଥିଲେ। ତୀର୍ଥ ପୁଷ୍କରିଣୀରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ପକ୍ଷରୁ କୌଣସି ସୁବିଧା ନ ଥିବାରୁ ହବିଷିଆଳିମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଅପେକ୍ଷାରତ ଶ୍ରଦ୍ଧାଳୁ ସକାଳ ୬ଟାରେ ଚନ୍ଦ୍ରଭାଗା ବେଳାଭୂମିରେ ସୂର୍ଯ୍ୟ ଦର୍ଶନ କରି ନବଗ୍ରହରେ ପୂଜାର୍ଚ୍ଚନା କରିଥିଲେ।

## ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

ନିମାପଡ଼ା/କାକଟପୁର, ୧୬।୧୧ (ବିଚିତ୍ରାନନ୍ଦ ସାହୁ/ଶୁଭଦର୍ଶନ ମିଶ୍ର)

ନିମାପଡ଼ା ବ୍ଲକ ଅଧୀନ ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ତୁଳସୀପୁରସ୍ଥିତ ଏକ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସୁରକ୍ଷା ଆଇନକୁ ସରକାରଙ୍କ ପକ୍ଷରୁ ତୁରନ୍ତ ଲାଗୁ, ଅବସରପ୍ରାପ୍ତ ଖବରଦାତାଙ୍କୁ ମାସିକ ଅନ୍ୟୂନ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ, ପ୍ରେସ୍ ଏକାଡେମୀ ଗଠନ, ପ୍ରତ୍ୟେକ ବ୍ଲକ, ଜିଲା ଓ ରାଜ୍ୟରେ ଠିକ୍ ଓ ବିଧିବଦ୍ଧ ଭାବେ ଖବରଦାତା ଗଣନା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ସମାରୋହରେ ଦାବି କରିଥିଲେ। ଅତିଥି ଭାବେ ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି କର, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ଜିଲା ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ପାଣ୍ଡେ, ବରିଷ୍ଠ ଭାଜପା ନେତା ଶ୍ୟାମସୁନ୍ଦର ନାୟକ, ଅବସରପ୍ରାପ୍ତ ପୋଲିସ ଏସ୍‌ପି ମାଧବ ସାହୁ, ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ ମିତ୍ର ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ପ୍ରେସ୍ ଦିବସର ତାତ୍ପର୍ଯ୍ୟ, ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସମାରୋହରେ ବିଭିନ୍ନ ଅଞ୍ଚଳର ବହୁ ବରିଷ୍ଠ ଖବରଦାତା, ରାଜନେତା, ସାମାଜିକ କର୍ମୀ, ବରିଷ୍ଠ ନାଗରିକଙ୍କ ସମେତ ମୋଟ୍‌ରେ ୩୫ ଜଣ କୃତୀ ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ସାହୁ, ବିଜୟ ବେହେରା, ସମ୍ପାଦକ ବସନ୍ତ ଦାସଙ୍କ ସମେତ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ।




ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## କଳିଙ୍ଗ ସ୍ମାର୍ଟ ସ୍କୁଲରେ ବିଜ୍ଞାନ ମେଳା ଉଦ୍‌ଘାଟିତ

ପୁରୀ, ୧୬।୧୧ (ଅଜିତ୍ କୁମାର ମହାନ୍ତି)

ଗୁଣ୍ଡିଚା ପଛପାର୍ଶ୍ୱସ୍ଥ ହରିହର ବିହାରସ୍ଥିତ କଳିଙ୍ଗ ସ୍ମାର୍ଟ ସ୍କୁଲରେ ବିଜ୍ଞାନ, କଳା ଓ ହସ୍ତଶିଳ୍ପ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଦ୍ୱତ୍ ପରିଷଦ ଅଧ୍ୟକ୍ଷ ମନୋଜ କୁମାର ରଥ, ସାମାଜିକ କର୍ମୀ ସଞ୍ଜୀବ ମହାନ୍ତି ଓ ସନ୍ଦୀପ କର୍ମକାର ପ୍ରମୁଖ ଉପସ୍ଥିତ ରହି ପିଲାଙ୍କ ଭବିଷ୍ୟତ ସଫଳ କାମନା କରିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ପୁଷ୍ପଲତା ମହାପାତ୍ର, ଐଶ୍ୱର୍ଯ୍ୟା ମହାନ୍ତି, ବିଶ୍ୱଜିତା ମିଶ୍ର, ସାଗରିକା ପ୍ରଧାନ, ଅନିଲ କୁମାର ସାହୁ, ଦେବେନ୍ଦ୍ର ପ୍ରଧାନ, ଜ୍ଞାନଜ୍ୟୋତି ସିଂ, ବିଶ୍ୱଜିତା ନନ୍ଦ, ପ୍ରିୟଙ୍କା ରଥ, ଗାୟତ୍ରୀ ମହାପାତ୍ର ଓ ଲିଲି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

**TENDER CALL NOTICE NO.21/2024-25**

No. CAD-1595 : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024
OIPR-04012/11/0018/2425 C&P Head

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

**PUBLIC NOTICE**

**CANCELLATION OF THE POST OF COUNSELOR**

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ-ତଥା-
ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

**Tender Call Notice Pest Control Measures at Different Govt. Health Institutions**

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website **www.kalahandi.odisha.gov.in**. The tender should reach the undersigned on or before 02.12.2024 by 4.00 P.M. through Speed Post/Regd. Post only superscribing with **"TENDER FOR PEST CONTROL MEASURES"**. Tender will be opened at **05.00 P.M. on 02.12.2024**. The undersigned reserves the right to reject any or all the tenders without assigning any reasons thereof.

Sd./- Chief District Medical & PHO cum District Mission Director, Kalahandi
OIPR-10076/11/0009/2425

## ସଂକ୍ଷେପରେ

### ଗୀତାଯଜ୍ଞ, ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ

**ଜଟଣୀ,୧୬।୧୧(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ବରପଦାସ୍ଥିତ ତାରେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ୩୭ତମ ଗୀତାଯଜ୍ଞ, ଶ୍ରୀମଦ ଭାଗବତ ସପ୍ତାହ ଏବଂ ପୁରାଣପାଠ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଶ୍ରୀମଦ ଭାଗବତ ସପ୍ତାହ ନିମନ୍ତେ ଜଳଯାତ୍ରା ହୋଇଥିଲା। ସେହିପରି ଗତ ୧୩ ତାରିଖରେ ଗୀତା ଯଜ୍ଞ ନିମନ୍ତେ ଜଳଯାତ୍ରା, ଶାଳାପୂଜା, ସର୍ବଦେବଦେବୀ ଆବାହନ, ଅଗ୍ନିସ୍ଥାପନ, ୧୮ଅଧ୍ୟାୟ ଗୀତା ଆହୁତି, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିବା ବେଳେ ୧୪ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ୧୮ଅଧ୍ୟାୟ ଗୀତା ଆହୁତି, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯଇଥିଲା। ଶୁକ୍ରବାର ସକାଳେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ୧୮ଅଧ୍ୟାୟ ଗୀତ ଆହୁତି ପରେ ଗାଧୁଳି ବେଳାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ତାରେଶ୍ୱର ଦେବ ଗୀତାଯଜ୍ଞ ସମିତି ଏବଂ ବରପଦା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯଜ୍ଞ କର୍ମକୁ ପଣ୍ଡିତ ପ୍ରଭାକର ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ବିପିନ କୁମାର ରଥ, ଦଶରଥି ରଥ, ଦ୍ୱାରିକା ପଣ୍ଡା, ବୈରାଗୀ ଷଡ଼ଙ୍ଗୀ, ନିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଅନନ୍ତେଶ୍ୱର ଦେବଙ୍କ ପୀଠରେ ପାଲା

**ନିରାକାରପୁର,୧୬।୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ସରପାରି ପଞ୍ଚାୟତ ଅଧୀନ ବଘେଇପୁଟ ଗ୍ରାମର ଅନନ୍ତେଶ୍ୱର ଦେବଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଦିନତମାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ଅନୁରୂପଭାବେ ପାରମ୍ପରିକ ପାଲା ମଧ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରମେଶ ମଙ୍ଗରାଜ, ଶଙ୍କର ବେହେରା, ପ୍ରଦୀପ ମାର୍ଥା, ନାରାୟଣ ଶତପଥୀ, ଲିଙ୍ଗରାଜ ମାର୍ଥା, ରଙ୍କନାଥ ମଙ୍ଗରାଜ, ପୂର୍ବତନ ଜିଲାପରିଷଦ ସଭ୍ୟ ସୁକାନ୍ତ ମଙ୍ଗରାଜ ପ୍ରମୁଖ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା

**ବୋଲଗଡ଼,୧୬।୧୧(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିରାଟ ପଟୁଆରରେ ଗୋବିନ୍ଦଜୀଉ ବଡ଼ମଠରୁ ରାଧାକୃଷ୍ଣଙ୍କ ପ୍ରତିମାଙ୍କୁ ବିମାନରେ ବସାଇ ଗୋପାଳଭାଇମାନେ ଗ୍ରାମ ପରିକ୍ରମା କରାଇଥିଲେ। ପରେ ମେଳଣ ପଡ଼ିଆରେ ଚଉଦୋଳରେ ଉପବିଷ୍ଟ କରାଇ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା। ଦୁଇଟି ମାତୃମଣ୍ଡଳୀ ଭଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚଣ୍ଡିପାଟଣା ମୌଜା ସଭାପତି ଇଂ. କର୍ପୂର ସାହୁ, ଉପସଭାପତି ଆଲୋକ ବେହେରା, ସମ୍ପାଦକ ଅଶୋକ କୁମାର ମହାନ୍ତି, କୋଷାଧକ୍ଷ ସୌମ୍ୟରଞ୍ଜନ ସୁବୁଦ୍ଧି, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଏହି ଯାତ୍ରା ଶାନ୍ତିଶୃଙ୍ଖଳାରେ ପରିଚାଳନା କରିଥିଲେ।

### କଳିଙ୍ଗଭାରତୀ ବିଦ୍ୟା ନିକେତନରେ କଣ୍ଢେଇମେଳା



**ଟାଙ୍ଗୀ,୧୬।୧୧(ରଘୁନାଥ ସାହୁ):** କନ୍ଦନୟାଗଡ଼ସ୍ଥିତ କଳିଙ୍ଗଭାରତୀ ବିଦ୍ୟା ନିକେତନରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନମେଳା ଓ କଣ୍ଢେଇମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାରା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ସମ୍ପାଦକ ଗୁଣ୍ଡିଚା ସାହୁ, ସିଆର୍‌ସିସି ପ୍ରଶାନ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି, ଶିକ୍ଷକ ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ପ୍ରକଳ୍ପ ଓ କଣ୍ଢେଇମେଳା ବେଶ୍ ଆକର୍ଷଣୀୟ ହୋଇଥିଲା। ଏଥିରେ ବହୁ ଅଭିଭାବକ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# 'ସକାରାତ୍ମକ ଖବର ସମାଜରେ ପ୍ରଭାବ ପକାଏ'

**ଖୋର୍ଦ୍ଧା,୧୬।୧୧(ପ୍ରଭାତ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହେଉଛି ଗଣମାଧ୍ୟମ। ସମାଜ ପ୍ରତି ଦାୟିତ୍ୱବୋଧ, ନିଷ୍ଠା, ସାହସିକତା, ନିର୍ଭୀକତା କ୍ଷେତ୍ରରେ ସାମ୍ବାଦିକଙ୍କ କାର୍ଯ୍ୟ ପ୍ରଶଂସନୀୟ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ପ୍ରସାର ସହ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବାରେ ସାମ୍ବାଦିକମାନେ ସେତୁବନ୍ଧ ଭଳି କାର୍ଯ୍ୟ କରିଥାନ୍ତି ବୋଲି ଖୋର୍ଦ୍ଧା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଅବସରରେ ମତପ୍ରକାଶ ପାଇଛି। ଚଳିତବର୍ଷ ବିଷୟବସ୍ତୁ ଗଣମାଧ୍ୟମର ପରିବର୍ତ୍ତନଶୀଳନ ସ୍ୱରୂପ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ

**ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ**

ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଏବଂ ନିରାକାରପୁର କ୍ଷେତ୍ରବାସୀ ଡିଏଭି କଲେଜ ଅଧ୍ୟାପକ ପ୍ରଭାତ କୁମାର ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ।

ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ଜିଲା ପ୍ରଶାସନ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ଉପଯୁକ୍ତ ସମନ୍ୱୟ ରହିଲେ ଲୋକଙ୍କ ସମସ୍ୟା ସମାଧାନ ହେବା ସହ ଏକ ସୁସ୍ଥ ବାତାବରଣ ସୃଷ୍ଟିହେବ। ଖବର ସର୍ବଦା ତଥ୍ୟ, ସତ୍ୟ ଆଧାରିତ ଏବଂ ଅନୁସନ୍ଧାନମୂଳକ ହେଲେ ସମାଜରେ ପ୍ରଭାବ ପଡ଼ିବ। ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମଙ୍କ ଉଦାହରଣ ଦେଇ ସକାରାତ୍ମକ, ମୂଲ୍ୟବୋଧ ତଥ୍ୟଭିତ୍ତିକ, ଅନୁସନ୍ଧାନମୂଳକ ଖବର ସମାଜରେ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ମତ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଦାସ କହିଥିଲେ, ଜନମତକୁ ପ୍ରଭାବିତ କରିବାରେ ଗଣମାଧ୍ୟମ ସବୁଠୁ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଥାଏ। ଗଠନମୂଳକ ସମାଜ ଦିଗରେ ଗଣମାଧ୍ୟମର ଏକ ପ୍ରମୁଖ ଭୂମିକା ରହିଛି। ଏକ ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଖବର ପରିବେଷଣ ଗଣମାଧ୍ୟମର ସମାଜ ପ୍ରତି ରହିଥିବା ଦାୟିତ୍ୱବୋଧତାକୁ ପ୍ରକାଶ କରେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ ଗଣମାଧ୍ୟମର ନିରପେକ୍ଷତା, ସତ୍ୟଆଧାରିତ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନ




ସମାରୋହରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟ ଅତିଥି।

**ଖୋର୍ଦ୍ଧା,୧୬।୧୧(ପ୍ରଭାତ ପାଣିଗ୍ରାହୀ)**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ଏବଂ ପ୍ରାଣନାଥ ସଙ୍ଗୀତ ସମ୍ମାନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ବିନୋଦିନୀ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସମାରୋହରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୃଙ୍ଖଳିତ ହୋଇ ଭବିଷ୍ୟତରେ ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଭବିଷ୍ୟତର ଭାରତ ଯୁବସମାଜ ଉପରେ ନିର୍ଭରଶୀଳ। ଦୃଢ଼ ଆତ୍ମବିଶ୍ୱାସ, କଠିନ ପରିଶ୍ରମ, ଦୃଢ଼ମନ ରଖିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବ।

**ପ୍ରାଣନାଥଙ୍କ ଜୟନ୍ତୀ ଏବଂ ପ୍ରାଣନାଥ ସଙ୍ଗୀତ ସମ୍ମାନ ସମାରୋହ**

ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ପ୍ରାଣନାଥଙ୍କ ସ୍ମୃତିଚାରଣ ସହ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଦେଶ ପ୍ରଗତିର କର୍ଣ୍ଣଧାରଭାବେ ନିଜକୁ ଅଭିହିତ କରି ଗଠନମୂଳକ ଚିନ୍ତାଧାରା ରଖିବାକୁ କହିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ତାଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଣ୍ଠଶିଳ୍ପୀ ଦାଶ ପ୍ରାଣନାଥଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଉପରେ ଆଲୋକପାତ କରିବା ସହ ଭକ୍ତିସଙ୍ଗୀତରେ ଶ୍ରୋତାଙ୍କୁ ବିମୁଗ୍ଧ କରିଥିଲେ। ପ୍ରାଣନାଥଙ୍କ ଜୟନ୍ତୀ ଅବସରରେ ମହାବିଦ୍ୟାଳୟରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଅଧ୍ୟକ୍ଷା ମିଶ୍ର ସଭାପତିତ୍ୱ ଭାଷଣରେ ମହାବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ପ୍ରଣବ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ଥିଲେ।

## ଧର୍ମୀୟ ସଂସ୍କୃତିକୁ ଉଜ୍ଜୀବିତ ରଖିଛି କାର୍ତ୍ତିକ ମାସ

**ବେଗୁନିଆ,୧୬।୧୧(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ଶ୍ୱେତପଦ୍ମା ସାହିତ୍ୟ ସଂସଦ ପକ୍ଷରୁ 'ଶିଶିର ଆସର' କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଦର୍ଶ କ୍ଲବ ସଭାଗୃହ ପରିସରରେ ଉପସଭାପତି ଲକ୍ଷ୍ମୀଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆସରରେ ମୁଖ୍ୟ ଅତିଥିଭାବେ ରସାୟନ ବିଜ୍ଞାନୀ ଡ. ହରିପ୍ରସାଦ ଦାସ ଯୋଗଦେଇଥିଲେ। ନାଟ୍ୟକାର ଡ. ବନବିହାରୀ ମହାପାତ୍ର ବକ୍ତା, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଦୀପ କିଶୋର ତ୍ରିପାଠୀ ଆବାହନୀ ସଙ୍ଗୀତ ଗାନ କରିଥିଲେ। ସମ୍ପାଦିକା ପ୍ରତିମା ପ୍ରଧାନ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶାସ୍ତ୍ର ଓ ପୁରାଣ ଅନୁସାରେ ବର୍ଷକ ମଧ୍ୟରେ କାର୍ତ୍ତିକ ମାସକୁ ଶ୍ରେଷ୍ଠ ମାସଭାବେ ବିବେଚନା କରାଯାଇଛି। ଧର୍ମକାର୍ଯ୍ୟ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ଏହି ମାସକୁ ନିଷ୍ଠାର ସହ ପାଳନକରି କାର୍ତ୍ତିକ ମାସକୁ ବିଦାୟ ଦେଇ ମାର୍ଗଶିରକୁ ଆବାହନ କରିଥିଲେ। କବୟିତ୍ରୀ ମାନସୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ କବି ବସନ୍ତ ସାହୁ, ସୁଲୋଚନା ସାହୁ, ସତ୍ୟବାଦୀ ସାହୁ, ଶତ୍ରୁଘ୍ନ ସାହୁ, ସୁରେନ୍ଦ୍ର ପାଲ୍‌ଟାସିଂହ, ଶରତ ପଣ୍ଡା, କୈଳାସ ନାଥ ପଟ୍ଟନାୟକ, ପୀତାମ୍ବର ସାହୁ, ଶ୍ରୀନିବାସ ବାଘସିଂହ, ରାଜକିଶୋର ସାହୁ, ସରୋଜ ମହାପାତ୍ର, ଶୈଳ ସାହୁ, ସସ୍ମିତା ପାତ୍ର, କବିତା ରାଉତ, ରାମଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ଅଶ୍ୱିନୀ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଯୋଗେଶ୍ୱର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସହସମ୍ପାଦକ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ

**ବାଣପୁର,୧୬।୧୧(ଦିଲୀପ କୁମାର ସ୍ୱାଇଁ)**




ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ତିନିଦିନ ଧରି ଅନୁଷ୍ଠିତ ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲାର ୧୫ଟି ମହାବିଦ୍ୟାଳୟର ୮୬ଜଣ ସ୍ୱେଚ୍ଛାସେବୀ ଏବଂ ୧୫ଜଣ ଉପଦେଷ୍ଟାଙ୍କୁ ନେଇ ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ତହସିଲଦାର ପଦ୍ମନାଭ ଦୋରା ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଚିଲିକା ୱାଇଲ୍ଡ ଲାଇଫ ଡିଏଫ୍‌ଓ ଅମ୍ଳାନ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷଣ ଅନୁଭୂତି ସହିତ ପରିବେଶଏବଂ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଦିଗରେ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଗଦାଧର ସାହୁ, ଜିଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର, ମହାବିଦ୍ୟାଳୟର ଉପଦେଷ୍ଟା ସତ୍ୟାନନ୍ଦ ମହାରଣା, କୁମାରୀ ଅନୀତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଡକ୍ରସର ଉତ୍ପତ୍ତି ଓ ବିକାଶ, ରାସ୍ତା ନିରାପତ୍ତା, ରକ୍ତଦାନ, ପ୍ରାଥମିକ ଚିକିତ୍ସା, ସ୍ୱେଚ୍ଛାସେବୀଙ୍କ ଭୂମିକା,ସାଇବର ସିକ୍ୟୁରିଟି, ଜଳବାୟୁ ପରିବର୍ତ୍ତନ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକଭାବେ ପ୍ରାଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ର, ସୁଦେଶ ସେଠୀ, ଅଧ୍ୟାପକ ପ୍ରବୀଣ ସାହୁ, ଅଧ୍ୟାପିକା ଇତିଶ୍ରୀ ସୁନ୍ଦରାୟ, ଥାନା ଅଧିକାରୀ ରମେଶ ଚନ୍ଦ୍ର ଦେବତା ପ୍ରମୁଖ ଯୋଗଦେଇଥିବା ବେଳେ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂ, ମନସ୍ୱିନୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଧର ବିଶ୍ୱାଳ, ଅଭିଷେକ ପଣ୍ଡା, ସୋନାଲି ରଣସିଂ, ରବିଶଙ୍କର ହୋତା, ଅବକାଶ ସାହୁ, ଧୋବି ଚରଣ ପରିଡ଼ା, ସୌମ୍ୟରଞ୍ଜନ ମିଶ୍ର, ପୁଷ୍ପାଞ୍ଜଳି ମହାରଣା, ରସ୍ମିତା ଦାସ, ବିଜୟ ଶତପଥୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ତର୍କ, ପ୍ରବନ୍ଧ, କୁଇଜରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଣେଶ୍ୱର ଜୟସିଂହ ଏବଂ ମନସ୍ୱିନୀ ପଟ୍ଟନାୟକ ଶ୍ରେଷ୍ଠ ଉପଦେଷ୍ଟାଭାବେ ପୁରସ୍କୃତ ହୋଇଥିଲେ।

## ରାମନାଟକ ମଞ୍ଚସ୍ଥ

**ଟାଙ୍ଗୀ,୧୬।୧୧(ରଘୁନାଥ ସାହୁ)**

ମଙ୍ଗଳାଯୋଡ଼ି ମା' ମଝିଆଣୀ ତାରାଦେବୀଙ୍କ ପୀଠରେ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ନାଟକ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ପ୍ରଧାନ, ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ସମାଜସେବୀ ଦାଶରଥି ଦଳାଇ, ସୁଦର୍ଶନ ସାହୁ, ପ୍ରକୃତିପ୍ରେମୀ ପାର୍ଥ ଦେ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିବ ମାଝୀ, ବିଭୂତି ସୁନ୍ଦରାୟ, ଶେଷଦେବ ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାହିତ୍ୟ, ଜୀବନ ପରସ୍ପର ପରିପୂରକ

**ବେଗୁନିଆ/ବାଘମାରୀ,୧୬।୧୧ (ହର ପ୍ରସନ୍ନ ପଣ୍ଡା/ମିହିର ରଞ୍ଜନ ମହାପାତ୍ର)**




ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ କୋଟପଲ୍ଲା ଗ୍ରାମସ୍ଥିତ ଦଧିବାମନ ଦେବଙ୍କ ପୀଠ ପରିସରରେ ଶନିବାର 'ଜୀବନର ସ୍ୱର ଓ ସାହିତ୍ୟ' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବସନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡା. ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତା ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପଣ୍ଡିତ ଶକ୍ତିସୁନ୍ଦର ମିଶ୍ର ଓ ଆଶିଷ କୁମାର ମିଶ୍ର ମଙ୍ଗଳାଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ଆବାହକ ରାକେଶ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ଆଦ୍ୟାଶା କର ଓ ପ୍ରଭାସିନୀ ଦାସଙ୍କ ନୃତ୍ୟ ପରିବେଷଣ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଜୀବନ ଓ ସାହିତ୍ୟ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମଣିଷ ଜୀବନର ପ୍ରତିଟି ମୁହୂର୍ତ୍ତରେ ସାହିତ୍ୟର ପୂର୍ଣ୍ଣ ଆବଶ୍ୟକତା ରହିଛି। ମଣିଷର ପରିଚୟ ପ୍ରଦାନକାରୀ ହେଲା ସାହିତ୍ୟ। ଜୀବନକୁ ଶାନ୍ତ ସ୍ୱଭାବ, ସୁଖମୟ ଓ ସରଳ ଭାବାପନ୍ନ ଦିଗରେ ପରିଚାଳିତ କରେ ସାହିତ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କବିତା ପାଠୋତ୍ସବକୁ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା କବୟିତ୍ରୀ ଏବଂ କବିମାନେ କବିତା ପାଠ କରିଥିଲେ। ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, କବି ଜଗଦୀଶ ଚନ୍ଦ୍ର ପାତ୍ର, ବସନ୍ତ ହୋତା, ସୁରେନ୍ଦ୍ର ପାଲ୍‌ଟାସିଂହ, ଦିବ୍ୟସିଂହ ରଣା, ଶ୍ରୀବତ୍ସ ପାଣିଗ୍ରାହୀ, ବ୍ରଜବନ୍ଧୁ ପଣ୍ଡା, ହରିବନ୍ଧୁ ପଣ୍ଡା, ଅଶ୍ୱିନୀ ପଟ୍ଟନାୟକ, ଭାଗବତ ମହାପାତ୍ର, ଶ୍ରୀବତ୍ସ ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ଗୁରୁକୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସାମାଜିକ କର୍ମୀ ବିପିନ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସାଗର ଶ୍ରୀକ୍ଷେତ୍ରରେ ଗୁରୁ ପୂଜ୍ୟପୂଜା ସମାରୋହ




ସମାରୋହରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୧୬।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଚିଲିକାରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁପ୍ତଲୀଳା କ୍ଷେତ୍ର ସାଗର ଶ୍ରୀକ୍ଷେତ୍ର ଚକାନାସୀ ନବଗ୍ରହ ପୀଠରେ ଦ୍ୱାଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ପଞ୍ଚକ ମହୋତ୍ସବ ଓ ମହାକାର୍ତ୍ତିକ ମେଳା ଉଦ୍‌ଯାପିତ ହୋଇଯାଇଛି। ସାଗର ଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟ ଏବଂ ବ୍ରହ୍ମପୁର ଗ୍ରାମବାସୀ ସହଯୋଗ କରିଥିଲେ। ଟ୍ରଷ୍ଟର ମୁଖ୍ୟ ପରିଚାଳକ ବିଶ୍ୱରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ଗୁରୁ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ବିଜୟ କୁମାର ଜେନା, ମୁଖ୍ୟବକ୍ତା ଓଷ୍ଟାର ପୂର୍ବତନ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବାକର ପ୍ରସାଦ ହରିଚନ୍ଦନ, ଟ୍ରଷ୍ଟର ଉପଦେଷ୍ଟା ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ବିକାଶ ପରିଷଦ ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ, ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ଡିଛିଣି ପ୍ରଧାନ ଶିକ୍ଷକ ସନାତନ ତରେଇ, କବି ଦାମୋଦର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ଜେନା ସମ୍ପାଦକୀୟ ପଠନ କରିଥିବା ବେଳେ ଅଧ୍ୟାପକ ରଣଜିତ ସାମଲ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ବେହେରା ମାନପତ୍ର ପଠନ କରିଥିବା ବେଳେ ଶିକ୍ଷକ ମାହୁନ୍ତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଲାଲୁ କିଶୋର ଜେନା, କାଶୀନାଥ ଜେନା, କେଲୁଚରଣ ଜେନା, ଶରତ ଚନ୍ଦ୍ର ଦେବତା, ଯୋଗେନ୍ଦ୍ର ନାୟକ, ବେଣୁଧର ପଲେଇ, ପ୍ରତାପ ଚନ୍ଦ୍ର ଜେନା, ପ୍ରମୋଦ କୁମାର ଦଳବେହେରା, ସୁଧାକର ପ୍ରଧାନଙ୍କ ସମେତ ୨୩ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁରଭି ପକ୍ଷରୁ ଝୋଟି ପ୍ରତିଯୋଗିତା

**ଜଟଣୀ,୧୬।୧୧(ରବୀନ୍ଦ୍ରନାଥ ମହାକୁଡ଼)**



ସାମାଜିକ ଅନୁଷ୍ଠାନ ସୁରଭି ପକ୍ଷରୁ ୧୫ତମ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ରଙ୍ଗଣି ସାହିଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଝୋଟି, ମ୍ୟୁଜିକ୍ ଚେୟାର, ପୁଚି, ଚାମଚ ରେସ୍, ବାସ୍କେଟ୍ ବଲ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଝୋଟି ପ୍ରତିଯୋଗିତାରେ ଲୋପାମୁଦ୍ରା ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯୁବ ସଙ୍ଗଠକ ସଞ୍ଜୟ ବରିସଲ, ବାଉରିବନ୍ଧୁ ସେଠୀ, ସ୍ମିତା ପଟ୍ଟନାୟକ, ଶୁଭଶ୍ରୀ ବେହେରା, ଦେବସ୍ମିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରଭି ଅନୁଷ୍ଠାନର ସଭାନେତ୍ରୀ ପ୍ରଜ୍ଞାପାରମିତା ବାରିକ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

**TENDER CALL NOTICE NO.21/2024-25**

**No. CAD-1595** : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

**For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024**

OIPR-04012/11/0018/2425 C&P Head

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

**PUBLIC NOTICE**

**CANCELLATION OF THE POST OF COUNSELOR**

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ-ତଥା-
ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

**Tender Call Notice Pest Control Measures at Different Govt. Health Institutions**

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website **www.kalahandi.odisha.gov.in**. The tender should reach the undersigned on or before 02.12.2024 by 4.00 P.M. through Speed Post/ Regd. Post only superscribing with **"TENDER FOR PEST CONTROL MEASURES"**. Tender will be opened at **05.00 P.M. on 02.12.2024**. The undersigned reserves the right to reject any or all the tenders without assigning any reasons thereof.

OIPR-10076/11/0009/2425
Sd./- Chief District Medical & PHO cum District Mission Director, Kalahandi

# ଓମ୍‌ଫେଡ୍‌ର ହେବ ଆଧୁନିକୀକରଣ: ମନ୍ତ୍ରୀ

## ଆଉ ୨୮ ପଞ୍ଚାୟତରେ ଖୋଲିବ କ୍ଷୀରଧାରା

## ୩ ଜିଲାରେ ପ୍ରତିଷ୍ଠା ହେବ ପ୍ଲାଣ୍ଟ



ସମୀକ୍ଷା ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅଧିକାରୀମାନେ।

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

ଓମ୍‌ଫେଡ୍‌ର ଆଧୁନିକୀକରଣ ପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇଦେବେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶନିବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଓମ୍‌ଫେଡ୍ ମୁଖ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିରକୁ ହୋଲ୍‌ସେଲ ରେଟ୍‌ରେ ଘିଅ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟରେ ଥିବା ସମସ୍ତ ମନ୍ଦିରରେ ଯେପରି ଓମ୍‌ଫେଡ୍ ଘିଅ ପୂଜାରେ ଲାଗିବ, ସେଥିପାଇଁ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏଥିପାଇଁ ଆବଶ୍ୟକ ଘିଅ ଯୋଗାଇ ଦେବାକୁ ଓମ୍‌ଫେଡ୍‌ର କ୍ଷମତା ରହିଛି। ଭବିଷ୍ୟତରେ ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଜିଲାରେ ନୂତନ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ସହ ଘିଅ ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବ। ପରୀକ୍ଷାମୂଳକ ଭାବେ ରାଜ୍ୟର ୨୦ଟି ପଞ୍ଚାୟତରେ କ୍ଷୀରଧାରା କେନ୍ଦ୍ର ଖୋଲାଯାଇଛି। ଆହୁରି ୨୮ ପଞ୍ଚାୟତରେ ମଧ୍ୟ ଏହି କେନ୍ଦ୍ର ଖୋଲାଯାଇ ଚାଷୀଙ୍କଠାରୁ କ୍ଷୀର ସଂଗ୍ରହଠାରୁ ଆରମ୍ଭ କରି ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ। ଏହାଦ୍ୱାରା ଓମ୍‌ଫେଡ୍‌ର ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଓମ୍‌ଫେଡ୍ କାହା ସହିତ ପ୍ରତିଯୋଗିତା କରୁନାହିଁ। ଏହା ସଦାସର୍ବଦା ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇଆସୁଛି। ଏଥିରେ କୌଣସି ସାଲିସ୍ କରାଯିବ ନାହିଁ। କାରଣ ଓମ୍‌ଫେଡ୍ ହେଉଛି ଓଡିଆ ଅସ୍ମିତାର ପ୍ରତୀକ। ଆଗାମୀ ଦିନରେ ନୂଆ ପ୍ଲାଣ୍ଟ, ନୂଆ ଉତ୍ପାଦ ଓ ନୂତନ କ୍ରୟ ନିୟମ କରାଯିବ। ବର୍ତ୍ତମାନ ଓମ୍‌ଫେଡ୍‌କୁ ଯେତିକି ଅର୍ଥ ଆସୁଛି, ସେଥିରୁ ୮୦ ପ୍ରତିଶତ ଚାଷୀଙ୍କୁ ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଏହାକୁ ଆହୁରି ବୃଦ୍ଧି କରିବା ପାଇଁ ଯୋଜନା କରାଯାଉଛି । ଏଣିକି ଚାଷୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ସିଧାସଳଖ ଏବଂ ତୁରନ୍ତ ପ୍ରାପ୍ୟ ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗରେ ମଧ୍ୟ ଓମ୍‌ଫେଡ୍ ତା'ର ଷ୍ଟଲ ଖୋଲିବାକୁ ପ୍ରୟାସ ଆରମ୍ଭ କରିଛି। ଅନ୍ୟପଟେ କରୋନା ସମୟରୁ କିଛି ଷ୍ଟକିଷ୍ଟଙ୍କ ଉପରେ ଥିବା ବକେୟା ଅର୍ଥ ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ୭ ଦିନ ମଧ୍ୟରେ ସେମାନେ ବକେୟା ଅର୍ଥ ପ୍ରଦାନ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବୈଠକରେ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ଜେନେରାଲ ମ୍ୟାନେଜର(ପ୍ରକଳ୍ପ ଓ ଡିଓ) ସୌମେନ୍ଦ୍ର ଭୌମିକ, ଜେନେରାଲ ମ୍ୟାନେଜର (ଅର୍ଥ)ସୁରେଶ ଚନ୍ଦ୍ର ଅଲଟିଆ, ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡ.ଜୟକୃଷ୍ଣ ପଟ୍ଟନାୟକ, ଡେପୁଟି ମ୍ୟାନେଜର ଡ. ବିଶ୍ୱରଞ୍ଜନ ତ୍ରିପାଠୀ, ଆସିଷ୍ଟାଣ୍ଟ ମ୍ୟାନେଜର ଡ. ଆଲୋକ ଅଗ୍ନିବେଶ, ଆସିଷ୍ଟାଣ୍ଟ ମ୍ୟାନେଜର ଜିତେନ୍ଦ୍ର ବରାଡ, ବୈଷୟିକ ପରାମର୍ଶଦାତା ଡ. ଦିଗମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଓମ୍‌ଫେଡ୍ ମୁଖ୍ୟାଳୟ ପରିସରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ଚାରା ରୋପଣ କରିଥିଲେ।




ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଶନିବାର ସୂଚନାଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ରାଜ୍ୟପାଳ ରଘୁବର ଦାସ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୪' ପ୍ରଦାନ କରୁଛନ୍ତି।

# ସାମ୍ବାଦିକଙ୍କୁ ପେନ୍‌ସନ ପାଇଁ ପ୍ରଚେଷ୍ଟା ହେବ

- ନବୀନ ଦାସଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'
- ୭ଜଣଙ୍କୁ ସ୍ମାରକୀ ସମ୍ମାନ ଓ ୩୩ଜଣଙ୍କୁ ପେନ୍‌ସନ ପ୍ରଦାନ

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

ଆସନ୍ତା ବର୍ଷ ଜାତୀୟ ପ୍ରେସ୍ ଦିବସ ପୂର୍ବରୁ ରାଜ୍ୟର ଖବରଦାତାଙ୍କ ପାଇଁ ପେନସନ ଯୋଜନା ଲାଗୁ କରିବାକୁ ପ୍ରଚେଷ୍ଟା ହେବ। ଏଥିସହିତ ପ୍ରତି ଜିଲାରେ ଝାଡ଼ଖଣ୍ଡ ଢାଞ୍ଚାରେ ପ୍ରେସ୍ କ୍ଲବ ନିର୍ମାଣ ପାଇଁ ଓଡ଼ିଶା ସରକାର ଆସନ୍ତା ୫ ବର୍ଷରେ ଧ୍ୟାନ ଦେବେ ବୋଲି ରାଜ୍ୟପାଳ ରଘୁବର ଦାସ ସୂଚନା ଦେଇଛନ୍ତି। ଶନିବାର ସୂଚନାଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ରିଜିଓନାଲ ଆଉଟରିଚ୍ ବ୍ୟୁରୋ (ଆରଓବି), ଫିଲ୍ଡ ଆଉଟ୍‌ରିଚ୍ ବ୍ୟୁରୋ (ଏଫ୍‌ଓବି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫରମେଶନ ଟେକ୍ନୋଲୋଜି (ଅମିତ୍) ସହଯୋଗରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଡିଜିଟାଲ ମିଡ଼ିଆ ଯୁଗରେ ବିଭିନ୍ନ ପରିବର୍ତ୍ତନ ଭିତରେ ସାମ୍ବାଦିକତାର ମୂଳ ସିଦ୍ଧାନ୍ତ ଅପରିବର୍ତ୍ତିତ ରହିଛି। ସାମ୍ବାଦିକତା ସମାଜକୁ ସୁଦୃଢ଼ କରେ, ଜନମତ ସୃଷ୍ଟି କରେ ଏବଂ ପ୍ରଶାସନକୁ ଜବାବ ଦେବା ପାଇଁ ବାଧ୍ୟ କରେ। ଦେଶସେବା ଭାବନା ଏବଂ ସତ୍ୟର ସନ୍ଧାନ ନିମିତ୍ତ ଏହା ଏକ ବୃତ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଗଣତନ୍ତ୍ରର ସୁରକ୍ଷା କ୍ଷେତ୍ରରେ ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ଭବନ ନିର୍ମାଣ କ୍ଷେତ୍ରରେ ଉଦ୍ୟମ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ସ୍ୱୀକୃତି ଦେଉଛନ୍ତି ବୋଲି ବାଚସ୍ପତି କହିଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଳବ୍ୟ, ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର, ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ପ୍ରମୁଖ ମତ ରଖିଥିଲେ।

ଏହି ଅବସରରେ ରାଜ୍ୟର ୩୩ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ କରାଯିବା ସହିତ ୭ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଦୈନିକ ଖବରକାଗଜ 'ସତ୍ୟର ସ୍ୱର ନିର୍ଭୟ'ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ଏବଂ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଓ ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ଅରୁଣା ମହାନ୍ତିଙ୍କୁ 'ଆଇଓସି ଇଣ୍ଟରନ୍ୟାଶନାଲ ଆଚିଭ୍‌ମେଣ୍ଟ ଆୱାର୍ଡ'

ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)

ଥାଇଲାଣ୍ଡର ପଟ୍ଟାୟା ସହରରେ ଅନ୍ତର୍ଜାତୀୟ ଓଡ଼ିଆ ସମ୍ମିଳନୀ (ଆଇଓସି) ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ 'ଆଇଓସି ଇଣ୍ଟରନ୍ୟାଶନାଲ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ମାନପତ୍ର, ଫଳକ ଓ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାରତୀୟ ଦୂତାବାସର ମୁଥୁ ରାମଚନ୍ଦ୍ରନ ଯୋଗଦେଇ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟକୁ ପ୍ରଶଂସା କରିଥିଲେ। ୨୦୨୫ ଜାନୁଆରୀରେ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ବିଷୟରେ ଅବଗତ କରାଇଥିଲେ। ଏହି ସମ୍ମିଳନୀରେ ୧୬ଟି ଦେଶରୁ ପ୍ରବାସୀ ଓଡ଼ିଆ ଏବଂ ଓଡ଼ିଆ ସମାଜ ଭାଗ ନେଇଥିଲେ। ଓଡ଼ିଶାର କଳା, ସଂସ୍କୃତି, ପର୍ଯ୍ୟଟନ, ଯୋଗ, ବ୍ୟବସାୟ ଇତ୍ୟାଦି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହିତ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଉକ୍ତ ସମ୍ମିଳନୀକୁ ଥାଇଲାଣ୍ଡର ଡ. ଅଦ୍ରିଶ ବ୍ରହ୍ମଦତ୍ତ, ମ୍ୟାନ୍‌ମାର୍‌ର ଡ. ଶୀତଲ କୁମାର ପାଲବାବୁ, ସିଙ୍ଗାପୁରର ଶରତ ମହାନ୍ତି ମିଳିତ ଭାବରେ ଆୟୋଜନ କରିଥିଲେ। ଏହାକୁ ପ୍ରତି ଦୁଇବର୍ଷରେ ଥରେ ଓଡ଼ିଆ ଭାଷାର ସଂସ୍କୃତି ସହିତ ଯୋଡ଼ି ବିଭିନ୍ନ ଦେଶରେ ଅନୁଷ୍ଠିତ କରିବାକୁ ଧାର୍ଯ୍ୟ କରାଯାଇଛି।




ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ 'ଆଇଓସି ଇଣ୍ଟରନ୍ୟାଶନାଲ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମୀର



@ ନୁରୀ



@ ତେଜସ୍



@ ଗୋପୀନାଥ



@ ପୀୟୂଷ ପ୍ରତ୍ୟୁଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମ ଶୀତଦିନିଆ ହାତୀ ଗଣନା ସରିଲା

## ମାସ ଶେଷ ସୁଦ୍ଧା ରିପୋର୍ଟ ପ୍ରକାଶ

ଭୁବନେଶ୍ୱର, ୧୬।୧୧ (ବନ୍ଦନା ସେଠୀ)



ହାତୀ ଗଣନା ପାଇଁ ତିଆରି ହୋଇଥିବା ମଞ୍ଚା।

ରାଜ୍ୟରେ ପ୍ରଥମଥର ଆରମ୍ଭ ହୋଇଥିବା ଶୀତକାଳୀନ ହାତୀ ଗଣନା ଶନିବାର ଶେଷ ହୋଇଛି। ନଭେମ୍ବର ୧୪ରୁ ୧୬ ତାରିଖ ମଧ୍ୟରେ ରାଜ୍ୟର ୪୮ ବନଖଣ୍ଡରେ ଏହି ହାତୀ ଗଣନା କରାଯାଇଛି। ଏଥିପାଇଁ ମୋଟ ୨୦୩୨ ସେନ୍‌ସସ୍ ୟୁନିଟ୍ ନିୟୋଜିତ ହୋଇଥିବାବେଳେ ପ୍ରତି ୟୁନିଟ୍‌ରେ ଜଣେ ଫରେଷ୍ଟର, ଫରେଷ୍ଟ ଗାର୍ଡ଼ଙ୍କ ସହିତ ଏଲିଫ୍ୟାଣ୍ଟ ସ୍କ୍ୱାଡରଙ୍କୁ ମିଶାଇ ମୋଟ ୬ହଜାରରୁ ଅଧିକ ବନ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ହାତୀ ଗଣନାରେ ଜଙ୍ଗଲ ଭିତରେ ୧ ହଜାର ୩୭୦ ମଞ୍ଚା ତିଆରି ହୋଇଥିଲାବେଳେ ରାତ୍ରିକାଳୀନ ଭିଜୁଆଲ ପାଇଁ ବନ ବିଭାଗ ଡ୍ରୋନ୍‌ର ବ୍ୟବହାର କରିଥିଲା। ଏଥିପାଇଁ ସମସ୍ତ ହେଡ୍‌କ୍ୱାର୍ଟର୍ସ/ ଡିଭିଜନ/ରେଞ୍ଜ ଲେଭଲ୍‌ରେ କର୍ମଚାରୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ୧୨ ତାରିଖ ସୁଦ୍ଧା ସମସ୍ତ ସ୍ଥାନରେ ମଞ୍ଚା ବନ୍ଧାଯିବା ସହିତ ଗଣନା କିଟ୍ ବଣ୍ଟନ କରାଯାଇଥିଲା। ଶନିବାର ଗଣନା ସରିବା ପରେ ୧୭ ତାରିଖରେ ସମସ୍ତ କର୍ମଚାରୀ ହେଡ୍‌କ୍ୱାର୍ଟର୍ସକୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ରେଞ୍ଜ ଲେଭଲ ଆନାଲିସିସ୍ ସହିତ ଡିଭିଜନ୍ ଲେଭଲ, ସର୍କଲ ଲେଭଲ ଏବଂ ଶେଷରେ ରାଜ୍ୟସ୍ତରୀୟ ଆନାଲିସିସ୍ କରାଯାଇ ନଭେମ୍ବର ଶେଷ ବେଳକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

ପୂର୍ବରୁ ସାଧାରଣତଃ ମେ' ମାସ ଖରାଦିନେ ହାତୀ ଗଣନା କରାଯାଇଥାଏ। ମାତ୍ର ବନ ବିଭାଗ ପକ୍ଷରୁ ପିସିସିଏଫ୍ ସୁଶାନ୍ତ ନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରଥମଥର ଏଭଳି ପଦକ୍ଷେପ ନିଆଯାଇଛି। ଏହି ଗଣନାରୁ ଓଡ଼ିଶାର କେଉଁ ଡିଭିଜନ୍‌ରେ କେତେ ହାତୀ ଶୀତଦିନେ ରହୁଛନ୍ତି, ତାହାର ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ। ଅପରପକ୍ଷେ ଶୀତଦିନେ ଫସଲ ଖାଇବା ଲୋଭରେ ହାତୀମାନେ ଚାଷକ୍ଷେତ ଏବଂ ଗ୍ରାମାଞ୍ଚଳ ଆଡକୁ ମାଡିଆସନ୍ତି। ଫଳରେ ଏହି ସମୟରେ ଅଧିକ ହାତୀ-ମଣିଷ ଲଢେଇ ହେବା ଦେଖାଯାଇଥାଏ। ତେଣୁ ହାତୀ ସଂଖ୍ୟା ଆକଳନ କରିବା ସହିତ ଏନେଇ ଆବଶ୍ୟକ ବ୍ୟବସ୍ଥା କରାଯାଇପାରିବ। ଏନେଇ ପିସିସିଏଫ୍ ନନ୍ଦ କହିଛନ୍ତି, ପ୍ରଥମ କରି ବନ ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ବିଭିନ୍ନ ଋତୁରେ ରାଜ୍ୟରେ ହାତୀଙ୍କ ସଂଖ୍ୟା କେତେ ରହୁଛି ତାହା ଜଣାପଡିବ।

## ମେ' ଗଣନାରେ ୨୦୯୮ ହାତୀ

ଚଳିତବର୍ଷ ମେ ମାସରେ ରାଜ୍ୟର ୩୮ଟି ବନଖଣ୍ଡରେ ହାତୀ ଗଣନା କରାଯାଇଥିଲା। ମୋଟ୍ ୨୦୯୮ ହାତୀ ରହିଥିବା ଜଣାପଡିଥିଲା। ୨୦୧୭ରେ ହୋଇଥିବା ହାତୀ ଗଣନାରେ ରାଜ୍ୟରେ ମୋଟ୍ ୧୯୭୬ଟି ହାତୀ ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତେଣୁ ରାଜ୍ୟରେ ଦିନକୁ ଦିନ ହାତୀ ସଂଖ୍ୟା ବୃଦ୍ଧି ପାଉଥିବା ସ୍ପଷ୍ଟ ହୋଇଛି। ତେବେ ହାତୀଙ୍କ ପାଇଁ ଓଡ଼ିଶାରେ ସ୍ଥାନର ଅଭାବ ଥିବା ନେଇ ନିକଟରେ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସେସର ଏସିଆନ ଏଲିଫ୍ୟାଣ୍ଟ କନଜର୍ଭେଶନ ସେଣ୍ଟର ଷ୍ଟଡି ରିପୋର୍ଟରୁ ଜଣାପଡିଛି। ଓଡ଼ିଶା ଜଙ୍ଗଲରେ ମୋଟ୍ ୧୭ଶହ ହାତୀ ରହି ପାରିବେ, ମାତ୍ର ଏଠାରେ କ୍ଷମତାଠାରୁ ଅଧିକ ୪ଶହ ହାତୀ ବାସକରୁଛନ୍ତି। ଫଳରେ ସ୍ଥାନ ଓ ଖାଦ୍ୟପେୟ ଅଭାବରୁ ଅଧିକ ହାତୀ ଜନବସତି ମୁହାଁ ହେଉଛନ୍ତି ବୋଲି ସୂଚନା ଦିଆଯାଇଛି। ତେଣୁ ଶୀତଦିନିଆ ହାତୀ ଗଣନାରୁ ରାଜ୍ୟରେ ଥିବା ହାତୀ ସଂଖ୍ୟାର ଠିକ୍ ତଥ୍ୟ ମିଳିବା ପରେ ହାତୀ-ମଣିଷ ଲଢ଼େଇର ସମାଧାନ ଲାଗି ବିକଳ୍ପ ପଦକ୍ଷେପ ନିଆଯାଇପାରିବ ବୋଲି ଆଶା କରାଯାଉଛି।

## ଡିଗିରିଆ ବନାଞ୍ଚଳରେ ହାତୀ ସଂଖ୍ୟା ୧୭

ଡିଗିରିଆ, ୧୬।୧୧( ଜାଫର ଖାଁ)

ଡିଗିରିଆ ବନାଞ୍ଚଳରେ ୧୭ଟି ହାତୀ ଥିବା ନେଇ ଶନିବାର ଗଣନା ସରିବା ପରେ ଡିଗିରିଆ ବନପାଳ ପ୍ରକାଶ କରିଛନ୍ତି। ତାଙ୍କ ଅଧୀନରେ ୩ ଗ୍ରୁପ୍ ମାଧ୍ୟମରେ ଏହି ଗଣନା କରାଯାଇଥିବା ବନପାଳ ପ୍ରଶାନ୍ତ କୁମାର ପରିଡା ପ୍ରକାଶ କରିଛନ୍ତି । କୁଣ୍ଡଳ, ଜରିପାଳ ଓ ଜେନାପଦା ଆଦି ୩ଟି ଗ୍ରୁପ୍‌ରେ ୨ ଜଣ ଲେଖାଏ ସ୍କ୍ୱାଡ୍ ଏହି ହାତୀ ଗଣନାରେ ନିୟୋଜିତ ହୋଇଥିଲେ।

# ଟ୍ରକ୍ ପଛରେ ପିଟିହେଲା ବସ୍, ୮ ଆହତ




ବୋଲଗଡ଼,୧୬।୧୧(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ ଚୁଡ଼ାସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ମାଲ୍‌ବାହୀ ଟ୍ରକ୍ ପଛକୁ ଧକ୍କାଦେବାରୁ ବସ୍‌ର ଡ୍ରାଇଭର ସମେତ ୮ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଦୁଇଗାଡ଼ିକୁ ଜବତ କରାଯିବା ସହ ବୋଲଗଡ଼ ଥାନାରେ ଏକ ମାମଲା (ନଂ.୨୮୧/୨୪) ରୁଜୁ ହୋଇଛି ବୋଲି ଥାନାଧିକାରିଣୀ ସ୍ନିଗ୍ଧାମୟୀ ବରାଳ କହିଛନ୍ତି। ସୂଚନା ମୁତାବକ, ନୟାଗଡ଼ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଭଙ୍ଗାକାଚ ବୋଝେଇ ଏକ ଟ୍ରକ୍ କୌଣସି କାରଣରୁ ଚୁଡ଼ା ନିକଟ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିଲା। ଦାରିଙ୍ଗବାଡିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍(ଶାରଳା)ଟି କୁହୁଡ଼ି ଯୋଗୁ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ବସ୍ ଚାଳକଙ୍କ ସମେତ ୮ ଜଣ ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତକରି ତଦନ୍ତ ଚଳାଇଛି।

## ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀର ଜମି କିଣା ପ୍ରସଙ୍ଗ

# ଜୋର ଧରିଲା ଖଣି ଖନନ ଚର୍ଚ୍ଚା



ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ହରିଶଙ୍କର ପୀଠ।

**ବଲାଙ୍ଗୀର/ଖପ୍ରାଖୋଲ, ୧୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଓ ବରଗଡ଼ ଜିଲା ସୀମାରେ ଥିବା ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ପୁଣି ଥରେ ଖଣି ଖନନ ଚର୍ଚ୍ଚା ଜୋର ଧରିଛି। ଗୁଜରାଟର ଅହମଦାବାଦସ୍ଥିତ ଆଦାନୀ କର୍ପୋରେଟ୍ ହାଉସ ପକ୍ଷରୁ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ଖପ୍ରାଖୋଲ ତହସିଲ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା ମୌଜାରେ ଆଦାନୀ ଗ୍ରୁପ୍ ପ୍ରାୟ ୧୮.୩୯ ଏକର ଜମି କିଣିଥିବା ଜଣାପଡ଼ିବା ପରେ ଏଭଳି ଚର୍ଚ୍ଚା ଜୋର ଧରିଛି। କମ୍ପାନୀ ପକ୍ଷରୁ ଜିଲାର ଅନ୍ୟ ସ୍ଥାନରେ ମଧ୍ୟ ଜମି କିଣାଯାଇଥିବା ଆଲୋଚନା ହେଉଛି। ଆଦାନୀ ଗ୍ରୁପ୍‌ର ଜମି କିଣା ଭୂଲେଖ ଆର୍‌ଓଆର୍ କପି ମଧ୍ୟ ଭାଇରାଲ ହୋଇଛି। ଏହାକୁ ନେଇ ବିଭିନ୍ନ ଦଳର ନେତୃବୃନ୍ଦ, ପରିବେଶକର୍ମୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଖୋଲାଖୋଲି ଆଲୋଚନା କରୁଛନ୍ତି। ଶୁକ୍ରବାର ଖପ୍ରାଖୋଲଠାରେ ଆୟୋଜିତ ବିର୍ସା ମୁଣ୍ଡା ଜୟନ୍ତୀରେ ମଧ୍ୟ ଅନେକ ନେତା ଗନ୍ଧମାର୍ଦ୍ଦନରେ ଖଣିଖନନ ମସୁଧା ଏବଂ ଏହାର ସୁରକ୍ଷା ପ୍ରସଙ୍ଗ ଉଠାଇ ଆନ୍ଦୋଳନ ଡାକରା ଦେଇଛନ୍ତି। ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାପରେ ଗନ୍ଧମାର୍ଦ୍ଦନରେ ଖଣିଖନନ ଚର୍ଚ୍ଚା ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଧିବାସୀ, ପରିବେଶ କର୍ମୀ, ପ୍ରକୃତିପ୍ରେମୀ ଏବଂ ବୁଦ୍ଧିଜୀବୀ ଚିନ୍ତିତ ହୋଇପଡ଼ିଛନ୍ତି। ଗନ୍ଧମାର୍ଦ୍ଦନରେ ଖଣି ଖନନ ଚର୍ଚ୍ଚାର ପ୍ରକୃତ ସତ୍ୟାସତ୍ୟ କ'ଣ ଲୋକେ ଜାଣିବାକୁ ବ୍ୟଗ୍ର ହୋଇ ଉଠିଛନ୍ତି।

### ■ ଭରୁଆମୁଣ୍ଡା ମୌଜାରେ ୧୮.୩୯ ଏକର ଜମି କିଣାଯାଇଛି

ତହସିଲ ଓ ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ସେପ୍ଟେମ୍ବରରେ ମହାନଦୀ ମାଇନ୍ସ ଏବଂ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ବା ଆଦାନୀ କର୍ପୋରେଟ୍ ହାଉସ, ଅହମଦାବାଦ୍, ଗୁଜରାଟ ନାଁରେ ଭରୁଆମୁଣ୍ଡା ମୌଜା (ଖତିଆନ୍ କ୍ରମିକ ନମ୍ବର ୮୭/୮୭)ରେ ୧୮.୩୯ ଏକର ଜମି କିଣାଯାଇଛି। ତେବେ ଖପ୍ରାଖୋଲ ତହସିଲ ଅଫିସରେ ଏହି ଉଦ୍ଦିଷ୍ଟ ଜମି ପ୍ରତିପୂରକ ବନୀକରଣ ବା କମ୍ପେନ୍‌ସେଟୋରି ଆଫୋରେଷ୍ଟେଶନ ପାଇଁ ବ୍ୟବହୃତ ହେବ ବୋଲି ଉଲ୍ଲେଖ କରାଯାଇଛି। ସୁନ୍ଦରଗଡ଼ରେ ଥିବା ଆଦାନୀ ଗ୍ରୁପର ଅନ୍ୟତମ କମ୍ପାନୀ ବିଜାହନ୍ ଓପନ କାଷ୍ଟ କୋଲ୍ ମାଇନ୍ସ ପାଇଁ ଏହା ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ରହିଛି। ଉକ୍ତ ଜମିରେ କମ୍ପାନୀ ପକ୍ଷରୁ ବୃକ୍ଷରୋପଣ କରାଗଲା ପରେ ନିୟମାନୁଯାୟୀ ବନ ବିଭାଗକୁ ଉକ୍ତ ଜମି ଓ ଜଙ୍ଗଲ ହସ୍ତାନ୍ତର କରାଯିବ ବୋଲି ତହସିଲ୍ ଅଫିସର ଜଣେ କର୍ମଚାରୀ କହିଛନ୍ତି।




ଭାଇରାଲ ହୋଇଥିବା ଆର୍‌ଓଆର୍ କପି।

## ଗନ୍ଧମାର୍ଦ୍ଦନ ନାଁରେ ଶସ୍ତା ରାଜନୀତି: କନକବର୍ଦ୍ଧନ

ଗନ୍ଧମାର୍ଦ୍ଦନ ନାଁରେ ଏବେ ଶସ୍ତା ରାଜନୀତି କରାଯାଉଛି। ଅନେକ ଥର ଏଭଳି ଚର୍ଚ୍ଚା ଉଠିଛି। ଗନ୍ଧମାର୍ଦ୍ଦନରେ ଖଣିଖନନ ସଂକ୍ରାନ୍ତରେ କେହି ବି ଗୋଟିଏ ପିସ୍ ପେପର ଦେଖାଇ ପାରିବେ ନାହିଁ। ଜୀବନର ଶେଷ ରକ୍ତବିନ୍ଦୁ ଥିବା ଯାଏଁ ଗନ୍ଧମାର୍ଦ୍ଦନର ସୁରକ୍ଷା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଗନ୍ଧମାର୍ଦ୍ଦନରେ ଖଣିଖନନ ଚର୍ଚ୍ଚା ଏବଂ ଆଦାନୀ କମ୍ପାନୀର ଜମି କିଣା ପ୍ରସଙ୍ଗରେ ତାଙ୍କ ମତାମତ ନେବାରୁ ସେ ଏହା କହିଛନ୍ତି। କମ୍ପେନ୍‌ସେଟୋରି ଆଫୋରେଷ୍ଟେଶନ ପାଇଁ କମ୍ପାନୀ ଉକ୍ତ ଜମି କିଣିଛି। ଗନ୍ଧମାର୍ଦ୍ଦନରେ ଖଣି ଖନନ ଚର୍ଚ୍ଚା କେବଳ ଶସ୍ତା ରାଜନୀତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଏକ ସଭାରେ ବରଗଡ଼ ଲୋକ ସଭା ସଦସ୍ୟ ପ୍ରଦୀପ ପୁରୋହିତ ମଧ୍ୟ ଗନ୍ଧମାର୍ଦ୍ଦନର ଇଞ୍ଚେ ଜମି କେହି ଧ୍ୱଂସ କରିପାରିବେ ନାହିଁ ଓ ଏହାର ସୁରକ୍ଷା ହିଁ ପ୍ରାଥମିକତା ବୋଲି କହିଥିଲେ।

## ଲୋକସେବା ଭବନରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍



### ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର, ୧୬।୧୧ (ଅନିଲ ଦାସ)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଲୋକସେବା ଭବନରେ ଶନିବାର ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍ ଉଦ୍‌ଘାଟନ କରିଛନ୍ତି। ମହିଳା ଶୌଚାଳୟ କମ୍ପ୍ଲେକ୍ସ ଏବଂ ଲେଡିଜ୍ କମନ୍ ରୁମ୍ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ମେଶିନ୍ ଲଗାଯାଇଛି। ମହିଳାମାନଙ୍କ ପାଇଁ ସ୍ୱଚ୍ଛତା, ଅଧିକ ସମାବେଶୀ ଏବଂ ସହାୟକ କର୍ମକ୍ଷେତ୍ର ସୃଷ୍ଟି ଦିଗରେ ଏହା ଏକ ପ୍ରଗତିଶୀଳ ପଦକ୍ଷେପ। ଏହା ଅଭିଯୋଗ ସମାଧାନ ପାଇଁ ପରିସରକୁ ଆସୁଥିବା ମହିଳାଙ୍କ ସୁବିଧାକୁ ସୁନିଶ୍ଚିତ କରିବ। ଖୁବ୍‌ଶୀଘ୍ର ସଚିବାଳୟ ବିଲ୍ଡିଂର ସମସ୍ତ ମହିଳା ଶୌଚାଳୟରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଉପଲୋକସେବା ଭବନ ପରିସରରେ ଛୋଟ ପିଲାମାନଙ୍କ ପାଇଁ ଥିବା କ୍ରେଚ୍ ମଧ୍ୟ ଉପ ମୁଖ୍ୟମନ୍ତ୍ରୀ ପରିଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଡେବ୍ରିଗଡ଼ ଅଭୟାରଣ୍ୟରେ ୬୫୯ ଗୟଳ



ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟରେ ଗୟଳ ବା ଇଣ୍ଡିଆନ୍ ବାଇସନ୍।

**ସମ୍ବଲପୁର, ୧୬।୧୧ (ପ୍ରମୋଦ ବହିଦାର)**

### ସୂଚନା ଦେଲା ହୀରାକୁଦ ବନ୍ୟପ୍ରାଣୀ ବିଭାଗ

ଡେବ୍ରିଗଡ଼ ଅଭୟାରଣ୍ୟର ମୁଖ୍ୟ ଆକର୍ଷଣ ଗୟଳ ବା ଇଣ୍ଡିଆନ ବାଇସନଙ୍କ ଗଣନା ପାଇଁ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଗଣନା ଶେଷ ହେବାପରେ ଏଠାରେ ୬୫୯ଟି ଗୟଳ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୨୧୦ଟି ଗୟଳ ଶାବକଙ୍କୁ ଠାବ କରାଯାଇଛି। ଶାବକଙ୍କୁ ସାଙ୍ଗରେ ଧରି ଗୟଳଗୁଡ଼ିକ ଦଳ ଦଳ ହୋଇ ଅଭୟାରଣ୍ୟରେ ବିଚରଣ କରୁଥିବାରୁ ଏହା ଦ୍ରୁତ ବଂଶବୃଦ୍ଧିର ସୂଚନା ଦେଉଛି। ଗଣନା ସମୟରେ ଗୋଟିଏ ଗୋଟିଏ ପ୍ରାପ୍ତବୟସ୍କ ଗୟଳର ଓଜନ ପ୍ରାୟ ୧୫ଶହ କିଲୋଗ୍ରାମ ହେବ ବୋଲି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି। ଏଠାରେ ଗୟଳ ଗଣନା ଲାଗି ୫୩ଟି ୟୁନିଟ୍‌ରେ ୧୧୪ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଗଣନା ଅଭିଯାନରେ ନିୟୋଜିତ କର୍ମଚାରୀମାନେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଭୟାରଣ୍ୟ ମଧ୍ୟରେ ଜଙ୍ଗଲି ରାସ୍ତା, ବନ୍ୟପ୍ରାଣୀଙ୍କ ସମ୍ଭାବ୍ୟ ବିଚରଣ କ୍ଷେତ୍ର, ତୃଣଭୂମି, ଜଳଉତ୍ସ ଆଦି ଅଞ୍ଚଳରେ ପ୍ରତ୍ୟକ୍ଷ ସର୍ବେକ୍ଷଣ ପଦ୍ଧତିରେ ଗୟଳଙ୍କ ସଂଖ୍ୟା ଗଣନା କରିଥିଲେ। ଫଳରେ ନଭେମ୍ବର ୧୨ ଓ ୧୩ ଦୁଇଦିନ ମଧ୍ୟରେ ଗଣନା କାର୍ଯ୍ୟ ହୋଇପାରିଲା ବୋଲି କୁହାଯାଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ସହିତ ଜଳଉତ୍ସ, ବାଉଁଶ, ସିଆଳି, ପାଳାସ, ଗାମ୍ଭରୀ, ସିରିସା, ଶାଳ, କଣ୍ଟେଇକୋଳି, ବେଲ, ଗେଣ୍ଠୁଲି ଆଦି ସହ କେତେକ ଫଳଗଛର ପତ୍ର ଓ ଘାସ ଗୟଳମାନଙ୍କ ପସନ୍ଦର ଖାଦ୍ୟ। ତେଣୁ ଏହି ପ୍ରଜାତିର ଉଦ୍ଭିଦ ଥିବା ତଥା ପ୍ରଜନନ ପାଇଁ ଡେବ୍ରିଗଡ଼ ଅଭୟାରଣ୍ୟର ସୁରକ୍ଷିତ ପରିବେଶ ଗୟଳଙ୍କୁ ଆକୃଷ୍ଟ କରୁଥିବାରୁ ଏଠାରେ ଏତେସଂଖ୍ୟକ ଗୟଳ ଦେଖିବାକୁ ମିଳିଥାଏ ବୋଲି ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି।

# ଯୁବଶକ୍ତିଙ୍କ ସୃଜନଶୀଳତା ଭାରତକୁ ନୂଆ ଉଚ୍ଚତାକୁ ନେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୬।୧୧ (ଅନିଲ ଦାସ)**

ବିକଶିତ ଭାରତ ଗଠନରେ ଯୁବକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଶକ୍ତି ଏବଂ ସୃଜନଶୀଳତା ଭାରତକୁ ନୂତନ ଉଚ୍ଚତାକୁ ନେବାର ସାମର୍ଥ୍ୟ ରଖିଛି। ଶନିବାର ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲାଣ୍ଡ ମହୋତ୍ସବ ଏବଂ ହରିୟାଣା ଗୁରୁଗ୍ରାମସ୍ଥିତ ଏସ୍‌ଜିଟି ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମ 'ବିବିଭା ୨୦୨୪'ରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି, ଆଜିର ଯୁବପିଢ଼ି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନିଜର ଅଂଶଗ୍ରହଣ ଦ୍ୱାରା ଦେଶକୁ ଆତ୍ମନିର୍ଭରଶୀଳତା ଏବଂ ବିଶ୍ୱ ନେତୃତ୍ୱ ଆଡ଼କୁ ନେଇପାରିବେ। ଜାତୀୟ ଶିକ୍ଷାନୀତି-୨୦୨୦ ଏ ଦିଗରେ ଏକ ଐତିହାସିକ ପଦକ୍ଷେପ। ଏହି ନୀତି ମାଧ୍ୟମରେ ଭାରତର ପ୍ରାଚୀନ ଶିକ୍ଷା ବ୍ୟବସ୍ଥା ଯଥା- ଯୋଗ, ବ୍ୟବହାରିକ ଜ୍ଞାନ ଏବଂ ନୈତିକ ଶିକ୍ଷାକୁ ପୁନରୁଦ୍ଧାର କରାଯାଉଛି। 'ବିବିଭା ୨୦୨୪' ଭଳି କାର୍ଯ୍ୟକ୍ରମ ଦେଶ ନିର୍ମାଣର ଏହି ମିଶନରେ ଯୁବକମାନଙ୍କୁ ଅନୁପ୍ରାଣିତ କରିବା ସହ ପ୍ରୋତ୍ସାହିତ କରିବ। ସେହିପରି ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲାଣ୍ଡ ମହୋତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ବୋଡୋଲାଣ୍ଡ ଅଞ୍ଚଳର ସଂସ୍କୃତି, ଐତିହ୍ୟ, ଇତିହାସ ଏବଂ ଭାଷାର ଏହି ଅନନ୍ୟ ଉତ୍ସବ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଆୟୋଜନ ହେବା ଖୁସିର ବିଷୟ। ବୋଡୋଲାଣ୍ଡ ମହୋତ୍ସବ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଅନ୍ୟତମ ପ୍ରତୀକ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail:serwsbd2003@yahoo.com
No.4419, Dt.16.11.2024
**1st Corrigendum**

**No.O-664:** In continuation to this office Bid Identification No-CCERWCSBD Online-13/2024-25 invited vide this office Notice No.4196, Dtd.24.10.2024, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 05.11.2024 at 11.00 AM to 20.11.2024 upto 5.00 P.M. | Extended upto 27.11.2024 5.00 PM |
| 2 | Date and Time of seeking tender clarification if any | 19.11.2024 upto 1.00 PM | 26.11.2024 upto 1.00 PM |
| 3 | Date & Time of opening of tender (Technical Bid) | 21.11.2024 at 11.00 AM | 28.11.2024 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
OIPR-25182/11/0021/2425 **Sd./- Chief Construction Engineer, Rural Works Circle, Sunabeda**

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar - 751010 (Odisha), Tel - 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)
No.CAD-1621
**Tender Call Notice No. OCC/CWS/PROC/KIP-12(P-II)/37/2024-25 dtd. 14.11.2024**

Type of work : Supply of Anchor bar for casting of cantilever portion of pier of spillway of kanupur irrigation project.
Total No. of work : 01 (One)
Period of supply : 07 (Seven) days

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (As per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/KIP-12(P-II)/37/2024-25 dtd.14.11.2024 | Rs. 4720/- (Non-refundable) | 16.11.2024 10.00 A.M. to 25.11.2024 1.00 P.M. | 16.11.2024 10.00 A.M. to 25.11.2024 3.30 P.M. |

Date of opening of the Tender : **25.11.2024 at 4.00 P.M.**
Further details can be seen from the website **(www.odishaconstruction.com)**
**Amendment/corrigendum/cancellation, if any shall be posted on-line only (OCCL website).**
**Sd./- Senior Manager (Mech.)-I**
OIPR-34163/11/0031/2425 **OCC Ltd., Bhubaneswar**

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
No.CAD-1623: **E-Procurement Notice**

| Sl. | Bid Document No. | Name of Work | Availability of Tender Documents | Bid Due Date |
|---|---|---|---|---|
| 1 | OMC/E-PROC /C&P/ 038/ 2024-25, Dtd.14.11.2024 | Supply and Installation of Library furniture at Harekrushna Mohatab State Library, Bhubaneswar | 16.11.2024 | 07.12.2024 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.
OIPR-30005/11/0107/2425 **Sd./- Head (C&P)**

See Career Appointment on every Wednesday & Saturday

**PUBLIC NOTICE**
No. 6250 Date: 13.11.2024
**Announcement of Award for Acquisition of Land for Construction of National Highway for Landowners/Persons interested therein and payment of Compensation Amount**

No. XXXIV-: Attention of all landowners/interested persons is invited to the Notification dated 23.08.2022 issued under Section 3A of the NH Act, 1956 for acquisition of land for the building/construction of a National Highway and the Notification dated 17.05.2023 issued under Section 3D of the NH Act, 1956 and published in the following Newspapers:

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3A | "Dharitri" & "Odia Bhaskar" | 29.09.2022 |
| 2 | Section 3D | "Pragatibadi" & "Nitidina" | 13.08.2023 |

It is informed that the undersigned had announced the Award in respect of the said land of Mouza: chinajuri, Khuntpali & Gambharipali under Section 3G of the NH Act, 1956 vide notice dated 17.09.2024 in pursuant to Letter No. 762 dated 07.08.2024 of the MoRTH, Govt. of India, Bhubaneswar.
The land acquiring agency (MoRTH/NHAI/NHIDCL) has placed the requisite amount of compensation of Mouza: Dunguripali at the disposal of the undersigned. Notices have also been issued to the concerned landowners/interested persons as required under Section 3E of the NH Act, 1956.
Accordingly, all the concerned landowner/interested persons of Chinajuri, Khuntpali & Gambharipali mouzas are hereby informed/notified through this additional Public Notice that the Compensation amount is hereby offered to all the landowners. Further, it may be noted that:
- The compensation amount in respect of all such landowners of Mouza: Chinajuri, Khuntpali & Gambharipali, who have already submitted their Bank account detailed are being credited to their respective Bank Accounts through RTGS.
- The landowners of the said mouza, who have not submitted their Bank Accounts details may do so immediately in the office of the undersigned and the amount shall be credited to their accounts within a fortnight of the receipt of such Bank Account details;
- All other claimants entitled to receive the compensation amount may contact the undersigned for any difficulty on any working day between 11 am to 5.00 pm within a period of 60 days with effect from the date of issue of this Notification.

It may further be noted that since the amount of Compensation has been determined and tendered to the concerned village landowners/persons interested therein through this additional public notice, any failure to collect the compensation amount would be to their account and the amount shall be deemed to have been paid on expiry of this period of sixty days from the date of publication of notice.
The concered village landowners/persons interested therein is further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

**Sd./- Competent Authority for Land Acquisition-cum-Additional Tahasildar, Rampur**
**Tahasil Office, Rampur, Dist.: Subarnapur**
**Date: 13.11.2024**
OIPR-24323/14/0003/2425

**GOVERNMENT OF ODISHA** No.O-660:
**OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**
E-Mail Id: rw_cuttack@yahoo.co.in, Ph.No.0671-2440662, Fax No.0671-2440653
**1st Corrigendum to Tender Call Notice No. Tender-Online-RWD Ctc-07/2024-25, Dt.01.11.2024**
Due to unavoidable circumstances the dates are changing as follow:- 1.Availability of tender online for Bidding from dt.21.11.2024 at 11.00 hours to dt.27.11.2024 upto 17.00 hours instead of dt.12.11.2024 at 11.00 hours to dt.22.11.2024 upto 17.00 hours. 2. Last date of time of seeking tender clarification on dt.26.11.2024 upto 17.00 hours instead of dt.21.11.2024 upto 17.00 hours. 3. The date and time of opening of technical bid on dt.28.11.2024 at 11.00 hours instead of dt.25.11.2024 at 11.00 hours.
All other terms & conditions remain unchanged.
**Sd./- Superintending Engineer, Rural Works Division, Cuttack**
OIPR-25053/11/0012/2425

No.C-1011
WATCO
**OFFICE OF THE GENERAL MANAGER WATCO DIVISION, CUTTACK**
Telephone/e-mail/Fax:0671-2547115/gmwatcoctc@gmail.com
**NATIONAL COMPETITIVE BIDDING THROUGH e-Procurement**
**Bid Identification No.GMWATCO(W)-09/2024-25 Dtd.13.11.2024**
Name of the Work:- Supply, Installation, testing and commissioning of Clear water Pump motor and 100HP VFD for 9.5 MLD & 7MLD WTP, Mundamal, Vyasanagar Municipality, Jajpur Road.
1. Estimated Cost : Rs.65.20 Lakhs (Approx.)
2. Period of Completion : 6 (Six) Months
3. Date & Time of availability of bid document in the portal : From 11 A.M. of 19.11.2024 to 5.00 P.M. of dt.27.11.2024
4. Last date/time of receipt of bids in the portal : 27.11.2024 upto 05.00 P.M.
5. Date & Time of opening of bids : 28.11.2024 at 12.30 P.M.
6. Name and address of the Officer Inviting Bid : The General Manager, WATCO Division, Cuttack-753003, Odisha, Ph.(0671) 2547115 email:gmwatcoctc@gmail.com
7. The bidders have to participate in ONLINE bidding only.
For details can be seen from the website www.tendersodisha.gov.in.
**Sd./- General Manager WATCO Division, Cuttack**
OIPR-13170/11/0014/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANANDAPUR**
No. A-559 At/P.O.: Salapada, Dist.: Keonjhar, PIN - 758020
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID: PI63533)
**REQUEST FOR BIDS (RFB) E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
**RFB No. OIIPCRA-AND/W2-6/2024-25 Date: 08.11.2024**

| | | |
|---|---|---|
| Name of Work | : | Modernization to Distribution System of Kalimati MIP, under M.I. Division, Anandapur |
| No. of works | : | 01 Minor Irrigation Tanks |
| Estimated Cost | : | Rs.1049.03 Lakhs Approx. (Total estimated cost of 01 tanks Rs.1049.03) |
| Cost of Bid Document | : | Free of Cost |
| Period of Completion | : | As per DTCN |
| Availability of bid documents | : | From 18.11.2024 from 10.00 Hrs. to 20.12.2024 upto 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | : | 26.11.2024 as per Para - 7 of DTCN |
| Last date & time of receipt of bid | : | Upto 20.12.2024, 15.00 Hrs. through online |
| Period of receipt of Bid Security | : | To be paid online along with the bid. Bank Guarantees also acceptable subject to verification. |
| Date of Opening of Technical Bid | : | On Dt.20.12.2024 at 15.30 Hrs. |
| Date of Opening of Financial Bid | : | To be intimated online after Offline evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class - II or III. |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & Address of the OIT | : | Superintending Engineer, M.I. Division, Anandapur, At/P.O.: Salapada, Dist.: Keonjhar, PIN - 758020 E-Mail: mianandapur@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |

**Superintending Engineer, M.I. Division, Anandapur**
**Sd./- Superintending Engineer M.I. Division, Anandapur**
OIPR-32108/11/0016/2425

**OFFICE OF THE DISTRICT MANAGER, OSCSC LTD., JAGATSINGHPUR**
**No.4017/ Dt.16.11.2024**
**QUOTATION / TENDER CALL NOTICE**
**No.CAD-1620:** Sealed quotations / tenders are invited from interest reputed Agencies /Tour Operators or private individuals for providing one no. of AC Petrol/ Diesel driven vehicle (Scorpio/Bolero) having sitting capacity not more than 09 including driver, which shall conform the Terms and conditions (Appendix-A) for official use in the Office of the CSO-Cum-District Manager, OSCSC Ltd., Jagatsinghpur on monthly rent basis.
1. The service provider shall have a valid OGST registration to participate in the tendering.
2. The vehicle must be in road worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, Pollution Certificate, Valid Contract carriage Permit, proof of up to date tax payment etc. which are mandatory for playing of vehicle.
3. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
4. The driver should be well behaved, gentle and obedient in nature.
5. A sum of Rs.5,000/- shall be deposited by the intending bidders in shape of Account Payee Bank Draft drawn in favour of the District Manager, OSCSC Ltd., Jagatsinghpur and submitted alongwith the tender paper as security deposit. After completion tender process, the amount will be refunded to unsuccessful bidders.
6. The monthly rate of hire charge be quoted separately in the general bid information (excluding fuel and lubricants).
7. The vehicles must achieve a fuel efficiency of 10 (Ten) Kms per litre.
8. The details of the make and year of manufacture of the vehicle, registration no. mileage (KMs covered per litre) and name of the driver with Driving License no. and period of validity should be specifically provided in the general bid information to be furnished with the quotation/Tender (Appendix-B).
9. The Quotation completed in all respect should reach the undersigned on or before 30.11.2024 by 5 PM and shall be opened on the date at 02.12.2024 at 4 PM in presence of the bidders or their authorized representatives.
10. The application form of Quotation/tender containing General Bid information & terms and conditions for hiring of vehicles etc. will be available with the CSO-cum-District Manager, OSCSC Ltd., Jagatsinghpur in the office on payment of Rs.1000/- from dt.16.11.2024 to 30.11.2024 upto 5 PM or can be downloaded from odisha from Odisha Govt. website www.Jagatsinghpur.Odisha.gov.in & www.oscsc.in from dt.16.11.2024 to 30.11.2024. In case the application form is downloaded from Govt. website, the applicant shall furnish a Demand Draft in favour of the District Manager, OSCSC Ltd., Jagatsinghpur for an amount Rs.1000/- (Rupees One thousand) only towards the cost of application along with the application.
11. The maximum hire charges per month excluding taxes will be Rs.31000/- vehicle of similar category or higher segment (Scorpio/Bolero) having same mileage can be engaged. Vehicles of higher segment having mileage 10 KM per litre of fuel may be given preference as per decision of Tender committee.

**Sd./- District Manager O.S.C.S.C. Ltd., Jagatsinghpur**
OIPR-07020/11/0003/2425

# ବାଇଡେନ୍‌ଙ୍କ ଭଳି ସ୍ମୃତିଶକ୍ତି ହରାଇ ବସିଲେଣି ମୋଦି: ରାହୁଲ ଗାନ୍ଧୀ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ଅମରାବତୀ,୧୬।୧୧**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ମୃତିଶକ୍ତି ହରାଇବସିଲେଣି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ମହାରାଷ୍ଟ୍ରରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଲାବେଳେ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯେଉଁ ପ୍ରସଙ୍ଗ ଉଠାଉଛନ୍ତି, ପ୍ରଧାନମନ୍ତ୍ରୀ ଆଜିକାଲି ସେହି ପ୍ରସଙ୍ଗ ଉପରେ କହୁଛନ୍ତି। ଜାତି ଜନଗଣନା ହେବା ଆବଶ୍ୟକ ଏବଂ ସଂରକ୍ଷଣରେ ୫୦ ପ୍ରତିଶତ ସୀମା ଉଠିଯିବା ଦରକାର ବୋଲି ରାହୁଲ ଲୋକ ସଭାରେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ। ଅଥଚ ମୁଁ ସଂରକ୍ଷଣର ବିରୋଧୀ ବୋଲି ମୋଦି ଏବେ ନିର୍ବାଚନ ରାଲିଗୁଡ଼ିକରେ କହୁଛନ୍ତି। ତେଣୁ ସେ ସ୍ମୃତିଶକ୍ତି ହରାଇବା ସମସ୍ୟାର ସମ୍ମୁଖୀନ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

ସମ୍ବିଧାନକୁ କଂଗ୍ରେସ ଦେଶର ଡିଏନ୍‌ଏ ବିବେଚନା କରୁଥିବାବେଳେ ଶାସକ ଭାଜପା ଏବଂ ଆର୍‌ଏସ୍‌ଏସ୍ ଏହାକୁ ଫାଙ୍କା ପୁସ୍ତକ କହୁଛନ୍ତି। ମହାରାଷ୍ଟ୍ର ଘଟଣା ଭଳି ବିଧାୟକଙ୍କୁ କିଣାଯାଇ ରାଜ୍ୟ ସରକାରଙ୍କୁ ଭାଙ୍ଗିଦିଆଯାଇପାରେ ବୋଲି ସମ୍ବିଧାନର କେଉଁଠି ଲେଖା ନ ଥିବା କଂଗ୍ରେସ ନେତା କହିଛନ୍ତି। ରାହୁଲ ପ୍ରଚାର ରାଲିରେ ସମ୍ବିଧାନ ନାମରେ ଏକ ଫାଙ୍କା ପୁସ୍ତକ ଦେଖାଉଛନ୍ତି ବୋଲି ମୋଦି ଏବଂ ଭାଜପା ଅଭିଯୋଗ କରିଥିବାରୁ ଲୋକ ସଭାର ବିରୋଧୀ ଦଳ ନେତା ତାହାର ଜବାବ ଦେଇଛନ୍ତି।

# ଏସ୍‌ଏଡି ଅଧ୍ୟକ୍ଷ ପଦରୁ ସୁଖବୀରଙ୍କ ଇସ୍ତଫା


ସୁଖବୀର ସିଂ ବାଦଲ

**ନୂଆଦିଲ୍ଲୀ,୧୬।୧୧**

ସୁଖବୀର ସିଂ ବାଦଲ ଶନିବାର ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସୁଖବୀର ତାଙ୍କ ଇସ୍ତଫାପତ୍ର ଦଳର କାର୍ଯ୍ୟକାରୀ କମିଟି ନିକଟରେ ଦାଖଲ କରିଥିବା ଦଳୀୟ ନେତା ଦଲ୍‌ଜିତ ସିଂ ଚିମା ସ୍ପଷ୍ଟ କରିଛନ୍ତି। ଫଳରେ ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ବାଟ ସଫା ହୋଇଯାଇଛି। ତାଙ୍କର ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଥିବା ଏବଂ କାର୍ଯ୍ୟକାଳ ମଧ୍ୟରେ ପୂରାଦମ୍‌ରେ ସହଯୋଗ କରିଥିବାରୁ ଦଳର ସମସ୍ତ ନେତା ଓ କର୍ମୀଙ୍କୁ ସୁଖବୀର ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୧୪ରେ ସୁଖବୀର ଦଳର ଅଧ୍ୟକ୍ଷ ନିର୍ବାଚିତ ହୋଇଥିବାବେଳେ ଆସନ୍ତା ମାସରେ ତାଙ୍କର ୫ ବର୍ଷିଆ କାର୍ଯ୍ୟକାଳ ପୂରଣ ହୋଇଥାନ୍ତା।

# ଅନାସ୍ଥାରେ ହାରିଲେ ଢେଙ୍କାନାଳ ସଦର ବ୍ଲକ ଅଧ୍ୟକ୍ଷା

## ବିଜେଡିକୁ ଶକ୍ତ ଧକ୍କା, ଭାଜପା ନେତୃବୃନ୍ଦ ଉଲ୍ଲସିତ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଶନିବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ହାରି ଯାଇଛନ୍ତି। ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୪୪ ଜଣ ଭୋଟ ଦେଇଥିବା ବେଳେ ବିରୋଧରେ ୧୭ଜଣ ଭୋଟ ପ୍ରଦାନ କରିଥିଲେ। ଗୋଟିଏ ଭୋଟ ନାକଚ ହୋଇଥିଲା। ସଦର ବ୍ଲକ ଅଧ୍ୟକ୍ଷା ହଟିବା ପରେ ଉପାଧ୍ୟକ୍ଷ କାଳନ୍ଦୀ ବାରିକ ଅଧ୍ୟକ୍ଷ ପଦବୀ ଦାୟିତ୍ୱରେ ରହିଛନ୍ତି।

ଅନାସ୍ଥା ପ୍ରସ୍ତାବ ଭୋଟ ଗ୍ରହଣ ନିମନ୍ତେ ପୂର୍ବାହ୍ନ ୧୧ଟାରେ ସଦର ବ୍ଲକ ସମ୍ମିଳନୀ କକ୍ଷରେ ମୋଟ ୩୦ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚଙ୍କୁ ମିଶାଇ ୬୦ ଜଣଙ୍କ ମଧ୍ୟରୁ ୫୯ ଜଣ ଉପସ୍ଥିତ ଥିଲେ। ଜଣେ ସମିତି ସଭ୍ୟଙ୍କ କିଛିଦିନ ପୂର୍ବରୁ ମୃତ୍ୟୁ ହୋଇଯାଇଛି। ସେହିପରି ନିୟମ ଅନୁଯାୟୀ ଭୋଟରେ ଭାଗ ନେବା ପାଇଁ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି ଓ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ


ରାଜଶ୍ରୀ ନାୟକ

ଜେନା, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ। ସଦର ତହସିଲଦାର ଲିତୁସ୍ମିତା ମିଶ୍ର ପ୍ରିଜାଇଡିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୪୪ଜଣ ଓ ବିପକ୍ଷରେ ୧୭ଜଣ ଭୋଟ ଦେଇଥିଲେ। ଫଳରେ ବିଜେଡି ସମର୍ଥିତ ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନିଜ ପଦବୀ ହରାଇଥିଲେ। ଏହି ନିର୍ବାଚନରେ ବିଜେଡିକୁ ଶକ୍ତ ଧକ୍କା ଲାଗିଥିବା ବେଳେ ଭାଜପା ନେତୃବୃନ୍ଦ ଉଲ୍ଲସିତ ହୋଇଛନ୍ତି। ନିର୍ବାଚନ ସମ୍ପର୍କରେ ପ୍ରିଜାଇଡିଂ ଅଫିସର ମିଶ୍ର କହିଛନ୍ତି, ମୋଟ ୬୨ ଖଣ୍ଡ ଭୋଟରୁ ଗୋଟିଏ ଭୋଟ ନାକଚ ହୋଇଥିଲା। ଗଣତି ହୋଇଥିବା ୬୧ଖଣ୍ଡ ଭୋଟରୁ ଅନାସ୍ଥା ସପକ୍ଷରେ ୪୪ ଓ ବିପକ୍ଷରେ ୧୭ଖଣ୍ଡ ଭୋଟ ପଡ଼ିଥିଲା। ବ୍ଲକ ଅଧ୍ୟକ୍ଷା ଅନାସ୍ଥାରେ ପଦବୀ ହରାଇଥିବାରୁ ବର୍ତ୍ତମାନର ଉପାଧ୍ୟକ୍ଷ ଅଧ୍ୟକ୍ଷ ପଦବୀରେ ରହିବେ।

## ବିଜେଡିକୁ ସମ୍ଭାଳିବା ଭଳି ଦଳରେ ନେତା ନାହାନ୍ତି: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଢେଙ୍କାନାଳ ବିଧାୟକ ତଥା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ବିଜେଡି ସାରା ଓଡ଼ିଶାରୁ ଭାଙ୍ଗିବାରେ ଲାଗିଛି। ବିଜେଡି ଉପରେ ସାଧାରଣ ଲୋକ ଏବଂ ଦଳୀୟ ନେତାମାନଙ୍କ ବିଶ୍ୱାସ ମଧ୍ୟ କମିଛି। ଦଳର ସର୍ବୋଚ୍ଚ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବୟସ ଅଧିକ ହୋଇଗଲାଣି। ଫଳରେ ଦଳକୁ ସମ୍ଭାଳିବା ଭଳି ଦ୍ୱିତୀୟ ପିଢ଼ିର ନେତା ନାହାନ୍ତି। ସେମାନେ ପାଣ୍ଡିଆନଙ୍କ ଉପରେ ଭରସା ରଖିଥିଲେ। କିନ୍ତୁ ପାଣ୍ଡିଆନଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳରେ ବିଜେଡି ନେତାମାନେ ଭାଜପା ମୁହାଁ ହେଲେଣି।

## ଗଛରୁ ପତ୍ର ଖସିଗଲେ ଲୋକ ପଳାନ୍ତି: ସୁଧୀର ସାମଲ



ବିଜେଡି ନେତା ତଥା ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି, ଯେତେବେଳୁ ଜଣେ ମନ୍ତ୍ରୀଙ୍କ ଗାଡ଼ିରେ ପ୍ରାର୍ଥୀ ବୁହାହୋଇ ଆସିଲେ, ସେତେବେଳୁ ଜାଣିସାରିଲୁଣି ବିଜେଡି ହାରିବ। ଯେଉଁଠି ଗଛଥାଏ, ଲୋକ ଛାଇରେ ବସନ୍ତି। ଗଛରୁ ପତ୍ର ଖସିଗଲେ ଲୋକ ପଳାନ୍ତି। ଯେଉଁମାନେ ବ୍ୟବସାୟ ଓ ଠିକାଦାରି କରିବାକୁ ଚାହାନ୍ତି, ସେମାନେ ଏଭଳି କରନ୍ତି। ଯେଉଁମାନଙ୍କ ନିଷ୍ଠା ଅଛି, ସେମାନେ ବିଜେଡି ସାଙ୍ଗରେ ରହିଛନ୍ତି, ରହିବେ। ଯେତେବେଳେ ନିର୍ବାଚନ ହେବ, ସେତେବେଳେ କିଭଳି ଏହା ହେବ ସମୟ କହିବ।

# ଶ୍ରମିକ, କୃଷକଙ୍କ ଅଧିକାର ପାଇଁ ସିପିଆଇ ସର୍ବାଗ୍ରେ ରହି ସଂଘର୍ଷ କରିଛି: ଡି. ରାଜା



ସିପିଆଇର ୨ଦିନିଆ ରାଜ୍ୟ ସାଙ୍ଗଠନିକ ସମ୍ମେଳନରେ ଶନିବାର ଉଦ୍‌ବୋଧନ ଦେଉଛନ୍ତି ଦଳର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡି. ରାଜା।

**ଭୁବନେଶ୍ୱର,୧୬।୧୧(ଅନିଲ ଦାସ)**

## ୨ଦିନିଆ ରାଜ୍ୟ ସାଙ୍ଗଠନିକ ସମ୍ମେଳନ ଉଦ୍‌ଘାଟିତ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨ଦିନିଆ ରାଜ୍ୟ ସାଙ୍ଗଠନିକ ସମ୍ମେଳନ ୟୁନିଟ-୧ସ୍ଥିତ କସ୍ତୁରବା ନାରୀ ସେବା ସଦନଠାରେ ଶନିବାର ଆରମ୍ଭ ହୋଇଛି। ଏହି ସମ୍ମେଳନକୁ ସିପିଆଇ ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ଡି. ରାଜା ଉଦ୍‌ଘାଟନ କରିଛନ୍ତି। ଆସନ୍ତା ଡିସେମ୍ବର ୨୬ ତାରିଖରେ ଶତବାର୍ଷିକୀରେ ପଦାର୍ପଣ କରୁଥିବା ସିପିଆଇ ବ୍ରିଟିଶ ଉପନିବେଶବାଦୀ ଶାସନ କଳରୁ ଭାରତର ପୂର୍ଣ୍ଣ ସ୍ୱାଧୀନତା ପାଇଁ ସର୍ବ ପ୍ରଥମେ ଦାବିକରି ସ୍ୱାଧୀନତା ସଂଗ୍ରାମରେ ଦେଶପ୍ରେମୀ ନିଷ୍ଠା, ସଂଘର୍ଷ ଓ ଆତ୍ମବଳିଦାନର ଗୌରବୋଜ୍ଜ୍ୱଳ ଇତିହାସ ସୃଷ୍ଟି କରିଛି ବୋଲି ରାଜା କହିଛନ୍ତି। ସ୍ୱାଧୀନୋତ୍ତର ଭାରତ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥା ସମ୍ବଳିତ ସମ୍ବିଧାନ ପ୍ରଣୟନ, ସାବାଳକ ଭୋଟ ବ୍ୟବସ୍ଥା ପ୍ରଚଳନ, ଭାଷାଭିତ୍ତିକ ରାଜ୍ୟ ଗଠନ, ବ୍ୟାଙ୍କ, ବୀମା, କୋଇଲା ଖଣିର ଜାତୀୟକରଣ ସାଙ୍ଗକୁ ଦେଶରେ ଏକ ଆତ୍ମନିର୍ଭରଶୀଳ ଅର୍ଥନୀତି ପ୍ରଚଳନ ପାଇଁ ସିପିଆଇ ଶକ୍ତିଶାଳୀ ଓ ସଫଳ ଲଢ଼େଇ କରିଛି। ଶ୍ରମିକ ଓ କୃଷକ ଶ୍ରେଣୀର ଅଧିକାର ହାସଲ ପାଇଁ ସର୍ବଦା ସର୍ବାଗ୍ରେ ରହି ସଂଘର୍ଷ କରିଛି। ପାର୍ଟିର ଶତବାର୍ଷିକୀ ପାଳନ ପାଇଁ ସମଗ୍ର ଦେଶରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଆସନ୍ତା ଡିସେମ୍ବର ୨୬ରେ କଟକ ସହରରେ ପ୍ରସ୍ତାବିତ ଶତବାର୍ଷିକୀ ସମାରୋହ ଉଦ୍‌ଘାଟିତ ହେବ। ପାର୍ଟିର ସମସ୍ତ ଶାଖାରେ ଲାଲପତାକା ଉତ୍ତୋଳନ ସହ ପାର୍ଟିର ଗୌରବମୟ ଇତିହାସକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବାକୁ ରାଜା ଆହ୍ୱାନ ଦେଇଛନ୍ତି। ଏହି ସମ୍ମେଳନରେ କମ୍ରେଡ୍ କ୍ଷୀରୋଦ ସିଂହଦେଓ, କମ୍ରେଡ୍ ରମଣୀ ରଞ୍ଜନ ରାଉତରାୟ, କମ୍ରେଡ୍ ଜିନ୍ମୟୀ ସାହାଣୀଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିବା ବେଳେ ରାଜ୍ୟ ସମ୍ପାଦକ କମ୍ରେଡ୍ ଆଶିଷ କାନୁନ୍‌ଗୋ ସାଙ୍ଗଠନିକ ସମ୍ମେଳନର ବିବରଣୀ ଉପସ୍ଥାପନ କରିଥିଲେ। ସମ୍ପାଦକମଣ୍ଡଳୀ ସଦସ୍ୟ କମ୍ରେଡ୍ ଅଶୋକ ଦାଶ, କମ୍ରେଡ୍ ଜୟନ୍ତ ଦାସ, ପ୍ରକାଶ ପାତ୍ର, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ସମ୍ପାଦକ ଉପସ୍ଥାପନ କରିଥିବା ରିପୋର୍ଟ ଉପରେ ଅନ୍ୟୂନ ୧୯ଜଣ ଜିଲା ଓ ଅଞ୍ଚଳ ନେତୃତ୍ୱ ତାଙ୍କ ସୁଚିନ୍ତିତ ମତ ଦେଇଛନ୍ତି। ଅନ୍ୟତମ ଜାତୀୟ ସମ୍ପାଦକ କମ୍ରେଡ୍ ରାମ କୃଷ୍ଣ ପଣ୍ଡା, କମ୍ରେଡ୍ ସିଏଚ୍ ଭେଙ୍କଟଚଲମ୍ ଉଦ୍‌ବୋଧନ ଦେଇ ଏହି ସାଙ୍ଗଠନିକ ସମ୍ମେଳନକୁ ଶୁଭେଚ୍ଛା ଜଣାଇବା ସହ ଦେଶରେ ସମ୍ବିଧାନ ସମ୍ମତ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କମ୍ୟୁନିଷ୍ଟମାନେ ଶକ୍ତିଶାଳୀ ଗଣଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଛନ୍ତି।

# ଜନଜାତିଙ୍କୁ ଶୋଷଣ ପାଇଁ ଷଡ଼ଯନ୍ତ୍ର ରଚିଛି ବିଜେଡି: ଭାଜପା

**ଭୁବନେଶ୍ୱର,୧୬।୧୧(ଅନିଲ ଦାସ)**

ବିଜେଡି ସରକାର ଅମଳରେ ଜନଜାତିଙ୍କ ବିକାଶକୁ କେବେ ହେଲେ ଅଗ୍ରାଧିକାର ଦିଆଯାଇନାହିଁ। ସେମାନଙ୍କୁ ଶୋଷଣ କରିବା ପାଇଁ ସବୁବେଳେ ଷଡ଼ଯନ୍ତ୍ର ରଚାଯାଇଛି । ଜନଜାତିଙ୍କ ବିକାଶ ପାଇଁ ଆସୁଥିବା ଟଙ୍କାକୁ ଚକ୍ରାନ୍ତକରି ବିଜେଡି ସରକାର ହଡ଼ପ କରିଛି ବୋଲି ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ବିଧାୟିକା କୁସୁମ ଟେଟେ କହିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁସୁମ କହିଛନ୍ତି, ଜନଜାତିଙ୍କ ବିକାଶ ସହିତ ଆଦିବାସୀମାନଙ୍କୁ ପକ୍କାଘର, ପାନୀୟ ଜଳ, ଗମନାଗମନର ବିକାଶ ଉପରେ ତତ୍କାଳୀନ ବିଜେଡି ସରକାର ଆଦୌ ଧ୍ୟାନଦେଇ ନ ଥିଲେ। ସେମାନଙ୍କ ଜମିକୁ ଅଣ ଆଦିବାସୀଙ୍କୁ ଦେବାପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ଆଦିବାସୀ ବହୁଳ ଖଣିଜ ସମ୍ପଦ ଭରପୂର ସୁନ୍ଦରଗଡ଼ ଜିଲାର ବିକାଶ ପାଇଁ ଗଠିତ ଡିଏମ୍‌ଏଫ୍ ଫଣ୍ଡକୁ ଲୁଟ୍ କରାଯାଇ ବିଜେଡି କର୍ମୀ ଓ ନେତାଙ୍କୁ ପୋଷା ଯାଉଥିଲା । ଡିଏମ୍‌ଏଫ୍ ଫଣ୍ଡ ଅର୍ଥରେ ରାଉରକେଲାରେ ନିର୍ମିତ ନିମ୍ନମାନର ହକି ଷ୍ଟାଡିୟମ ନିର୍ମାଣର ମାତ୍ର ଅଳ୍ପକିଛି ଦିନ ମଧ୍ୟରେ ଭାଙ୍ଗିଯାଇଥିଲା। ୨୪ ବର୍ଷର ବିଜେଡି ଶାସନରେ ଜନଜାତିଙ୍କୁ ଆଦୌ ସମ୍ମାନ ମିଳିନାହିଁ ବୋଲି ଟେଟେ କହିଛନ୍ତି।

ଭାଜପା ସରକାର ସବୁବେଳେ ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି, ଭାଷା ଓ ଜୀବିକାର ଉନ୍ନତି ପାଇଁ ବଦ୍ଧପରିକର। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଭାଜପା ସରକାରରେ ପ୍ରଥମ ଥର ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଗଠନ ହୋଇଥିଲା। ଓଡ଼ିଆ ପୁଅ ଜୁଏଲ୍ ଓରାମଙ୍କୁ ଉକ୍ତ ମନ୍ତ୍ରଣାଳୟର ଦାୟିତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ମଧ୍ୟ ଜୁଏଲ ଓରାମଙ୍କୁ ସମାନ ଦାୟିତ୍ୱ ମିଳିଛି । ଓଡ଼ିଆ ଝିଅ ଦୌପଦୀ ମୁର୍ମୁ ରାଷ୍ଟ୍ରପତି


ଖବରଦାତା ସମ୍ମିଳନୀରେ ଭାଜପା ନେତା ଧ୍ରୁବ ଚରଣ କାଲୋ **ଏବଂ କୁସୁମ ଟେଟେ ।**

ହୋଇଛନ୍ତି। କେନ୍ଦ୍ର ସରକାର ଜନଜାତି ବର୍ଗର ସାମୁହିକ ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଭଳି ଜନଜାତିବହୁଳ ରାଜ୍ୟକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଜନ ଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧୀନରେ ଓଡ଼ିଶାର ୨୭ ଜିଲାର ୭୬୬୭ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମଦିନକୁ 'ଜନଜାତି ଗୌରବ ଦିବସ' ଭାବେ ପାଳନ କରାଯାଉଛି। ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜନ୍ମ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫୩୫ କୋଟି ଟଙ୍କାର ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅର୍ଥରେ ୧୬ ଆଶ୍ରମ ହାଇସ୍କୁଲ ଓ ୧୩ ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଯିବ। ୪୨୬ ପ୍ରାଥମିକ ବିଦ୍ୟାଳୟ ଓ ହଷ୍ଟେଲ ନିର୍ମାଣ ହେବ। ଭୁବନେଶ୍ୱର ଗୋଠପାଟଣାରେ ଜନଜାତି ସଂସ୍କୃତି, ଐତିହ୍ୟ ଭବନ ନିର୍ମାଣ ହେବ। ଗୋଠପାଟଣାରେ ଜନଜାତି ଭାଷା ପ୍ରତିଷ୍ଠାନ ନିର୍ମାଣ, ଜନଜାତି ଅସ୍ମିତା ଭବନ ନିର୍ମାଣ, ୫ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଦିବାସୀ ଭାଷାରେ ଶିକ୍ଷକ, ଶିକ୍ଷୟିତ୍ରୀ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟି କରାଯାଉଛି। ଜଙ୍ଗଲ ଜମି ଅଧିକାର ଆଇନ ବଳରେ ରାଜ୍ୟର ୮ ବିଶେଷ ଅନୁନ୍ନତ ଜନଜାତି (ପିଭିଟିଜି)ଙ୍କୁ ବସବାସର ଅଧିକାର ପ୍ରଦାନ କରିଛନ୍ତି । ଆଦିବାସୀଙ୍କ ବିକାଶ ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ଏଥିରେ ବିଜୁ ଜନତା ଦଳର ନେତୃବୃନ୍ଦ ଅସହିଷ୍ଣୁ ହୋଇ ପଡ଼ିଛନ୍ତି । ଆଦିବାସୀଙ୍କ ବିକାଶକୁ ନେଇ ରାଜନୀତି କରୁଥିବା ବିଜେଡି ସରକାର ଗତ ୨୪ ବର୍ଷର ଶାସନରେ ଜନଜାତିଙ୍କୁ କେବଳ ପ୍ରତାରଣା ଦେଇଛି ବୋଲି ଟେଟେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଧ୍ରୁବ ଚରଣ କାଲୋ ଉପସ୍ଥିତ ଥିଲେ।

## ନବୀନ ସରକାରଙ୍କ କାର୍ଯ୍ୟକୁ ଭାଜପା ସରକାର ଆଗେଇ ନିଅନ୍ତୁ :ବିଜେଡି

**ଭୁବନେଶ୍ୱର,୧୬।୧୧(ଅନିଲ ଦାସ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ଆଦିବାସୀଙ୍କ ସାମଗ୍ରିକ ବିକାଶ ପାଇଁ ସମର୍ପିତ ଥିଲା । ଶନିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି ମହାନ୍ ଆଦିବାସୀ ଜନନେତା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହା କହିଛନ୍ତି।

ଦେବୀ ମିଶ୍ର କହିଛନ୍ତି, ନବୀନ ସରକାରଙ୍କ ସମୟରେ ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ସହିତ ଆଦିବାସୀ ସମ୍ପ୍ରଦାୟର ପ୍ରିୟ


ଖବରଦାତା ସମ୍ମିଳନୀରେ ବିଜେଡି ନେତା ପ୍ରିୟବ୍ରତ ମାଝୀ, ଦେବୀ ପ୍ରସାଦ ମିଶ୍ର ଓ ଲେନିନ୍ ମହାନ୍ତି।

ଖେଳ ହକିକୁ ସ୍ଥାନୀୟଠାରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହନ ଦିଆଯାଇଛି। ଶିକ୍ଷାକ୍ଷେତ୍ରରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରାଥମିକ ସ୍ତରରୁ କଲେଜ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ଅନ୍ୱେଷା ଯୋଜନା ମାଧ୍ୟମରେ ସେମାନଙ୍କ ପାଇଁ ଛାତ୍ରାବାସ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟକ୍ଷେତ୍ରରେ, ରାଜ୍ୟରେ ଅତିକମ୍‌ରେ ୮ଟି ନୂଆ ମେଡିକାଲ କଲେଜ ସ୍ଥାପନ ହୋଇଥିବା ବେଳେ ୩ଟି ମେଡିକାଲ କଲେଜର ନାମ ଆଦିବାସୀ ବରପୁତ୍ରମାନଙ୍କ ନାମରେ ନାମିତ କରାଯାଇଛି। ଆଦିବାସୀଙ୍କ ପୁରାତନ ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ନବୀନଙ୍କ ଦ୍ୱାରା ରାଜ୍ୟର ୨୩ଟି ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ରାଜ୍ୟର ଭାଜପା ସରକାର ଯଦି ପ୍ରକୃତରେ ରାଜ୍ୟର ଆଦିବାସୀମାନଙ୍କ ବିକାଶ ଚାହୁଁଛି, ନବୀନଙ୍କ ସମୟରେ ନିଆଯାଇଥିବା ଲୋକାଭିମୁଖୀ ପଦକ୍ଷେପଗୁଡ଼ିକୁ ମଧ୍ୟ ଆଗକୁ ନେବାର ଆବଶ୍ୟକତା ରହିଛି ବୋଲି ମିଶ୍ର କହିଛନ୍ତି।


ଉତ୍ତରପ୍ରଦେଶର ଫୁଲ୍‌ପୁର ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ ଦୀପକ ପଟେଲଙ୍କ ସମର୍ଥନରେ ପ୍ରୟାଗରାଜରେ ଶନିବାର ଆୟୋଜିତ ବୁଲ୍‌ଡୋଜର ରାଲି।

# ଭାଜପା, କଂଗ୍ରେସ ମୁଖ୍ୟଙ୍କୁ ଜବାବ ମାଗିଲେ ଇସି

**ନୂଆଦିଲ୍ଲୀ,୧୬।୧୧(ପି.ଟି.)**

## ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ବେଳେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଭାଜପା ଏବଂ କଂଗ୍ରେସ ପରସ୍ପର ବିରୋଧରେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଇସି ଶନିବାର ଉଭୟ ଦଳର ଅଧ୍ୟକ୍ଷଙ୍କୁ ଏହା ଉପରେ ଜବାବ ମାଗିଛନ୍ତି। ନିର୍ବାଚନ ଆୟୋଗ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଅଲଗା ଅଲଗା ପତ୍ର ଲେଖି ଅଭିଯୋଗ ଉପରେ ମତାମତ ରଖିବାକୁ କହିଛନ୍ତି। ସୋମବାର ଅପରାହ୍ନ ୧ଟା ସୁଦ୍ଧା ସେମାନଙ୍କୁ ଜବାବ ମଗାଯାଇଛି। ସାଧାରଣ ଶିଷ୍ଟାଚାରର ଯେପରି ଉଲ୍ଲଂଘନ ନ ହୁଏ ଏବଂ ଆଚରଣ ବିଧିକୁ ପାଳନ କରାଯାଏ, ସେଥିପାଇଁ ଦଳଗୁଡ଼ିକ ସେମାନଙ୍କ ତାରକା ପ୍ରଚାରକ ଏବଂ ନେତାମାନଙ୍କୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ଲୋକ ସଭା ନିର୍ବାଚନ ବେଳେ ଇସି ଜାରି କରିଥିବା ଆଡଭାଇଜରିକୁ ମନେ ପକାଇଦେଇଛନ୍ତି।


ଅମିତ୍ ଶାହା
ରାହୁଲ ଗାନ୍ଧୀ

ସୂଚନାଯୋଗ୍ୟ, ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପରସ୍ପର ବିରୋଧରେ ଦେଇଥିବା ମନ୍ତବ୍ୟ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା। ଭାଜପା ପକ୍ଷରୁ ଗତ ୧୧ ତାରିଖରେ ଅଭିଯୋଗ ହୋଇଥିଲା ଯେ, ରାହୁଲ ଗାନ୍ଧୀ ପ୍ରଚାର ସମୟରେ ମହାରାଷ୍ଟ୍ରର ସୁବିଧା ସୁଯୋଗଗୁଡ଼ିକ ଅନ୍ୟ ରାଜ୍ୟଗୁଡ଼ିକ ଛଡ଼ାଇ ନେଉଥିବା କହିଥିଲେ। ଏଭଳି ମିଛ କହି ରାହୁଲ ରାଜ୍ୟଗୁଡ଼ିକ ମଧ୍ୟରେ ଭେଦଭାବ ସୃଷ୍ଟି କରୁଥିବା ଭାଜପା ଅଭିଯୋଗରେ ଦର୍ଶାଇଥିଲା। ସେହିଭଳି ଗତ ୧୩ ତାରିଖରେ କଂଗ୍ରେସ ପକ୍ଷରୁ ଇସିଙ୍କ ନିକଟରେ ଅଭିଯୋଗ ହୋଇଥିଲା ଯେ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଝାଡ଼ଖଣ୍ଡର ଧାନବାଦରେ ନିର୍ବାଚନୀ ସଭାରେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ବିରୋଧରେ ମିଥ୍ୟା, ବିଭାଜନ ସୃଷ୍ଟିକାରୀ ଓ ଅପବାଦମୂଳକ ମନ୍ତବ୍ୟ ଦେଇଥିଲେ। କଂଗ୍ରେସ ଏବଂ ସହଯୋଗୀ ଦଳଗୁଡ଼ିକ ଏସ୍‌ସି, ଏସ୍‌ଟି, ଓବିସି ବିରୋଧୀ ଏବଂ ସେମାନେ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଶାହା ଭାଷଣରେ କହିଥିବା ଅଭିଯୋଗରେ ଦର୍ଶାଯାଇଛି।

## ୪୮ ଘଣ୍ଟାରେ ରାଜଧାନୀରୁ ୧୫ ଅପରାଧୀ ଗିରଫ

ଭୁବନେଶ୍ୱର,୧୬।୧୧(ସୂର୍ଯ୍ୟକାନ୍ତ ବେହେରା) – ରାଜଧାନୀରେ ବଢ଼ି ଚାଲିଥିବା ଅପରାଧ ରୋକିବାକୁ କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ସେଫ୍ ସିଟି ଡ୍ରାଇଭ୍ ଅଭିଯାନ କରାଯାଉଛି। ଏହି ଡ୍ରାଇଭ୍‌ର ୪୮ ଘଣ୍ଟା ମଧ୍ୟରେ ବିଭିନ୍ନ ଅପରାଧରେ ଜଡିତ ଥିବା ୧୫ଜଣ ଅପରାଧୀଙ୍କୁ ଗିରଫ କରାଯାଇଥିବା ଡିସିପି ପିନାକ ମିଶ୍ର କହିଛନ୍ତି। ନିଶାଦ୍ରବ୍ୟ ଚାଲାଣ, ମାର୍‌ପିଟ, ଚୋରି, ଛିନ୍‌ତାଇ ଆଦି ଅପରାଧକୁ ନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତଙ୍କଠାରୁ ସୁନା ଅଳଙ୍କାର, ଟଙ୍କା, ଗାଡିଆଦି ଜବତ ହୋଇଛି। ତେଣୁ ଏହି ଚଢ଼ାଉ ପ୍ରକ୍ରିୟାକୁ ଜୋର୍‌ଦାର କରାଯିବ ବୋଲି ଡିସିପି ମିଶ୍ର କହିଛନ୍ତି।

# ହତ୍ୟା ପରେ ୱାଶିଂମେଶିନରେ ରଖିଥିଲେ ମୃତଦେହ

### ସୁରଟରୁ ଫେରାର ଅଭିଯୁକ୍ତ ଆରଡ଼ିରୁ ଗିରଫ

ଚାନ୍ଦବାଲି,୧୬।୧୧ (କିଷାନ ପାତ୍ର)

ଗୁଜରାଟ ସୁରଟର ଉଦ୍ଦୁନାଠାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ୱାଶିଂମେଶିନରେ ଲୁଚାଇ ରଖିଥିଲେ ଅଭିଯୁକ୍ତ। ଦୁର୍ଗନ୍ଧ ହେବାରୁ ଘଟଣା ସାମ୍ନାକୁ ଆସିଥିଲା। ମାସେ ତଳେ ଘଟିଥିବା ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତ ଓଡ଼ିଶାର ଜଣେ ଯୁବକଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଆରଡ଼ିରୁ ଗୁଜରାଟ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଯଶୁଆପଲି ବାଲିସାହି ଗାଁର ମନୋଜ ସାହୁ(୩୫)। ସେ କଟକର ଗୁରୁଚରଣ ପ୍ରଧାନ(୪୫)ଙ୍କୁ ହତ୍ୟା କରିଛନ୍ତି। ବାକି ଟଙ୍କାଙ୍କୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

ମନୋଜ ୪ ବର୍ଷ ହେଲା ସେଠାରେ ଏକ ଭେରାଇଟି ଷ୍ଟୋର କରି ରହୁଥିଲେ। ସେଠାରେ ରହୁଥିବା କଟକର ଗୁରୁଚରଣ ତାଙ୍କଠାରୁ ଟଙ୍କା ନେଇଥିଲେ। ଏହି ଟଙ୍କାକୁ କେନ୍ଦ୍ରକରି ଗତ ଅକ୍ଟୋବର ୧୦ରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମନୋଜ ଉତ୍ତ୍ୟକ୍ତ ହୋଇ ଏକ ଲୁହାରଡ୍‌ରେ ପିଟି ଗୁରୁଚରଣଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଏକ ୱାଶିଂମେଶିନରେ ଭର୍ତ୍ତିକରି ଫେରାର ହୋଇଯାଇଥିଲେ। ସପ୍ତାହେ ପରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଖୋଜି ଚାଲିଥିଲା। ଅଭିଯୁକ୍ତ ମନୋଜ ଭୁବନେଶ୍ୱର, କର୍ଣ୍ଣାଟକ, ଦିଲ୍ଲୀରେ ଘୂରି ବୁଲିଥିବା ମୋବାଇଲ ଟ୍ରାକ୍‌ରୁ ପୋଲିସ ଜାଣିବା ପରେ ଖୋଜାଖୋଜି ଚଳାଇଥିଲା। ୪ରୁ ୫ ଦିନ ହେବ ଅଭିଯୁକ୍ତ ମନୋଜ ଆରଡ଼ିରେ ରହିଆସୁଥିବା ପୋଲିସ ଖବର ପାଇବା ପରେ ଏଠାରେ ପହଞ୍ଚି ସ୍ଥାନୀୟ ଲୋକ ଓ ଆରଡ଼ି ଫାଣ୍ଡି ପୋଲିସର ମିଳିତ ସହଯୋଗରେ ତାଙ୍କୁ କାବୁ କରି ନେଇଛି।

# ଅଭିଯୁକ୍ତଙ୍କୁ ପୋକ୍ସୋ କୋର୍ଟରେ ହାଜରକଲା ପୋଲିସ

### ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

ପାଇକମାଳ,୧୬।୧୧(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ଥାନା ସୋଢା ଗ୍ରାମରେ ଗତ ଶୁକ୍ରବାର ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ମୁଣ୍ଡକୁ ପଥରେ ଛେଚି ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରଶାନ୍ତ ବରିହା(୨୧)ଙ୍କୁ ଶନିବାର ବରଗଡ ପୋକ୍ସୋ କୋର୍ଟରେ ହାଜର କରିଛି। ପାଇକମାଳ ପୋଲିସ ଏ ନେଇ ଏକ ମାମଲା (ନଂ.୨୮୮/୨୪) ରୁଜୁ କରିବା ସହ ମୃତଦେହକୁ ପଦ୍ମପୁରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶଥାଉକି, ଶୁକ୍ରବାର ଅପରାହ୍ନରେ ପ୍ରଶାନ୍ତ ସୋଢା ଗ୍ରାମର ଉକ୍ତ ଶିଶୁକନ୍ୟାଙ୍କୁ ମାଛ ମାରିଯିବା ବାହାନାରେ ଡାକି ନେଇ ନିକଟସ୍ଥ ପଠାରୀ ଡୁଙ୍ଗୁରୀ ଜଙ୍ଗଲରେ ବଳାତ୍କାର କରିଥିଲେ। ଏହି ଘଟଣା ପ୍ରଘଟ ହେବା ଭୟରେ ପରେ ସେ ଶିଶୁକନ୍ୟାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରି ସେଠାରେ ଫିଙ୍ଗିଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଝିଅକୁ ନ ପାଇବାରୁ ସନ୍ଦେହରେ ପ୍ରଶାନ୍ତଙ୍କୁ ପଚରାଉଚରା କରିବାରୁ ସେ ଉକ୍ତ ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏ ନେଇ ଅଭିଯୋଗ ହେବାରୁ ପାଇକମାଳ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ପ୍ରଶାନ୍ତଙ୍କୁ ଗିରଫ କରିଥିଲା।

# ୨ ପରିବାର ବିବାଦରୁ ୩ଦିନ ପଡ଼ିରହିଲା ମୃତଦେହ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଧରାକୋଟ,୧୬।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଗାଙ୍ଗପୁରର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ୩୦ ବର୍ଷୀୟ ବସନ୍ତ ବେହେରା। ମୃତ୍ୟୁର କାରଣ ଅସ୍ୱଷ୍ଟ ହୋଇଥିବାବେଳେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ଦିନ ହେଲା ମୃତଦେହ ପଡ଼ିରହିବା ପରେ ଶନିବାର ଅପରାହ୍ନ ୨ଟାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ମୃତକ ବସନ୍ତଙ୍କ ବାପଘର ଓ ଶ୍ୱଶୁରଘର ଲୋକେ ଏହି ମୃତ୍ୟୁ ପାଇଁ ପରସ୍ପର ବିରୋଧରେ ଅଭିଯୋଗ ଆଣୁଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରୁ ନ ଥିଲା।

ସୂଚନା ଅନୁସାରେ, ବସନ୍ତଙ୍କ ନିଜ ଗ୍ରାମ ପୁରୁଷୋତ୍ତମପୁର ବ୍ଲକ ରେଙ୍ଗୁଟିପଲ୍ଲୀ ଗ୍ରାମ। ତାଙ୍କ ଶଶୁର ଘର ହେଉଛି ଧରାକୋଟ ବ୍ଲକ ପଣିବନ୍ଧରେ। ସେ ଗତ ୬ ଦିନ ତଳେ ଶ୍ୱଶୁର ଘର ଗ୍ରାମକୁ ଆସିଥିଲେ। ସେଠାରେ ଗତ ଗୁରୁବାର ରାତିରେ ଘରେ ଖାଇବା ପରେ ଶୋଇବାକୁ ଅନ୍ୟ ଏକ ଘରକୁ ଯାଇଥିଲେ। ଶ୍ୱଶୁର ଘର ଲୋକଙ୍କ କହିବା ମୁତାବକ ବିଳମ୍ବିତ ରାତିରେ ବସନ୍ତଙ୍କୁ ଡାକିଥିଲେ ବି ସେ ଉଠି ନ ଥିଲେ। ତାଙ୍କୁ ରାତି ପ୍ରାୟ ୧ଘଟିକା ସମୟରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବସନ୍ତଙ୍କୁ ମୃତ ଘୋଷଣା କରିଥିଲେ। ପରେ ମେଡିକାଲ ପକ୍ଷରୁ ପୋଲିସକୁ ଖବର ଦିଆଯିବାପରେ ଯୁବକଙ୍କ ମୃତଦେହ ଜବତ କରାଯାଇଥିଲା। ହେଲେ ବସନ୍ତଙ୍କ ମୃତ୍ୟୁକୁ ନେଇ ତାଙ୍କ ଭାଇମାନେ ଓଲଟା ଅଭିଯୋଗ ଆଣିଛନ୍ତି। ବସନ୍ତଙ୍କୁ ଶ୍ୱଶୁର ଘର ଲୋକ ତାଙ୍କୁ ହତ୍ୟା କରିଛନ୍ତି। ତେଣୁ ସେମାନେ ଘଟଣାର ସତ୍ୟତା ଜାଣିବା ପରେ ହିଁ ମୃତଦେହ ନେବେ ବୋଲି କହିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପାରୁନାହିଁ। ଏପଟେ ବସନ୍ତଙ୍କ ଶ୍ୱଶୁର ଘର ଲୋକେ ୩ ଦିନ ହେଲା ମେଡିକାଲରେ ପୋଲିସ ସହ ଅନିଦ୍ରା ରହିଛନ୍ତି। ଶନିବାର ଧରାକୋଟ ଓ ଗାଙ୍ଗପୁର ପୋଲିସର ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଟଙ୍କା ପାଇଁ ଶ୍ୱାସରୁଦ୍ଧ କରି ହତ୍ୟା

### ବୃଦ୍ଧାଙ୍କ ହାତଗୋଡ଼ ବନ୍ଧା ମୃତଦେହ ଜବତ ଘଟଣା

ବାଲେଶ୍ୱର, ୧୬।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ସୁନ୍ଦୁରୀ ଗ୍ରାମର ଦିବ୍ୟାଙ୍ଗ ବୃଦ୍ଧା ସରସ୍ୱତୀ ମହାରଣା (୭୦)ଙ୍କ ହାତଗୋଡ଼ ବନ୍ଧା ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ ହୋଇଛି। ଟଙ୍କା ପାଇଁ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିଲା। ଏ ନେଇ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଗୋପାଳପୁର ଥାନା କଲ୍ୟାଣୀ ଗ୍ରାମର ବିଶ୍ୱମ୍ଭର ଜେନାଙ୍କୁ ପୋଲିସ ଗିରଫ କରିଛି। ବିଶ୍ୱମ୍ଭର ହେଲେ ସରସ୍ୱତୀଙ୍କ ସ୍ୱାମୀଙ୍କ ସାବତ ଭାଇ।

ସୂଚନାଯୋଗ୍ୟ, ଗତ ୧୪ତାରିଖରେ ଘର ବିଛଣାରୁ ବୃଦ୍ଧାଙ୍କ ଗୋଡ଼ହାତ ବନ୍ଧା ମୃତଦେହ ପୋଲିସ ଜବତ କରିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସରସ୍ୱତୀଙ୍କ ସମ୍ପର୍କୀୟ ଈଶାଣୀ ଅଞ୍ଚଳର ସୁଶାନ୍ତ ଶତପଥୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (ନଂ. ୪୫୯/୨୪) ରୁଜୁ କରାଯାଇଥିଲା। ଏସ୍‌ପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ ଜାରି ରଖିଥିଲା। ଶନିବାର ଟ୍ରେନ୍ ଯୋଗେ ଫେରାରହେବା ନେଇ ଉଦ୍ୟମ କରୁଥିବା ଖବରପାଇ ଏସ୍‌ଡିପିଓ ବେଉରା, ସଦର ଥାନା ସବ୍‌ଇନ୍ସପେକ୍ଟର ବିକାଶ କୁମାର ଭୋଇ ସଦଳବଳ ଚଢ଼ାଉ କରି ବାଲେଶ୍ୱର ଷ୍ଟେଶନରୁ ଅଭିଯୁକ୍ତଙ୍କ ଗିରଫ କରିଥିଲେ। ଘଟଣା ଦିନ ସରସ୍ୱତୀଙ୍କ ଘରକୁ ବିଶ୍ୱମ୍ଭର ଆସିଥିଲେ। ବୃଦ୍ଧାଙ୍କଠାରୁ ପାନଗୁଣ୍ଡି ମସଲା ମାଗି ଖାଇଥିଲେ। ସେହି ସମୟରେ ବୃଦ୍ଧାଙ୍କ ଅଣ୍ଟାରେ କିଛି ୫ଶହ ଟଙ୍କିଆ ନୋଟ୍ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ଟଙ୍କାକୁ ନେବା ପାଇଁ ବିଶ୍ୱମ୍ଭର ଉଦ୍ୟମ କରିଥିଲେ। ଅଭିଯୁକ୍ତ ବୃଦ୍ଧାଙ୍କ ହାତଗୋଡ଼କୁ ଦଉଡ଼ିରେ ବାନ୍ଧି ଦେଇଥିଲେ। ବୃଦ୍ଧା ଜଣକ ଚିତ୍କାର କରିବାରୁ ବିଶ୍ୱମ୍ଭର ପ୍ରଥମେ ମୁହଁରେ ଲୁଗା ଓ ପରେ କନ୍ଥା ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଏହାପରେ ତାଙ୍କଠାରୁ ୩ହଜାର ଟଙ୍କା ନେଇ ସାଇକେଲ ଚଢ଼ି ଚମ୍ପଟ ମାରିଥିଲେ ବୋଲି ବିଶ୍ୱମ୍ଭର ପୋଲିସ ଆଗରେ ସ୍ୱୀକାର କରିଛନ୍ତି।



ଖବରଦାତା ସମ୍ମିଳନୀରେ ହତ୍ୟା ଘଟଣା ସମ୍ପର୍କରେ ସୂଚନା ଦିଆଯାଉଛି।

# ଆଶ୍ରମରେ ପୋଲିସର ପଚରାଉଚରା

### ପୁଅକୁ କଲ୍‌କୀ ଅବତାର କହି ପାଦରେ ତୁଳସୀ ଥୋଇବା ଘଟଣା

ଭୁବନେଶ୍ୱର,୧୬।୧୧(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରି ଅଞ୍ଚଳରେ ଥିବା ଏକ ଆଶ୍ରମରେ ଜଣେ ବାବା ନିଜ ପୁଅକୁ କଲ୍‌କୀ ଅବତାର କହି ତାଙ୍କ ପାଦ ଉପରେ ତୁଳସୀ ଥୋଇବା ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗି ରହିଛି। ଏନେଇ ରାଜ୍ୟ ସମାଜସେବୀ ମହାସଂଘ ପକ୍ଷରୁ ଶୁକ୍ରବାର ଭରତପୁର ଥାନାରେ ଏତଲା ଦିଆଯିବା ପରେ ପୋଲିସ ଶୁକ୍ରବାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏସ୍‌ଆଇ ସନ୍ତୋଷ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଆଶ୍ରମରେ ପହଞ୍ଚି ପଚରାଉଚରା କରିବା ସହ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିଛି। ତେବେ ଏହି ସମୟରେ ଆଶ୍ରମରେ ସମ୍ପୃକ୍ତ ବାବା ଓ ତାଙ୍କ ପୁଅ ନ ଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ଉକ୍ତ ଆଶ୍ରମ ଭିତରକୁ ପଶି ଭିଡିଓ ଉତ୍ତୋଳନ ସହ ଖବର ସଂଗ୍ରହ କରିବାକୁ ଚେଷ୍ଟା କରୁଥିବା ବେଳେ କର୍ମକର୍ତ୍ତାମାନେ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ବାବାଙ୍କ ପୁଅ ପାଦରେ ତୁଳସୀ ଚଢ଼ାଯାଉଥିବାର ଭାଇରାଲ ଫଟୋ କିଛିବର୍ଷ ତଳର ବୋଲି କର୍ମକର୍ତ୍ତାମାନେ ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ କୌଣସି ଆପରାଧିକ ଦିଗକୁ ନେଇ ପ୍ରମାଣ ପାଇ ନ ଥିବା ବେଳେ ଅଭିଯୋଗର ଯାଞ୍ଚ ଜାରି ରହିଥିବା ଏସ୍‌ଆଇ ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, ବାବା ଜଣଙ୍କ ଧର୍ମକୁ ଆଳକରି ବିଭିନ୍ନ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଶୋଷଣ କରୁଥିବା ନେଇ ଅଭିଯୋଗ ରହିଛି। ତେବେ ପୋଲିସ ଖୋଳତାଡ଼ କରିଥିଲେ ମଧ୍ୟ ଥାନାରେ ମାମଲା ରୁଜୁ କରି ନ ଥିବା ଜଣାପଡିଛି।

# ୭ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଚର୍ଚ୍ଚା

ଭୁବନେଶ୍ୱର,୧୬।୧୧
(ସତ୍ୟଜିତ୍ ରାଉତ)

ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଶନିବାର ଜଣେ ୭ବର୍ଷୀୟା ଶିଶୁକନ୍ୟାଙ୍କୁ ଅପହରଣ ପରେ ବଳାତ୍କାର ହୋଇଥିବା ଚର୍ଚ୍ଚା ହୋଇଛି। ତେବେ ଝିଅଟି ତାଙ୍କ ମା'ଙ୍କୁ ଖୋଜି ନ ପାଇ ବାଟବଣା ହୋଇଯାଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣଙ୍କ କେନ୍ଦ୍ରପଡ଼ାରେ ଜେଜେବାପାଙ୍କ ପାଖରେ ରହୁଥିବାବେଳେ ୪ଦିନ ହେବ ମା'ବାପାଙ୍କ ପାଖକୁ ଆସିଥିଲେ। ବାପା ଏଠାରେ ରାଜମିସ୍ତ୍ରୀ କାମ କରୁଥିବା ବେଳେ ମା' ଆଖପାଖ ଘରେ କାମ କରନ୍ତି। ଶନିବାର ସକାଳ ୬ଟାବେଳେ ତାଙ୍କ ମା' କାମ କରିବାକୁ ଯାଇଥିଲେ। ବାପା ଘରେ ନ ଥିଲେ। ତେବେ ଏହି ସମୟରେ ଝିଅଟି ତାଙ୍କ ମା'ଙ୍କୁ ଖୋଜି ଖୋଜି ଘରଠାରୁ କିଛିଦୂରକୁ ଚାଲିଯାଇଥିଲେ। ଏପଟେ ବାପା ଘରେ ପହଞ୍ଚି ଝିଅକୁ ନ ପାଇବାରୁ ଆଖପାଖରେ ଖୋଜାଖୋଜି କରିଥିଲେ। ପରେ ମା'ବାପା ଲିଙ୍ଗରାଜ ଥାନାକୁ ଆସି ଝିଅକୁ ପାଉ ନ ଥିବା ଜଣାଇଥିଲେ। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ଘରଠାରୁ କିଛିଦୂରରେ ଝିଅଟିକୁ ଉଦ୍ଧାର କରିଥିଲେ। ତେବେ ଝିଅଟିର ବେକରେ ଖଣ୍ଡିଆ ଚିହ୍ନକୁ ନେଇ ତାଙ୍କ ମା'ବାପା ସନ୍ଦେହ କରିଥିଲେ। ତେବେ ପରେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା ପରେ ଏହି ଖଣ୍ଡିଆ ଦାଗ ୨୪ଘଣ୍ଟା ପୂର୍ବର ବୋଲି ଡାକ୍ତର କହିଥିଲେ। ଏହାକୁ ନେଇ ଦିନସାରା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ କୁନିଝିଅର କିଛି ହୋଇ ନ ଥିବାରୁ ଏସଂକ୍ରାନ୍ତରେ ଥାନାରେ ଏତଲା ଦେବେ ନାହିଁ ବୋଲି ପରିବାର ଲୋକ ଜଣାଇ ଘରକୁ ଫେରିଥିବା ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ୪ ଲକ୍ଷ ଝାମ୍ପିନେବା ବେଳେ ଧରାପଡ଼ିଗଲେ ୨ ନାବାଳକ

ଭୋଗରାଇ, ୧୬।୧୧
(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବନାବସାଣ ଗ୍ରାମର ଏକ ମହିଳା ଗୋଷ୍ଠୀର ୨ଜଣ ମହିଳା ଥାନା ଛକସ୍ଥିତ ଏସ୍‌ବିଆଇ ଶାଖାରୁ ଶନିବାର ୪ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ହେଲେ ଏକ ବାଇକ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ ନାବାଳକ ଲୁଟେରା ଧରାପଡିଯାଇଥିଲେ।

ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ଦେହୁର୍ଦ୍ଧା ହନୁମାନ ମନ୍ଦିରଠାରେ ୨ଜଣ ନାବାଳକ ଏକ ଅପାଚି ବାଇକ୍‌ରେ ପଛରୁ ଆସି ମହିଳାଙ୍କ ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ମହିଳାମାନେ ପାଟି କରିବାରୁ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଚୌକି ଗ୍ରାମର ଜଣେ ଯୁବକ ଉପସ୍ଥିତ ବୁଦ୍ଧି ଖଟାଇ ଦ୍ରୁତଗତିରେ ଯାଉଥିବା ଲୁଟେରାଙ୍କ ବାଇକକୁ ଗୋଇଠା ମାରିବାରୁ ୨ଜଣ ଗାଡ଼ି ସହ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ୨ଜଣଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ପରେ ଭୋଗରାଇ ଥାନାକୁ ହସ୍ତାନ୍ତର କରିଥିଲେ। ପୋଲିସ ଦୁଇଜଣଙ୍କୁ ଧରି ପଚରାଉଚୁରା କରିବା ପରେ ସେମାନେ ଯାଜପୁର ଅଞ୍ଚଳର ବୋଲି ଜଣାପଡ଼ିଥିଲା। ନାବାଳଙ୍କର ବୟସ ୧୬ ଏବଂ ୧୭ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଭୋଗରାଇ ପୋଲିସ ଉଭୟଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତା ଯାହାର କନକ ପାତର
ତାକୁ ପାଟଶାଢ଼ି କେତେ ମାତର !**

ସ୍ୱାମୀ ଯାହାର ରାଜାଙ୍କ ଭଣ୍ଡାର ଘର ରକ୍ଷକ, ତାକୁ ପାଟଶାଢ଼ି ଅପୂର୍ବ ନୁହେଁ। ସ୍ୱାମୀ ଯୋଗ୍ୟ ଥିଲେ ସ୍ତ୍ରୀର କିଛି ଅଭାବ ରହି ନ ଥାଏ। ଚାହିଁଲେ ବା ଇଚ୍ଛା କଲାମାତ୍ରେ ସବୁକିଛି ହାତମୁଠାକୁ ଆସିଯାଇଥାଏ। ସ୍ୱାମୀ ପାରିବାର ହୋଇଥିଲେ ସ୍ତ୍ରୀ ସର୍ବସୁଖ ଲାଭ କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘର ପୋଡ଼ିରୁ
କୁଟା ଖିଏ ମିଳିଲେ ସହି।**

ଘର ପୋଡ଼ିଗଲେ ସବୁକିଛି ଜଳିପୋଡ଼ି ନଷ୍ଟ ହୋଇଯାଏ। ଦୈବାତ୍ ସେଥିରୁ ଯଦି କିଛି ସୁରକ୍ଷିତ ରହିଯାଏ, ସେତେବେଳେ ସେତକ ହିଁ ଯଥେଷ୍ଟ ହୋଇଥାଏ। ସର୍ବସ୍ୱ ନଷ୍ଟ ହେଉଥିଲାବେଳେ ସେଥିରୁ ଯତ୍‌କିଞ୍ଚିତ ମିଳିଲେ ମଧ୍ୟ ତାହା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୪ ନାବାଳକ ସମେତ ୮ ସମ୍ପୃକ୍ତ

### ଦଶରାପଦା ସାହି ଚୋରି ଘଟଣା

ଉମରକୋଟ, ୧୬।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର ଦଶରାପଦା ସାହିର ବିବେକ ନାୟକଙ୍କ ଘରୁ ଗତ ୧୨ ତାରିଖରେ ଚୋରି ହୋଇଥିବା ସମସ୍ତ ସୁନା ଅଳଙ୍କାର ଓ ଲାପ୍‌ଟପ୍‌କୁ ପୋଲିସ ଜବତ କରିଛି। ଏହି ଘଟଣାରେ ୮ଜଣ ସମ୍ପୃକ୍ତ ଥିଲେ। ସେମାନଙ୍କ ମଧ୍ୟରୁ ୪ ନାବାଳକ। ୨ ଜଣ ଚୋରି ସାମଗ୍ରୀ କିଣିଥିବାରୁ ଗିରଫ ହୋଇଥିବା ନେଇ ଶନିବାର ଉମରକୋଟ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବିବେକଙ୍କର ଜଣେ ୧୪ ବର୍ଷୀୟ ସମ୍ପର୍କୀୟ। ସେ ହିଁ ବିବେକଙ୍କ ଘରର ସମସ୍ତ ତଥ୍ୟ ଅନ୍ୟ ଅଭିଯୁକ୍ତଙ୍କୁ ପ୍ରଦାନ କରିବା ସହ ଚୋରିରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ଟିଙ୍କିରା ସାହିର ଚୁନା ଦାସ(୨୧), ଭଞ୍ଜ ଛକର ଶିବ ବାରିକ(୨୨)। ସେମାନେ ଚୋରି ଘଟଣାରେ ସମ୍ପୃକ୍ତ ଥିଲେ। ସେହିଭଳି ଲାପ୍‌ଟପ୍ କିଣିଥିବା ରିତେଶ କରକରା ଓ ଚୋରି ସୁନା କିଣିଥିବା ଉମରକୋଟ ସନ୍ତୋଷୀ ନଗରର କିଶୋର ଗୌଡ଼ଙ୍କୁ ଗିରଫ କରାଯାଇଛି। ନାବାଳକମାନଙ୍କୁ ନବରଙ୍ଗପୁର ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯିବା ପରେ ଭବାନୀପାଟଣାସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୩ଟା ସୁନାହାର, କାନଫୁଲ ୮ଟା, ମୁଦି ୧, ମଙ୍ଗଳସୂତ୍ର ୧, ସୁନାଚୁଡ଼ି ୬ଟା, ଲାପ୍‌ଟପ୍ ୧ ଓ ୨ଟି ରୁପା ଗୋଡ଼ମୁଦି ମିଳିଛି। ଏହାର ମୂଲ୍ୟ ପ୍ରାୟ ୯ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ସମସ୍ତ ସାମଗ୍ରୀକୁ ବିବେକ ନାୟକଙ୍କୁ ଫେରସ୍ତକରି ଦିଆଯାଇଛି। ତେବେ ଚୋରି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ତାହାର ମଧ୍ୟ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶିବାଜୀ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ, ତଦନ୍ତକାରୀ ଅଧିକାରୀ ପଣ୍ଡାଙ୍କ ସମେତ ଥାନାଧିକାରୀ ତପନ କୁମାର ପତି ଉପସ୍ଥିତ ଥିଲେ।

# ପାଲିଆ ପଞ୍ଚାୟତ ବିଜେଡି ସଭାପତିଙ୍କୁ ଗୁଳିମାଡ଼



ଡାକ୍ତରଖାନାରେ ଡମନାଙ୍କ ଚିକିତ୍ସା ଚାଲିଛି।

ନବରଙ୍ଗପୁର/ ଝରିଗାଁ
୧୬।୧୧(ସଦାଶିବ ପ୍ରହରାଜ/
କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ପାଲିଆ ପଞ୍ଚାୟତ ବିଜେଡି ସଭାପତି ଡମନା ଭତରା (୩୦)ଙ୍କୁ ତାଙ୍କ ଗାଁ ବାସୁଦେବଗୁଡ଼ାରେ ଗୁଳିମାଡ଼ ହୋଇଛି। ଗୁଳି ତାଙ୍କ ଡାହାଣ କାନ୍ଧରେ ବାଜିଛି। ଡମନାଙ୍କ ମାଉସୀ ପୁଅ ଭାଇ କପୁର ଭତରା ତାଙ୍କ ଉପରକୁ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଝରିଗାଁ ପୋଲିସ କପୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁହୋଇ ନ ଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ୭ଟା ବେଳକୁ ଡମନା ନିଜ ଜମି ନିକଟ ଖଳାକୁ ଯାଉଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ କପୁର ଗାଁର ଅନ୍ୟ କେତେଜଣଙ୍କ ସହ କଳି କରୁଥିବା ଦେଖି ଡମନା ତାଙ୍କୁ ଅଟକାଇଥିଲେ। ଏଥିରେ କପୁର ଉତ୍ତ୍ୟକ୍ତ ହୋଇ ଡମନାଙ୍କ ଉପରକୁ ଗୁଳି କରିଥିଲେ। ଏହି ଗୁଳି ତାଙ୍କ ଡାହାଣ କାନ୍ଧରେ ବାଜିଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଡମନାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁରକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କପୁରଙ୍କ ସହ ପୂର୍ବରୁ କୌଣସି ଶତ୍ରୁତା ନ ଥିବା ଡମନାଙ୍କ ସ୍ତ୍ରୀ ବେଦି ଭତ୍ରା କହିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ କପୁରଙ୍କୁ ମାଡ଼ ମାରିଛନ୍ତି। ଏଥିରେ କପୁରଙ୍କ ମୁହଁରେ ଆଘାତ ଲାଗିଛି। ଖବରପାଇ ଝରିଗାଁ ଏଏସ୍‌ଆଇ କେଦାରନାଥ ରାଉତ, ବେଦବ୍ୟାସ ବଞ୍ଜରା, ହାବିଲଦାର ମୁରଲୀ ବିଷୋୟୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ କପୁରଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ସେ ବ୍ୟବହାର କରିଥିବା ବନ୍ଧୁକକୁ କେଉଁଠି ଫୋପାଡ଼ି ଦେଇଥିବା ପୋଲିସ ସୂଚନା ଦେଇଛି।

Bhubaneswar, Sunday,
17, November, 2024




# ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୦ ମେଗାୱାଟ୍ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିବ ଓପିଜିସି

**ଭୁବନେଶ୍ୱର,୧୬।୧୧: (ଅଭୟ ଦାଶ)**

ଝାରସୁଗୁଡ଼ା ଜିଲାର ବନହରପଲ୍ଲୀରେ ଥିବା ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି) ରାଜ୍ୟର ବିଦ୍ୟୁତ୍ ଚାହିଦା ପୂରଣକରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୯-୩୦ ବେଳକୁ ରାଜ୍ୟରେ ପିକ୍ ଡିମାଣ୍ଡ ବିଦ୍ୟୁତ୍ ଚାହିଦା ପ୍ରାୟ ୧୦ ହଜାର ମେଗାୱାଟ୍ ରହିବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଓପିଜିସି ଏହାର ଏହାର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକ୍ରିୟା ଆରମ୍ଭ କରିଛି। ଏ ଦିଗରେ ପଦକ୍ଷେପ ସ୍ୱରୂପ ଓପିଜିସି ୬୬୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ୨ଟି ଅଲ୍‌ଟ୍ରା ସୁପର କ୍ରିଟିକାଲ ୟୁନିଟ୍ ସ୍ଥାପନ କରିବା ପାଇଁ ଟେଣ୍ଡର ଆହ୍ୱାନ କରିଛି। ଏଥିସହ ଓପିଜିସି ଏହାର ୨ଟି ୨୧୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପୁରୁଣା ୟୁନିଟ୍‌ର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟ ଚାଲୁ ରଖିଛି। ଏହି କାର୍ଯ୍ୟ ଆସନ୍ତା ୨୦୨୬ ଜୁନ୍ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ରହିଛି। ଆଧୁନିକୀକରଣ ଶେଷ ହେଲେ ଏହି ୨ଟି ୟୁନିଟ୍‌ର କାର୍ଯ୍ୟକାଳ ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି ପାଇବ। କର୍ମଚାରୀଙ୍କ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ କମ୍ପାନୀର ୩ ଓ ୪ ୟୁନିଟ୍ ୧୦୦% ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟରରେ କାର୍ଯ୍ୟକ୍ଷମ ହୋଇ ରାଜ୍ୟର ବିଜୁଳି ଚାହିଦା ମେଣ୍ଟାଇବାରେ ବିଶେଷ ସହାୟକ ହୋଇଛି। ଏଥିସହ କମ୍ପାନୀ ପରିବେଶ ଅନୁକୂଳ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ଦିଗରେ ମଧ୍ୟ ପଦକ୍ଷେପ ନେବା ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫୦ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବା ପାଇଁ କମ୍ପାନୀ ଇତିମଧ୍ୟରେ ଟେଣ୍ଡର ଆହ୍ୱାନ କରିଛି। ଦକ୍ଷ ପରିଚାଳନା ଓ ଉତ୍ତମ ମାନବ ସମ୍ବଳ କାରଣରୁ ଓପିଜିସି ଗତ ଆର୍ଥିକ ବର୍ଷରେ ୪୭୫ କୋଟି ଟଙ୍କା ଲାଭ କରିଛି। ସେହିଭଳି ତାପଜ ବିଦ୍ୟୁତ୍ କେନ୍ଦ୍ରରେ କୋଇଲା ପାଉଁଶର ଉପଯୁକ୍ତ ପରିଚାଳନା ପାଇଁ ଓପିଜିସି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି। ପାଉଁଶ ପରିଚାଳନା ଦକ୍ଷତା ବୃଦ୍ଧି କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଓପିଜିସି ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ଦ୍ୱାରା ପାଉଁଶ ପରିବହନ ପାଇଁ ଦର ନିର୍ଦ୍ଧାରଣ କରିଥାଏ। ନିର୍ଦ୍ଧାରିତ ଦର ହିସାବରେ ଉତ୍ସୁକ ଏଜେନ୍ସିମାନଙ୍କୁ ପାଉଁଶ ପରିବହନ ନିମନ୍ତେ ଅର୍ଡର ଦେଇଥାଏ। ସେହିପରି ବିଭିନ୍ନ ଗଣମାଧ୍ୟମରେ ଓପିଜିସିର ପାଉଁଶ ପରିଚାଳନା ବିଷୟରେ ପ୍ରକାଶ ପାଉଥିବା ତଥ୍ୟ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ଓ ଭିତ୍ତିହୀନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ରେଡ୍‌ଟେପ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



**ଭୁବନେଶ୍ୱର,୧୬।୧୧**

ରେଡ୍‌ଟେପ୍ ଲିମିଟେଡ୍‌ର ଏକ୍ସକ୍ଲୁସିଭ ଅନ୍‌ଲାଇନ ଆଉଟ୍‌ଲେଟ୍ ନିକଟରେ କଟକର ବାଦାମବାଡ଼ିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜାତୀୟ ମାନବ ଅଧିକାର କମିଶନର ଯୁଗ୍ମ ସମ୍ପାଦକ ଭାସ୍କର ଦ୍ୱାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ଟେପ୍‌ର ଏବିଏମ୍ ସଞ୍ଜିତ ମହାନ୍ତି, ନିମାଇଁ ବିଶ୍ୱାଳ ଓ ସୁରେଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୪୦୦୦ ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଅନ୍‌ଲାଇନ ଷ୍ଟୋରରେ ପୋଷାକ, ଫୁଟ୍‌ୱେର୍ସ, ଖେଳ, ଯୋଗ ଓ ବ୍ୟାୟାମ ପୋଷାକ ଭଳି ଅନେକ ପ୍ରକାର ଜୋତା ଓ ଫ୍ୟାଶନ ବ୍ରାଣ୍ଡ ଉପଲବ୍ଧ। ଏ ସମ୍ପର୍କରେ ରେଡ୍‌ଟେପ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅରଭିନ୍ଦ ବର୍ମା କହିଥିଲେ, କଟକରେ ଆମେ ଆମର ନୂତନ ଅନ୍‌ଲାଇନ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଆଧୁନିକ ଏବଂ ସ୍ୱାଗତଯୋଗ୍ୟ ବାତାବରଣରେ ରେଡ୍‌ଟେପ୍‌ର ଆଇକନିକ୍ ସଂଗ୍ରହ ସହିତ ଗ୍ରାହକଙ୍କୁ ଏକ ନିଖୁଣ ଶପିଂ ଅଭିଜ୍ଞତା ପ୍ରଦାନ କରିବାକୁ ଏହାର ଡିଜାଇନ କରାଯାଇଛି। ସେହିଭଳି ରେଡ୍‌ଟେପ୍‌ର ଏବିଏମ୍ ସଞ୍ଜିତ ମହାନ୍ତି କହିଥିଲେ, କଟକରେ ଆମର ନୂତନ ଷ୍ଟୋର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏଠାରେ ଆମର ବ୍ରାଣ୍ଡ୍‌ର ସମସ୍ତ ପ୍ରକାର ସ୍ୱତନ୍ତ୍ର ପୋଷାକ ଓ ଜୋତା ସାଙ୍ଗକୁ ଫ୍ୟାଶନ ବ୍ରାଣ୍ଡ୍ ମଧ୍ୟ ଉପଲବ୍ଧ ରହିଛି। ଉଦ୍‌ଘାଟନୀ ଅବସରରେ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ଅଫର ସାଙ୍ଗକୁ ଉପହାର ମଧ୍ୟ ଦିଆଯାଉଛି।

# ଡିଏମ୍‌ସିର ଫାଉଣ୍ଡେଶନ କୋର୍ସ ପ୍ରୋଗ୍ରାମ ଉଦ୍‌ଯାପିତ



**ଭୁବନେଶ୍ୱର,୧୬।୧୧**

ଡ୍ରିମ୍‌ସ ମେଡିକାଲ କଲେଜ(ଡିଏମ୍‌ସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଚଳିତ ଶିକ୍ଷାବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଆୟୋଜିତ 'ଫାଉଣ୍ଡେଶନ କୋର୍ସ ପ୍ରୋଗ୍ରାମ' ନିକଟରେ ଶେଷ ହୋଇଯାଇଛି। ଏପରିକି ଦୀର୍ଘ ୯ ଦିନ ଧରି ଡିଏମ୍‌ସିର ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ପାଇଁ ଚାଲିଥିବା ପ୍ରାରମ୍ଭିକ ପର୍ଯ୍ୟାୟ ପାଠ୍ୟକ୍ରମ (ଫାଉଣ୍ଡେଶନ କୋର୍ସ) ଉଦ୍‌ଯାପିତ ହୋଇଯାଇଛି। ଏପରିକି କଲେଜର ପଦ୍ମିନୀ ଅଡିଟୋରିୟମଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଥିଲେ, ଡାକ୍ତରୀ ବୃତ୍ତି ଏକ ମର୍ଯ୍ୟାଦାଜନକ କାର୍ଯ୍ୟ ହୋଇଥିଲାବେଳେ ଏହି ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ସେହିଭଳି ପିତାମାତାଙ୍କ ସ୍ୱପ୍ନ ପୂରଣ ଲାଗି ସେମାନଙ୍କୁ କୌଣସି ସୁବିଧାଜନକ ଉପାୟ ଅବଲମ୍ବନ ନୁହେଁ, କଠିନ ପରିଶ୍ରମ କରିବାକୁ ହେବ। ସର୍ବୋପରି ନିଜକୁ ଭଲ ମଣିଷ ଭାବେ ଗଢି ପାରିଲେ ଜୀବନର ସାର୍ଥକତା ପ୍ରମାଣିତ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ ସହ ସମସ୍ତ ନବାଗତ ଛାତ୍ରୀଛାତ୍ରଙ୍କ ଶୁଭେଚ୍ଛା ଜଣାଇଥିଲେ।

ସେହିପରି କାର୍ଯ୍ୟକ୍ରମର ସମ୍ମାନିତ ବକ୍ତା ପ୍ରଫେସର ଡା. ରଞ୍ଜନ କୁମାର ଦାସ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ଡ.ଅର୍ପିତା ପ୍ରିୟଦର୍ଶିନୀ, ଡା. ବୁଲୁ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ ସହ ଛାତ୍ରୀଛାତ୍ରମାନେ ସେମାନଙ୍କର ଶିକ୍ଷାନୁଷ୍ଠାନ ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଅଭିଭାଷଣ ଦେବା ସହିତ ନୂତନ ପାଠ୍ୟକ୍ରମ ସହ ଛାତ୍ରୀଛାତ୍ରଙ୍କୁ ପରିଚିତ କରାଇବା ସାଙ୍ଗକୁ ଉଚ୍ଚତର ଅଧ୍ୟୟନ ଲାଗି ପ୍ରସ୍ତୁତ ହେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପାଧ୍ୟକ୍ଷ (ସହ ଅଧ୍ୟକ୍ଷ) ଇଂ. ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସାରଦା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ବାଲିଯାତ୍ରାରେ ପ୍ରେଷ୍ଟିଜ୍ ମଣ୍ଡପ ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୧୧**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଟକ ବାଲିଯାତ୍ରା ପଡ଼ିଆରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ଆକର୍ଷଣୀୟ ପ୍ରେଷ୍ଟିଜ ମଣ୍ଡପ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟିଟିକେ ପ୍ରେଷ୍ଟିଜ ଲିମିଟେଡ୍‌ର ବିଏମ୍ ଆଶାବିତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଏମ୍ ପ୍ରବୀଣ ପାତ୍ର, ସର୍ଭିସ୍ ମ୍ୟାନେଜର ସୁଜିତ କୁମାର ନାୟକ, ଏସ୍‌ଏନ୍‌ଆର୍ ଟିଏସ୍‌ଇ ଶେଷଦେବ ବିଶ୍ୱାଳ,ଏସ୍‌ଏନ୍‌ଆର୍ ଟିଏସ୍‌ଓ ରଞ୍ଜନ ମହାପାତ୍ରଙ୍କ ସମେତ ଷ୍ଟଲର ସ୍ୱତ୍ୱାଧିକାରୀ ପ୍ରିନ୍ସ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଯୋଗ୍ୟ, କଟକ ବାଲିଯାତ୍ରା ଉପର ପଡ଼ିଆର ପ୍ଲଟ୍ ନମ୍ବର ୫୧,୫୨, ୫୭ ଏବଂ ୫୮ରେ ଟିଟିକେ ପ୍ରେଷ୍ଟିଜ ଲିମିଟେଡ୍‌ର ସର୍ବବୃହତ୍ ଷ୍ଟଲ୍ କରାଯାଇଛି। ଏଠାରେ ବ୍ରାଣ୍ଡ୍‌ର ୭୦୦ ଅଧିକ ଏସ୍‌କେୟୁ ଉପଲବ୍ଧ। ଏହି ଷ୍ଟଲଗୁଡିକ ୨୦୨୪ ନଭେମ୍ବର ୨୨ ପର୍ଯ୍ୟନ୍ତ ଖୋଲା ରହିବ।



କଟକ ବାଲିଯାତ୍ରା ଉପର ପଡିଆରେ ପ୍ରେଷ୍ଟିଜ୍‌ର ସର୍ବବୃହତ ଷ୍ଟଲ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡର ବିଏମ ଆଶାବିତ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସାବଲା ମିଲେଟ୍ସର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୧୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରାମୋଜିଗ୍ରୁପ୍‌ର ବହୁପ୍ରତୀକ୍ଷିତ ଫୁଡ୍‌ପ୍ଲାଟ୍‌ଫର୍ମ 'ସାବଲା ମିଲେଟ୍ସ-ଭାରତ୍‌କା ସୁପର୍‌ଫୁଡ୍'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଶ୍ରୀ ରାମୋଜି ରାଓ ଗାରୁଙ୍କ ୮୮ତମ ଜନ୍ମବାର୍ଷିକୀ ଅବସରରେ ରାମୋଜି ଗ୍ରୁପ୍ ପକ୍ଷରୁ ସାବଲା ମିଲେଟ୍ସ-ଭାରତ୍ କା ସୁପର୍ ଫୁଡ୍'ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସାବଲା ମିଲେଟ୍ସର ନିର୍ଦ୍ଦେଶକ ସାହାରି ଚେରୁକୁରି କହିଥିଲେ, ସାବଲା ମିଲେଟ୍ସ ହିତକାରିତା ଓ ସୁସ୍ଥ ଜୀବନର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରୁଛି। ଉଦ୍ଭାବନ ମାଧ୍ୟମରେ ଏହି ପାରମ୍ପରିକ ଭାରତୀୟ ଶସ୍ୟ ଓ ଆଧୁନିକ ଖାଦ୍ୟ ମଧ୍ୟରେ ରହିଥିବା ଅନ୍ତରକୁ ଦୂରକରୁଛି।

# Classified Everyday

**0674-2580101, 2549949**




## BRIDE WANTED

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer, Father is Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact details- 9438479926, 9439189200. D-1865

Brahmin Groom, 37, 5'11" CHARTERED ACCOUNTANT own Firm in Bhubaneswar Father Retd. Central Govt. Officer caste no bar (Khandayat and Karana). Contact 7978203515. D-1982

## GROOM WANTED

Beautiful Brahmin Girl 1992, 5'3", MBBS MD. (Paediatrics) DM (Neorology) Serving Bhubaneswar- S U N A S A N S A R . 9 9 3 7 5 1 2 6 5 9 , 8249969649. D-76210




## SALE

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75797

FOR SALE 10 deci land with structure in SAMBALPUR, at Aithapali Fatack Main Road. Contact: 9 8 3 1 1 4 7 6 7 8 / 9051084092. D-1952

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584.** D-1985

Ready to move 4 BHK Duplex bungalow at Botanda, Sundarpada, Bhubaneswar near Saivilla, ranging 94 Lakhs. Contact: 9040521173 / 9861125539. D-76030

Road side plot 100 decimal available for sale at Janla near Bhuasuni Temple suitable for residential/ commercial purpose. No middle man. Only buyers are invited. Contact No.- 8249760208. D-1928

Triplex in gated society, 3000sqft. Carpet Area at Bomikhal for resale. Call- 8917520527. D-1970

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9 8 5 3 8 0 7 8 9 2 , 9861117460. D-75578




**Construct your dream home @ 970/- , 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com




Newly open health benefits SPA by expert therapist. Contact- 8280961126. D-76169

Newly open Jyoti SPA positively health benefits (Expert therapist). 8458067955. D-76166

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA special offer @ 799 Bapujinagar. 8018429809. D-76168

## AFFIDAVIT

I, Biranchi Narayan Dash, S/o- Late Gour Charan Das, resident of Mishrapada, Angul Town, P.O./P.S./Dist.- Angul-759122, Odisha declare by this affidavit No.- 3904, dated 12th November, 2024 that now onwards I shall be known as BIRANCHI NARAYANA DASH for all future purposes. D-1988

By the virtue of an affidavit dt 16.11.24 before Executive Magistrate, Bhubaneswar my name has changed from Sairaj to Reyan Mahapatra for all purposes. D-1981

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୁରୁଷୋତ୍ତମ ନାୟକ**

ସ୍ଥାନ: ଗ୍ରାମ- ଟୋଲରପଶୀ, ପିଙ୍ଗୁଆ, ଢେଙ୍କାନାଳ
ଆବିର୍ଭାବ: ୦୫।୦୫।୧୯୩୨
ତିରୋଧାନ: ୦୭।୧୧।୨୦୨୪

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।

ଶୋକସନ୍ତପ୍ତ: ସନ୍ତୋଷ, ରଞ୍ଜନ, ବନ୍ଧୁ ଓ ପରିବାରବର୍ଗ।

ଧ-୧୯୮୪

# କୋଅପରେଟିଭ ଅର୍ବାନ ବ୍ୟାଙ୍କ ପକ୍ଷରୁ ସମବାୟ ସପ୍ତାହ ପାଳିତ

**ଭୁବନେଶ୍ୱର,୧୬।୧୧**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲେଶ୍ୱର କୋଅପରେଟିଭ ଅର୍ବାନ ବ୍ୟାଙ୍କରେ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏପରିକି ୭୧ତମ ନିଖିଳ ଭାରତ ସମବାୟ ସପ୍ତାହର ପ୍ରଥମ ଦିନରେ ବାଲେଶ୍ୱର ସମବାୟ ଅର୍ବାନ ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସାଙ୍ଗକୁ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ଧ୍ୱଜାରୋହଣ କରିଥିଲେ। ଏହି ଅବସରରେ ବ୍ୟାଙ୍କର ନିର୍ଦ୍ଦେଶକ ଉମାକାନ୍ତ ମହାପାତ୍ର, ଦୀପକ କୁମାର ଦାଶ ଏବଂ ଦୁକୁଲ ଚନ୍ଦ୍ର ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ସମବାୟ ସପ୍ତାହ ଉପରେ ସେମାନଙ୍କର ଉତ୍ସାହବର୍ଦ୍ଧକ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର କର୍ମଚାରୀ ଏବଂ ଦୈନିକ ଆଦାୟ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହି ସମବାୟ ଆନ୍ଦୋଳନ ପ୍ରତି ସେମାନଙ୍କ ସମର୍ପଣକୁ ପୁନଃ ସ୍ୱୀକାର କରିଥିଲେ। ପରିଶେଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ଏସ୍‌ବିଆଇ ଲାଇଫ୍‌ର ନୂଆ ଡିଜିଟାଲ ଭିଡିଓ

**ଭୁବନେଶ୍ୱର,୧୬।୧୧**

ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂଆ ଡିଜିଟାଲ ଭିଡିଓ 'ଲିପି କି ଦୁନିଆ' ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କମ୍ପାନୀର ବ୍ରାଣ୍ଡ୍ ଦର୍ଶନ 'ଅପ୍‌ନେ ଲିୟେ, ଅପ୍‌ନୋ କେ ଲିୟେ' ଅନୁସାରେ ପ୍ରସ୍ତୁତ ହୋଇଥିବା ଏହି ଡିଜିଟାଲ୍ ଭିଡିଓ ଯୁବବର୍ଗଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଓ ଅଭିଳାଷ ପୂରଣ ଲାଗି ସେମାନଙ୍କୁ ସଶକ୍ତ କରିବାରେ ଏସ୍‌ବିଆଇ ଲାଇଫ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି। ଏହି ନୂଆ ଡିଜିଟାଲ ଭିଡିଓରେ କେନ୍ଦୁଝରର ୧୨ବର୍ଷୀୟ ବାଳିକା ଲିପିଙ୍କ ଅଭିଳାଷପୂର୍ଣ୍ଣ ଯାତ୍ରା ଓ ସ୍ୱପ୍ନ ପୂରଣ କରିବା ଲାଗି ତାଙ୍କ ଅତୁଟ ନିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ, କର୍ପୋରେଟ୍ କମ୍ୟୁନିକେଶନ ଏବଂ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ଏହି ଶିଶୁ ଦିବସରେ ଆମେ ସାରା ଦେଶର ଯବପିଢ଼ିଙ୍କ ସ୍ୱପ୍ନ ଏବଂ ସ୍ଥିରତାକୁ ପାଳନ କରୁଛୁ ।

# ଇ-ଡେଟିଂ





**ଦିନଥିଲା, କେତେବେଳେ କାହା ସହ ଏକ ମଧୁର ଓ ପବିତ୍ର ପ୍ରେମ ସମ୍ପର୍କ ଗଢ଼ି ଉଠୁଥିଲା ଜଣାପଡୁ ନ ଥିଲା। ପରସ୍ପରକୁ ଦେଖାକରିବା ବି ନ ଥିଲା ଆଦୌ ସହଜ କାମ। ହେଲେ ଆଜିର ମଡର୍ନ ଯୁଗରେ ପ୍ରେମ କରିବା, ପରସ୍ପର ସହ କଥା ହେବା ଓ ଦେଖାକରିବା ପାଇଁ ବି ସୁବିଧା ଯୋଗାଇ ଦେଉଛି ଇଣ୍ଟରନେଟ୍। ତେବେ ଯୁବତୀ ଯୁବକଙ୍କ ମଧ୍ୟରେ ବର୍ତ୍ତମାନ ବଢୁଥିବା ଏହି ଅନ୍‌ଲାଇନ୍ ଡେଟିଂ କ୍ରେଜ୍ କେତେଦୂର ସୁରକ୍ଷିତ ତାହା ପ୍ରଶ୍ନବାଚୀ...**



ବର୍ତ୍ତମାନ ଯୁବତୀ ଯୁବକଙ୍କ ମଧ୍ୟରେ ଏକ ସମ୍ପର୍କ ଯୋଡ଼ିବାର ସବୁଠୁ ବଡ଼ ମାଧ୍ୟମ ସାଜିଛି ଇଣ୍ଟରନେଟ୍। ବିଶେଷକରି ବିଭିନ୍ନ ସୋସିଆଲ୍ ମିଡିଆ ଏବଂ ଅନ୍‌ଲାଇନ୍ ଡେଟିଂ ସାଇଟ୍‌ଗୁଡ଼ିକ ଯୁବବର୍ଗଙ୍କୁ ପରସ୍ପରକୁ ଚିହ୍ନିବା ଏବଂ ନିଜର ପାର୍ଟନର ବାଛିବା, ସେମାନଙ୍କ ସହ ଦେଖାକରିବାର ସୁଯୋଗ ଯୋଗାଇ ଦେଉଛି। ଦିନକୁଦିନ ଏହାର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ଅନେକ ଠକାମି, ପ୍ରତାରଣା ଏବଂ ଅନ୍ୟାନ୍ୟ ଅପରାଧର ଶିକାର ହେଉଥିବା ଘଟଣା ବି ନଜରକୁ ଆସୁଛି। ତେଣୁ ଇ-ଡେଟିଂ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ...

**ବ୍ୟବହାର କରନ୍ତୁ ସେଫ୍ ସାଇଟ୍:** ଇଣ୍ଟରନେଟ୍‌ରେ ବର୍ତ୍ତମାନ ଅନେକ ସୋସିଆଲ୍ ମିଡିଆ ମେସେଞ୍ଜର ଆପ୍ ଏବଂ ଡେଟିଂ ସାଇଟ୍ ଉପଲବ୍ଧ, ହେଲେ ସମସ୍ତ ସାଇଟ୍ ବ୍ୟବହାର କରିବା ସୁରକ୍ଷିତ ବୋଲି କୁହାଯାଇ ନ ପାରେ। କାରଣ ଏଭଳି କେତେକ ସାଇଟ୍ ଯୋଗୁ ଅନେକେ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଯଦି ଇ-ଡେଟିଂ ସାଇଟ୍ ବ୍ୟବହାର କରିବାକୁ ଚାହୁଁଛନ୍ତି, ତେବେ କୌଣସି ବିଜ୍ଞାପନ କିମ୍ବା କାହାର ଶୁଣାକଥାରେ ବିଶ୍ୱାସ କରି ଯେକୌଣସି ସାଇଟ୍‌ରେ ନିଜ ପ୍ରୋଫାଇଲ୍ କ୍ରିଏଟ୍ କରନ୍ତୁ ନାହିଁ। ପ୍ରଥମେ ଉକ୍ତ ସାଇଟ୍ ବା ଆପ୍ ରେଜିଷ୍ଟର୍ଡ କି ନୁହେଁ ଦେଖନ୍ତୁ।

**ଫେକ୍ ଆଇଡି ଚିହ୍ନନ୍ତୁ:** ବର୍ତ୍ତମାନ କେତେକ ଅସାମାଜିକ ଯୁବତୀ ଯୁବକ ଟାଇମ୍ ପାସ୍ କରିବା କିମ୍ବା ଅନ୍ୟର ଭାବନା ସହିତ ଖେଳିବାର ମଜା ନେବା ଲାଗି ହେଉ ଅବା ଅନ୍ୟକୁ ବିବାହ ପ୍ରଲୋଭନ ଦେଇ ଟଙ୍କା ହଡ଼ପ କରିବା ଆଳରେ ଫେକ୍ ପ୍ରୋଫାଇଲ୍ ପ୍ରସ୍ତୁତ କରୁଛନ୍ତି। କେହି କେହି ଡେଟିଂ ବାହାନାରେ ଡାକି ବିଭିନ୍ନ ଅପରାଧ ଘଟାଉଥିବାର ନଜିର ରହିଛି। ତେଣୁ ଏଥିରେ ଆସୁଥିବା ଫ୍ରେଣ୍ଡ୍ ରିକ୍ୱେଷ୍ଟ ଫେକ୍ ନା ବାସ୍ତବ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ ତା'ପରେ ଗ୍ରହଣ କରନ୍ତୁ।

**ହଠାତ୍ କରନ୍ତୁ ନାହିଁ ବିଶ୍ୱାସ:** ବାରମ୍ବାର ନୂଆ ନୂଆ ଯୁବତୀ ଯୁବକଙ୍କ ସହ ଅନ୍‌ଲାଇନ୍ ବନ୍ଧୁତା କରିବାରେ ଅନେକଙ୍କୁ ଖୁବ୍ ମଜା ଆସିଥାଏ। ଆଉ ଖୁବ୍ କମ୍ ଦିନ ଭିତରେ କଥାବାର୍ତ୍ତାରୁ ସେମାନେ ଦେଖା ହେବା ବା ଡେଟିଂରେ ଯିବାକୁ ବି ପଛାନ୍ତି ନାହିଁ। ହେଲେ ମନେରଖନ୍ତୁ, ନୂଆ ନୂଆ ବନ୍ଧୁ ହୋଇଥିବା କୌଣସି ଯୁବତୀ ଅବା ଯୁବକଙ୍କୁ ବିଶ୍ୱାସରେ ହଠାତ୍ ନିଜର ଠିକ୍ ପରିଚୟ, ଠିକଣା, ଫଟୋ, ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଦେବା ନିରାପଦ ନୁହେଁ। ବିଶେଷକରି ମାତ୍ର କେଇଦିନ କଥା ଭିତରେ କେହି ଯଦି ଡେଟିଂରେ ଯିବାର ପ୍ରସ୍ତାବ ରଖେ, ତେବେ ଏଥିରେ ରାଜି ହୁଅନ୍ତୁ ନାହିଁ। ପ୍ରଥମେ ଅପରପକ୍ଷକୁ ଭଲ ଭାବେ ଜାଣିବାକୁ ସମୟ ନିଅନ୍ତୁ।

**ସନ୍ଦେହ ହେଲେ କରନ୍ତୁ ବ୍ଲକ୍:** ଖୁବ୍ କମ୍ ଦିନ ମଧ୍ୟରେ ଯଦି ଜଣେ ଅଜଣା ମଣିଷ ଭାବନାତ୍ମକ ଭାବେ ଆପଣଙ୍କ ସହ ନିବିଡ଼ ହେବା, ଆବଶ୍ୟକତାଠାରୁ ଅଧିକ ପ୍ରଶଂସା କରିବା, ଆପଣଙ୍କ ବିଷୟରେ ସବୁକିଛି ଜାଣିବାକୁ ଚେଷ୍ଟା କରୁଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ। ଯଦି କେହି ନିଜର ସଠିକ୍ ପରିଚୟ ନ ଦିଅନ୍ତି, ଅବା ଏଥିପାଇଁ କୁଣ୍ଠାବୋଧ କରନ୍ତି, ବାରମ୍ବାର ଅର୍ଥର ଲୋଭ ଦେଖାନ୍ତି, ବିବାହ ପ୍ରଲୋଭନ ଦେଖାଇ ଦାମୀ ଉପହାର ପଠାନ୍ତି, ତେବେ ଏହା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ଥାଇପାରେ। ମନେରଖନ୍ତୁ, ଏପରି ବନ୍ଧୁ ହଠାତ୍ ଡେଟିଂ ପାଇଁ ପ୍ରସ୍ତାବ ଦେଲେ ଭାବପ୍ରବଣବଶତଃ ତତ୍‌କ୍ଷଣାତ୍ ରାଜି ହୋଇଯିବା ବୁଦ୍ଧିମତ୍ତାର କାମ ନୁହେଁ। ତେଣୁ ମନରେ କୌଣସି ପ୍ରକାରର ସନ୍ଦେହ ଉପୁଜିବା ମାତ୍ରେ ଉକ୍ତ ପ୍ରୋଫାଇଲ୍‌କୁ ବ୍ଲକ୍ କରିଦିଅନ୍ତୁ। ନଚେତ୍ ଆପଣ ଭବିଷ୍ୟତରେ ଠକାମି କିମ୍ବା କୌଣସି ଅପରାଧର ଶିକାର ହୋଇପାରନ୍ତି।



**ଟଙ୍କା ମାଗିଲେ ହୁଅନ୍ତୁ ସତର୍କ:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ବନ୍ଧୁତା କରିବା କିମ୍ବା ପ୍ରେମ ଜାଲ ବିଛାଇ ଅନ୍ୟଠୁ ଟଙ୍କା ହଡ଼ପ କରିବା ଘଟଣା ବହୁ ମାତ୍ରାରେ ବଢ଼ିଯାଇଛି। ତେଣୁ ଯଦି କେହି ଆପଣଙ୍କ ସହ ଖୁବ୍ ଭଲରେ କଥା ହେବା ସହ ନିଜର ବିଭିନ୍ନ ଅସୁବିଧା ସମ୍ପର୍କରେ କହି ଟଙ୍କା ମାଗେ ତେବେ ସତର୍କ ହୋଇଯାଆନ୍ତୁ। କାରଣ ଅନ୍ୟର ଇମୋସନାଲ୍ ବ୍ଲାକ୍‌ମେଲ୍‌ର ଶିକାର ହୋଇ ଆପଣ ଠକାମୀରେ ପଡିପାରନ୍ତି।

**ଡେଟିଂ ପାଇଁ ବାଛନ୍ତୁ ସାର୍ବଜନୀନ ସ୍ଥାନ:** କିଛିଦିନ କଥା ହେବା ପରେ ବନ୍ଧୁତା ଲାଗି ହେଉ ଅବା ଜୀବନସାଥୀ ବାଛିବା ଅନେକେ ଡେଟିଂରେ ଯିବାକୁ ନିଷ୍ପତ୍ତି ନିଅନ୍ତି, ଆଉ ଏଥିପାଇଁ ପରସ୍ପରକୁ ଏକାନ୍ତରେ ଦେଖାକରିବାକୁ ଚାହାନ୍ତି। ହେଲେ ସବୁ କ୍ଷେତ୍ରରେ ଏହା ନିରାପଦ ନୁହେଁ। କାରଣ ଅନ୍‌ଲାଇନ୍‌ରେ ବନ୍ଧୁତା କରୁଥିବା ସମସ୍ତ ମଣିଷ ବିଶ୍ୱସ୍ତ ହୋଇ ନ ଥାନ୍ତି। ତେଣୁ ଯଦି ପ୍ରଥମଥର ଅନ୍‌ଲାଇନ୍ ଡେଟିଂ ପାଇଁ ଯିବାକୁ ଚାହୁଁଛନ୍ତି, ତେବେ ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ କେହି ପରିବାର ସଦସ୍ୟ କିମ୍ବା ବନ୍ଧୁଙ୍କୁ ନେଇ ସାର୍ବଜନୀନ ସ୍ଥାନରେ ଦେଖାକରନ୍ତୁ।





## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଟ୍ରାଭେଲ ମାର୍କେଟ ୨୦୨୪ ......... ଠାରେ ଆୟୋଜିତ ହୋଇଯାଇଛି ?
୨– ୱାର୍ଲ୍ଡ ରେଡିଓଗ୍ରାଫି ଡେ' ........... ରେ ପାଳନ କରାଯାଏ ?
୩– ବେଙ୍ଗାଲୁରୁର ପ୍ରଥମ ଡିଜିଟାଲ୍ ପପୁଲେଶନ୍ କ୍ଲକ୍ ..........ଠାରେ ଆୟୋଜିତ ହୋଇଯାଇଛି ?
୪– 'ହ୍ୱାଏ ଭାରତ ମ୍ୟାଟର୍ସ' ପୁସ୍ତକର ଲେଖକ ........... ?
୫– .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ଆନ୍ଧ୍ରପ୍ରଦେଶ
୨ ଦୁର୍ଗେଶ୍ ଅରଣ୍ୟ ଜୁଲୋଜିକାଲ୍ ପାର୍କ
୩ ଅନିଲ ରାଡ୍ରୁରୀ
୪ ଉସେନ୍ ବୋଲ୍ଟ
୫ ଗୁଜରାଟ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ମାନସ କୁମାର କର, କୋଣାର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଭାରୀ ସରୀସୃପ

୧. ସଲ୍ଟୱାଟର କ୍ରୋକୋଡାଇଲ୍...................... ୧୩୦୦ – ୨୦୦୦ କେଜି
୨. ନାଇଲ୍ କ୍ରୋକୋଡାଇଲ୍ ............................ ୯୦୦ – ୧୦୯୦ କେଜି
୩. ଓରିନୋକୋ କ୍ରୋକୋଡାଇଲ୍ ........................ ୭୦୦ – ୧୧୦୦ କେଜି
୪. ଘଡ଼ିଆଳ ................................................ ୬୮୦ – ୧୦୦୦ କେଜି
୫. ଆମେରିକାନ କ୍ରୋକୋଡାଇଲ ...................... ୬୦୦ – ୧୨୮୩ କେଜି
୬. ଫଲ୍ସ ଘଡ଼ିଆଳ ....................................... ୫୯୦ – ୮୦୦ କେଜି
୭. ବ୍ଲାକ୍ କାଇମାନ୍ ...................................... ୫୦୦ – ୧୧୦୦ କେଜି
୮. ଆମେରିକାନ୍ ଆଲିଗେଟର ......................... ୫୦୦ – ୧୦୦୦ କେଜି
୯. ଲେଦରବ୍ୟାକ୍ ସି ଟର୍ଟଲ୍ ........................... ୫୦୦ – ୯୬୧ କେଜି
୧୦. ମଗର କ୍ରୋକୋଡାଇଲ୍ ............................ ୪୫୦ – ୭୦୦ କେଜି



## ୟୁଥ୍ ଫ୍ୟାଶନ୍

# ଟ୍ରେଣ୍ଡି ଉଲେନ୍ ଆଉଟ୍‌ଫିଟ୍

**ଶୀତଦିନେ ଯେତେ ସୁନ୍ଦର ତଥା ଡିଜାଇନର୍ ଡ୍ରେସ୍ ପିନ୍ଧିଲେ ବି ତାହା ସ୍ୱେଟର୍, ଜ୍ୟାକେଟ୍ ଭିତରେ ଲୁଚିଯାଇଥାଏ। ତେଣୁ ଏଦିନେ କିପରି ଷ୍ଟାଇଲିସ୍ ଲାଗିବେ, ଏହାକୁ ନେଇ ଅନେକ ଯୁବତୀ ଯୁବକଙ୍କ ଚିନ୍ତା ବଢ଼ିଯାଏ। ତେଣୁ ଏଦିନେ କେଉଁଭଳି ଉଲେନ୍ ଆଉଟ୍‌ଫିଟ୍ କ୍ୟାରିକଲେ ଟ୍ରେଣ୍ଡି ଓ ଫ୍ୟାଶନେବଲ୍ ଲାଗିବେ ଜାଣିରଖନ୍ତୁ ଟିପ୍ସ...**





- ବର୍ତ୍ତମାନ ଲାଇଟ୍, ଡାର୍କ କଲର ହେଉ କିମ୍ବା ଡେନିମ୍ ଭଳି ବିଭିନ୍ନ ଡିଜାଇନ୍‌ର ଉଲେନ୍ ଜ୍ୟାକେଟ୍ ମାର୍କେଟ୍‌ରେ ଉପଲବ୍ଧ। ଏହାକୁ ଜିନ୍ସ ଟପ୍ସ ସହିତ କିମ୍ବା ଉଭୟ ସ୍ଲିଭ୍ ଥିବା ଓ ସ୍ଲିଭଲେସ୍ କୁର୍ତ୍ତି ସହିତ ପିନ୍ଧିଲେ ଷ୍ଟାଇଲିସ୍ ଲୁକ୍ ମିଳିଥାଏ।
- ଜିନ୍ସ ପ୍ୟାଣ୍ଟ, ଲେଗିଙ୍ଗ୍ସ, ପ୍ଲାଜୋ ଆଦି ସହ ଉଲେନ୍ କୁର୍ତ୍ତା ବର୍ତ୍ତମାନ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଏହା ଏଥିନିକ ଲୁକ୍ ଦେବା ସହ ଷ୍ଟାଇଲିସ୍ ମଧ୍ୟ ଲାଗିବ। କେବଳ ଲଙ୍ଗ୍ ନୁହେଁ, ଉଲେନ୍ ଶର୍ଟ କୁର୍ତ୍ତି ମଧ୍ୟ ବଜାରରେ ଉପଲବ୍ଧ, ଯାହାକୁ ଟ୍ରାଏ କରି ଟ୍ରେଣ୍ଡି ଲୁକ୍ ପାଇପାରିବେ।
- ଅଫିସିଆଲ୍ ଆଉଟ୍‌ଫିଟ୍ ପାଇଁ ଏବେ ଉଲେନ୍‌ର ବ୍ଲେଜର୍ ଓ ପ୍ୟାଣ୍ଟ ବହୁତ ଡିମାଣ୍ଡରେ ଅଛି। କ୍ଲାସି ଲୁକ୍ ପାଇଁ ମ୍ୟାଚିଂ କଲର୍‌ର ପ୍ୟାଣ୍ଟ ଓ ବ୍ଲେଜର ପିନ୍ଧିପାରିବେ। ସେହିପରି ଷ୍ଟାଇଲିସ୍ କୋଟ୍ ଓ ବ୍ଲେଜର୍ ସହ ଜିନ୍ସ ପ୍ୟାଣ୍ଟର କମ୍ବିନେଶନ୍ ଟ୍ରାଏ କରନ୍ତୁ ବେଶ୍ ଆଟ୍ରାକ୍ଟିଭ୍ ଲୁକ୍ ମିଳିବ।
- ବର୍ତ୍ତମାନ ବିଭିନ୍ନ ପ୍ରକାରର ଉଲେନ୍ ଓଭର କୋଟ୍ ମଧ୍ୟ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଉଭୟ ମଡର୍ନ ଏବଂ ଟ୍ରାଡିଶିନାଲ୍ ଆଉଟଫିଟ୍ ସହ ଏହାକୁ ଟିମ୍ ଅପ୍ କରି ଡିଫରେଣ୍ଟ ଲୁକ୍ ପାଇପାରିବେ।
- ସ୍ଲିଭ୍‌ଲେସ୍ ଉଲେନ୍ ସ୍ୱେଟର୍ କିମ୍ବା ଜ୍ୟାକେଟ୍‌କୁ ମଧ୍ୟ ନିଜ ୱିଣ୍ଟର କଲେକ୍ସନ୍‌ରେ ସାମିଲ କରନ୍ତୁ। କାରଣ ଏହାକୁ ଯେକୌଣସି ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଫ୍ୟାଶନେବଲ୍ ଲାଗିଥାଏ।

## ୟୁଥ୍ ଆଲର୍ଟ

**ଶୀତଦିନ ଆସିଲେ ଅନେକଙ୍କଠାରେ କନ୍‌ଷ୍ଟିପେଶନ୍ ବା କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେଇଥାଏ। ବର୍ତ୍ତମାନ ଯୁବାବସ୍ଥାରେ ମଧ୍ୟ ଅନେକଙ୍କଠାରେ ଏହି ସମସ୍ୟା ଦେଖାଯାଉଛି। ଯାହାକୁ ସାଧାରଣ ସମସ୍ୟା ଭାବେ ଅବହେଳା କଲେ ପରବର୍ତ୍ତୀ ସମୟରେ ମଳକଣ୍ଟକ ବା ପାଇଲ୍ସ ଏବଂ ଅନ୍ୟାନ୍ୟ ଜଟିଳ ସମସ୍ୟା ଉପୁଜିପାରେ। ତେଣୁ ଏହି ସମସ୍ୟା ଦୂର କରିବା ଲାଗି କେତୋଟି ଘରୋଇ ଉପଚାର ଆପଣେଇ ପାରିବେ...**

# କନ୍‌ଷ୍ଟିପେଶନ୍ ହେଉଥିଲେ..



- କନ୍‌ଷ୍ଟିପେଶନ୍ ସମସ୍ୟା ଉପୁଜିବା ଲାଗି ମୁଖ୍ୟତଃ ପାଣି କମ୍ ପିଇବା ଦାୟୀ। ତେଣୁ ପ୍ରତିଦିନ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ। ଏହାଦ୍ୱାରା ଶରୀରରେ ଜଳୀୟାଂଶ ଠିକ୍ ରହିବା ସହ କୋଷ୍ଠକାଠିନ୍ୟ ହୋଇ ନ ଥାଏ।
- ଯୁବାବସ୍ଥାରେ ଏହି ସମସ୍ୟା ପାଇଁ ଆଉ ଏକ ବଡ଼ କାରଣ ହେଉଛି ଫାଷ୍ଟ ଫୁଡ୍, ଅନ୍ୟ ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ରେଡି ଟୁ ଇଟ୍ ବା ଫ୍ରୋଜେନ୍ କିମ୍ବା ପ୍ରୋସେସ୍‌ଡ୍ ଖାଦ୍ୟ ଖାଇବା। ତେଣୁ ଯଥାସମ୍ଭବ ଏସବୁ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ପ୍ରତିଦିନ ଖାଦ୍ୟ ତାଲିକାରେ ଫାଇବରଯୁକ୍ତ ଖାଦ୍ୟର ମାତ୍ରା ବୃଦ୍ଧି କରିବା ଦ୍ୱାରା ମଧ୍ୟ ଏହି ସମସ୍ୟାରୁ ମୁକ୍ତି ଦେଇଥାଏ।
- ଆଲ୍‌କହଲ୍ କିମ୍ବା ନିଶାଦ୍ରବ୍ୟ ସେବନ ବର୍ତ୍ତମାନ ଅନେକ ଯୁବତୀ ଯୁବକଙ୍କର ଏକ ବଦାଭ୍ୟାସରେ ପରିଣତ ହେଲାଣି। ଯାହାକି ଗ୍ୟାସ୍, ଏସିଡିଟି କରାଇବା ସହ କୋଷ୍ଠକାଠିନ୍ୟ ମଧ୍ୟ କରାଇଥାଏ। ତେଣୁ ଏଭଳି ଅଭ୍ୟାସ ଥିଲେ ସେଥିରୁ ନିବୃତ୍ତ ରୁହନ୍ତୁ।
- ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା, କିଛି ଫଳ ଖାଇବା ଏବଂ ରାତିରେ ଶୋଇବା ପୂର୍ବରୁ ତ୍ରିଫଳା ଚୂର୍ଣ୍ଣ ଖାଇବା ଦ୍ୱାରା ମଧ୍ୟ ଏଥିରୁ ଉପଶମ ମିଳିଥାଏ।
- ଶାରୀରିକ ବ୍ୟାୟାମ ଅଭାବରୁ ମଧ୍ୟ ଏଭଳି ସମସ୍ୟା ଦେଖାଦିଏ। କାରଣ ଏହା ଦ୍ୱାରା ଶରୀରରେ ମେଟାବଲିଜମ୍ ସ୍ତର ଠିକ୍ ନ ରହିବା ସହ ହଜମ କ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଫଳରେ ମଳତ୍ୟାଗ ସମୟରେ ଅଧିକ କଷ୍ଟ ହୋଇଥାଏ। ତେଣୁ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ ଆଦି କରିବାକୁ ଆଦୌ ଭୁଲନ୍ତୁ ନାହିଁ।
- ବିଭିନ୍ନ ଔଷଧ, ବିଶେଷକରି କେତେକ ପେନ୍‌କିଲର୍ ସେବନ ଯୋଗୁ ଅନେକଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେଇଥାଏ। ସେହିପରି ଭିଟାମିନ୍ ଏବଂ ଆଇରନ୍ ସପ୍ଲିମେଣ୍ଟ ମଧ୍ୟ ଅନେକଙ୍କଠାରେ ଏହି ସମସ୍ୟା ସୃଷ୍ଟି କରିଥାଏ। ଏଭଳି ଅସୁବିଧା ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ପରିବର୍ତ୍ତନ କରିପାରିବେ କିମ୍ବା ଝାଡ଼ା ପତଳା ହେବା ଲାଗି ଔଷଧ ଖାଇପାରିବେ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୭ ନଭେମ୍ବର, ୨୦୨୪ Bhubaneswar, Sunday, 17 November, 2024

# ଚାମ୍ପିୟନ୍ସ ଟ୍ରଫି ଟୁର୍ ଆରମ୍ଭ

ଇସ୍‌ଲାମାବାଦ,୧୬।୧୧(ପି.ଟି.)

ପାକିସ୍ତାନରେ ଖେଳାଯିବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ଟ୍ରଫି ଟୁର୍ ଶନିବାର ଆରମ୍ଭ ହୋଇଛି। ତେବେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ର ସହରଗୁଡ଼ିକୁ ଏହି ଟ୍ରଫି ତାଲିକାରୁ ବାଦ୍ ଦେଇଛି। ବର୍ତ୍ତମାନ ଏହି ଟ୍ରଫି ଟୁର୍ କରାଚୀ, ରାୱଲପିଣ୍ଡି, ଇସ୍‌ଲାମାବାଦ ସହିତ ଆବୋଟାବାଦ ଓ ଖାଇବର ପଖତୁନ ଅଞ୍ଚଳରେ ଯାତ୍ରା କରିବ। ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦରୁ ଏହି ଟ୍ରଫି ଟୁର୍ ଆରମ୍ଭ ହୋଇଥିବା ବେଳେ ଏହା ନଭେମ୍ବର ୧୭ରେ ତକ୍ଷିଲା ଓ ଖାନପୁର ଦେଇ ଯାତ୍ରା କରିବ। ସେହିପରି ଆବୋଟାବାଦ(ନଭେମ୍ବର ୧୮), ମୁରୀ(ନଭେମ୍ବର ୧୯) ଓ ନାଥିଆ ଗଳି (ନଭେମ୍ବର ୨୦)ତାରିଖରେ ପହଞ୍ଚିବା ପରେ ନଭେମ୍ବର ୨୨-୨୫ ଯାଏ କରାଚୀରେ ରହିବ। ସାଧାରଣତଃ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ସ୍ଥାନରେ ଏହି ଟ୍ରଫି ଟୁର୍‌ର ରୁଟ୍ ରହିଛି।

ପୂର୍ବରୁ ନଭେମ୍ବର ୧୪ ତାରିଖରେ ପିସିବି ପକ୍ଷରୁ ଟ୍ରଫି ଟୁର୍‌ର ରୁଟ୍ ଘୋଷଣା କରାଯାଇଥିଲା। ଏହି ରୁଟ୍‌ରେ ସ୍କର୍ଦୁ, ହୁଞ୍ଜା ଓ ମୁଜାଫରାବାଦ ଭଳି ସହରର ନାମ ସାମିଲ ଥିଲା। ତେବେ ବିସିସିଆଇର ସମ୍ପାଦକ ଜୟ ଶାହା ଏହାକୁ ବିରୋଧ କରିଥିଲେ। ଫଳରେ ଆଇସିସି ପକ୍ଷରୁ ଟ୍ରଫି ଟୁର୍‌ର ରୁଟ୍‌ରୁ ଏହି ସହରଗୁଡ଼ିକର ନାମ ହଟାଯାଇଥିଲା। ପାକିସ୍ତାନରେ ଟ୍ରଫି ଟୁର୍ ଶେଷ ହେବା ପରେ ଆଫଗାନିସ୍ତାନ (ନଭେମ୍ବର ୨୬-୨୮), ବାଂଲାଦେଶ (ଡିସେମ୍ବର ୧୦-୧୩), ଦକ୍ଷିଣ ଆଫ୍ରିକା (ଡିସେମ୍ବର ୧୫-୨୨), ଅଷ୍ଟ୍ରେଲିଆ (ଡିସେମ୍ବର ୨୫- ଜାନୁଆରୀ ୫), ନ୍ୟୁଜିଲାଣ୍ଡ (ଜାନୁଆରୀ ୬-୧୧), ଇଂଲଣ୍ଡ (ଜାନୁଆରୀ ୧୨-୧୪) ଓ ଭାରତ (ଜାନୁଆରୀ ୧୫-୨୬) ମଧ୍ୟରେ ଟ୍ରଫି ଟୁର୍ ଅନୁଷ୍ଠିତ ହେବ। ପାକିସ୍ତାନ ବାହାରେ କେଉଁ କେଉଁ ସହରରେ ଟ୍ରଫି ଟୁର୍ ଅନୁଷ୍ଠିତ ହେବ ତାହାର ତାଲିକା ଆଗାମୀ ଦିନରେ ପ୍ରକାଶ ପାଇବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

ଏହି ଟ୍ରଫି ଟୁର୍‌ରେ ଯାତ୍ରା କରୁଥିବା ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିକୁ ଡକ୍ୟୁମେଣ୍ଟ କରାଯିବ। ପରବର୍ତ୍ତୀ ସମୟରେ ଚାମ୍ପିୟନ ଅନ୍ ଟୁର୍ ନାମରେ ଏହାକୁ ପ୍ରକାଶ କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ୨୦୧୭ର ଡିଫେଣ୍ଡିଂ ଚାମ୍ପିୟନ ପାକିସ୍ତାନକୁ ଟୁର୍ନାମେଣ୍ଟର ଆୟୋଜନ ଅଧିକାର ମିଳିଥିବା ବେଳେ ପାକିସ୍ତାନ ଯିବା ପାଇଁ ଭାରତୀୟ କ୍ରିକେଟ ଦଳ ମନା କରିଦେଇଛି। ଭାରତୀୟ ଦଳ ହାଇବ୍ରିଡ ମଡେଲରେ ଖେଳିବାକୁ ଦାବି କରିଥିବା ବେଳେ ଟୁର୍ନାମେଣ୍ଟ ପାକିସ୍ତାନ ବାହାରେ ହେବାର ସମ୍ଭାବନା ରହିଛି। ଏହି ଟୁର୍ନାମେଣ୍ଟ ୟୁଏଇ କିମ୍ବା ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇପାରେ।


ଇସ୍‌ଲାମାବାଦରେ ଚାମ୍ପିୟନ୍ସ ଟ୍ରଫି ଟୁର୍।

**ପିଓକେ ସହର ବାଦ୍ ପଡ଼ିଲା**

**ଜାନୁଆରୀରେ ଭାରତରେ ପହଞ୍ଚିବ**

# ଚାଇନାକୁ ହରାଇ ସେମିଫାଇନାଲରେ ଭାରତ


ଚାଇନା ବିପକ୍ଷ ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଭାରତୀୟ ମହିଳା ଦଳ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ରାଜଗିର (ବିହାର), ୧୬।୧୧ (ପି.ଟି.)

ଅଲିମ୍ପିକ ରୌପ୍ୟ ବିଜେତା ଚାଇନା ବିପକ୍ଷରେ ୩-୦ ଗୋଲ୍‌ରେ ଚମକପ୍ରଦ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ସଙ୍ଗୀତା କୁମାରୀ (୩୨ତମ ମିନିଟ) ଓ ଅଧିନାୟିକା ସାଲିମା ଟେଟେ (୩୭ତମ)ଙ୍କ ଜରିଆରେ ଦୁଇଟି ଫିଲ୍ଡ ଗୋଲ୍ ସ୍କୋର କରିଥିବା ବେଳେ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ୍ ସ୍କୋରର ଦୀପିକା (୬୦ତମ) ଖେଳର ଶେଷ ମିନିଟରେ ଏକ ପେନାଲ୍ଟି କର୍ନରରୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ବିଶ୍ୱର ୬ ନମ୍ବର ଦଳ ଚାଇନାକୁ ପରାସ୍ତ କରିବା ଦ୍ୱାରା ବିଶ୍ୱର ୯ ନମ୍ବର ଦଳ ଭାରତର ଟୁର୍ନାମେଣ୍ଟରେ ଏହା ହେଉଛି କ୍ରମାଗତ ଚତୁର୍ଥ ବିଜୟ। ଭାରତ ବର୍ତ୍ତମାନ ୮ପଏଣ୍ଟ ସହ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଚାଇନା ୪ଟି ମ୍ୟାଚରୁ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ଭାରତ ରବିବାର ଜାପାନ ବିପକ୍ଷରେ ଖେଳି ଏହାର ରାଉଣ୍ଡ ରବିନ ଅଭିଯାନ ଆରମ୍ଭ କରିବ। ୬ଟି ଦଳକୁ ନେଇ ଚାଲିଥିବା ଏହି ମହାଦେଶୀୟ ଟୁର୍ନାମେଣ୍ଟର ସେମିଫାଇନାଲ ଶ୍ରେଷ୍ଠ ୪ ଦଳକୁ ନେଇ ଖେଳାଯିବ। ଶନିବାର ଖେଳାଯାଇଥିବା ଅନ୍ୟମ୍ୟାଚଗୁଡ଼ିକ ମଧ୍ୟରେ ଜାପାନ ୨-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଥିବା ବେଳେ କୋରିଆ ୪-୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଛି।

# ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା

**୩୫ତମ ଜାତୀୟ ସିନିଅର ଟେନିସ ବଲ କ୍ରିକେଟ**

ଭୁବନେଶ୍ୱର,୧୬।୧୧ (ସରୋଜ ଜେନା)

୩୫ତମ ଜାତୀୟ ସିନିଅର ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା ହୋଇଛି। ଚଳିତ ନଭେମ୍ବର ୧୮ ତାରିଖରୁ ଆରମ୍ଭ କରି ୨୧ ତାରିଖ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀରଠାରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶା ଟେନିସ ବଲ କ୍ରିକେଟ ସଙ୍ଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କେନ୍ଦ୍ରାପଡ଼ା ସଙ୍ଘର ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ଓ ଟେନିସ ବଲ କ୍ରିକେଟ ମୁଖ୍ୟ କୋଚ ଚକ୍ରଧର ମାଝୀ ଓଡ଼ିଶା ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ପୁରୁଷ ଦଳ:** ଅବିନାଶ ଖଟୁଆ, ସୁନିଲ ଦଳାଇ, ଏମ୍ ରାଜା, ପଙ୍କଜ କୁମାର ଦାସ, ଭିକି ଡିଗଲ (ଅଧିନାୟକ), ସୁନିଲ ମଲିକ, ବିକାଶ ବାଚ୍ଛା, ଶରତ ପଟ୍ଟନାୟକ, ଅମ୍ରିତ କୁମାର ଦାସ, ରଜତ କୁମାର ନାୟକ, ସୁଦାମା ବେହେରା, ଦେବାଶିଷ ସାହୁ, ସମୀର କୁମାର ସାହୁ, ସମ୍ପୂର୍ଣ୍ଣ ରଥ। କୋଚ- ପ୍ରକାଶ ସାହୁ ଓ ମ୍ୟାନେଜର ସୋମନାଥ ପରିଡ଼ା। **ମହିଳା ଦଳ:** ଇତିଶ୍ରୀ ସେଠି, ସନ୍ତୋଷିନୀ ତ୍ରିପାଠୀ, ପ୍ରଜ୍ଞାପାରମିତା ପରିଡ଼ା, ମଧୁସ୍ମିତା ପଣ୍ଡା, ଭାଗ୍ୟଶ୍ରୀ ରାଉତ, ଶଶୀରେଖା ସାହୁ, ଶୀତୁପ୍ରଭା ନାୟକ, ସ୍ମୃତିରୁପା ମଲିକ, ରଇଲା ଭତ୍ରା (ଅଧିନାୟିକା), କାମକଳା ଜାନି, ନର୍ମଦା ଏଡିଙ୍ଗ, ସୀତାରାଣୀ ପ୍ରଧାନୀ, ଅଭୀପ୍ସା ସିଂ, ଲକ୍ଷ୍ମୀ ମାଝୀ। କୋଚ-ଅଜିତା ଦାସ, ମ୍ୟାନେଜର ରଞ୍ଜନ କୁମାର ନାୟକ।


ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ପୁରୁଷ ଦଳ।

## ଓଡ଼ିଶା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ଡିସେମ୍ବର ୧୫ରୁ

ଭୁବନେଶ୍ୱର, ୧୬।୧୧ (ବିଜୟ ରଣା)

ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଡିସେମ୍ବର ୧୫ରୁ ୨୨ ମଧ୍ୟରେ ଆୟୋଜିତ ହେବାକୁ ଯାଉଛି ୧୫ତମ ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ଫେଷ୍ଟିଭାଲ ୨୦୨୪। ତିନୋଟି ବର୍ଗରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଅନ୍ୟୁନ ୧୫ ଦେଶର ୧୧୦୦ ଖେଳାଳି ଅଂଶଗ୍ରହଣ କରିବେ। ଏହାର ମୋଟ ପୁରସ୍କାର ରାଶି ୪୦ ଲକ୍ଷ ଟଙ୍କା ରଖାଯାଇଛି। ଏହି ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ଫେଷ୍ଟିଭାଲରେ ବିଭିନ୍ନ ଦେଶରୁ ବହୁ ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର, ମହିଳା ଗ୍ରାଣ୍ଡମାଷ୍ଟର, ମହିଳା ଅନ୍ତର୍ଜାତୀୟ ମାଷ୍ଟର, ଉଭୟ ବର୍ଗର ଫିଡେମାଷ୍ଟର ଓ କ୍ୟାଣ୍ଡିଡେଟ ମାଷ୍ଟର ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାର 'ଏ' ବର୍ଗ ପାଇଁ ମୋଟ ପୁରସ୍କାର ପାଣ୍ଠି ୨୫ ଲକ୍ଷ ଟଙ୍କା ରଖାଯାଇଛି, ଯେଉଁଥିରେ କି ୧୯୦୦ ରେଟିଂରୁ ଅଧିକ ଖେଳାଳି ଅଂଶଗ୍ରହଣ କରିବେ। ସେହିପରି 'ବି' ଏବଂ 'ସି' ବର୍ଗ ପାଇଁ ମୋଟ ୧୫ ଲକ୍ଷ ଟଙ୍କା ପୁରସ୍କାର ସ୍ଥିର କରାଯାଇଥିବା ବେଳେ ଯଥାକ୍ରମେ ୧୯୦୦ ରେଟିଂରୁ କମ୍ ଖେଳାଳିଙ୍କ 'ବି' ବର୍ଗରେ ଏବଂ ୧୬୦୦ ରେଟିଂରୁ କମ୍ ଖେଳାଳି 'ସି' ବର୍ଗରେ ଖେଳିପାରିବେ। ଏହି ଚେସ୍ ଫେଷ୍ଟିଭାଲର ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୪୦ ଖେଳାଳି, ଶ୍ରେଷ୍ଠ ମହିଳା ଖେଳାଳି, ବିଭିନ୍ନ ରେଟିଂ ବର୍ଗର ଶ୍ରେଷ୍ଠ ୫ ଖେଳାଳି, ଶ୍ରେଷ୍ଠ ୧୦ ଶ୍ରେଷ୍ଠ ଓଡ଼ିଶା ଖେଳାଳି, ଶ୍ରେଷ୍ଠ ୧୦ ବିନା ରେଟିଂ ଖେଳାଳି ଏବଂ ଶ୍ରେଷ୍ଠ ଭେଟେରାନ ଖେଳାଳିଙ୍କ ସହ ୨୫୦ ଜଣଙ୍କୁ ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୩ ଖେଳାଳିଙ୍କୁ ଟ୍ରଫି ସହ ଆକର୍ଷଣୀୟ ଅର୍ଥ ପୁରସ୍କୃତ କରାଯିବ।

# ସର୍ବ ଭାରତୀୟ ଗେଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୧୧(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଶନିବାର ନବମ ସର୍ବଭାରତୀୟ ଗେଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୭ ତାରିଖ ଯାଏ ଏହି ଟୁର୍ନାମେଣ୍ଟ ଜାରି ରହିବ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର, ସଭାପତି ରଞ୍ଜନ କୁମାର ନନ୍ଦ, ଉପସଭାପତି ବିଶ୍ୱଜିତ ସ୍ୱାଇଁ, ବସନ୍ତ କୁମାର ବଡୁ, ସାଧାରଣ ସମ୍ପାଦକ ମହମ୍ମଦ ଆଜାମ, ଯୁଗ୍ମ ସଚିବ ବାସୁଦେବ ଓଝା, ରାଜେନ୍ଦ୍ର କୁମାର ମହାରଣା, ଗୌତମ ବେହେରା, ଏନ୍.ଜେ. ମଖୱାନା, ଓଡିଏମ୍ ପବ୍ଲିକ୍ ସ୍କୁଲର କ୍ରୀଡ଼ା ଅଧିକାରୀ ଲଲାଟ କୁମାର ଦାସ, ସମାଜସେବୀ ଚନ୍ଦନା ଦାସ, ମହମ୍ମଦ ଜୁନୈଦ ଓ ସାଏମା ରୋକେୟା ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ଅନୁରାଧା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ପର୍ଥ ଟେଷ୍ଟ ଖେଳିପାରନ୍ତି ରୋହିତ

ମୁମ୍ବାଇ,୧୬।୧୧(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଖେଳିପାରନ୍ତି। ନଭେମ୍ବର ୨୨ ତାରିଖରୁ ପର୍ଥରେ ଏହି ମ୍ୟାଚ୍ ଖେଳାଯିବ। ସ୍ତ୍ରୀ ରିତିକା ସଜ୍‌ଦେ ଗର୍ଭବତୀ ଥିବାରୁ ରୋହିତ ଭାରତୀୟ ଦଳ ସହ ଯାତ୍ରା କରି ନ ଥିଲେ। ତେବେ ଶୁକ୍ରବାର ରୋହିତ ଏକ ପୁତ୍ର ସନ୍ତାନର ପିତୃତ୍ୱ ଲାଭ କରିଛନ୍ତି। ଫଳରେ ସେ ବର୍ଡର ଗାଭାସ୍କର ସିରିଜ୍‌ର ପ୍ରଥମ ମ୍ୟାଚ୍ ପାଇଁ ଉପଲବ୍ଧ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପୂର୍ବରୁ ରୋହିତ ଓ ରିତିକାଙ୍କ ସମାଇରା ନାମକ ଝିଅ ରହିଛି। ପ୍ରଥମ ଟେଷ୍ଟକୁ ୧ ସପ୍ତାହରୁ କମ୍ ସମୟ ରହିଥିବା ବେଳେ ରୋହିତ ଏହା ପୂର୍ବରୁ ଭାରତୀୟ ଦଳ ସହିତ ଯୋଗ ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଯଦି ରୋହିତ ଅଷ୍ଟ୍ରେଲିଆ ଯିବାକୁ ନିଷ୍ପତ୍ତି ନିଅନ୍ତି ତା' ହେଲେ କିଛି ଅଭ୍ୟାସ ସେସନ୍ ସହିତ ସେ ଖେଳିପାରନ୍ତି।

ରୋହିତଙ୍କ ଅନୁପସ୍ଥିତିରେ ଅଭିମନ୍ୟୁ ଈଶ୍ୱରନ୍ ଓ ଲୋକେଶ ରାହୁଲଙ୍କ ମଧ୍ୟରୁ ଜଣଙ୍କୁ ଓପନ କରିବାର ସୁଯୋଗ ମିଳିଥାନ୍ତା। ଅଭିମନ୍ୟୁ ଈଶ୍ୱରନ ଭାରତ ଏ ଦଳର ସିରିଜ ସମୟରେ ଅଷ୍ଟ୍ରେଲିଆ ବୋଲରଙ୍କ ପେସ୍ ଓ ବାଉନ୍ସ ସମ୍ମୁଖରେ ଅସହଜ ମନେହୋଇଥିଲେ। ସେହିପରି ରାହୁଲଙ୍କ କହୁଣୀରେ ମଧ୍ୟ ଆଘାତ ଲାଗିଥିବା କାରଣରୁ ତାଙ୍କୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଲାଗି ରହିଛି।

**ଗିଲ୍ ଆଘାତପ୍ରାପ୍ତ**

ନୂଆଦିଲ୍ଲୀ/ପର୍ଥ, ୧୬।୧୧ (ପି.ଟି.)

ଷ୍ଟାର ଟପ୍ ଅର୍ଡର ବ୍ୟାଟର ଶୁଭମନ ଗିଲ୍‌ଙ୍କ ବାମହାତ ବୁଢ଼ାଆଙ୍ଗୁଠିରେ ଆଘାତ ଲାଗିଛି। ଫଳରେ ନଭେମ୍ବର ୨୨ରୁ ପର୍ଥ ଟେଷ୍ଟରୁ ସେ ବାଦ୍ ପଡ଼ିଛନ୍ତି। ମ୍ୟାଚରେ ତାଙ୍କ ଅନୁପସ୍ଥିତି ଭାରତୀୟ ଦଳ ପ୍ରତି ଏକ ଶକ୍ତ ଧକ୍କା ବୋଲି ମନେକରାଯାଉଛି। ଇଣ୍ଟର ସ୍କ୍ୱାଡ୍ ମ୍ୟାଚର ଦ୍ୱିତୀୟ ଦିନରେ ଫିଲ୍ଡିଂ କରୁଥିବା ବେଳେ ସେ ଆହତ ହୋଇଥିଲେ। ସେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କୁ ତୁରନ୍ତ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ତାଙ୍କର ସ୍କାନ କରାଯାଇଛି।

# ଓଡ଼ିଶା ଦଳକୁ କ୍ରୀଡ଼ାମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୬।୧୧(ସରୋଜ ଜେନା)

ଚେନ୍ନାଇରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିୟର ହକି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ହକି ଦଳକୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶନିବାର କଳିଙ୍ଗ ଷ୍ଟାଡିୟମରେ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ପୋଲିସ ସେବାର ଶିକ୍ଷାନବିସ, ହାଇ ପରଫର୍ମାନ୍ସ ସେଣ୍ଟର ଓ କ୍ରୀଡ଼ା ଛାତ୍ରବାସର କ୍ରୀଡ଼ାବିତମାନେ ଆଭାସୀ ମାଧ୍ୟମରେ ଫାଇନାଲ ମ୍ୟାଚ ଦେଖିଥିଲେ।

ଓଡ଼ିଶା ଦଳର ଐତିହାସିକ ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ଅଧିନାୟକ ଦୀପସାନ ତିର୍କୀଙ୍କୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମଥର ପାଇଁ ଓଡ଼ିଶା ଜାତୀୟ ଚମ୍ପିୟାନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ ସୂରଜ। ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏହା ଏକ ଐତିହାସିକ ଦିନ। ଏହି ବିଜୟ ଆଗାମୀ ଦିନରେ ଓଡ଼ିଶାର ଅନେକ ଯୁବ କ୍ରୀଡ଼ାବିତଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତପ୍ରକାଶ କରିଛନ୍ତି। ଓଡ଼ିଶାର କୋଚ ବିଜୟ କୁମାର ଲାକ୍ରା ଦଳର ଐତିହାସିକ ବିଜୟ ପାଇଁ ଖୁସିବ୍ୟକ୍ତ କରିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଏହି ବିଜୟଗାଥା ଜାରି ରହୁ ବୋଲି ଆଶାବ୍ୟକ୍ତ କରିଛନ୍ତି। ଟିମ୍‌ର କ୍ୟାପ୍ଟେନ ଦୀର୍ଘ ଦିନରୁ ଜାରି ରହିଥିବା ପରିଶ୍ରମର ଫଳ ଆଜି ଟିମ୍‌କୁ ମିଳିଛି ବୋଲି କହିଛନ୍ତି ଓଡ଼ିଶା ଅଧିନାୟକ ଦୀପସାନ ତିର୍କୀ। ହକି ପ୍ରମୋସନ କାଉନସିଲର ସିଇଓ ଦୀପଙ୍କର ମହାପାତ୍ର ମଧ୍ୟ ଟିମ୍ ଓଡ଼ିଶାର କ୍ରୀଡ଼ାବିତମାନଙ୍କୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି।


ଆଭାସୀ ମାଧ୍ୟମରେ ଓଡ଼ିଶା ହକି ଦଳର ଅଧିନାୟକଙ୍କ ସହ କଥା ହେଉଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଟାଇସନଙ୍କୁ ହରାଇଲେ ଜେକ୍ ପଲ୍

ଆର୍ଲିଂଟନ (ୟୁଏସ୍‌ଏ), ୧୬।୧୧

ସ୍ଥାନୀୟ ଏଟି ଆଣ୍ଡ୍ ଟି ଷ୍ଟାଡିୟମରେ ଶୁକ୍ରବାର ରାତିରେ ୨୦୨୪ର ସବୁଠାରୁ ବଡ଼ ବକ୍ସିଂ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ ବର୍ଷୀୟ ଜେକ୍ ପଲ୍ ୫୮ ବର୍ଷୀୟ କିମ୍ବଦନ୍ତୀ ତଥା ପୂର୍ବତନ ହେଭିୱେଟ ଚାମ୍ପିୟନ ମାଇକ୍ ଟାଇସନଙ୍କୁ ୭୯-୭୩ରେ ହରାଇ ଦେଇଛନ୍ତି। ଦୁଇ ଫାଇଟରଙ୍କ ମଧ୍ୟରେ ୟୁଟ୍ୟୁବରରୁ ବକ୍ସର ପାଲଟିଥିବା ଆମେରିକାର ଜେକ୍ ପଲ୍ ଉନ୍ନତ ସାବ୍ୟସ୍ତ ହୋଇଥିଲେ। ବୟସଗତ କାରଣ ଦୃଷ୍ଟିରୁ ଟାଇସନ ଧିମା ଥିବା ଲକ୍ଷ୍ୟ କରାଯାଇଥିଲା। ୮ରାଉଣ୍ଡ ବିଶିଷ୍ଟ ଏହି ଲଢ଼େଇର ପ୍ରଥମ ଦୁଇ ରାଉଣ୍ଡରେ ଟାଇସନ ପ୍ରାଧାନ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ। ତେବେ ଜେକ୍ ପଲ୍ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ସହ ଲଢ଼େଇକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଦର୍ଶକ ଉଭୟଙ୍କଠାରୁ ଆହୁରି ଲଢ଼େଇ ଦେଖିବାକୁ ଚାହୁଁଥିଲେ, ମାତ୍ର ଫାଇନାଲ ହୁଇସିଲ ପୂର୍ବରୁ ପଲ୍ ହାତରୁ ଗ୍ଲୋଭ୍ କାଢ଼ି ଦେଇଥିଲେ ଏବଂ ଟାଇସନଙ୍କ ଆଗରେ ମୁଣ୍ଡ ନୁଆଇଁ ଥିଲେ। ଖବର ଅନୁସାରେ ଏହି ଫାଇଟ୍ ପାଇଁ ଟାଇସନଙ୍କୁ ୨୦ ନିୟୁତ ଡଲାର ଏବଂ ଜେକ୍ ପଲ୍‌ଙ୍କୁ ୪୦ ନିୟୁତ ଡଲାର ମିଳିଛି। ଫାଇଟ୍ ପରେ ଦୁଇ ବକ୍ସର ପରସ୍ପରକୁ ସମ୍ମାନ ଦେଇଥିଲେ। ଟାଇସନଙ୍କୁ ପଲ୍ 'ଜି.ଓ.ଏ.ଟି' ବୋଲି ସମ୍ବୋଧନ କରିଥିବା ବେଳେ ପଲ୍ ଜଣେ 'ଗୁଡ୍ ଫାଇଟର' ବୋଲି ଟାଇସନ କହିଥିଲେ। ଏହା ପୂର୍ବରୁ ଅନୁଷ୍ଠିତ ଆଇବିଏଫ୍, ଡବ୍ଲ୍ୟୁବିଏ, ଡବ୍ଲ୍ୟୁବିସି ଓ ଡବ୍ଲ୍ୟୁବିଓ ପାଇଁ ଅନୁଷ୍ଠିତ ଏକ ଫାଇଟ୍‌ରେ କେଟି ଟେଲର (ସି) ଆମାଣ୍ଡା ସେରାନୋଙ୍କୁ ହରାଇ ଦେଇଥିଲେ।



ମାଇକ୍ ଟାଇସନ(ଡାହାଣ) ଓ ଜେକ୍ ପଲ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ସିଂ ମ୍ୟାଚ।

3-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ